# ବନଜା

# BANAJA 2019

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ବନଜା-୨୦୧୯


| | | |
|---|---|---|
| ସମ୍ପାଦକ | : | ପ୍ରଫେସର (ଡ଼ଃ) ଅଖିଳ ବିହାରୀ ଓଟା<br>ସଦସ୍ୟ ସଚିବ |
| ସମ୍ପାଦନା ସହଯୋଗୀ | : | ଡ. ପରମାନନ୍ଦ ପଟେଲ |
| ପ୍ରକାଶକ | : | ସଦସ୍ୟ ସଚିବ<br>ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ<br>ଆଦିବାସୀ ପ୍ରଦର୍ଶନୀ ପଡ଼ିଆ<br>ୟୁନିଟ୍-୧, ଭୁବନେଶ୍ୱର-୭୫୧୦୦୯ |
| ପ୍ରକାଶନ | : | ଜାନୁୟାରୀ - ୨୦୧୯ |
| ମୁଦ୍ରଣ | : | କ୍ୟାପିଟାଲ୍ ବିଜ୍‌ନେସ୍ ସର୍ଭିସ୍ ଏଣ୍ଡ୍ କନ୍‌ସଲ୍‌ଟାନ୍‌ସି<br>ବି-୫୧, ଶହୀଦନଗର, ଭୁବନେଶ୍ୱର |

**BANAJA-2019**

**Editor**
Prof. (Dr.) Akhila Bihari Ota
Member Secretary

**Associate Editor:**
Dr. Paramananda Patel

**Publisher :**
Member Secretary
Academy of Tribal Languages & Culture
Adivasi Exhibition Ground
Unit-1, Bhubaneswar-751009

January 2019

Printed at : Capital Business Service & Consultancy
B-51, Sahid Nagar, Bhubaneswar

# ସଂପାଦକଙ୍କ କଲମରୁ ...

ଓଡିଶାର ଜନଜାତି ସଂସ୍କୃତି, ଆବହମାନ କାଳରୁ ଚଳି ଆସୁଥିବା ସେମାନଙ୍କର ସାମାଜିକ ପରମ୍ପରା ଦ୍ୱାରା ସମୃଦ୍ଧ । ଏଠାରେ ବସବାସ କରୁଥିବା ୬୨ ଗୋଟି ଜନଜାତି ସମ୍ପ୍ରଦାୟ ତଥା ୧୩ ଗୋଟି ପ୍ରାଚୀନ ଜନଜାତି ଗୋଷ୍ଠୀ ମାନଙ୍କର ସାମାଜିକ ପରମ୍ପରା ସେମାନଙ୍କ ଭୌଗୋଳିକ ଅବସ୍ଥାନ ଦ୍ୱାରା ପ୍ରଭାବିତ । ପାହାଡ଼ ଓ ଜଙ୍ଗଲ ଘେରା ନୈସର୍ଗିକ ପରିବେଶ ଓ ପ୍ରାକୃତିକ ସମ୍ପଦ ସେମାନଙ୍କର ସାମାଜିକ ଚଳନୀକୁ ବହୁଳଭାବେ ପ୍ରଭାବିତ କରିଆସିଛି ଏବଂ ଦୀର୍ଘବର୍ଷ ଅତିକ୍ରାନ୍ତେ ଏକ ନିଜସ୍ୱ ପରମ୍ପରା ସୃଷ୍ଟି କରିଛି । ପ୍ରତ୍ୟେକ ଜନଜାତି ଗୋଷ୍ଠୀର ନିଜସ୍ୱ ଜ୍ଞାନକୌଶଳ, ପର୍ବପର୍ବାଣୀ, ନୃତ୍ୟଗୀତ ତଥା ଆଭୂଷଣ ସେମାନଙ୍କୁ ଅନ୍ୟଠାରୁ ସ୍ୱତନ୍ତ୍ରଭାବେ ପ୍ରତିପାଦିତ କରେ, ଯାହା ଆମ ରାଜ୍ୟରେ ଜନଜାତି ସଂସ୍କୃତିର ବୈଭବକୁ କରିଛି ବିଚିତ୍ରବର୍ଣ୍ଣା । ଜନଜାତି ସଂସ୍କୃତି ବୈଭବର ସୁରଭି, ପାହାଡ଼, ଜଙ୍ଗଲ ଅତିକ୍ରମ କରି ଓଡିଶାର ସଂସ୍କୃତିକୁ ମଧ୍ୟ ବହୁମାତ୍ରାରେ ପ୍ରଭାବିତ କରିଛି ।

ଗମନାଗମନ, ଯୋଗାଯୋଗ ଓ ବୈଷୟିକ ଜ୍ଞାନକୌଶଳର ଦ୍ରୁତ ବିକାଶ ମାନବ ସଭ୍ୟତାକୁ ପରିବର୍ତ୍ତନଶୀଳ କରିଛି । ଏହି ପରିବର୍ତ୍ତନର ଧାରା ଜନଜାତି ସଂସ୍କୃତିକୁ ମଧ୍ୟ ପ୍ରଭାବିତ କରିବା ସ୍ୱାଭାବିକ । ସାଧାରଣ ମାନଦଣ୍ଡ ଆଧାରିତ ବିକାଶ ପରିବର୍ତ୍ତେ "ସଂସ୍କୃତି ସୁରକ୍ଷାଭିତ୍ତିକ ବିକାଶ" ଜନଜାତି ଗୋଷ୍ଠୀଙ୍କର ଏହି ବୈଭବମୟ ଐତିହ୍ୟକୁ ଅତୁଟ ରଖିପାରିବ ।

ଆଦିବାସୀ ମେଳା ଅବସରରେ ପ୍ରକାଶିତ ହେଉଥିବା ବାର୍ଷିକ **'ବନଜା'** ଜନଜାତି ସଂସ୍କୃତି ସୁରକ୍ଷାଭିତ୍ତିକ ବହୁ ନିବନ୍ଧରେ ଋଦ୍ଧିମନ୍ତ । ଏଥିରେ ସନ୍ନିବେଶିତ ଉଭୟ ଓଡିଆ ଓ ଇଂରାଜୀ ଭାଷାରେ ଲିଖିତ ନିବନ୍ଧ ଗୁଡିକ ତଥ୍ୟ ଆଧାରିତ ତଥା ବିଶ୍ଳେଷଣାତ୍ମକ ଯାହା ଗବେଷକ, ଜନଜାତି ବିକାଶ ପାଇଁ କାର୍ଯ୍ୟରତ ଅଧିକାରୀ ତଥା ରୁଚିପାଠକ ମାନଙ୍କ ପାଇଁ ବହୁ ଉପାଦେୟ ହେବ ବୋଲି ଆଶା ଓ ବିଶ୍ୱାସ ।

**ଅଖିଳ ବିହାରୀ ଓତା**
ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

# ସୂଚୀପତ୍ର

## ଓଡ଼ିଆ ବିଭାଗ


| | | |
|---|---|---|
| ୧. | ବଡ଼ାମ<br>ନିରଞ୍ଜନ ବାରିକ | ୧ |
| ୨. | ବାଥୁଡ଼ି ଜନଜାତିର ପର୍ବପର୍ବାଣି ଓ ବଡ଼ାମ ଉପାସନା<br>ରଂଜନ ପ୍ରଧାନ | ୨୨ |
| ୩. | କଳାହାଣ୍ଡିର କନ୍ଧ ସଂସ୍କୃତି :  ଏକ ବିହଙ୍ଗାବଲୋକନ<br>ଡକ୍ଟର ଅଜିତ କୁମାର ବେହେରା | ୪୪ |
| ୪. | ଜନଜାତି ସଂସ୍କୃତିର ସୁରକ୍ଷାରେ ଧାଙ୍ଗଡ଼ା ଧାଙ୍ଗଡ଼ୀ ବସାର ଭୂମିକା<br>ଡ଼କ୍ଟର ରାଜେନ୍ଦ୍ର ପାଢ଼ୀ | ୫୧ |
| ୫. | ସାନ୍ତାଳ ସଂସ୍କୃତିର ସଂରକ୍ଷଣ<br>ଡକ୍ଟର ଦମୟନ୍ତୀ ବେଶ୍ରା | ୫୭ |
| ୬. | ଆଦିବାସୀ ସଂସ୍କୃତିର ସୁରକ୍ଷା-ଏକ ଆହ୍ୱାନ<br>ଡ଼. ରାଜକିଶୋର ନାୟକ | ୬୧ |
| ୭. | ସାନ୍ତାଳି ସଂସ୍କୃତି: ‘ଜାହେର୍ ଗାଲ୍’<br>ଠାକୁରଦାସ ହାଁସଦାଃ | ୬୫ |
| ୮. | ଜୁଆଙ୍ଗ ସଂପ୍ରଦାୟର ଆମ୍ବ-ନୂଆଖିଆ ପରବ ନାଟ<br>କୃଷ୍ଣଚନ୍ଦ୍ର ନାୟକ | ୭୯ |
| ୯. | ଆଦିବାସୀ ସଂସ୍କୃତି ଓ ପାରଂପରିକ ମୂଲ୍ୟବୋଧ ଉପରେ ବିସ୍ଥାପନର ପ୍ରଭାବ<br>ବିଜୟ ଉପାଧ୍ୟାୟ | ୮୨ |
| ୧୦. | ସଂରକ୍ଷଣର ସନ୍ଧାନରେ ଆଦିବାସୀ ସଂସ୍କୃତି<br>ଡ଼. ନାକୁ ହାଁସ୍‌ଦାଃ | ୯୫ |
| ୧୧. | ପରଜା, ସଂସ୍କୃତି ଓ ସୁରକ୍ଷା<br>ଡ଼ଃ ପ୍ରମୋଦିନୀ ହୋତା | ୧୦୩ |

# English Section


1. Tradition of Bonded Labour System in Tribal Odisha: a Theoretical Perspective — 111
*Dr. Ramesh Mohanty*

2. Indigenous Cultural Practices and Role of Women in Tribal Festivals of Odisha — 119
*Bibhuti Bhusan Nayak*

3. Protection of Tribal Culture: A Case Study of Bhuyans in The District of Keonjhar — 130
*Dr. Bimbadhar Behera*

4. Vigor Religious Believe System is Imperative Source of Kandh Social Well-Being: (A Case Study of Kandha Tribe of Kanndhamal District of Odisha.) — 137
*Dr. Kabiraj Behera*

5. Health Status of Tribal Women and Children in the Mining Areas of Western Odisha — 160
*Dr. Rasmi Parmanik & Dr. Suresh Murmu*

6. Eroding Trend in the Kutia Kandh Culture & its Protection — 172
*Dr. Kshetrabasi Manseth*

7. Can A Syllabus Revive Folklore? — 179
*Anuja Mohan Pradhan*

8. Dhol & Tribal Folk — 196
*Dr. Paramananda Patel*

9. Glimpse of Bhotia Culture in Indian Central Himalayas — 200
*Dr. Ashok Kumar Sahani*

10. Development Versus Tribal Culture and Rights with Reference to Niyamgiri — 207
*Subhalaxmi Sahani*

11. Mainstreaming as Threat to Cultural Preservation: Field Experiences from Chuktia Bhunjia Tribe of Odisha 215
*Bhubaneswar Sabar*

12. Museum Collections in Bhubaneswar Smart City: Enlivens Tribal Culture 233
*Trilochan Sahoo & Suresh Ch. Pattanaik*

13. Bamboo: Inseparable part of Tribal Culture 244
*Sarabjeet Singh*

14. Tribal Culture in Trouble Water 252
*Arjun Charan Hembram*

15. The Wood Crafts of Juangs 255
*Dr. Niladri Bihari Mishra*

# ବଡ଼ାମ

**ନିରଞ୍ଜନ ବାରିକ**

ଭାରତୀୟ ଧାର୍ମିକ ପରମ୍ପରାରେ ଅସଂଖ୍ୟ ଗ୍ରାମଦେବତାଙ୍କ ପୂଜାର୍ଚ୍ଚନା ଏବେବି ଅବ୍ୟାହତ । ବିଶେଷ କରି ସୁପ୍ରାଚୀନ ଆଦିବାସୀ ଜନଜୀବନରେ ଏହି ଦେବଦେବୀଙ୍କର ଭୂମିକା ଏବେବି ଅପ୍ରତିହତ । ବୈଦିକ ଧର୍ମଧାରା ଓ କର୍ମକାଣ୍ଡରେ ମଧ୍ୟ ଏହି ଗ୍ରାମ ଦେବତାଙ୍କର ଭୂମିକା ସ୍ୱତନ୍ତ୍ର ହେଲେ ହେଁ ଅନାହତ । କର୍ମକାଣ୍ଡୀ ବ୍ରାହ୍ମଣମାନେ ବୈଦିକ ଦେବ-ଦେବୀ ପୂଜା ଏବଂ ପ୍ରତିଟି ମାଙ୍ଗଳିକ କର୍ମରେ ଏହି ଗ୍ରାମଦେବତାଙ୍କୁ ଆବାହନ କରିବାର ପରମ୍ପରା ଏବେବି ଅକ୍ଷୁର୍ଣ୍ଣ । ଯଦୁର୍ବେଦାନ୍ତର୍ଗତ କାଣ୍ୱା ଶାଖା ମନ୍ତ୍ର ପୋଥିରେ ଥିବା ସେହି ବହୁ ଉଚ୍ଚାରିତ ମନ୍ତ୍ରଟି ହେଲା –

"ଓଁ ଯଦ୍‌ଗ୍ରାମେ ଯଦରଣ୍ୟେ ଯସ୍ଵଭାୟାଂ ଯଦିନ୍ଦ୍ରିୟେ
ଯଦେନଶ୍ଚ କୁମାବୟମିଦଂ ତଦବୟଜାମହେ ।
ଓଁ ଗ୍ରାମ ଦେବତାୟୈ ନମଃ / ଗ୍ରାମଦେବତାମାବାହୟାମି /
ଗ୍ରାମଦେବତୋଽତ୍ରା ଗଚ୍ଛ ଇତ୍ୟାବାହ୍ୟ ॥"

ଶୁଭକର୍ମାଦିର ପ୍ରାରମ୍ଭରେ ବୈଦିକ ଦେବଦେବୀଙ୍କ ଆବାହନ କରିବା ସହିତ ହୋମ- ଯାଗ- ଯଜ୍ଞରେ ମଧ୍ୟ ଏହି ଗ୍ରାମଦେବତାଙ୍କ ଉଦ୍ଦେଶ୍ୟରେ ହୋମ କରାଯିବାର ବିଧି ମନ୍ତ୍ର ରହିଛି । ଏହି ମନ୍ତ୍ରଟି ହେଲା-

"ଯଦ୍‌ଗ୍ରାମେ ଯଦରଣ୍ୟେ ଯସ୍ଵଭାୟାଂ ଯଦିନ୍ଦ୍ରିୟେ
ଯଦେନଶ୍ଚକୁମାବୟ ମିଦଂ ତଦବୟଜାମହେ ସ୍ୱାହା
ଇଦଂ ଗ୍ରାମ ଦେବତାୟେ ।"

ଏହି ଦେବଦେବୀ ଆରଧନା କାଳରେ ପୁରାତନ ଆଦିବାସୀମାନଙ୍କ ପ୍ରମୁଖ ଦେବଦେବୀ ମଧ୍ୟରୁ ଧର୍ମଦେବତା (ସୂର୍ଯ୍ୟ), ବସୁମାତା (ବାସୁକୀ-ପୃଥ୍ୱୀଦେବୀ), ବନ ଦେବତା, ଜଳ ଦେବତା, ନାଗଦେବତା ଆଦି ପ୍ରକୃତି ସମ୍ପର୍କିତ ଅନେକ ଦେବଦେବୀ ଭିନ୍ନ ଭିନ୍ନ ନାମ ଏବଂ ଭାବରେ ବୈଦିକ ମନ୍ତ୍ରରେ ଆବାହିତ ହୋଇଥାନ୍ତି । ଯଥା- ଧରାୟ (ବସୁମାତା) ସ୍ୱାହା । ଅନିଳାୟ (ଅଗ୍ନି) ସ୍ୱାହା, ବାସୁକେୟ ସ୍ୱାହା, ଅଗ୍ନେୟ ସ୍ୱାହା ଇତ୍ୟାଦି ।

ପୁରାକାଳରେ ବନଚର ମାନବ ପ୍ରକୃତି ଉପାସନାକୁ ସମଧିକ ଗୁରୁତ୍ୱ ଦେଇଥିଲା । ଅରଣ୍ୟନିବାସୀମାନଙ୍କୁ ପ୍ରାଚୀନ ଧର୍ମଶାସ୍ତ୍ର, ବନଚର, କିରାତ, ପୁଳିନ୍ଦ, ଶବର ଆଦି ବିଶେଷଣରେ ଚିହ୍ନିତ କରିଛି । ଏହି ନିବିଡ଼ ଅରଣ୍ୟନିବାସୀ ଘନ ଘୋର ଅରଣ୍ୟକୁ ଦେବତା ଜ୍ଞାନରେ ଆରାଧନା କରିଛି । ଏବେ ମଧ୍ୟ ବନରାଇ, ବନଦେବତା ଭାବେ ଗୃହୀତ ହେବା ସହିତ ବନରାଇ ଗ୍ରାମଦେବତାର ମାନ୍ୟତା ପାଇଛନ୍ତି । ଅନୁରୂପ ଭାବେ ଏହି ଅରଣ୍ୟବାସୀମାନବ କୃଷି ସଭ୍ୟତାରେ ପାଦ ଦେଇ ନୂଆ ନୂଆ ଦେବତାଙ୍କୁ ଆରାଧନା କରିବାର ପରମ୍ପରା

ସୃଷ୍ଟି କରିଛି । ଅସଂଖ୍ୟ ଗ୍ରାମଦେବତା ମଧ୍ୟରୁ କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ଼ (ବଣେଇ) ଓ ଝାଡ଼ଖଣ୍ଡର ଓଡ଼ିଆ ଅ ଳରେ 'ବଡ଼ାମ' ନାମକ ଏକ ସ୍ୱତନ୍ତ୍ର ଦେବ ପୂଜାର ପରମ୍ପରା ପ୍ରାଚୀନ କାଳରୁ ଏବେବି ଦୃଢ଼ ଭି ିରେ ରହିଛି ।

ଉ ର ଓଡ଼ିଶାର ଏହି ସମୃଦ୍ଧ ଇଲାକା ମଧ୍ୟରେ ଶବର (ସହର) ଜୁଆଙ୍ଗ, ଭୂୟାଁ, ସାଉଁତି, ବାଥୁଡ଼ିଙ୍କ ସହିତ ଅନ୍ୟାନ୍ୟ ଜାତି ବାସ କରୁଥିଲେ ହେଁ ପ୍ରତିଗ୍ରାମରେ 'ବଡ଼ାମ' ପୂଜାର ପରମ୍ପରା ଅକ୍ଷୁର୍ଣ୍ଣ ରହିଛି । ତାଙ୍କ ଆସ୍ଥାନକୁ 'ବଡ଼ାମଶାଳ' ବୋଲି କୁହାଯାଉଛି ।

'ବଡ଼ାମ' ଏକ ଦେବତାଙ୍କ ନାମ । ତାଙ୍କର ପତ୍ନୀ ଓ ପୁତ୍ରକନ୍ୟା ମଧ୍ୟ ଅଛନ୍ତି । ସଭିଙ୍କୁ ମିଶାଇ 'ବଡ଼ାମଦେବଗଣ' ବୋଲି କୁହାଯାଏ ।

ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହି 'ବଡ଼ାମଦେବଗଣ' ଭଞ୍ଜରାଜ ବଂଶ ଶାସିତ ମୟୁରଭଂଜ ଓ କେନ୍ଦୁଝରରେ ରାଷ୍ଟ୍ର ଦେବତାର ମାନ୍ୟତା ପାଉଥିଲେ । ଭଞ୍ଜ ରାଜବଂଶ ସେମାନଙ୍କ କୂଳ ଦେବତା ଶ୍ରୀରାମ (ରଘୁନାଥ), ଗୋପାଳ (କୃଷ୍ଣ) ହରିହର (ବଳଦେବ ଓ ଜଗନ୍ନାଥ), ଦେବୀ ଅମ୍ବିକା ଓ ତାରିଣୀଙ୍କ ସହିତ 'ବଡ଼ାମ ଦେବଗଣ'ଙ୍କୁ ମାନ୍ୟତା ଦେଉଥିଲେ । ଏପରିକି ସେମାନଙ୍କ ବିରୁଦା ବଳିରେ 'ବଡ଼ାମ ଦେବଗଣ' ସର୍ବାଗ୍ରେ ସ୍ଥାନୀତ ହେଉଥିଲେ ।

ମୟୁରଭଂଜରୁ ପ୍ରାପ୍ତ ରାଜା ଶ୍ରୀ ବିକ୍ରମାଦିତ୍ୟ ଭଞ୍ଜଙ୍କ ୧୧୨୧ ସାଲ ଇଂ ୧୭୧୪ ମସିହାର ଏକ ବିରୁଦରେ ଉଲ୍ଲେଖ ଅଛି –

"ସ୍ୱସ୍ତି ସମସ୍ତ ପ୍ରଶସ୍ତି ସହିତେଗୁ । ଶ୍ରୀ ବଡ଼ାମ ଦେବଗଣ ଶ୍ରୀ ଅଯୋନି ସମ୍ଭୁତ, ଶ୍ରୀ ମୟୁର ଡ଼ିମ୍ବରୁ ଜାତ, ଶ୍ରୀ ବଶିଷ୍ଠ ମହର୍ଷି ପ୍ରତିପାଳିତ, ଶ୍ରୀ ରାମଚନ୍ଦ୍ର ଦେବ ଟୀକାସାରଣ, ଶ୍ରୀ ହେରମ୍ବ ଦେବତାଙ୍କର ବରପ୍ରସାଦ, ଶ୍ରୀ ଅଠାଇଶି ସହସ୍ର ଖିଜିଙ୍ଗେଶ୍ୱର ଶ୍ରୀ ଜଗନ୍ନାଥ ଶରଣ, ଶ୍ରୀ ବ୍ରାହ୍ମଣଘାଟି ଶୁଭ ସ୍ଥାନାଧିପତି ଶ୍ରୀମତ୍ ଶ୍ରୀବୀର ବିକ୍ରମାଦିତ୍ୟ ଭଞ୍ଜଦେବ ମହାରାଜାଙ୍କ ସନ ୧୧୨୨ ସାଲ ବିଛା ଦି୫ନର... ॥"

ଅନୁରୂପ ଭାବରେ ୧୬୩୫ଶତାବ୍ଦ ଇଂ ୧୭୧୩ ମସିହାରେ ଲିଖିତ କେନ୍ଦୁଝର ରାଜା ରଘୁନାଥ ଭଂଜଙ୍କ ଲିଖିତ ଏବଂ ମୟୁରଭଂଜ ରାଜାଙ୍କୁ ପ୍ରେରିତ ଏକ ବିରୁଦ (ପତ୍ର) ରେ ଉଲ୍ଲେଖ ଅଛି ।

"ସ୍ୱସ୍ତି ସମସ୍ତ ପ୍ରଶସ୍ତି ସହିତେଗୁ । ଶ୍ରୀ ବଡ଼ାମ ଦେବଗଣ ଶ୍ରୀ ଅଯୋନି ସମ୍ଭୁତ, ଶ୍ରୀ ମୟୁର ଡ଼ିମ୍ବରୁ ଜାତ, ଶ୍ରୀ ବଶିଷ୍ଠ ମହର୍ଷି ପ୍ରତିପାଳିତ, ଶ୍ରୀ ରାମଚନ୍ଦ୍ର ଦେବ ଟୀକାସାରଣ, ଶ୍ରୀ ହେରମ୍ବ ଦେବତାଙ୍କର ବରପ୍ରସାଦ, ଶ୍ରୀ ଚଉଦ ସହସ୍ର ରାଉତାଳ, ଶ୍ରୀ ଜୟ ଗୋପାଳ ଭକ୍ତ, ଶ୍ରୀ ହରିହର ଶରଣ, ଶ୍ରୀ କି କେଶ୍ୱରୀ ଦେବୀ ଚରଣେ ଶରଣ, ଶ୍ରୀ ତାରିଣୀଦେବୀ ଚରଣେ ଆରାଧନକ, ଶ୍ରୀ କେଉଁଛରୀ ଶୁଭ ସ୍ଥାନାଧିପତି ଶ୍ରୀ ମୟୁରଭଂଜ ମହାରାଜାଙ୍କୁ ଯେମନ୍ତବିଧି... ॥"

(ତଥ୍ୟ: ଓଡ଼ିଶାର ପ୍ରତ୍ନତ ୍ – ସଂ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ପୃ: ୨୯୭)

ଉପରୋକ୍ତ ଉଦ୍ଧୃତିରେ ମୟୁରଭଞ୍ଜ ଓ କେନ୍ଦୁଝରରର ଭଞ୍ଜ ରାଜାମାନେ 'ବଡ଼ାମ ଦେବଗଣ'ଙ୍କୁ ସର୍ବପ୍ରଥମେ ଶରଣ ନେଉଥିବା ବର୍ଣ୍ଣିତ ହୋଇଛି । ଆମେ ଏବେ ମଧ୍ୟ ଏହି ଦୁଇ ଜିଲ୍ଲାରେ ବଡ଼ାମ ଦେବତାଙ୍କୁ ପ୍ରାୟତଃ ସମସ୍ତ ଗ୍ରାମର ଇଷ୍ଟ ଦେବତା ଭାବେ ଦେଖିବାକୁ ପାଇଥାଉ ଏକ ନିର୍ଦ୍ଦିଷ୍ଟ ଶାଳ (ପୀଠ) ମଧ୍ୟରେ । ଏହା ବଡ଼ାମ ଶାଳ ଭାବେ କଥିତ । ଏକ ପ୍ରସ୍ତର ଖଣ୍ଡ (ଭିନ୍ନ ଭିନ୍ନ ଆକୃତିର) ବଡ଼ାମବୁଢ଼ା କିମ୍ବା ବଡ଼ାମବୁଢ଼ୀ ନାମରେ ପୂଜା ପାଆନ୍ତି । ସ୍ଥାନେ ସ୍ଥାନେ ବଡ଼ାମ ବୁଢ଼ା ଓ ବଡ଼ାମ ବୁଢ଼ୀ ଏକତ୍ର ଅଛନ୍ତି । କେତେକ ସ୍ଥାନରେ ବଡ଼ାମ ପରିବାର (ଦେବଗଣ) ଏକତ୍ର ପୂଜା ପାଉଥିବା ଦେଖାଯାଏ ମଧ୍ୟ ।

ପ୍ରତି ଗ୍ରାମରେ ଏହି ବଡ଼ାମ ଦେବତାଙ୍କର ପୂଜାସ୍ଥଳୀ ରହିଥିଲେ ହେଁ କେତେକ ନିର୍ଦ୍ଦିଷ୍ଟ ଜାତିର ଲୋକଙ୍କ ଦ୍ୱାରା ଏହି ବଡ଼ାମ ଦେବତାଙ୍କର ଯାତ୍ରା ପାଳନ କରା ଯାଇଥାଏ । କେନ୍ଦୁଝରର ସୁପ୍ରାଚୀନ ଜନଜାତି ଜୁଆଙ୍ଗମାନେ ଏବେ ମଧ୍ୟ ହୁଣ୍ଡା ପୀଢ଼ବଡାମରେ ଚାଙ୍ଗୁ ବଜାଇ ବଡ଼ାମଙ୍କ ଗୀତ ଗାଇ ବୈତରଣୀର ଜନ୍ମପୀଠ ଗୋନାସିକାର ପାର୍ବତ୍ୟା  ଳକୁ ମୁଖରିତ କରନ୍ତି । ପୁରାତନ କାଳରେ କେନ୍ଦୁଝରର ମୁଖ୍ୟ ଗ୍ରାମ ଦେବତା ପୀଠରେ ଶବର ମାନେ ପୂଜା କରୁଥିବା ଜଣାଯାଏ । ଏହି ଗୋଷ୍ଠୀର ଅନେକ ପୂଜକ ଏବେ ମଧ୍ୟ ଦେହୁରୀ (ପୂଜକ) ଭାବେ ଅନେକ ଶାଳ (ପୀଠ)ରେ ବଡ଼ାମ ପୂଜା କରୁଥିବା ଦୃଷ୍ଟି ଗୋଚର ହୁଏ । କେନ୍ଦୁଝରର ଅନ୍ୟତମ ଜନଜାତି ଭୂୟାଁମାନେ ଏବେ ମଧ୍ୟ ଅନେକ ସ୍ଥାନରେ ବଡ଼ାମଙ୍କ ପୂଜା କରିଥାନ୍ତି । ଚୈତ୍ର ମାସରେ ନୂଆଖିଆ ପର୍ବ ଅବକାଶରେ ତିନିଦିନ ଧରି ଏହି ବଡ଼ାମଙ୍କ ଉଦ୍ଦେଶ୍ୟରେ ଯାତ୍ରା ପାଳନ କରନ୍ତି । ଉଭୟ ଦିଣ୍ଡା ପିଲା ଓ କୁଆଁରୀ ଝିଅମାନେ ଗୀତ ଗାଇ ବଡ଼ାମ ଆବାହନ କରନ୍ତି । ବିଶେଷ କରି ଭୂୟାଁ ଗୀତ (ବାଂଶପାଳ ବ୍ଲକ) ଓ ହୁଣ୍ଡାପୀଢ଼ (ହରିଚନ୍ଦନପୁର ବ୍ଲକ) ଅ  ଳରେ ଏବେ ମଧ୍ୟ ଚୈତ୍ର ମାସରେ ବଡ଼ାମ ଯାତ୍ରା ପାଳିତ ହେଉଛି । ମାଘ ପୂର୍ଣ୍ଣିମାରେ ନିଝାରୀ ବଡ଼ାମଙ୍କୁ ସାତ ଭେଣ୍ଡିଆ ଓ ସାତ ଧାଙ୍ଗୁଡ଼ି ନାଚି ନାଚି ସ୍ନାନ କରାନ୍ତି । ଅନ୍ୟତମ ରଣରଙ୍କ ସାଉଁତି ଜାତି ମଧ୍ୟ ବଡ଼ାମ ଦେବତାଙ୍କୁ ସପରିବାର ପୂଜା କରନ୍ତି । କେନ୍ଦୁଝରର ସାଉଁତି ମାନଙ୍କ ମୁଖ୍ୟ 'ମହାପାତ୍ର' ପରିବାର ଏହି ବଡ଼ାମଙ୍କ ଉଦ୍ଦେଶ୍ୟରେ 'ବାଲିଯାତ୍ରା' ପାଳନ କରନ୍ତି ପ୍ରତିବର୍ଷ ଭ୍ରାଦବ ମାସରେ । ଏମାନଙ୍କ ମଧ୍ୟରୁ ଆଉ କେତେକ ବଡ଼ାମଙ୍କ ମୁଖ୍ୟ ପର୍ବ ମାଘମାସରେ ତିନି ଦିନ ଧରି ପାଳନ କରନ୍ତି । ଏ ଉଦ୍ଦେଶ୍ୟରେ ଯେଉଁ ଯାତ୍ରା ହୁଏ, ତାକୁ ଡ଼ାଳ ଯାତ୍ରା କହନ୍ତି । ସାଉଁତି ମାନଙ୍କ ମଧ୍ୟରୁ ଗୋଟିଏ ପରିବାର କେନ୍ଦୁଝର ରାଜବଂଶର ଅନ୍ୟତମ ଇଷ୍ଟଦେବୀ 'ତାରିଣୀ'ଙ୍କୁ ଦୈନିକ ପୂଜା କରନ୍ତି । ତାରିଣୀ ଦେବୀଙ୍କ ବିଗ୍ରହ କେନ୍ଦୁଝରର ରାଜଦୁର୍ଗରେ ଏବେ ମଧ୍ୟ ରହି ସାଉଁତି ଦେହୁରୀ ଦ୍ୱାରା ପୂଜା ପାଆନ୍ତି । ଏହି ତାରିଣୀ ପୀଠ ମଧ୍ୟରେ ବଡ଼ାମ ଦେବତା ସପରିବାର ଶାଳଗ୍ରାମ ଆକାରରେ ଦେବ ତାରିଣୀଙ୍କ ପାର୍ଶ୍ୱ ଦେବତାର ମାନ୍ୟତା ଦେଇ ଦେଇ ଦୈନିକ ପୂଜା ପାଆନ୍ତି । ଦେହୁରୀ ଏହି ବଡ଼ାମ ଦେବଗଣକୁ ୧ ୨ କୋଡ଼ି ( ୧ ୨ ଦେବତାଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ କୁଡ଼ିଏ କୁଡ଼ିଏ ଦିଅନ୍ତି) ଚାଉଳ ଦେଇ ପୂଜା କରନ୍ତି । ଗଡ଼ ତାରିଣୀ କଥିତ ଏହି ପୀଠର ପୂଜକ କାଳନ୍ଦୀ ଦେହୁରୀଙ୍କ ଠାରୁ ସଂଗୃହୀତ ତଥ୍ୟାନୁସାରେ ଏହି ପୀଠରେ ଦୁଇଟି ଶାଳଗ୍ରାମ ବଡ଼ାମ ଓ ବଡ଼ାମୁଣି ଭାବେ ଅଛନ୍ତି । ଏମାନଙ୍କ ସହିତ ଆଉ ଦଶ ଜଣ ହେଲେ – କିରିଟୀ ବଡ଼ାମ, ଗନ୍ଧରି ବଡ଼ାମ, ନରସିଂହ ବଡ଼ାମ, ବୀରସିଂହ ବଡ଼ାମ, ନରଣସିଂହ ବଡ଼ାମ, ଅରଟସିଂହ ବଡ଼ାମ, ଗଡ଼ାସିଂହ ବଡ଼ାମ, ଚଳନ୍ତି ସିଂହ ବଡ଼ାମ, ଗଡ଼ ସିଂହ ବଡ଼ାମ, ଉଡାସିଂହ ବଡ଼ାମ ଓ ପାଟ ବଡ଼ାମ । ଏଥିରେ ନଅ ପୁଅ ଓ ଜଣେ ଝିଅକୁ ନେଇ ଦ୍ୱାଦଶ ବଡ଼ାମ ।

ଏହି ପୀଠରେ ପ୍ରତିବର୍ଷ ଚୈତ୍ରମାସରେ ବାରୁଣୀ ମେଳା (ସ୍ନାନଯାତ୍ରା)ର ପର ମଙ୍ଗଳବାର ଦିନ ଠାରୁ ୪ଟି ମଙ୍ଗଳବାର ଓ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ମଝିରେ ଯେଉଁ ଗୁରୁବାର ସେହିଦିନ ଆଷାଢ଼ୀ ପୂଜା ସହିତ ବଡ଼ାମ ଦେବଗଣଙ୍କୁ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥାଏ ।

ସାଉଁତି ଜାତିର ମୁଖ୍ୟ ମହାପାତ୍ରଙ୍କ ନେତୃତ୍ୱରେ ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ତୃତୀୟ ଦିନଠାରୁ ପା ଦିନରୁ ସାତ ଦିନ ପର୍ଯ୍ୟନ୍ତ ବାଲି ଓଷା ଓ ବଡ଼ାମ ଦେବଙ୍କୁ ପୂଜା କରାଯାଉଥିଲା । ମହାପାତ୍ରଙ୍କ ଅନ୍ୟତମ ନିବାସସ୍ଥଳୀ ସାହାରପଡ଼ା ବ୍ଲକର କପୁଣ୍ଡି ମୌଜାସ୍ଥ ତାଙ୍କ ବାସଭବନ ସମ୍ମୁଖରେ ଏକ ତାରିଣୀ ପୀଠ । ସେହି ପୀଠ ମଧ୍ୟରେ ବଡ଼ାମ ଦେବତାଙ୍କୁ ସପରିବାର ପୂଜା କରାଯାଉଥିଲା । ଏହି ପୀଠର ସେବକ ୰ସମରା ବିଷୋୟୀଙ୍କ ଠାରୁ ପ୍ରାପ୍ତ ତଥ୍ୟ ଅନୁସାରେ ବଡ଼ାମବୁଢ଼ା ଓ ବଡ଼ାମବୁଢ଼ୀଙ୍କ ସହିତ ଚିରିଟି ବଡ଼ାମ, ଗନ୍ଧଲି ବଡ଼ାମ, ଧଣିକି (ଧନୁକି) ବଡ଼ାମ ଓ ଏହାଙ୍କ ସହିତ ବାଲି ସୁନ୍ଦରୀ ଓ ଦିଣ୍ଡା ସାଣ ଦେଇ (ଦିଣ୍ଡା ଅବିବାହିତା / ସାଣଦେଇ – ସାନ ଦେଇ ବା ସାନ ଭଉଣୀ) । ଏହି ତଥ୍ୟ ଅନୁସାରେ ବଡ଼ାମ ବୁଢ଼ାବୁଢ଼ୀଙ୍କର ତିନି ପୁଅ ଓ ଦୁଇ ଝିଅ ଏ ରୂପେ ବଡ଼ାମ ପରିବାରର ସଂଖ୍ୟା ସାତ । ଏହି କାଳରେ ପୂଜକ ସଂଧ୍ୟାରେ ଗ୍ରାମବାସୀଙ୍କ ନିକଟରେ 'ବଡ଼ାମ କାହାଣୀ' କହନ୍ତି ।

ଏହି ସାଉଁତିମାନଙ୍କ ନେତୃତ୍ୱରେ କେନ୍ଦୁଝର ସଦର ବ୍ଲକ ନରଣପୁରଠାରେ ପ୍ରତିବର୍ଷ ମାଘମାସ ପୂର୍ଣ୍ଣିମା ଯିବାର ଆଠ ଦଶ ଦିନ ପରେ ଯେଉଁ ମଙ୍ଗଳବାର ସେଦିନ ବଡ଼ାମ ଦେବତାଙ୍କ ଡ଼ାଳ ଯାତରା ଅନୁଷ୍ଠିତ ହୁଏ । ଏହି ଯାତ୍ରା ରବିବାରରୁ ଆରମ୍ଭ ହୋଇ ମଙ୍ଗଳବାରରେ ସରେ । ଏହି କାଳରେ ଯେଉଁ ବଡ଼ାମ ଦେବତାଙ୍କ ଉଦ୍ଦେଶ୍ୟରେ ପୂର୍ବରୁ ବାଇବାପଡ଼ା ଗାଁରୁ ଶବର ଜାତିର ଦେହୁରୀ ଆସି ପୂଜା କରୁଥିଲେ । ପରେ ସାଉଁତି ଜାତିର ଦେହୁରୀ ଆସି ପୂଜା କରୁଥିଲେ । ଏବେ ସାଉଁତି ଜାତିର ପୂଜକ (ଦେହୁରୀ) ନିଯୁକ୍ତ ହୋଇଛନ୍ତି । ତାଙ୍କ ସହିତ ବାଜା ବଜାଇ ଗାଁ ପ୍ରଧାନଙ୍କ ନେତୃତ୍ୱରେ ଯୁବକମାନେ ଜଙ୍ଗଲକୁ ଯାଆନ୍ତି । ରବିବାର ଅପରାହ୍ନ ବେଳକୁ ଏମାନେ ଗାଁରୁ ପଟୁଆରରେ ବାହାରି ଜଙ୍ଗଲରୁ ସର୍ବମୋଟ ନଅଖଣ୍ଡ ଶାଳଗଜା ଓ ଏଥି ସହିତ ପିଙ୍ଗୁ, ଭଦଳିଆ, ତିଳଉ, ଗିଳିରି, ପାଲା, ଭାଲିଆ ଓ ଶାଳ ଏରୂପେ ୭ ଗୋଟି ବୃକ୍ଷର ୭ଖଣ୍ଡ ଡ଼ାଳ ସଂଗ୍ରହ କରି ଗାଁ ମୁଣ୍ଡରେ ଥିବା ଡାଲୁଆ ଶୁଣି ଠାକୁରାଣୀ ପୀଠରେ ରଖନ୍ତି । ସେଥିରୁ ୫ଖଣ୍ଡ ଶାଳୁଆ ଗଜା ଆଣି ମାଘ ପୋଡ଼ା ପାଇଁ ଚାରି ଦିଗକୁ ଚାରିଖଣ୍ଡ ଖୁ   କରି ପୋତନ୍ତି । ଆଉ ଚାରିଖଣ୍ଡ ଆଣି ବଡ଼ାମ ଶାଳରେ ବେଦୀ ନିର୍ମାଣ କରନ୍ତି । ସଂଦ୍ଧ୍ୟା ସମୟରେ ମାଘ ପୋଡ଼ା ପାଇଁ ସଂଗୃହୀତ କୁଟାକୁ ନେଇ ପୋତା ଖୁ ି ମଝିରେ ରଖନ୍ତି । ମେଣ୍ଢା, କୁକୁଡ଼ା ବଳି ଦେଇ କୁଟା ପୋଡ଼ାଯାଏ – ଏହା ମାଘ ପୋଡ଼ି ଉତ୍ସବ । ସେଠାରୁ ଦେହୁରି ଡ଼ାଲୁଆ ଶୁଣି ଠାକୁରାଣୀ ପୀଠରୁ ପିଙ୍ଗୁ, ପାଲ ଇତ୍ୟାଦି ସପ୍ତ ବର୍ଣ୍ଣର ଡ଼ାଳଗୁଡ଼ିକୁ ଆଣି ବଡ଼ାମ ଶାଳରେ ରଖି ରବି ଓ ସୋମବାର ସନ୍ତର୍ପଣରେ ଜଗି ରହନ୍ତି – ଯେପରି ଏହି ଡାଳଗୁଡିକ ଚୋରି ନ ହୁଏ ବା କୌଣସି କାରଣରୁ ନଷ୍ଟ ବା ସ୍ଥାନାନ୍ତରିତ ନ ହୁଏ ।

ମଙ୍ଗଳବାର ଦିନ ବଡ଼ାମଶାଳରେ ପୂଜା ହୁଏ । ଏହି ପୂଜା ଅବକାଶରେ ଅଗ୍ନିକୁମାରୀଙ୍କ ଆର୍ବିଭାବ ହୁଏ । (କେହି ଜଣେ ଝୁଲି ଝୁଲି ଅଗ୍ନି ଦେବତାଙ୍କ ଅବତାର ହୁଏ) । ସେହି ଅଗ୍ନିକୁମାରୀ ଝୁଲି ଝଲି ଦେହୁରୀଙ୍କ ପାଖରୁ ଆଜ୍ଞାସ୍ୱରୂପ ବଡ଼ାମ ଠାକୁରାଣୀଙ୍କ ଖଡ଼ଗ ଧାରଣ କରେ । ଏହା ପରେ ସେ କୌଣସି ବେଲ ଗଛକୁ ଯାଇ

ତାର ଡ଼ାଳ ସଂଗ୍ରହ କରିବା ସହିତ ଅନ୍ୟାନ୍ୟ ଫଳମୂଳ ଲୁଟି ଆଣି ବଡ଼ାମ ପୀଠରେ ଅର୍ପଣ କରେ । ବେଲଡ଼ାଳ ବଡ଼ାମଙ୍କର ଅତିପ୍ରିୟ – ଯେଭଳି ବେଲପତ୍ରର ଶ୍ରଦ୍ଧାଳୁ ହର- ଶିବ ।

ଏହା ପରେ ଅଗ୍ନିକୁମାରୀଙ୍କ ନେତୃତ୍ୱରେ ଜଙ୍ଗଲକୁ ଯାଆନ୍ତି ମହାପଟୁଆରରେ । ସେଠାରେ ଜଣେ ବାଘ ଓ ଆଉ ଜଣେ ଭାଲୁ ହୁଏ । ସେମାନେ ହାତରେ ଧନୁତୀର ଧରି ବାଟସାରା ବିନ୍ଧି ବିନ୍ଧି ବଡ଼ାମଶାଳକୁ ଫେରନ୍ତି । ଏତେବେଳକୁ ଦେହୁରୀ ଚାଉଳ ପିଠଉରେ ବାଘ, ଭାଲୁ, ସର୍ପ ଓ ମାନବ ବିଗ୍ରହ ନିର୍ମାଣ କରିଥାନ୍ତି । ଏହି ବଣରୁ ଆସିଥିବା ବାଘ ଭାଲୁ ଧନୁତୀରରେ ଗାଁ ମୁଖିଆଙ୍କ ନିର୍ଦ୍ଦେଶରେ ପିଠଉନିର୍ମି ବାଘ, ଭାଲୁ, ହାତୀ ଇତ୍ୟାଦିଙ୍କୁ ବିନ୍ଧନ୍ତି । ଏହିଠାରୁ ଯାତ୍ରା ଶେଷ ହୁଏ । ଏହାକୁ ବଡ଼ାମ ଯାତ୍ରା ବା ଡାଳଯାତରା କହନ୍ତି ।

କେନ୍ଦୁଝରର ଭୂୟାଁପୀଢ଼ ଓ ଜୁଆଙ୍ଗପୀଢ଼ ସହିତ ହୁଣ୍ଡା ପୀଢ଼ରେ ମଧ୍ୟ ଜୁଆଙ୍ଗ ଓ ଭୂୟାଁମାନଙ୍କ ଦ୍ୱାରା ବଡ଼ାମ ଯାତ୍ରା ହୁଏ । ଭୂୟାଁପୀଢ଼ (ବାଂଶପାଳ ବ୍ଲକ)ରେ ପାର୍ବତୀୟା ଭୂୟାଁମାନେ ମାଘ ମାସରେ ମାଘ ପୂଜା ପରେ ମାଘ ପୂର୍ଣ୍ଣିମା ତୃତୀୟା ପ୍ରଥମ ଗୁରୁବାରରେ ମାଘ ପୋଡ଼ା ହୁଏ । ଶୁକ୍ରବାର ଦିନ ପ୍ରତି ଘରେ ଆମ୍ବ ବଉଳ ପୂଜା ପରେ ନୂଆଖିଆ ଓ ବିରିରେ ବଳି ଭଙ୍ଗାଯାଏ । ସକାଳେ ଧାନବୁଣା ହୁଏ । ଶନିବାର ଦିନ ବଡ଼ାମ ବୁଢ଼ା ବଡ଼ାମୁଣୀଙ୍କୁ କ୍ଷୀର ମଖାନରେ ସ୍ନାନ କରାଯାଏ । ସାତଜଣ ଭେଣ୍ଡିଆ ଓ ସାତଜଣ ଧାଙ୍ଗୁଡ଼ି ଗୀତ ଗାଇ ନାଚି ନାଚି ନିଝାରୀ ବଡ଼ାମଙ୍କ ଦରବାରଙ୍କୁ ମୁଖରିତ କରନ୍ତି – ଉଦ୍ଦେଶ୍ୟ ଏ ବର୍ଷ ବିଲରେ ସୁନା 'ଳିକି ସମସ୍ତେ ସୁଖ ଶାନ୍ତିରେ ନୀରୋଗ ରହିବେ ।

ଏହି ପୀଢ଼ରେ ଚୈତ୍ରମାସରେ ବଡ଼ାମଙ୍କର ଅସଲ ଯାତ୍ରା ଉତ୍ସବ ମହିଳା ଓ ଅ-କୁଆଁରୀମାନଙ୍କ ଦ୍ୱାରା ପାଳିତ ହୁଏ । ଏହା କୌତୁହଳୋଦ୍ଦୀପକ ବାଂଶପାଳ ବ୍ଲକ (କେନ୍ଦୁଝର) ର ସିଂପୁର କେନ୍ଦୁଝରେ ଠାରୁ ୪୦ କି.ମି ଦୂର ଉପାନ୍ତ ଅଂଚଳ । ଏହା ସୁନ୍ଦରଗଡ଼ର ବଣେଇଠାରୁ ପ୍ରାୟ ୨୦ / ୨୫ କି.ମି ଦୂର । ଏହି ଗ୍ରାମରେ ପ୍ରାୟ ୩୦୦ ଭୂୟାଁ ପରିବାର ବସବାସ କରନ୍ତି । ଏମାନେ ପ୍ରତିବର୍ଷ ବଡ଼ାମ ଯାତ୍ରା ଉତ୍ସବ ମହା ଆଡ଼ମ୍ବରରେ ପାଳନ କରିଥାନ୍ତି । ଚୈତ୍ରମାସର କୌଣସି ଏକ ମଙ୍ଗଳବାରରେ ସେମାନେ ମଣ୍ଡାବାଟ ପର୍ବ ପାଳନ କରନ୍ତି । ଚୈତ୍ର ଗୁରୁବାର ଦିନ ଏହି ବଡ଼ାମ ଯାତ୍ରା ପାଇଁ ଗାଁ ଉତ୍ସବ ମୁଖର ହୋଇଉଠେ । ଏହି ଯାତ୍ରା ପାଳନ ପାଇଁ ଗ୍ରାମ ଦେହୁରୀ ଡାଙ୍ଗୁଆ ନେତୃତ୍ୱରେ ପ୍ରତି ଘରୁ ଧାନ ସଂଗ୍ରହ କରି ସେଥିରୁ ଅରୁଆ ଚାଉଳ ପ୍ରସ୍ତୁତ ହୁଏ । ସେଥିରୁ ଗ୍ରାମର ଅ-କୁଆଁରୀ ଝିଅମାନେ ଉପବାସ ବ୍ରତ ପାଳନ କରିଥିବାରୁ ସଂଗୃହୀତ ଚାଉଳରୁ କ୍ଷୀରି ରାନ୍ଧି ଦେହୁରୀ ଏଇ ଝିଅମାନଙ୍କୁ ବଡ଼ାମ ଶାଳରେ ଖାଇବାକୁ ଦିଅନ୍ତି । ଦେହୁରୀ ବଡ଼ାମ ପୂଜା କରି ସାରିବା ପରେ ଅନ୍ୟ ବୋହୂ ଭୁଆଷୁଣୀମାନେ ମିଶି ସେହି ନିକଟରେ ବଡ଼ାମ ଶାଳ ନିକଟରେ ଉଷୁନା ଚାଉଳରେ ରନ୍ଧାଭାତ ଖାଇ ବଡ଼ାମ ଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି । ବଡ଼ାମ ଶାଳରୁ ଏମାନେ ଗୋଟିଏ ଗୀତ ଗାଇବା ଆରମ୍ଭ କରନ୍ତି । ଏହି ଗୀତ ଗାଇ ଗାଇ ଗ୍ରାମ ମଧ୍ୟରେ ଥିବା ଦରବାର ଆଡ଼କୁ ଆସନ୍ତି । ଦରବାରରେ ଗ୍ରାମଲୋକଙ୍କ ଦ୍ୱାରା ଏକ ମଣ୍ଡପ ନିର୍ମିତ ହୋଇଥାଏ । ଏତେବେଳକୁ ମଧ୍ୟାହ୍ନ ସମୟ ହୋଇସାରିଥାଏ । ଅ-କୁଆଁରୀମାନେ ଗୋଟିଏ ଅଶ୍ଳୀଳ ଉକ୍ତି ବାରମ୍ବାର ବାରମ୍ବାର କହୁଥାନ୍ତି ।

ଉକ୍ତିଟି ହେଲା –

ମଇଁଷି ଲଢ଼ା କାଢ଼୍
ବନାମ୍ ବୁଢ଼ା କହି ଦେଇଛି ରାତି ଗିହା ଛାଡ଼୍ ।

ଏହି ଉକ୍ତିଟି ଗୀତ ମଝିରେ ମଝିରେ କହୁଥାନ୍ତି । ସେମାନେ ଏହା ସହିତ ଯେଉଁ ସବୁ ଗୀତ ବୋଲନ୍ତି, ସେଥିରୁ କିଛି:

ଗୀତ:

ଭୂଇଁ ଦୂରୁ ଦୂରୁ କିଏ ବୋ ଆସଇ
ବଡ଼ାମ ବୁଢ଼ାଯେ ଘୁଡାରେ ଆସଇ
ଆଣ ବଡ଼ାମୁଣି କୁମ୍ଭରେ ଧରି
ଗୁଡ଼ (ଗୋଡ଼) ଧୁଇ ଧୁଇ ମଥାରେ ଦେବା ।
ହଳଦୀ ଗୁଣ୍ଡ ଯେ ନିରୋଳେ ଦେବା ॥
ହଳଦୀଗୁଣ୍ଡ ଯେ ନିରୋଳେ ଦେବା
ଭୂଇଁ ଦୂରୁ ଦୂରୁ କିଏ ବୋ ଆସଇ
ପାଟ ବୁଢ଼ାଯେ ଘୁଡାରେ ଆସଇ
ଆଣ ପାଟବୁଢ଼ୀ କୁମ୍ଭରେ ଧରି
ଗୁଡ଼ ଧୁଇ ଧୁଇ ମଥାରେ ଦେବା ।
ହଳଦୀଗୁଣ୍ଡ ସେ ନିରୋଳେ ଦେବା ।

ଏହି ଗୀତଟିରେ ସେମାନେ ବଡ଼ାମ ଓ ପାଟବୁଢ଼ା ସ୍ଥାନରେ ଆଉ କେତେକ ଦେବତାଙ୍କ ନାମ ଉଚ୍ଚାରଣ କରିଥାନ୍ତି । ସେହି ସବୁ ଗ୍ରାମ ଦେବତା ହେଲେ - ନିଶାର, ଗାଁ ଗାଇଶିରି, ବଶିରି ଠାକୁରାଣୀ, ଶୁକନାଥୀ, ଦଶନ୍ଧି, ନାଇକ -ନାଇକାଣୀ ଏଭଳି ଅନେକ ଗ୍ରାମ ଦେବତା ଓ ଦେବୀ । ଏହି ଗୀତଟି ସହିତ ବଡ଼ାମଙ୍କ ଉଦ୍ଦେଶ୍ୟରେ ଆଉ ଏକ ଗୀତ ଗାନ କରନ୍ତି । ସେ ଗୀତଟି ଏହିପରି :

ବାର ପରବତ ବୁଲି ଆଇଲି
ମହୁଫେଣା ଖଣ୍ଡ ପାଇବି ବୋଲି ଆମକୁ ଦେଲେ ବୋ ପୁଇଣ (ନ) ହେବା
ବଣରେ ଥିଲେ ଯେ ଭାଲୁ ଖାଇବା ( ୧ )
ବାର ପରବତ ବୁଲି ଆଇଲି
କଦଳୀ କାନ୍ଧିଟି ପାଇବି ବୋଲି
ଆମେ ଖାଇଲେ କି ପୁଇନ ହେବା
ବଣରେ ରହିଲେ ବାଦୁଡି ଖାଇବ ।

ବାର ପରବତେ ବୁଲି ଆଇଲି
ପୂଜା ଡାଲାଟି ପାଇବି ବଲି
ଆମକୁ ଦେଲେବ ପୁଇନ ହେବ
ଭୂଇଁଥିଲେ ପେର୍‌ପେରା (ଉଇ) ଖାଇବ ॥

ଏହିଭଳି ଗୀତ ଗାଇ ଗାଇ ମା' ଭଉଣୀମାନେ ଗ୍ରାମ ଦରବାରକୁ ପ୍ରବେଶ କରନ୍ତି । ଏତେବେଳକୁ ଗ୍ରାମବାସୀ ଦରବାର ମଧ୍ୟରେ ଯେଉଁ ମଣ୍ଡପ ନିର୍ମାଣ କରିଥାନ୍ତି ତା ମଧ୍ୟରେ କଟା କଦଳୀ ଗଛରେ ଏକ ଜନ୍ତୁ (ସମ୍ବର) ବିଗ୍ରହ ନିର୍ମାଣ କରିଥାନ୍ତି । କଟା କଦଳୀ ଗଛରୁ ନିର୍ମିତ ଏହି ଜନ୍ତୁ ଦେହରେ ଚାରିଖଣ୍ଡ କାଠରେ ଚାରିଗୋଟି ଗୋଡ଼, କଦଳୀପଟରେ କାନ ଶିଙ୍ଗ ଏବଂ ଝୋଟରେ ଲାଞ୍ଜ କରିଥାନ୍ତି । ଏଥି ପୂର୍ବରୁ ବଡ଼ାମ ଶାଳରେ ଦେହୁରୀ ଏକ ଧନୁ ଓ ଶରକୁ ପୂଜା କରି ମା ଭଉଣୀମାନଙ୍କ ସହିତ ଦରବାରକୁ ଆସିଥାନ୍ତି । ଦରବାର ଭିତରେ ଗ୍ରାମର ମୁଖିଆଙ୍କ ନିର୍ଦ୍ଦେଶରେ ଦେହୁରୀ ସେହି ଧନୁତୀରକୁ ମା'ମାନଙ୍କ ହାତକୁ ବଢ଼ାଇ ଦିଅନ୍ତି । ମା'ମାନେ ସେହି ଶରରେ ସମ୍ବରକୁ ବନ୍ଧ କରନ୍ତି । ତାର ବିଭିନ୍ନ ଅଂଶ ଯଥା ଗୋଡ଼, ଅ ।, ବେକ, ପିଠି ଆଦିରେ ଶରାଘାତ କରିବା କାଳରେ ଯେଉଁ ଗୀତଟି ବୋଲନ୍ତି, ତାହା ଏହିପରି:

ମିରିଗ ଖୁଜ୍ ସରୁ ସରୁ ସମ୍ବର ଖୁଜ୍ ଲେପା
ଖୁଜ୍ ଓ ଗରାଇ ବିନ୍ଧି ନାଇଁବ ଲେପା ଧୁଣ୍‌କି ।
ଖୁଜ୍ ଡଗରାଇ ବିନ୍ଧି ନାଇଁବ ନେଦା ଧୁଣ୍‌କି
କୁକୁର ଡ଼ଗରାଇ ବିନ୍ଧ୍ ନାଇଁବ ନେଦା ଧୁଣ୍‌କି
ଖୁଦ୍ ଡ଼ଗରାଇ ବନ୍ଧ ନାଇଁବ  ନେଦା ଧୁଣ୍‌କି
କୁକୁର ଡ଼ଗରାଇ ବିନ୍ଧ୍ ନାଇଁବ ନେଦା ଧୁଣ୍‌କି
ଅ । ଦେଖିବ ବିନ୍ଧ୍ ନାଇଁବ ଲେଦା ଧୁଣ୍‌କି
ବେକ ଦେଖି ବିନ୍ଧ୍ ନାଇଁବ ଲେଦା ଧୁଣ୍‌କି
ଗୁଡ ଦେଖି / ପିଠି ଦେଖି ବିନ୍ଧ୍ ନାଇଁବ ଲେଦା ଧୁଣ୍‌କି ।

ଏହି ଭଳି ଗୀତ ଗାନ ଭିତରେ ନିର୍ମିତ ଜନ୍ତୁଟି କ୍ଷତାକ୍ତ ହୋଇ ଭୂମିଶାୟୀ ହୋଇପଡ଼େ । ତାହା ମୃତ ବୋଲି ହୁରି ପଡ଼େ । ଏହି କାଳରେ ଆଉ ଏକ ଗୀତ ବୋଲନ୍ତି । ଗୀତଟି ହୋଇପାରେ:

କଳା କାଙ୍ଗ୍ କଳା କାଙ୍ଗ୍ ହିଂଜ୍‌ଲିଇ ସେ
ପିତା ଲାଉର କାଙ୍ଗ୍ ଯୁଡ଼ିକ କିଏ ବୁଣିବ ସେ
ଅଛନ୍ତି ନିବ ବଡ଼ାମ ବୁଢ଼ା ସେ ବୁଣିବାଇ ସେ

ଏହି ପରି ଅନ୍ୟ ଗ୍ରାମଦେବତାମାନଙ୍କ ନାମକୁ ଲଗାଇ କଳାକାଙ୍ଗ୍ (ଅର୍ଥାତ୍ ଧାନ୍ୟାଦି ଫସଲ) ଓ ପିତା ଲାଉ (ଲତା ବା ଡ଼ଙ୍କ ଜାତୀୟ ବା ଡାଲି ଜାତୀୟ ଫସଲ) ବୁଣିବାକୁ ପ୍ରାର୍ଥନା ଓ ହୁକୁମ ମିଳିଥାଏ ।

ଏହି ଗୀତ ପରେ ମୃତ ଜନ୍ତୁର ମାଂସ (ଜନ୍ତୁ କଳ୍ପିତ)କୁ କଟାଯାଇ ତା'ର ମାଂସକୁ ଘର ଘର ବୁଲି ବିକ୍ରୀ କରାଯାଏ । ଗ୍ରାମବାସୀ ଅତ୍ୟନ୍ତ ଶ୍ରଦ୍ଧା ଭକ୍ତିର ସହିତ ସେହି କଳ୍ପିତ ମାଂସ (କଦଳୀ ପଟୁଆ ଖଣ୍ଡ) କିଣି ମୂଲ୍ୟ ବାବଦକୁ ଚାଉଳ / ମାଣ୍ଡିଆ ପ୍ରଦାନ କରନ୍ତି । ଯେତେଜଣ ମେଢ଼ ପୂଜା କରିବାକୁ ଯାଇଥିବେ ସମସ୍ତେ ମିଶି ବିକ୍ରୀ ଲବଧ୍ ଶସ୍ୟରୁ ପିଠା ଏବଂ ରାନ୍ଧି ରାତ୍ରକାଳରେ ଭୋଜି କରନ୍ତି । ଏହି ଠାରୁ ପର୍ବ ଶେଷ ହୁଏ ।

ଏହି ପୂଜାରେ ଦେହୁରୀ ପ୍ରଥମରୁ ଶାଳରେ ଗ୍ରାମବାସୀଙ୍କ ତରଫରୁ ଗୋଟିଏ ଧଳା କୁକୁଡ଼ା ଗୋଟିଏ ରଙ୍ଗୁଆ କୁକୁଡ଼ା ଓ ଗୋଟିଏ ବୋଦା ବଳି ଦେଇ ପୂଜା କରନ୍ତି । ଏହି ବଳିମାଂସ ମଧ୍ୟାହ୍ନରେ ଯେଉଁ ଉଷୁନା ଚାଉଳ ଭାତ ରନ୍ଧା ଯାଇଥାଏ, ତା ସହିତ ଶାଳରେ ଥିବା ମା, ଭଉଣୀ ଓ ଦେହୁରୀ ମିଶି ଭୋଜନ କରନ୍ତି । ବଳିମାଂସ ଗ୍ରାମ ଭିତରକୁ ଆସେ ନାହିଁ ବା ଏ ମାଂସରେ ଗ୍ରାମବାସୀଙ୍କର କୌଣସି ଅଧିକାର ନ ଥାଏ । କେବଳ ଓଷେଇତି ଅନୂଢ଼ା କନ୍ୟା ଓ ଶାଳକୁ ଯାଇଥିବା ମା ମାନେ ହିଁ ଖାଇଥାନ୍ତି । (ଏହି ତଥ୍ୟ ସିଂପୁର ଗ୍ରାମର ବିଷ୍ଣୁ ଚରଣ ଦେହୁରୀଙ୍କ ସୌଜନ୍ୟରୁ; ଗୋଲାପ ନାୟକ ଓ ଗଦାଧର ଦେହୁରୀଙ୍କ ଠାରୁ ସଂଗୃହୀତ: ଲେଖକ)

ଅନୁରୂପ ଭାବରେ ହୁଣ୍ଡାପୀଢ଼ର ହୁଣ୍ଡା ଗ୍ରାମରେ ଏହି ପର୍ବ ତିନି ଦିନ ଧରି ପାଳିତ ହୁଏ – ଚୈତ୍ରମାସରେ । ଏଥିପାଇଁ ଦିନ ଧାର୍ଯ୍ୟ ହୁଏ, ପ୍ରଥମ ଦିନ ଡ଼ାଳ ଭଙ୍ଗା ପର୍ବ । ଏହି ଦିନ ସଂଧ୍ୟା ସମୟରେ ଗ୍ରାମରେ ବାଜା ମହୁରୀ ବାଜିବ । ସମସ୍ତ ଯୁବକ (ଭେଣ୍ଡିଆ) ଏକତ୍ରିତ ହୋଇ ଡ଼ାଳ ଭଙ୍ଗା ଅଭିଯାନରେ ବାହାରିବେ । ସେମାନଙ୍କ ସହିତ ଡାଙ୍ଗୁଆ, ଦେହୁରୀ, ବାହୁକ ଓ ବୟସ୍କ ବ୍ୟକ୍ତି ବିଶେଷ ମିଳିତ ହୋଇ ଜଙ୍ଗଲ ଅଭିମୁଖେ ବାଜାର ତାଳେ ତାଳେ ଆନନ୍ଦ ଉଲ୍ଲାସ ମଧ୍ୟରେ ନାଚି ନାଚି ଗୀତ ଗାଇ ଯାତ୍ରା କରିବେ । ଜଣେ ଯୁବକ ଡାକ ଛାଡିବ-

ଓ ଭେଣ୍ଡିଏ...
ଅନ୍ୟମାନେ ଉ  ର ଦେବେ 'ଓ'
ପ୍ରଥମ ଯୁବକ କହିବ-

ଅମୁକ (ଯେ କୌଣସି ବ୍ୟକ୍ତିଙ୍କ ନାମ) ଘରେ ଦେଖି ଆସିଲି ହାତେ ଲମ୍ବ-ଆ

ଏହି ଡାକ ଛାଡ଼ି ଛାଡ଼ି ସମସ୍ତେ ବଡ଼ାମ ଶାଳକୁ ଯାଇ ଶାଳ ସଫା କରିବା ପରେ ଜଙ୍ଗଲକୁ ଯାଇ ଡାଳ ଭାଙ୍ଗି ଆଣିବାକୁ ଦେହୁରୀ ଅନୁମତି ଦିଅନ୍ତି । ଯୁବକମାନେ ଆନନ୍ଦରେ ଜଙ୍ଗଲକୁ ଯାଇ ମେ   ଶାଳୁଆ ଡ଼ାଳ ଭାଙ୍ଗି ଆଣି ବଡ଼ାମ ପୀଠରେ ଜମା କରନ୍ତି । ଡାଳ ସହିତ କିଛି ଶାଳ ଗଜା ମଧ୍ୟ କାଟି ଆଣିଥାନ୍ତି ।

ଏହି ଡାଳ ସବୁକୁ ବଡ଼ାମ ଶାଳରେ ଦେହୁରୀ ପ୍ରତିଷ୍ଠା (ପୂଜା) କରନ୍ତି । ସେଠାରେ ବଡ଼ାମ ଠାକୁରଙ୍କ ପାଖରେ କୁକୁଡ଼ା ବଳି ଦେଇ ସାରି ସେହି ଡାଳ ଗୁଡିକୁ ଏକ ଆମ୍ବ ଗଛମୂଳରେ ରଖନ୍ତି । ସେହି ଆମ୍ବ ଗଛକୁ ନୂଆ ସାତଖିଅ ଧଳା ସୂତା ପିନ୍ଧାଇ ଦେହୁରୀ ବିଧି ମୁତାବକ ପୂଜା କରନ୍ତି । ସେଠାରୁ କିଛି ବାଟ ବିଲମାଳ ଭିତରେ ଥିବା ଏକ ମହୁଲଗଛ ମୂଳରେ ସେହି ଭଙ୍ଗାଡାଳକୁ ରଖି ଗୋଟିଏ କୁକୁଡ଼ା ଅଣ୍ଡାକୁ ଗଛମୂଳରେ ରଖି ପୂର୍ବବିଧି ମୁତାବକ ପୂଜାର୍ଚ୍ଚନା କରନ୍ତି । ଢ଼ୋଲ ଟମକ ବାଜୁଥିବ । ଭେଣ୍ଡିଆମାନେ ସେହି ଅଶ୍ଳୀଳ ଧ୍ୱନୀ ଛାଡୁଥିବେ –

ଟିକ୍ ଟିକ୍ ଟିଆ

ଅମୁକ ଘରେ ଦେଖି ଆଇଲି ହାତେ ଲମ୍ବ.. ଆ

ମଝିରେ ମଝିରେ ଅତ୍ୟନ୍ତ ଉଲ୍ଲସିତ ହୋଇ ହରିବୋଲ ଧ୍ୱନି ଦେଇ ଚିତ୍କାର କରୁଥିବେ ।

ମହୁଲ ମୂଳରୁ ଆସି ଗ୍ରାମମୁଣ୍ଡ ଠୁଲୁ ଠୁଲିଆ ଗ୍ରାମ ଦେବୀଙ୍କୁ ପୁନର୍ବାର ପୂଜା ଦେଇ ବଡ଼ାମ ଶାଳ ପାଖକୁ ଆସି ପୂର୍ବ ବିଧି ମୁତାବକ ପୂଜାର୍ଚ୍ଚନା ହୁଏ । ପୂଜା ପରେ ସେସବୁ ଡ଼ାଳକୁ ଗାଁ ମୁଣ୍ଡ ନିକଟସ୍ଥ ପୂଜା ପୀଠକୁ ନେବାକୁ ହୁଏ । ସେଠାରେ ସମସ୍ତ ଡ଼ାଳ ସବୁକୁ ରଖି ବିଧିପୂର୍ବକ ପୂଜାର୍ଚ୍ଚନା ସାରି ବଡ଼ାମ ଠାକୁରଙ୍କର ଏକ ବିଜେ ପ୍ରତିମା (ବିଗ୍ରହ) ତିଆରି ହୁଏ ।

ଗୋଟିଏ ଲମ୍ବ ଶାଳଦଣ୍ଡାର ଚାରିପଟେ ପୂଜା ହୋଇଥିବା ଶାଳୁଆ ଡ଼ାଳ ସବୁକୁ ରଖି ଏକ କୁଟାର ବେ ି ଘୋଡ଼ାଇ ଦିଆଯାଏ । ଜଙ୍ଗଲରୁ ଶାଳୁଆ ଡ଼ାଳ ଆଣିବା କାଳରେ ୪ଗୋଟି ଛୋଟ ଗୋଲାକୃତି ପଥର ମଧ୍ୟ ସଂଗ୍ରହ କରି ଅଣାଯାଇଥାଏ । ଏହି ପଥର ଗୁଡ଼ିକୁ ବିଜେପ୍ରତିମାଙ୍କ ଅଣ୍ଡକୋଷ ମନେ କରି ଦୁଇ ଖଣ୍ଡ ଶାଳ କାଠରେ ଝୁଲାଇ ଦିଆଯାଏ । ଏହା ପରେ ଦୁଇଟି କେନା ଖୁ  ପୋତି ତା ଉପରେ ବଡ଼ାମ ଠାକୁରଙ୍କୁ ଝୁଲାଇ ଦେଇ ନିଜ ନିଜ ଘରକୁ ଫେରିବା ପୂର୍ବରୁ ବଡ଼ାମ ଠାକୁରଙ୍କ ପାଖରେ ଆଉ ଏକ ଶାଳୁଆ ବଣକୁ ଠାକୁରଙ୍କ ଶକ୍ତି ବଡ଼ାମ ବୁଢ଼ୀ (ବଡ଼ାମୁଣି) ଭାବେ ରଖାଯାଇଥାଏ । ଏତବେଳକୁ ରାତି ଅଧ ।

ଘରକୁ ଯାଇ ଖିଆପିଆ ସାରି ଯୁବସ୍ତ (ଯୁବକ/ଭେଣ୍ଡିଆ) ମାନେ ସେହି ସ୍ଥାନକୁ ଆସି ବଡ଼ାମ ବୁଢ଼ାବୁଢ଼ୀଙ୍କୁ ଉଜାଗର ରହି ଜଗନ୍ତି । ଠାକୁର ଠାକୁରାଣୀଙ୍କର କୌଣସି ଅନିଷ୍ଟ ନ ହେଉ ବା କେହି ତାଙ୍କୁ ଅପହରଣ କରି ନ ନେଉ – ଏଥିପ୍ରତି ସମ୍ପୂର୍ଣ୍ଣ ସତର୍କ ରହନ୍ତି ।

ଏହି ପ୍ରଥମ ଦିନର ପୂଜାରେ ଦେହୁରୀ ୩୭୮ ବୁଢ଼ି ଚାଉଳ ବସାଇ ଦେବଦେବୀଙ୍କ ପୂଜା କରିଥାନ୍ତି ।

ଦ୍ୱିତୀୟ ଦିନ ବାର ରହଣି । ଏ ଦିନ ଗ୍ରାମର କେହି ଗାଁ ଘର ଛାଡ଼ି କୌଣସି ଆଡ଼କୁ ଯିବାର ଅନୁମତି ନାହିଁ । ସମସ୍ତେ ଗାଁରେ ରହିବାକୁ ବାଧ୍ୟ । ଏଥି ପାଇଁ ଦେହୁରୀ ନିର୍ଦ୍ଦେଶରେ ଡାକୁଆ (ଡାଙ୍ଗୁଆ) କୁହାଟ ମାରି ଗ୍ରାମବାସୀଙ୍କୁ ସତର୍କ କରାଇ ଦିଏ ।

ଏହି ଦ୍ୱିତୀୟ ଦିନ ପୂଜା ପାଇଁ ଗ୍ରାମବାସୀ ପୂର୍ବରୁ ଡାଙ୍ଗୁଆ ଦ୍ୱାରା ପ୍ରତି ଘରୁ ଧାନ ସଂଗ୍ରହ କରିଥାନ୍ତି । ପ୍ରାୟ ଖଣ୍ଡିଏ (୨୦ କିଗ୍ରା) ଧାନକୁ ବାହୁକ (ଯେ ବୋଦା ବଳି ଦିଏ) ହାତକୁ ଦିଆ ଯାଇଥାଏ । ସେ ତାକୁ ଢ଼େଙ୍କିରେ କୁଟି ଚାଉଳରୁ କିଛି ଚୁନା କରି ତାକୁ ପିଠା ସଦୃଶ କରି ଗୋଟିଏ ପଲମରେ ଆଣି ଦେହୁରୀଙ୍କୁ ଦିଏ । ଦେହୁରୀ ସେ ଚୁନାକୁ ଗୋଟିଏ କଦଳୀପତ୍ରରେ ଚିତ୍ର ବିଚିତ୍ର କରି ପୂଜା କରନ୍ତି । ଚିତ୍ର ମଧ୍ୟରେ ଗୋଟିଏ ବାଘ, ଗୋଟିଏ ଭାଲୁ, ଗୋଟିଏ ସାପ, ଗୋଟିଏ କୁମ୍ଭୀର ଓ ଗୋଟିଏ ମାନବର ରୂପ (ମୂ ି) ଗଠନ କରାଯାଏ । ଏହି ପା ମୂ ି ପୀଠଉ ବିଗ୍ରହ ଉପରେ ସିନ୍ଦୁର ଦେଇ ଚିତ୍ର ବିଚିତ୍ର କରି ରଖନ୍ତି ।

ଏଦିନ ଉପରବେଳା ଗାଁ ଭେଣ୍ଡିଆମାନେ ଏକତ୍ରିତ ହୋଇ ବାଜା ମହୁରୀ ବଜାଇ ବାଘ ଆଣିବାକୁ ଗାଁ ମୁଣ୍ଡକୁ ଯାଆନ୍ତି । ସେଠାରେ ଯାଇ ଅନ୍ୟ ପ୍ରକାରର ଗଛ ଡ଼ାଳ ଯଥା କାଳିକେନ୍ଦୁ, କୁରେଇ ଶାଳ ଆଦି ବିଭିନ୍ନ

ପ୍ରକାରର ଡାଳ ଆଣି ଜଣେ ନିର୍ଦ୍ଦିଷ୍ଟ ଯୁବକ ଦେହରେ ଗୁଡ଼ାଇ ତା ଦେହ ଉପରେ ବେି ଗୁଡ଼ାଇ ମୁହଁରେ ଗୋଟିଏ ବାଘ ମୁଖା ପିନ୍ଧାଇ ବାଘ ସଜାଇ ଦିଆଯାଏ । ବାମ ହାତରେ ଧନୁ ଧାରଣ କରିଥିବ । ଦକ୍ଷିଣ ହାତରେ ୩ ପଟ ତୀର (ଶର) ଥିବ । ଏହି ବାଘରୂପୀ ଯୁବକକୁ ବାଜାର ତାଳେ ତାଳେ ନଚାଇ ନଚାଇ ପୂର୍ବବତ ଅଶ୍ଳୀଳ ଗୀତ ଗାଇ ଗ୍ରାମର ଦାଣ୍ଡେ ଦାଣ୍ଡେ ଯାଇ ପୂର୍ବରୁ ସ୍ଥାପିତ ବଡ଼ାମ ଦେବତାଙ୍କ ବିଜେ ପ୍ରତିମା ପାଖକୁ ଯାଆନ୍ତି । ସେଠାରେ ପହ୍ ବିଜେପ୍ରତିମାକୁ ୩ଥର କିମ୍ବା ୭ଥର ପ୍ରଦକ୍ଷିଣ କରି ତାଙ୍କ ସମ୍ମୁଖରେ ଭେଣ୍ଡିଆ ମାନଙ୍କ ସହିତ ବାଘ ମ୍ନ ଠିଆ ହୁଏ ବିନୟରେ । ସେଠାରେ ପୂର୍ବରୁ ଦେହୁରୀ ଦ୍ୱାରା ନିର୍ମିତ ପିଠଉର ବାଘ, ଭାଲୁ, କୁମ୍ଭୀର ଚିତ୍ର ଉପରେ ଦେହୁରୀ ନିର୍ଦ୍ଦେଶ ଦେବା ଭଙ୍ଗିରେ ଅଙ୍ଗୁଳି ଲଗାଇ ଦେବ । ମଣିଷ ବାଘ ନିର୍ଦ୍ଦେଶ ଅନୁସାରେ ବାଘ ଓ ଭାଲୁକୁ ଶରରେ ବିନ୍ଧିବ କିନ୍ତୁ ସର୍ପ ଓ କୁମ୍ଭୀରଙ୍କ ଦିହରେ ବୁଡ଼ିଆ ଛୁଆଇଁ ପିଠଉ ନିର୍ମିତ ମଣିଷର କୌଣସି କ୍ଷତି କରାଯିବ ନାହିଁ ।

ବିନ୍ଧା ଓ ହଣା ପର୍ବ ଅନ୍ତ ପରେ ମଣିଷ ବାଘ ଦଉଡ଼ି ଯାଇ ଏକ ଆମ୍ବ ଗଛ ମୂଳରେ ଆଶ୍ରୟ ନିଏ । ସେଠାରେ ସେ ତାର ବ୍ୟାଘ୍ର ରୂପ ପରିତ୍ୟାଗ କରି ସାଧାରଣ ମଣିଷ ଭଳି ଯାତ୍ରା ଭିତରକୁ ଫେରିଆସେ ।

ଇତ୍ୟବସରରେ ଆଉ ଏକ ହର୍ଷୋଲ୍ଲାସକ ଘଟଣା ଘଟେ । ଏହି ଦିନ ଗ୍ରାମର ସମସ୍ତ ଛୁଆପିଲା କାଠ ନିର୍ମିତ ଖଣ୍ଡା ତିଆରି ଯାତ୍ରା ସ୍ଥଳକୁ ଆସିଥାନ୍ତି । ମଣିଷ ବାଘ ଆମ୍ବ ଗଛ ମୂଳକୁ ଦଉଡ଼ି ଗଲାପରେ ପିଲାମାନେ ସେହି କାଠଖଣ୍ଡାଗୁଡ଼ିକୁ ବଡ଼ାମ ବୁଢ଼ା ଉପରେ ବିନ୍ଧ କରନ୍ତି । ଏହାପରେ ଗ୍ରାମର ମା' ଭଉଣୀ ମାନେ ବଡ଼ାମବୁଢ଼ାଙ୍କୁ ହଳଦୀପାଣିରେ ସ୍ନାନ କରାନ୍ତି । ସ୍ନାନାନ୍ତେ ଭେଣ୍ଡିଆ (ଯୁବକ) ମାନେ ବଡ଼ାମ ଦେବତାଙ୍କୁ କାନ୍ଧରେ କାନ୍ଧେଇ ଗ୍ରାମ ପରିକ୍ରମା କରନ୍ତି । ଗ୍ରାମର ସମସ୍ତ ଗୃହୀଣୀ ଘରେ ଘରେ ହଳଦୀ ପାଣିରେ ପାଦ ଧୋଇ/ ଧୂପ ଦ୍ୱୀପ ନୈବେଦ୍ୟରେ ପୂଜାର୍ଚ୍ଚନା କରନ୍ତି – ପରିବାରର ସର୍ବକୁଶଳ କାମନା କରି ।

ଗ୍ରାମ ପରିକ୍ରମା ଅନ୍ତେ ବଡ଼ାମଠାକୁରଙ୍କୁ ନେଇ ଗ୍ରାମ ସୀମାନ୍ତରେ (ବଡ଼ାମ ଶାଳ ବୋଲି କଥିତ – ଅନ୍ୟ ଏକ କ୍ଷେତ୍ର) ରଖନ୍ତି । ସେଠାରେ ବିଧି ମୁତାବତ ଛେନା, ଦୁଧ, ଦହି, କଦଳୀ, ଉଖୁଡ଼ାର ଭୋଗ ଓ କୁକୁଡ଼ା ବଳି ଦେଇ ଦେହୁରୀ ପୂଜା କରେ । ପୂଜା ପରେ ବଡ଼ାମ ଠାକୁରଙ୍କୁ ଏକ ହଳଦି ଆଣି ବୃକ୍ଷରେ ଝୁଲାଇ ଦିଆଯାଏ । ଶେଷ ଅଭିବାଦନ (ଜୁହାର) ଜଣାଇ ନୀରବରେ ଗ୍ରାମକୁ ଫେରି ଆସନ୍ତି ।

ଏତେ ବେଳକୁ ପୂର୍ବରୁ ସଂଗୃହୀତ ଧାନରୁ ତିଆରି ଚୁନାର ଯାହାର ବଳକା ଅଂଶ ଥାଏ, ତାକୁ ଡାଙ୍ଗୁଆ ନେଇଆସେ । ଯୁବକମାନେ ବଡ଼ାମ ଦେବତାଙ୍କୁ ବାଟେଇ ଦେଇ ଫେରି ଆସିବା ପରେ ଏହି ଚୁନା ନେଇ ଗାଁ ମୁଣ୍ଡରେ ବସି ସମସ୍ତ ଯୁବକ ୩/ ୪ ଭାଗ ହୋଇଯାନ୍ତି । ଚୁନାକୁ ଏହି ତିନି ଚାରି ଦଳ ଭିତରେ ଭାଗ ବ । କରି ନେଇ ଅଲଗା ଅଲଗା ଚୁଲି କରି ଚୁନାରୁ ପୋଡ଼ ପିଠା ପ୍ରସ୍ତୁତ କରନ୍ତି । ଏହି ପୋଡ଼ାପିଠା ଖାଇ ନିଶାର୍ଦ୍ଧ (ଅର୍ଦ୍ଧରାତ୍ର) ରେ ଗ୍ରାମକୁ ପ୍ରତ୍ୟାବ ିନ କରନ୍ତି । ଏହି ପିଠାକୁ ଭେଣ୍ଡିଆ ପିଠା କୁହାଯାଏ ।

ତହିଁ ପରଦିନ (ତୃତୀୟ ଦିନ) ନୁଆଖିଆ ପର୍ବ । ଏହି ଦିନ ଶାଳରେ ସମସ୍ତ ଦିଅଁ ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଏ । ବିଶେଷ କରି ଗାଁ ଗାଇଁଶିରି ଓ ମହାପାଟ ଆଦି ସମସ୍ତ ଗ୍ରାମଦେବତୀଙ୍କୁ ସ୍ନାନ କରାଯାଇ ବିଧି

ମୁତାବକ ପୂଜାର୍ଚ୍ଚନା କରାଯାଇଥାଏ । ସମସ୍ତ ଶାଳ (ପୀଠ)ରେ ବୋଦା କୁକୁଡ଼ା ବଳି ଭୋଗ ଦିଆଯାଏ । ମାଆ (ବୃଦ୍ଧାମାନେ) ପଣାପାଣି ଓ ଘରୁ ମଣ୍ଡା ପିଠା ନେଇ ଗାଁ ମୁଣ୍ଡ ଦୋଛକି ବାଟିଆଣି ଶାଳରେ ବାଟେଇ ଦିଅନ୍ତି । ଏହାକୁ ମଣ୍ଡା ଉଭା ବାଟିଆଣି ଶାଳରେ ବାଟେଇ ଦିଅନ୍ତି । ଏହାକୁ ମଣ୍ଡା ଉଭା ବାଟିଆଣି ବୋଲି କହନ୍ତି । ଏହି ବାଟିଆଣି ପର୍ବଟି କେତେକ ସ୍ଥାନରେ ନୂଆଖିଆର ସପ୍ତାହକ ପୂର୍ବରୁ ପାଳିତ ହୋଇଥାଏ । ଏହି ଦିନ ଶାଳରେ ଆମ୍ବ, କଦଳୀ ଓ ଗୁଡ଼ ମିଶ୍ରିତ ଭୋଗ ଓ ପଣା ପୂଜା ହୁଏ । ଶାଳରେ ନୂଆ ପଡ଼େ । ଏହା ପରେ ଆମ୍ବ ଖିଆ ଆରମ୍ଭ ହୁଏ । ବଣରୁ ମହୁଲ, ସର୍‌ଗି (ଶାଳଫଳ), ଝୁଣା ଓ ପତ୍ର ସଂଗ୍ରହ କରିବା ଆରମ୍ଭ ହୁଏ । ଏହା ପୂର୍ବରୁ କେହି ଯଦି ଗଛରୁ ଆମ୍ବ ତୋଳେ, ତେବେ ସେ ଦଣ୍ଡିତ ହୁଏ । ଡଣ୍ଡ ଦିଏ । ଡଣ୍ଡ ବାବଦକୁ ବୋଦା ଦେବାକୁ ପଡ଼େ- ନ ଦେଲେ ଏକ ଘରିଆ ହୁଏ । ନିଆଁ ପାଣି ବାରଣ ହୁଏ । ବାଛନ୍ଦ ହୋଇଯାଏ ।

ଚତୁର୍ଥ ଦିନରେ ଡଂଗର ପୂଜା । ଏହି ପୂଜାଟି ବାସ୍ତବରେ ବନରାଇ ବା ବନଦୁର୍ଗା ପୂଜା । ଗାଁ ମଧ୍ୟକୁ ଯେଭଳି ବଣର ପଶୁପକ୍ଷୀ ଆକ୍ରମଣ ନ କରିବେ / ରାଙ୍କିଣୀ, ଯୋଗିନୀଙ୍କର କୋପ ନ ପଡ଼ିବ ଏଥିପାଇଁ ସ୍ୱତନ୍ତ୍ର ପୂଜା ହୁଏ । ଏହି ଦିନ ଯୁବକ (ଭେଣ୍ଡିଆ) ମାନେ ସାତ ଘରୁ ଧାନ ସଂଗ୍ରହ କରିଥାନ୍ତି । ଧାନକୁ ନେଇ ଆଖି ବନ୍ଦ କରି କୁଟିବେ । ଚାଉଳକୁ କୁଣ୍ଡାରୁ ଅଲଗା କରିବେ । ପୁଣି କୁଟି ଚୁନା କରିବେ ।

ସେହି ଚୁନାକୁ ପିଠଉ କରିବେ । ପତ୍ରରେ ରଖି ଏକପାଖିଆ ପୋଡ଼ି ପିଠା ପ୍ରସ୍ତୁତ କରି ଗାଁ ମୁଣ୍ଡକୁ ନେବେ । ସେଠାରେ ଦେହୁରୀ ଅରୁଆ ଚାଉଳରେ କୋଡ଼ି କରି ବନଦୁର୍ଗା ଓ ଡ଼ଗର ଦେବତାଙ୍କ ସନ୍ତୁଷ୍ଟି ପାଇଁ ପୂଜା କରିବେ । ଯୁବକମାନଙ୍କ ଦ୍ୱାରା ପ୍ରସ୍ତୁତ ପିଠାକୁ ଅର୍ପଣ କରି ଗାଁକୁ ବନ୍ୟପ୍ରାଣୀର ବିପଦ ନ ଆସିବାକୁ ପ୍ରାର୍ଥନା କରିବେ । ଏହା ପରେ ସେହି ପିଠାକୁ ଯୁବକମାନେ ବା ି ନେଇ ଖାଇବେ । ଦେହୁରୀ ସମେତ ସମସ୍ତେ ଗାଁକୁ ଫେରି ଆସିବା ପରେ ବଡ଼ାମ ପାର୍ବଣ ଶେଷ ହୁଏ ।

(ହୁଣ୍ଡା ଦେହୁରୀ ଗୋବିନ୍ଦ ଅମାନ୍ତଙ୍କ ସୌଜନ୍ୟରୁ ପ୍ରାପ୍ତ ବିବରଣୀ)

କେନ୍ଦୁଝର ଓ ମୟୂରଭଞ୍ଜର ଅନ୍ୟ ଏକ ସମ୍ଭ୍ରାନ୍ତ ଜନଜାତି ଭାଥୁଡ଼ି । ସିଂହ ଭୂମିର ସିଂହମାଦଳିଆରେ ଏମାନଙ୍କୁ ଭୂୟାଁମାନଙ୍କର ବର୍ଗଭାଇ କୁହାଯାଇଛି । ସେହି ମାଦଳିଆର ଜାତିଭାଇ ପ୍ରସଙ୍ଗରେ 'କରଣୀ ଭୂୟାଁ' ନାମରେ କେତେକ ଭୂୟାଁଙ୍କର ବର୍ଣ୍ଣନା ରହିଛି । ସେଥିରେ ଉଲ୍ଲେଖ ଅଛି – "କାଲଡ଼ି ଭୂୟାଁର କରଣୀ ବାଷଠି ଘର ବାଥୁଡ଼ି ବୋଲାନ୍ତି । ଏତେକ ନୂଆ କରଣୀ ଭୂୟାଁ" । କିନ୍ତୁ ବାସ୍ତବ ପକ୍ଷେ ଏ ଉକ୍ତିରେ କୌଣସି ସତ୍ୟତା ନାହିଁ । ବାଥୁଡ଼ି ମାନଙ୍କର ସ୍ୱାତନ୍ତ୍ର୍ୟ ରହିଛି । ସେମାନେ ଭଞ୍ଜ ଶାସିତ ମୟୂରଭଞ୍ଜ ଓ କେନ୍ଦୁଝରରେ ସ୍ୱତନ୍ତ୍ର ମାନ୍ୟତା ପାଉଥିଲେ । ଅନ୍ୟ ଆଦିବାସୀ ତୁଳନାରେ ଏମାନେ ସ୍ୱଚ୍ଛ ଓ ଶାନ୍ତ ସରଳ ବୋଲି ପାଣି ଛୁଆଁ ଥିଲେ । ଏମାନେ ସହସ୍ର ଦେବଦେବୀଙ୍କୁ ଜଣାନ୍ତି ନାହିଁ । କେବଳ 'ବଡ଼ାମ' ଦେବତା ସେମାନଙ୍କ ଇଷ୍ଟ ଓ ସେମାନେ ବଡ଼ାମଙ୍କ ସନ୍ତାନ ବୋଲି କହନ୍ତି । ସେମାନଙ୍କୁ ନେ ଶ୍ରୀ ଶ୍ରୀ ବଡ଼ାମ ପୁରାଣ ରଚିତ ହୋଇଛି ।ଏହି ପୁରାଣଟି ସନ ୨୦୦୭ ମସିହାରେ ପ୍ରକାଶ ପାଇଛି । ଚକ୍ରଧର ମିଶ୍ର କୃତ ଏହି ପ୍ରକାଶିତ ପୁରାଣର ରଚନାକାଳ ସମ୍ପର୍କରେ ପ୍ରକାଶନ ଗୌରହରି ନାଏକ ଲେଖିଛନ୍ତି – "ତାଳପତ୍ର ପୋଥି 'କୁରାଳ ପୁରାଣ' ଆନୁକୂଲ୍ୟରେ 'ଓଁ ଶ୍ରୀ ଶ୍ରୀ

ବଡ଼ାମ ପୁରାଣ' ୰ଚକ୍ରଧର ମିଶ୍ରଙ୍କ ଦ୍ୱାରା ଆଜକୁ ପ୍ରାୟ ସାତ ଶହ ବର୍ଷ ପୂର୍ବେ ରଚିତ ହୋଇଥିବା ଅନୁମାନ କାରାଯାଏ ।"

କିନ୍ତୁ ଏହି ପୁରାଣ ପାଠ କଲେ ବିଂଶ ଶତାବ୍ଦୀର ସପ୍ତମ ଦଶକ ବେଳକୁ ରଚିତ ହୋଇଥିବା ସ୍ପଷ୍ଟ ଜଣାପଡ଼େ । ପୁରାଣର ୪୨ ପୃଷ୍ଠାରେ ଉଲ୍ଲେଖ ଅଛି –

କୁରାଳ ପୁରାଣ କଥା ତାଳପତ୍ର ପୋଥି
ଚକ୍ରଧର ମିଶ୍ର ଲେଖା କାଳ ଗଲା ବିତି ।
ତେରଶ ଚାଳିଶ ସାଲ ଯୁଗର ଏକଥା
ତାଳପତ୍ର ଲେଖା ଅଛି ବୁଝାଏ ବାରଣ ॥

ତେରଶ ଚାଳିଶ ସାଲ ଖ୍ରୀଷ୍ଟାବ୍ଦ ନୁହେଁ । ଏହାକୁ ଖ୍ରୀଷ୍ଟାବ୍ଦ କଲେ ଏହା ସନ ୧୯୩୨– କିମ୍ବା ୧୯୩୩ ମସିହା ବେଳକୁ ତାଳପତ୍ର ପୋଥି କୁରାଳ ପୁରାଣରୁ କିଛି ତଥ୍ୟ ସଂଗୃହୀତ ହୋଇ ପରବ ୍ତୀ କାଳରେ ବଡ଼ାମ ପୁରାଣ ରଚିତ ହୋଇଛି । ଏହି ପୁରାଣଟିରେ କେନ୍ଦୁଝରର ଆନନ୍ଦପୁର ସବଡିଭିଜନ ଅନ୍ତର୍ଗତ ସନ୍ତୋଷପୁର ଦଣ୍ଡ ପାଟର ମହାପାତ୍ର ବଂଶ ସଂପର୍କରେ ଉଲ୍ଲେଖ ଅଛି । ଏହି ବଂଶର ସନ୍ତୋଷପୁର ଦଣ୍ଡ ପାଟର ଗଡ଼ ନାୟକ ଥିଲେ । ଦେଶ ସ୍ୱାଧୀନତା ବେଳକୁ ଶେଷ ମହାପାତ୍ର ଥିଲେ ସାରଙ୍ଗଧର ମହାପାତ୍ର । ଜାତି ବାଥୁଡ଼ି । ଏହି ବାଥୁଡ଼ି ବଂଶତକ୍ାଳରେ କେନ୍ଦୁଝର ରାଜାନୁଗତ ଜମିଦାର ଥିଲେ । ଏହାଙ୍କର ପ୍ରପିତାମହ  କମ୍ଭୁ ମହାପାତ୍ର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜଙ୍କ ଶାସନ ସମୟ ଓ ଧରଣୀ ଗୋଳମାଳ ସମୟରେ ଜୀବିତ ଥିଲେ । ସାରଙ୍ଗଧର ଦେଶର ସ୍ୱାଧୀନତା ପରେ ଗୟଳମୁଣ୍ଡା ଗ୍ରାମପ  ାୟତର ପ୍ରଥମ ସରପ   ଥିବା ଏହି ପୁରାଣରେ ଉଲ୍ଲେଖ ଅଛି । ଏଥି ସହିତ ଏହାଙ୍କର ପା   ପୁତ୍ରକନ୍ୟାଙ୍କ କଥା ଉଲ୍ଲେଖ ଥିବାରୁ ଏହା ବିଂଶ ଶତାବ୍ଦୀର ଷଷ୍ଠ କିମ୍ବା ସପ୍ତମ (ସନ ୧୯୬୦ ପରବ ୍ତୀ) ଦଶକର ରଚନା ବୋଲି ଜଣା ପଡ଼େ ।

ଏହି ପୁରାଣରେ ଉଲ୍ଲେଖ ଅଛି – ନିରାକାର ଅନନ୍ତ ବାସୁକୀଙ୍କ ଦକ୍ଷବାହୁମୂଳରୁ ବାହୁବଳୀ ନାମକ ପୁତ୍ର ଜାତ ହେଲା । ପାର୍ବତୀ ଦେବୀଙ୍କ 'ମୁରୁକି ହସ' ରୁ ଉଛୁଡ଼ି ପଡ଼ି ଯେଉଁ କନ୍ୟା ଜାତ ହୋଇଥିଲା ତା'ର ନାମ ଉଥୁଡି । ଉଭୟ ବାହୁବଳି ଓ ଉଥୁଡ଼ି ବିବାହ କଲେ । ବରକ ୍ତା ବିଷ୍ଣୁ (ନିରାକାର) ଓ କନ୍ୟାକ ୍ତୀ ପାର୍ବତୀ । ବାହୁବଳୀ ଓ ଉଥୁଡ଼ି ଉଭୟେ ବିଷ୍ଣୁ ଓ ବାସୁକୀ ଦେବତାଙ୍କୁ ପୂଜା କରୁଥିଲେ । ବାସୁକୀ ଦେବତାଙ୍କୁ ପୂଜା କରୁ (ଆଶ୍ରାକରି) ଥିବାରୁ ତାଙ୍କର ନାଗସ୍ୟ ଗ୍ରୋତ ହେଲା । ଏହା ସଂଯୋଗରୁ ଛଅ ଗୋଟି ସନ୍ତାନ ଲାଭ କଲେ – ସେମାନେ ହେଲେ ଭୂୟାଁ, ଗଣ୍ଡ, ବାଥୁଡ଼ି, ସାଉଁତି, ଶବର ଓ ସହର । ବାହୁବଳୀର ଜ୍ୟେଷ୍ଠପୁତ୍ର ବାଥୁଡ଼ି । ସେ କଶ୍ୟପ ଋଷିଙ୍କ କନ୍ୟା ଦୁହ୍ଲେଇକୁ ବିବାହ କଲା । ଏହି କାଳରେ ସେ ଜାଣିବାକୁ ପାଇଲା ଯେ ଅଠର ବର୍ଷରେ ତାର ମୃତ୍ୟୁ ଯୋଗ ଅଛି । ଏହା ପରେ ଉଭୟ ପତିପତ୍ନୀ ବନସ୍ତକୁ ଚାଲିଗଲେ । ବାଥୁଡ଼ି ହସ୍ତରେ ଧରିଥାଏ ଗୋଟିଏ ଧନୁ ଓ ୨୫ଟି ତୀର । ଦୁହ୍ଲେଇ ହାତରେ ଥାଏ ଖଣ୍ଡିଏ ଶାଣିତ ଖଡ୍‌ଗ । ନିରାକାର ବିଷ୍ଣୁଙ୍କୁ ଧ୍ୟାନ କରି କରି ଉଭୟ ବନସ୍ତ ଭିତରେ ବୃଦ୍ଧ ବେଶରେ ନିରାକାର ଜଗନ୍ନାଥଙ୍କୁ ଦର୍ଶନ କଲେ । ନିରାକାରଙ୍କୁ ଡାକି ଉଦ୍ଧାର

ପାଇବାକୁ ସେ ପରାମର୍ଶ ଦେଲେ । ଏହା ପରେ ସେମାନେ ଆଦିମାତାଙ୍କୁ ଧ୍ୟାନ କଲେ । ସେ ସିଂହ ବାହନରେ ଆସି ଦର୍ଶନ ଦେଲେ । ମାତାଙ୍କ ଦର୍ଶନ ପାଇ କହିଲେ-

ନିରାକାର ବୋଇଲେ ଯେ ଭଜ ନାମ ବ୍ରହ୍ମ,
କିପରି ଭଜିକି ମୋର ମତି ହୁଏ ଭ୍ରମ ।

ଦେବୀ ସନ୍ତୁଷ୍ଟ ହୋଇ କହିଲେ – "ଦୁଇ ନାମ ଜପ କଲେ ରହିବୁ କାଳକ ।"ସେ ଦୁଇ ଦେବତା ହେଲେ - ବଡ଼ାମଙ୍କ ସଙ୍ଗେ ଭଜ ସାହାଣ ଦେଇଙ୍କୁ, ନ ରହିବ ଭୟ ହୃଦେ ଆଉ କାହାରିକୁ ।

ଏଠାରେ ବଡ଼ାମଙ୍କ ସପର୍କରେ ଉଲ୍ଲେଖ କରି କୁହାଯାଇଛି –

ମହାବ୍ରହ୍ମ ବୋଲନ୍ତେ ଯେ ଅଟେ ବଡ଼ ବ୍ରହ୍ମ
ସଲଖ ସୁନ୍ଦର ନାମ ନିଝାରୀ ବଡ଼ାମ ।
ନିଝାରୀ ବୋଲନ୍ତେ ଝାଡ଼ ବନସ୍ତଯେ କହି
ଝାଡ଼ର ମ୍ମରେ ଦେବୀ ସାହାଣ ଯେ ଦେଇ ॥

(ବଡ଼ାମ ପୁରାଣ- ପୃ: ୪୩)

ଏହା ପରେ ବାଥୁଡ଼ି ଏହି ଦୁଇ ଦେବଦେବୀଙ୍କ ପଥର ମୂର୍ି କରି ପୂଜା କଲେ –

ବଡ଼ାମ ସାହାଣ ଦେଇ ଦୁଇଟି ପଥର
ସ୍ଥାପିଲା ବଉଳ ମୂଳେ ହୋଇ ସ୍ନେହଭର ।
ବାମରେ ସାହାଣ ଦେଇ ଦକ୍ଷିଣେ ବଡ଼ାମ
ଅତି ଯତନେ ସ୍ଥାପିଲା ଦେଇ ତାଙ୍କ ନାମ ॥

(ବଡ଼ାମ ପୁରାଣ- ପୃ-୪୪)

ଏହି ପୁରାଣରେ ଉଲ୍ଲେଖ ଅଛି ଯେ ବଡ଼ାମ ହେଉଛନ୍ତି ସତ୍ୟ-ସନାତନ-ନିରାକାର-ନିର୍ଗୁଣ-ଶ୍ରୀପୁରୁଷୋ ମ-ଜଗନ୍ନାଥ ।

ଶ୍ରୀ ପୁରୁଷୋ ମ ଅଟେ ବଡ଼ାମ ଠାକୁର
ସତ୍ୟ ସନାତନ ଧର୍ମ-ଧର୍ମ ମହାବୀର । (ପୃ- ୪୭)

ଏ ପୁରାଣରେ ବର୍ଣ୍ଣିତ ଧାର୍ମିକ ଭାବନା ନିଶ୍ଚିତ ଭାବେ ଆଧୁନିକ । ଏଥିରେ ଗୃହୀତ ଅସଲ କଥା ହେଲା ବଡ଼ାମ 'ବନସ୍ତ' ଦେବତା ବନସ୍ତର ବ୍ୟାଘ୍ର, ଭାଲୁ ହିଂସ୍ରଜନ୍ତୁ କବଳରୁ ଉଦ୍ଧାର କରିବା ପାଇଁ ଯେଉଁ ଅଦୃଶ୍ୟ ଦେବତାଙ୍କୁ ବନଚର ଆଦିମାନବ ଆରାଧନା କରୁଥିଲା ସେ ହିଁ ବଡ଼ାମ ।

ପୂର୍ବରୁ କଥିତ ହୋଇଛି ଯେ ସାଉଁତିମାନେ ବାଲିଯାତ୍ରା କରିବା ସମୟରେ ବଡ଼ାମ କାହାଣୀ କୁହାଯାଇଥାଏ । ସେହି କାହାଣୀ ଅନୁସାରେ – ତପସ୍ୟାରତ ଶିବଙ୍କ ସ୍ଖଳିତ ରେତକୁ ଏକ ବଡ଼ା ସାପ ଭକ୍ଷଣ

କରି ଗର୍ଭବତୀ ହେଲା । ସେ ଯେଉଁ ପୁତ୍ର ଜନ୍ମ କଲା ତାର ନାମ 'ବଡ଼ାମ' । ବଡ଼ାମର ରୂପ ଗୁଣରେ ଏକ ଦେବକନ୍ୟା ସହିତ ପ୍ରେମ ସମ୍ପର୍କ ହେଲା । ଏମାନଙ୍କ ସଂସର୍ଗରୁ ଯେଉଁ ସନ୍ତାନ ଜନ୍ମିଲା ତାର ନାମ ହେଲା ଚିରିଟି ବଡ଼ାମ । ଚିରିଟି ବଡ଼ାମ ବଡ଼ ହେଲା । ପୁଅ ପାଇଁ ବୋହୂ ଖୋଜିବାକୁ ଯାଇ ବନାମ ଶିମିଳିପାଳ ରାଇଜରେ ପହଁଚିଲେ । ସେ ରାଜ୍ୟର ରାଜାଙ୍କର ଝିଅଟିଏ ଥିଲା । ବଡ଼ାମ ବୋହୁ କରିବାକୁ ପ୍ରସ୍ତାବ ଦେବାରୁ ଶିମିଳିପାଳ ରଜା ଅରାଜି ହେଲେ । ଗରିବ କହି ଅପମାନ ଦେଇ ଫେରାଇ ଦେଲେ । ବଡ଼ାମବୁଢ଼ା ଧାନବେଣି ରାଜାଘରକୁ ଯାଇ ତାଙ୍କ ଝିଅକୁ ବୋହୂ କରିବାକୁ ପ୍ରସ୍ତାବ ଦେଲେ । ଧାନ ବେଣୀ ରାଜା ବି ପସନ୍ଦ କଲେ ନାହିଁ  କିନ୍ତୁ ରାତିକ ରହିଯିବା ପାଇଁ କହିଲେ । ସଭଏଁ ଖାଇ ପିଇ ଶୋଇଲେ । କିନ୍ତୁ ବଡ଼ାମ ଦେବତାଙ୍କର ନିଦ ନାହିଁ । ସେ ରାତିରେ ଉଠିଲେ । ବରଗଛରୁ କ୍ଷୀର ଆଣି ସଭିଙ୍କ ଆଖିରେ ଲଗାଇ ଦେଲେ । ରାତି ପାହିଲା ବେଳକୁ ବରକ୍ଷୀର ଶୁଖି ଅଠା ପାଲଟି ଯାଇଥିବାରୁ ଧାନବେଣୀ ରଜାଙ୍କ ଆଖି ଫିଟିଲା ନାହିଁ । ସେ ଓଲଟି ଭାବିଲେ ରାତି ପାଉ ନାହିଁ କି ଆଖିରୁ ନିଦ ଛାଡୁ ନାହିଁ । ଏମିତି ସାତଦିନ ସାତରାତି ବିତିଗଲା । ଧାନବେଣି ରାଜା ବଡ଼ାମ ଦେବତାଙ୍କୁ ପଚାରିଲେ – ରାତି କାହିଁକି ପାଉ ନାହିଁ  ? ସେଠୁ ବଡ଼ାମ ଦେବତା ପାଣି ଆଣି ସଭିଙ୍କ ଆଖିରେ ପକାଇ ଦେଲେ, ସଭିଏଁ ଆଖି ମଳି ମଳି ବିଛଣାରୁ ଉଠିଲେ । ଏଥର ସଭିଙ୍କ ହୃଦରେ ବଡ଼ାମଙ୍କ ପ୍ରତି ଶ୍ରଦ୍ଧା ବଢ଼ିଲା । ତା ପରେ ଗାଧୋଇ ଯିବାକୁ କହି ତେଲ ଦେଲେ । ଯେତେ ତେଲ ଆଣିଲେ ବଡ଼ାମ ଠାକୁରଙ୍କ କାଣି ନଖ ବି ଭିଜିଲା ନାହିଁ । ସେଠୁ ବଡ଼ାମ ଦେବତା କହିଲେ ତୁମ ଝିଅ ଲକ୍ଷ୍ମୀ ତେଲ ଦେଉ । ଲକ୍ଷ୍ମୀ ସୋରିଷ ମୁଠିଏ ଆଣି ଦେଲେ । ବଡ଼ାମ ସେହି ସୋରିଷ ମୁଠାକ ଚିପୁଡ଼ି ଦେବାରୁ ସେଥିରୁ ଠେକି ଠେକି ତେଲ ନିଗିଡ଼ି ପଡ଼ିଲା । ବଡ଼ାମ ତେଲ ମାଖି ଗାଧୋଇ ଗଲେ । ଗାଧୋଇ ସାରି ଲୁଗା ପାଲଟିବାକୁ ନୂଆ ଲୁଗା ଦେଲେ । ସେଇ ଲୁଗା ବଡ଼ାମ ଦେବତାଙ୍କ ଦେହକୁ ଅ ିଲା ନାହିଁ । ସେ କହିଲେ ତୁମ ଝିଅ ଲକ୍ଷ୍ମୀ ଲୁଗା ଦେଉ । ସେଠୁ ଲକ୍ଷ୍ମୀ ନୂଆ ଲୁଗା ଖଣ୍ଡେ ଧରାଇ ଦେବାରୁ ବଡ଼ାମ ଦେବତା ପିନ୍ଧିଲେ ଏମିତିକି ଅଦ୍ଭୁତ ଘଟଣା ଦେଖି ଧାନବେଣୀ ରଜା ଚିରିଟି ବଡ଼ାମକୁ ଝିଅ ଦେବା ପାଇଁ ରାଜି ହେଲେ ।

ବିବାହ ସରିଲା, ଧାନବେଣୀ ରାଜା ଝିଅ ଜ୍ୱାଇଁଙ୍କୁ ଅନେକ ଯୌତୁକ ଦେଲେ । ଯୌତୁକ ସହିତ ଥିଲା ଠେକିଏ ଧାନ । ସେହି ଧାନକୁ ଆଣି ଚାଷ କରିବାକୁ ବଡ଼ାମ ଦେବତା ଚାହିଁଲେ । ଜଙ୍ଗଲକୁ ଯାଇ ଝୁଣା ଠୁଳେଇ ବିକିଲେ । ସେହି ଟଙ୍କାରେ ବଳଦ କିଣିଲେ । ଲଙ୍ଗଳଟିଏ  ଆଣିବାକୁ ବଣରେ ପଶିଲେ । ଲଙ୍ଗଳ କେମିତି କାଟିବେ ତାହା ତାଙ୍କୁ ଜଣା ନ ଥାଏ । ଲଙ୍ଗଳ କାଟୁ କାଟୁ ବାର ବର୍ଷ ବିତିଗଲା । ବଡ଼ାମୁଣି ବଡ଼ାମ ରଜାଙ୍କୁ ଖୋଜି ଖୋଜି ଯାଇ ବନସ୍ତରେ ଦେଖିଲେ ଯେ ବଡ଼ାମ ବନସ୍ତ ଭିତରେ ଆଳୁ ଖାଇ ଖାଇ ସବୁକିଛି ଭୁଲି ଗଲେଣି– କେମିତି ଲଙ୍ଗଳ କାଟିବେ ଜାଣି ପାରୁ ନାହାନ୍ତି । ବଡ଼ାମ ଦେବୀ ରାଗିଯାଇ କହିଲେ – ବଡ଼ାମ ଆଳୁ ଖାଇ ଖାଇ ବନସ୍ତରେ ବୁଢ଼ା ହୋଇଗଲାଣି– ସଂସାର ଭୁଲିଗଲାଣି– ଯା'ରେ ଆଳୁ ତୁ ପିତା ପାଲଟି ଯା । ସେଠୁ ମିଠା ଆଳୁ ପିତା ପାଲଟି ଗଲା । ତା ନାଁ ସେଇଠୁ ହେଲା ପିତାଳୁ । ସେଠୁ ବଡ଼ାମୁଣି ବଡ଼ାମଙ୍କୁ ଲଙ୍ଗଳ କଟା ଶିଖେଇ ଦେଲେ । ଲଙ୍ଗଳ ଧରି ଘରକୁ ଫେରିଲେ । ନୂଆ ଧାନ ଚାଷ ଆରମ୍ଭ କଲେ । ଧାନ ବୁଣା ସଇଲା । ଧାନ କଟା ବେଳକୁ ଭୀମକୁ ଡାକି କହିଲେ - ଯା'ରେ ଭୀମ ଧାନ କାଟ୍ । ଭୀମ ଧାନ କାଟିଲା ଯେ ଅଢ଼େଇ ବିଡ଼ା । ବଡ଼ାମ ବୁଢ଼ା ଏକଥା ଶୁଣି ରାଗିଗଲେ । ମୋଟେ ଅଢ଼େଇ ବିଡ଼ା– ନିଆଁ ଧରେଇ ଦେ ।

ଭୀମ ନିଆଁ ଲଗେଇ ଦେଲା । ନିଆଁ ଆକାଶକୁ ଲାଗିଗଲା । ଏତେ ନିଆଁ ଦେଖି ବଡ଼ାମ କହିଲେ – କିରେ ଭୀମ କହୁଥିଲା ଅଢ଼େଇ ବିଡ଼ା, ଦେଖିଲା ବେଳକୁ ନିଆଁ ଯାଇ ଆକାଶକୁ ଲାଗିଲାଣି । କଥା କଣ ? ସେ ନିଜେ ଯାଇ ଦେଖିଲେ ଯେ - ବିରାଟ ଧାନଗଦା । ସେଥିରେ ନିଆଁ ଧରା ଆରମ୍ଭ ହୋଇଛି । ସେଠୁ ସେ ପାଣି ଆଣି ନିଆଁ ଲିଭାଇଲେ । ସେତେବେଳକୁ ଅଧେ ଧାନ ନିଆଁ ଧାସରେ କଳା, ଅଧେ ନାଲି, ଅଧେ ପାଣ୍ଡୁରିଆ, ଯେଉଁଠି ନିଆଁ ଧରିନାହିଁ ସିଏ ଧଳା – ଏମିତିକି ରଙ୍ଗବେରଙ୍ଗର ଧାନ । ସେହି ଧାନକୁ ଅଲଗା ଅଲଗା କରି ରଖିଲେ । ସେହି ଧାନରୁ ନୂଆ ନୂଆ ବିହନ କରି ବଡ଼ାମ ବୁଣିଲେ ।

ବାଥୁଡ଼ି ଜାତିର ବଡ଼ାମ ପୁରାଣ ଓ ସାଉଁତି ଜାତିରେ କଥିତ ଏହି କାହାଣୀ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ବାଥୁଡ଼ି ନାଗଗୋତ୍ରୀ ଓ ବାସୁକୀ ଦେବୀ ଆଶ୍ରିତ ବୋଲି ବଡ଼ାମ ପୁରାଣରେ କୁହାଯାଇଛି । ଅନୁରୂପ ଭାବେ ଶିବଙ୍କ ଔରସରୁ ଓ ନାଗ (ବଡ଼ାସର୍ପ) ଗର୍ଭରୁ ବଡ଼ାମ ଦେବତାଙ୍କ ଜନ୍ମ ବିଷୟ ମଧ୍ୟରେ ଯେଉଁ ସାମଞ୍ଜସ୍ୟ ଦେଖିବାକୁ ମିଳେ ସେଥିରୁ ହୃଦ୍‌ବୋଧ ହୁଏ ଯେ ଏମାନେ ଏକଦା ନାଗ ଉପାସକ ଥିଲେ । ବାସୁକୀ ବା ବସୁମାତାଙ୍କୁ ମଧ୍ୟ ମାନ୍ୟତା ଦେଉଥିଲେ ।

ବଡ଼ାମଙ୍କ ପୂଜା / ଯାତ୍ରା ଓ ଉପାସନା ମୂଳରେ ଆମେ ଦେଖୁ ବଣର ବିଭିନ୍ନ ଡାଳ ଓ ବୃକ୍ଷ ପ୍ରତି ଶ୍ରଦ୍ଧା । ଶାଳ, ଟିଳଉ, ଭଦଲିଆ, ପିଙ୍ଗୁ, ଭାଲିଆ, ଗିଲିରି ଓ ପାଲ ଡାଳ ସହିତ ଶାଳ ବୃକ୍ଷ, ମହୁଲ ବୃକ୍ଷ, ଆମ୍ବ ବୃକ୍ଷ ଓ ହଳଦୀ ଆଣି ବୃକ୍ଷ ପୂଜା ମଧ୍ୟ ବଡ଼ାମ ଉପାସନା ସହିତ ସଂଶ୍ଳିଷ୍ଟ । ଏଥି ସହିତ ଧାନର ଉତ୍ପ ି ଓ କୃଷିର ଆରମ୍ଭ ସମ୍ପର୍କିତ ତଥ୍ୟ ମଧ୍ୟ ଏଥିରୁ ମିଳିଥାଏ । ଜଙ୍ଗଲର ପଶୁ ଓ ସରୀସୃପଙ୍କ ଦାଉରୁ ସୁରକ୍ଷା ପାଇଁ ବଡ଼ାମଙ୍କୁ ପ୍ରାର୍ଥନା । ତା ସହିତ ବନଚରମାନେ ବଣର ପଶୁ ଶୀକାର, ତାର ମାଂସ ଆହାର ପାଇଁ ବଡ଼ାମ ଉପାସନା ।

ବାଥୁଡ଼ିମାନେ ଶିମିଳିପାଳର ଅଭୟାରଣ୍ୟରେ ଅଠର ଦେଉଳ ମଧ୍ୟରେ ବଡ଼ାମଙ୍କୁ ଆରାଧନା କରିବା ଉପରୋକ୍ତ ନିର୍ଯ୍ୟାସକୁ ସମର୍ଥନ କରିଥାଏ । ବଡ଼ାମ ଏକା ଧାରରେ ବଣ ଦେବତା, କୃଷି ଓ ଧନୁ ଖଡ଼ଗଧାରୀ ଶିକାର ପ୍ରିୟ ଆଦିମ ଅଧିବାସୀର ଆରାଧ ଦେବତା ।

ଶିମିଳିପାଳ ମୟୂରଭଂଜର ପା ପୀଢ଼ ସବ୍‌ଡ଼ିଭିଜନ ଅନ୍ତର୍ଗତ ଏକ ଐତିହ୍ୟ ସମ୍ପନ୍ନ ଓ ପ୍ରକୃତିର ନୈସର୍ଗିକ ସ୍ଥାନ । ଏହି ପାର୍ବତ୍ୟ ଳକୁ କେନ୍ଦ୍ର କରି ଏକଦା ବାଥୁଡ଼ି ମାନେ କ୍ଷତ୍ରୀବୀରର ଗୌରବ ଅର୍ଜନ କରିଥିଲେ । ଧନ୍ତିରି, ବାରପଡ଼ା, ରତନପୁର ଆଦିପୁର ଓ ନାକୁଡ଼ା ପୀଢ଼ ବ ର୍ମାନ କାଳରେ ଏକାଧାରରେ ରରୁଆଁ, କରଞ୍ଜିଆ, ଠାକୁରମୁଣ୍ଡା, ଶୁକୃଳି ଓ ଯଶିପୁର ବ୍ଲକ୍ ନାମରେ ନାମିତ ହୋଇଛି । ଏହି ଉପଖଣ୍ଡରେ ପୂର୍ବରୁ ବାଥୁଡ଼ିମାନେ ଗଡ଼ନାୟକ ଭାବେ ନିଯୁକ୍ତି ପାଇ ମହାପାତ୍ର ସଂଜ୍ଞା ଧାରଣ କରୁଥିଲେ । ଏମାନଙ୍କ ସାଂସ୍କୃତିକ ଓ ସାମାଜିକ ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ଏମାନେ ହିନ୍ଦୁ ଧର୍ମର ବ୍ରାହ୍ମଣ ସଂସ୍କୃତ ଅପେକ୍ଷା ଅଧିକ ବୌଦ୍ଧାୟିତ ଓ ବୈଷ୍ଣବୀୟ, ଏମାନେ ବ୍ରାହ୍ମଣ ଘରୁ ଜଳପାନ ମଧ୍ୟ କରୁ ନ ଥିଲେ । ଅଧିକାଂଶ ଦାସ ସଂକାୟିତ ହୋଇଥିଲେ । ଏମାନଙ୍କ ଇଷ୍ଟ 'ବଡ଼ାମ' ଦେବତା । ପ୍ରତିବର୍ଷ ଚୈତ୍ରମାସ ଅଠର ଦିନ ପରେ ଯେଉଁ ବୁଧବାର ପଡ଼େସେହିଦିନ ବଡ଼ାମଙ୍କ ପୂଜା ଏମାନେ କରନ୍ତି । ବିଗତ କିଛି ବର୍ଷ ହେଲା ଶିମିଳିପାଳର ଅଠର ଦେଉଳ ଅ ଳରେ ବଡ଼ାମ ଦେବତାଙ୍କ ପୂଜା ସପ୍ତାହ ବ୍ୟାପି ପାଳିତ ହେଉଛି । ବାଥୁଡ଼ିମାନଙ୍କ ସାଂସ୍କୃତିକ ମୁଖପତ୍ର 'ଅଠର ଦେଉଳ' ପ୍ରକାଶ

ପାଇ ଏହି ଗୋଷ୍ଠୀ ସଂଗଠିତ ହୋଇ ସଂସ୍କାର ପ୍ରବଣ କାର୍ଯ୍ୟ କରିବାକୁ ପ୍ରୟାସ କରିଛି । କେନ୍ଦୁଝର ଜିଲ୍ଲା ଅସନପାଟରେ ଏହି ଜାତିର ଲୋକ ଅବସ୍ଥାନ କରନ୍ତି । ଏହି ଗ୍ରାମରୁ ବଡ଼ାମ ଠାକୁର ଓ ଠାକୁରାଣୀଙ୍କ ସମ୍ପର୍କରେ ଏକ ଚାଙ୍ଗୁଗୀତ ଏହି ଲେଖକ ସଂଗ୍ରହ କରିଥିଲେ । ସେହି ଗୀତର ରଚୟିତା ଥିଲେ ୰ଦୁତୀୟା ନାଏକ (ମହାପାତ୍ର) । ଏହାଙ୍କର ଜନ୍ମକାଳ ଖ୍ରୀ:୧୮୯୦ ପାଖାପାଖି । ଏହାଙ୍କ ପୁତ୍ର ପୌତ୍ର ଏହି ଗୀତ ଗାଉଥିଲେ । ଏହାଙ୍କର ନାତି ଆ ର୍ତ୍ରାଣ ମଧ୍ୟ ଏ ଗୀତ ଗାନ କରୁଥିଲେ । ଏବେ ଏହାଙ୍କର ବୟସ ୭୦ ପାଖାପାଖି । ଏହି ଗୀତରୁ ଜଣାଯାଏ ଯେ ବଡ଼ାମ ଦେବତାଙ୍କର ୧୨ ଜଣ ପୁତ୍ର ଏବଂ ୧୮ ଜଣ କନ୍ୟା ଏମାନେ ଚାଙ୍ଗୁ ପିଟି ନାଚୁଥିଲେ ଅଠର ପୂଜା କରୁଥିଲେ । ସେହି ଗୀତରେ ଅଛି – ବାଇଦ ବାଜଣା ମୋର ସମ୍ପୂର୍ଣ୍ଣ ହେଲା,

ଅଠର ପୂଜାକୁ ମୋର ମନ ବଳିଲା ।
ବାଆର ଭାଇ କି ବାରଣ ଦେଲା,
ଅଠର ଭଉଣୀ କି ପତ୍ରିକା ଦେଲା ।
ଅଠର ଦିନରେ ମୋର ଅଠର ପୂଜା,
ପୂଜା ସାମଗିରି ସଂଗ୍ରହ କଲେ
ପୂଜା କରୁଛନ୍ତି ବଡ଼ାମ ରଜା ।
*** ବାଇଦ ବଜାଉଛନ୍ତି ବାର ଡ଼ାଙ୍ଗୁଆ
ଅଠର ଭଉଣୀ ମୋର ହେଲେ ନାଚୁଆ ।

ଏହି ଗୀତର ପ୍ରାରମ୍ଭରେ ବଡ଼ାମ ରଜା ବିଶ୍ୱକର୍ମାଙ୍କ ପାଖରୁ ବଢ଼ାଇ କାମ ଶିଖିବାକୁ ବଡ଼ାମୁଣିକୁ କହି ନିଝାରି ଜଙ୍ଗଲକୁ ବାହାରିଲେ । ବୁଢ଼ା କହିଲେ ଘର ଜଞ୍ଜାଳ କେ ବୁଝିବ ପୁଣି ?

ବଡ଼ାମ କହିଲେ-
ବନଗିରି ପୁଅ ମୋର ରାଇଜ ଭାର ନେବ
ବନମତି ଝିଅ ମୋର ଘରେ ରହିବ ।
** ବଡ଼ାମର ବୋହୂ ଶାହାଡ଼ା ସୁନ୍ଦରୀ
ବନମଲ୍ଲୀ ଫୁଲ ଏ ଚମ୍ପାକଢ଼ି ।

ଏହି ଉଦ୍ଧୃତିରୁ ଜଣାପଡ଼େ ଯେ ବଡ଼ାମ ରଜାଙ୍କର ୧୨ଜଣ ପୁଅ ଓ ୧୮ ଜଣ ଝିଅ । ତାଙ୍କର ବୋହୂମାନଙ୍କ ମଧ୍ୟରୁ ସାହାଡ଼ା ସୁନ୍ଦରୀ ଜଣେ । ବଡ଼ାମ ପୂଜା ଅତୀତରେ ଅଠର ଦିନ ପର୍ଯ୍ୟନ୍ତ ହେଉଥିଲା । ଏବେ ଅଠର ଦିନ ପରିବର୍େ ମାତ୍ର ଗୋଟିଏ ଦିନରେ ବଡ଼ାମ ପୂଜା ସମ୍ପର୍ଣ୍ଣ ହେଉଛି କିନ୍ତୁ ତାଙ୍କ ପୂଜା ସ୍ଥାନକୁ ଅଠର ଦେଉଳ କୁହାଯାଉଛି ।

ଏହି ଗୀତରେ ବଡ଼ାମ ରଜା ବଢ଼ାଇ କାମ ଶିଖିବାକୁ ଜଙ୍ଗଲ ଭିତରେ ପ୍ରବେଶ କଲାପରେ ଜଙ୍ଗଲ ଭିତରେ ବ୍ୟାଘ୍ର, ଭାଲୁ ଆଦି ଦେଖିଲେ ମଧ୍ୟ ଭୟ ହେଲା ନାହିଁ । ସେ ତାଙ୍କ ଉପାସ୍ୟ ଦେବତା ମାନଙ୍କୁ ପ୍ରାର୍ଥନା କଲେ ।

ପ୍ରଥମେ ଡାକୁଛି ମାଆ ବାସୁକି
ଦ୍ୱିତୀୟେ ଡାକୁଛି ଆଦି ମାତାଙ୍କୁ
ତୃତୀୟେ ଡାକୁଛି ଧର୍ମ ଦେବତାଙ୍କୁ
ଚତୁର୍ଥେ ଡାକୁଛି ନାଗ ଦେବତାଙ୍କୁ

ଏହି ଦୁଇ ଦେବୀ ଓ ଦୁଇ ଦେବତାଙ୍କୁ ବଡ଼ାମ ରାଜା ଆବାହନ କରି କହିଲେ – "ଆସ ଆସ ଆଜ ଆମେ ହୋଇବା ସଙ୍ଗ"।

ଏଥିରେ ଥିବା ଆଦିମାତା ଓ ଧର୍ମ ଦେବତା ଏମାନଙ୍କ ସହିତ ବାସୁକୀମାତା ଓ ନାଗ ଦେବତା ବଡ଼ାମ ରାଜାଙ୍କର ଇଷ୍ଟ ଥିବା ଜଣାଯାଉଛି ।

ବଡ଼ାମ ଜଣେ ମାନବ । ସପରିବାର ସେ ରହିଥିଲେ । ମଣିଷମାନଙ୍କ ପରି ଜଣେ ସଂସାରୀ ଥିଲେ । ବଣର ପଶୁପକ୍ଷୀଙ୍କ ସହିତ ତାଙ୍କର ସମ୍ପର୍କ ଥିଲା । ଜଙ୍ଗଲ ଭିତରେ ପଶି ସେ ପୁଟୁଳି କାଠକୁ କାଠ ଘର୍ଷଣ କରି ନିଆଁ ବାହାର କରୁଥିଲେ । ସେଇ ଧୂନି ନିଆଁରେ ବଣର ଆଳୁ ପୋଡ଼ି ଖାଉଥିଲେ । ତୃଷା ନିବାରଣ ପାଇଁ ସଲପ ଗଛର ରସ ବି ପିଉଥିଲେ । ବାର ଭାଇଙ୍କୁ ଧରି ମୃଗ ଶିକାରକୁ ବି ଯାଉଥିଲେ । ଶ୍ରମଜୀବି ଓ କର୍ମଜୀବି ଥିଲା ତାଙ୍କ ପରିବାର – ବଡ଼ାମ ବୃଦ୍ଧ କାଳରେ ମଧ୍ୟ କର୍ମ ପ୍ରବାହରୁ ମୁକୁଳି ନ ଥିଲେ । ସେ ନିଜେ ଅଠର ପୂଜା କରୁଥିଲେ ।

"ଅଠର ଦିନରେ ମୋର ଅଠର ପୂଜା
ପୂଜା କରୁଛନ୍ତି ବଡ଼ାମ ରଜା ।"

ଏହି ଉକ୍ତିରୁ ଏକ ସିଦ୍ଧାନ୍ତ ମିଳେ ଯେ ଶିମିଳିପାଳର ଅଠର-ଦେଉଳ ଓ ମାନବ ଦେଉଳର ତାତ୍ପର୍ଯ୍ୟ ହେଉଛି ସମ୍ଭବତଃ ମହାମାନବ ବଡ଼ାମ ଜଣେ ରାଜା ପୁରୁଷ ଥିଲେ । ବନଚରମାନଙ୍କ ମନ୍ନରେ କୃଷି ଚେତନା ଜାଗ୍ରତ କରାଇ ଦେବତା ସ୍ତରକୁ ଉନ୍ନୀତ ହୋଇଥିଲେ । ତାଙ୍କ ଆଦର୍ଶକୁ ଗ୍ରହଣ କରି ତାଙ୍କ ଅବର୍ତ୍ତମାନରେ ତାଙ୍କୁ ପୂଜା କରିବାକୁ ଯାଇ ଯେଉଁ ମନ୍ଦିର ହେଲା ତାହା ହିଁ ମାନବ ଦେଉଳ ଏବଂ ଅଠର ଦିନ ବ୍ୟାପି ତାଙ୍କୁ ଅଠର ପ୍ରକାର ପୂଜା ଦେଇ ସେ ସ୍ଥାନକୁ ଅଠର ଦେଉଳ କୁହାଗଲା ।

ଏବେ କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ର ସର୍ବପୁରାତନ ଜନଜାତି ଜୁଆଙ୍ଗମାନଙ୍କର 'ବଡ଼ାମ ପୂଜା'କୁ ବିଚାରକୁ ନେବା । ଗୋନାସିକା ପାର୍ବତ୍ୟାଞ୍ଚଳରେ ଅବସ୍ଥାନ କରୁଥିବା ଏହି ଜୁଆଙ୍ଗମାନଙ୍କର ବାଂଶପାଳ ବ୍ଲକ ବାରାହାଗଡ଼ ଗ୍ରାମପଞ୍ଚାୟତର ନଡ଼ାମ ଏବଂ ସାରିଆ ଗ୍ରାମରେ ଏବେ ପାଖାପାଖି ୧୨୦ ଘର ଜୁଆଙ୍ଗ ଅବସ୍ଥାନ କରନ୍ତି । ନଡ଼ାମ ଗ୍ରାମଟି ଦୁଇ ଭାଗରେ ବିଭକ୍ତ – ତଳ ନଡ଼ାମ୍ ଓ ଉପର ନଡ଼ାମ । ତଳ ନଡ଼ାମର ପୂର୍ବନାମ କୁଙ୍କୁଲି ନଡ଼ାମ । ଏଥିରେ ପ୍ରାୟ ୨୦ ରୁ ୩୦ ଘର ଜୁଆଙ୍ଗ ପରିବାର । ଉପର ନଡ଼ାମର ପୂର୍ବନାମ ବାଉଁଶଡିହା ନଡ଼ାମ୍ । ଏଥିରେ ପ୍ରାୟ ୫୦ ଘର ଜୁଆଙ୍ଗ ପରିବାର । ସାରିଆ ଏକ ପୁରାତନ ଜୁଆଙ୍ଗ ଗ୍ରାମ, ୪୦ରୁ ଉର୍ଦ୍ଧ୍ୱ ପରିବାର ରହନ୍ତି । ଏହି ଗ୍ରାମ ମାନଙ୍କରେ ବଡ଼ାମଙ୍କର ସ୍ୱତନ୍ତ୍ର ଶୀଳ (ପୀଠ) ରହିଛି । ତିନି ଖଣ୍ଡଯାକ ଗ୍ରାମର ଶାଳରେ ଜୁଆଙ୍ଗମାନଙ୍କର ପୂଜକ 'ନାଗମ୍' ବା 'ବୁଇତା' ନିଯୁକ୍ତି ପାଇଛନ୍ତି । ଏମାନେ ପ୍ରତିବର୍ଷ ମାଘ ପୂର୍ଣ୍ଣିମାରେ ତିନି ଦିନ ପର୍ଯ୍ୟନ୍ତ ବଡ଼ାମ ପୂଜା କରନ୍ତି ।

ମାଘ ପୂର୍ଣ୍ଣିମାରେ ୧୦-୧୫ ଦିନ ଆଗରୁ ଏହି ପର୍ବ ପାଳନ ପାଇଁ ଗାଁ ମଜାଙ୍ଗ (ଦରବାର ବା ମଣ୍ଡପ - ସଭାଗୃହ) ରେ ଏକତ୍ରିତ ହୁଅନ୍ତି । ମୋଟାମୋଟି ବଡ଼ାମ ପୂଜା ପାଇଁ ଚାନ୍ଦା ଓ ପୂଜାସାମଗ୍ରୀ ସମ୍ପର୍କରେ ଆଲୋଚନା ହୁଏ । ଚାନ୍ଦା ପୂର୍ଣ୍ଣିମା ପୂର୍ବରୁ ସଂଗୃହୀତ ହୋଇଯାଏ । ପୂର୍ଣ୍ଣିମା ଦିନକୁ ପୂଜା ପାଇଁ ପ୍ରସ୍ତୁତି ସରିଯାଏ । ପୂର୍ଣ୍ଣିମା ଦିନ ନାଗମ ବା ବୁଇତା (ଦେହୁରୀ ବା ପୂଜକ) ସମ୍ପୂର୍ଣ୍ଣ ଉପବାସରେ ରହନ୍ତି । ସ୍ନାନାଦିସାରି ନୂତନ ବସ୍ତ୍ର ପରିଧାନ କରି ପୂଜା ଡ଼ଲା ଓ ପାଣି ଲୁଟି (ଡ଼ାଳ) ଧରି ଘରୁ ବାହାରନ୍ତି । ପୂଜା ଡ଼ଲାରେ ଥାଏ ଅକତା (ଅରୁଆ ଚାଉଳ) ସିନ୍ଦୁର, ଝୁଣା ଓ ଗୁଡ଼, (ଏବେ ଧୂପ ଓ ଦ୍ୱୀପ ମଧ୍ୟ ଯାଉଛି) । ତାଙ୍କ ସହିତ ଗ୍ରାମର ସବୁ (ଅବିବାହିତ ଯୁବକ) କଙ୍ଗେର୍ ବା ଧାଙ୍ଗଡ଼ାମାନେ ସଙ୍ଗରେ ରୋଷେଇ ଚାଉଳ, ମଦ୍ୟ (ଝୁରି) ଓ ବଳି ପାଇଁ ଗୋଟିଏ ବୋଦା ନେଇ ଯାଆନ୍ତି ।

ବଡ଼ାମଶାଳରେ ନାଗମ୍ ପ୍ରବେଶ କରି ପୀଠ ସଫା କରି ବଡ଼ାମଙ୍କୁ ପୂଜାର୍ଚ୍ଚନା କରନ୍ତି । ବଡ଼ାମଙ୍କ ସହିତ ପିତୃପିତା (ପୂର୍ବପୁରୁଷ)ଙ୍କୁ ମଧ୍ୟ ପୂଜା କରନ୍ତି । ଏହା ପରେ ନେଇଥିବା ବୋଦାକୁ ବଳି ପକାଇ ଦିଅନ୍ତି । ପୂଜା ସମାପ୍ତି ପରେ ନେଇଥିବା ମଦ୍ୟକୁ ଅର୍ପଣ କରନ୍ତି । ନାଗମ୍‌ଙ୍କୁ ସହଯୋଗ କରନ୍ତି କଙ୍ଗେରମାନଙ୍କ ମୁଖ୍ୟ (ମୂଳ ଭେଣ୍ଡିଆ) । ଉଭୟ ନାଗମ୍ ଓ ମୂଳଭେଣ୍ଡିଆ ମିଶି ବଡ଼ାମଙ୍କୁ ମଦ୍ୟ ଅର୍ପଣ କରନ୍ତି । ଏହାକୁ 'ଝୁରିପକା' କୁହାଯାଏ । ଦେବତାଙ୍କୁ ମଦ୍ୟ ଅର୍ପଣ କରିସାରି ନାଗମ୍ ଏହି ମଦ୍ୟ (ମହୁଲରୁ ତିଆରି) କୁ ପାନ କରନ୍ତି । ଏଥର ପୂଜା ସରିଯାଏ ।

ପୂଜା ସମାପ୍ତି ପରେ ବଳି ବୋଦାର ମୁଣ୍ଡିଆକୁ ନେଇ ରୋଷେଇ କରି ଖାଆନ୍ତି । ବଳି ବୋଦାର ମୁଣ୍ଡକୁ ନାଗମ୍ ଓ କଙ୍ଗେର୍ ମାନଙ୍କ ବ୍ୟତୀତ ଅନ୍ୟ କେହି ସ୍ପର୍ଶ କରିବା ମନା । ଭୋଜି ପରେ ସମସ୍ତେ ଅପରାହ୍ନରେ ଗ୍ରାମକୁ ଫେରନ୍ତି । ମଜାଙ୍ଗ୍ ଦୁଆରେ ଟାଙ୍ଗୁ ବଜାଇ ନାଚନ୍ତି । ବଡ଼ାମ ଦେବତାଙ୍କ ଉଦ୍ଦେଶ୍ୟରେ ବନ୍ଦନା ଓ ପ୍ରାର୍ଥନା ଗାନ କରି କରି । ଅର୍ଦ୍ଧରାତ୍ରରେ ଘରକୁ ଫେରନ୍ତି । ପ୍ରଥମ ଦିନର ଉତ୍ସବ ଏଇଠି ସମାପ୍ତ ହୁଏ । ପୂଜାରେ ଦିଆ ଯାଇଥିବା ବୋଦାବଳିର ମାଂସ ଗ୍ରାମବାସୀ ଭୋଗ ଭଳି ବା ି ନିଅନ୍ତି ।

ଦ୍ୱିତୀୟ ଦିନ ବଡ଼ାମ ପର୍ବ । ବାସ୍ତବରେ ଏହିଦିନ ଝୁରି, ଟାଙ୍ଗୁ ନିଷାଣ ବା ଖୁସିର ପର୍ବ । ଗ୍ରାମର ଅବାଳ ବୃଦ୍ଧ ବନୀତା ନୂତନ ବସ୍ତ୍ର ପରିଧାନ କରିବେ । ସଭିଙ୍କ ଘରେ ହସ ଖୁସିର ଲହରୀ, ଭୋଜିଭାତ । ଏହି ଦିନ ମଜାଙ୍ଗ (ମଣ୍ଡ-ଦରବାର) ଦୁଆରେ କୁକୁଡ଼ା ବଳି ଦେଇ ନାଗମ ପୂଜା କରନ୍ତି । ନାଗମ ଓ ମୂଳ ଭେଣ୍ଡିଆ (କଙ୍ଗେର ବା ଯୁବକମାନଙ୍କ ମୁଖ୍ୟ) ମିଶି ମଜାଙ୍ଗ ଦୁଆରେ ଝୁରି ପକାନ୍ତି - ଅର୍ଥାତ ମଦ୍ୟ ପୂଜା କରି ସମସ୍ତଙ୍କୁ ଅର୍ପଣ କରନ୍ତି । ଏହା ସହିତ ଟାଙ୍ଗୁ ନିସାଣ ଅର୍ଥାତ୍ ଟାଙ୍ଗୁ ପୂଜା । ଟାଙ୍ଗୁପୂଜା ପରେ ଟାଙ୍ଗୁ ଗୁଡ଼ିକୁ ମୂଳ ଭେଣ୍ଡିଆ ଲାଲାଜ୍‌ରେ ବା ନିଆଁ ଧୂନୀରେ (ଏ ଧୂନୀ ଜୁଆଙ୍ଗ ମଜାଙ୍ଗ ବା ମଣ୍ଡରେ କେଉଁ ଅନାଦି କାଳରୁ ଜଳି ଆସୁଛି- ଲିଭିବାର ପ୍ରଶ୍ନ ନାହିଁ) ସେକି କଙ୍ଗେର ବା ଭେଣ୍ଡିଆମାନଙ୍କୁ ହସ୍ତାନ୍ତର କରନ୍ତି । ଭେଣ୍ଡିଆମାନଙ୍କ ହାତକୁ ଟାଙ୍ଗୁ ଗଲାପରେ ଘିନି ଘିନି ଧା, ଘିନିଧା ଧ୍ୱନିରେ ମଜାଙ୍ଗ ଦୁଆର କମ୍ପି ଉଠେ । ଆରମ୍ଭ ହୁଏ ବଡ଼ାମ ବନ୍ଦନା । ଇତି ମଧ୍ୟରେ ସଲେନ ବା ଧାଙ୍ଗିଡ଼ି (ଯୁବତୀ) ମାନେ ଆସି ଯାଆନ୍ତି । ଧାଙ୍ଗଡ଼ାମାନଙ୍କ ସ୍ୱର ଓ ତାଳ ସହିତ ଅର୍ଦ୍ଧ ଚନ୍ଦ୍ରାକାରରେ ନାଚିବାରେ ଲାଗନ୍ତି । ସାରାଦିନ ଗୀତ ନାଚରେ କଟିଯାଏ । ଏହି ଦିନର ଉତ୍ସବର ସମସ୍ତ ଖର୍ଚ୍ଚ କଙ୍ଗେର ବା ଯୁବକ (ଭେଣ୍ଡିଆ) ମାନେ ବହନ କରିଥାନ୍ତି । କୁକୁଡ଼ା ବଳିଠାରୁ ମଦ୍ୟ (ଝୁରିପକା) ପାନ ଆଦି ଯାବତୀୟ ଖର୍ଚ୍ଚ କଙ୍ଗେରମାନେ ମୁଣ୍ଡେଇ ଥା'ନ୍ତି ।

ତୃତୀୟ ଦିବସରେ ତଇଲା ବ । ଏହାକୁ ଜୁଆଙ୍ଗ ବସାରେ 'ଏକାନ୍ ଶପ୍ ଶପ୍' କହନ୍ତି । ଗ୍ରାମ ମ୍ଭରେ ଥିବା ଚାଷୋପଯୋଗୀ ଜମି ଡ଼ିହକୁ ସମସ୍ତଙ୍କ ମଧ୍ୟରେ ବ ।ଯାଏ । ଆବଶ୍ୟକ ପଡ଼ିଲେ ଜଙ୍ଗଲକୁ ସଫା ମ୍ଭ କରିବାକୁ ପଡ଼େ । ଏହାକୁ 'ଲକା-ଡେିଲକ୍' କୁହାଯାଏ । ଏହି ଜମି ବ ନ ପର୍ଯ୍ୟାୟ ହିଁ ବଡ଼ାମ ପୂଜା ଉତ୍ସବରେ ଶେଷ ପର୍ଯ୍ୟାୟ । ଏହା ପରେ ବ୍ୟକ୍ତିଗତ ଭାବେ ନିଜ ନିଜ ଜମିକୁ ସଫାକରି କୃଷିକର୍ମର ଶୁଭାରମ୍ଭ କରିଥାନ୍ତି ।

ଗୀତରେ ଗୀତରେ ଯୁଆଙ୍ଗ ଯୁବକ ବଡ଼ାମ ଦେବତାଙ୍କୁ ଯେଉଁ ପ୍ରାର୍ଥନା ସବୁ କରେ ତାହାର ମର୍ମ ହେଉଛି - ଆମେ ଜଙ୍ଗଲରେ ହିଂସ୍ରଜନ୍ତୁ କବଳରେ ଯେପରି କବଳିତ ନ ହେବୁ । ଆମେ ଶିକାର କରି ଖୁସିରେ ଫେରିବୁ । ଆମେ ଗାଁରେ କୌଣସି ବନ୍ୟଜନ୍ତୁର ବିପ୍ଳାତ ନ ହେଉ । ଆମ ଜଙ୍ଗଲରେ ଫଳ ଫୁଲ ପୂରି ରହୁ । ଏବର୍ଷ ଭଲ ଚାଷ ହେଉ । ଗାଁକୁ ଅବପାତ, ବିପ୍ଳାତ ବା ରୋଗ ବଇରାଗ ନ ଆସୁ । ଆମକୁ ସୁଖରେ ରଖ । ଜୁଆଙ୍ଗମାନଙ୍କ 'ବଡ଼ାମ ଦେବତା' ଭୂମି ଓ ଜଙ୍ଗଲର ଦେବତା । କୃଷିକର୍ମର ଉଦ୍‌ଗାତା ।

ସାରିଆ ଗ୍ରାମର ବର୍ତ୍ତମାନ ବୁଇତା ଅଛନ୍ତି ଗୁପ ଜୁଆଙ୍ଗ, ବୟସ ୭୦ ପାଖାପାଖି । ଏହି ଗ୍ରାମର ବଡ଼ାମ ଦେବତାଙ୍କ ଆକୃତି ଠିକ୍ ଶିବଲିଙ୍ଗ ଭଳି । ଏଥି ସହିତ ମହାପାଟ, ରଙ୍ଗାପାଟ ଓ ଗାଇଁଶିରି ଓ ବ୍ରାହ୍ମଣୀ ଦେଇ ମଧ୍ୟ ପୂଜା ପାଆନ୍ତି । ଉପର ନଡ଼ାମ ଗ୍ରାମରେ ବୁଇତାଙ୍କ ମୃତ୍ୟୁ ପରେ ତାଙ୍କ ବିଧବା ପତ୍ନୀ ଗଭା ଜୁଆଙ୍ଗ ଶାଳ ପୂଜା ତୁଳାଉଛନ୍ତି ।

(ତଥ୍ୟ – ସାରିଆ ନାଗମ ଗୁପ ଜୁଆଙ୍ଗ ଓ ହୁଣ୍ଡା (ବାଲିଦାଣ୍ଡ ସାହିର) ମୌଜାର ଜୁଆଙ୍ଗ)

କେନ୍ଦୁଝରର ଅଧିକାଂଶ ବଡ଼ାମ ଶାଳରେ ଯେଉଁ ଦେବତାଙ୍କୁ ପୂଜା କରାଯାଏ, ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଗ୍ରହ ଲମ୍ବ-ସର୍ପାକୃତି କିମ୍ବା ଲିଙ୍ଗାକୃତି । ବଡ଼ାମ ପୂଜା ବେଳେ ପିଠଉରେ ନିର୍ମି ବାଘ, ଭାଲୁ, ସର୍ପ ଓ ମଣିଷର ମୂର୍ତ୍ତି ତିଆରି ଦେହୁରୀ ନିର୍ଦ୍ଦେଶରେ ଧନୁରେ ବିନ୍ଧାଯିବା କଥା ପୂର୍ବରୁ କୁହାଯାଇଛି । ଏଥିରେ ବାଘ, ଭାଲୁକୁ ବିନ୍ଧାଯାଏ କିମ୍ବା ସର୍ପ ଓ ମାନବକୁ ନୁହେଁ । ଏହି ଘଟଣାରୁ ବଡ଼ାମ ନାଗଦେବତା ବୋଲି ଅନୁମତି ହୁଏ । ପୁନଶ୍ଚ ଶାଳ ଗଜା ଉପରେ ଶାଳୁଆ ଡ଼ାଳକୁ ବେ ଗୋଡ଼େଇ ବଡ଼ାମଙ୍କର ଯେଉଁ ଚଳନ୍ତି ବିଗ୍ରହ ନିର୍ମାଣ କରାଯାଏ, ତାହା ମଧ୍ୟ ଏକ ବଡ଼ା ସର୍ପ (ସାଉଁତି ଲୋକକଥାର ବଡ଼ା ସର୍ପ) ଆକୃତିର ବୋଲି ଅନୁଭୂତ ହୁଏ । ସାଉଁତି ଲୋକକଥାରେ ଶିବଙ୍କ ଔରଷରୁ ଓ ବଡ଼ାସାପ ଗର୍ଭରୁ ଜାତ ବଡ଼ାମ ଦେବତା । ଏଥିରୁ ମଧ୍ୟ ବଡ଼ାମ ନାଗଦେବତା ଭାବେ ପ୍ରତିପାଦିତ ହୁଅନ୍ତି । ଜୁଆଙ୍ଗମାନଙ୍କ ପୂଜକଙ୍କୁ ସାଧାରଣତଃ ବୁଇତା କୁହାଯାଏ । ଯେଉଁ ବୁଇତା ମନ୍ତ୍ର ତନ୍ତ୍ର ଜାଣନ୍ତି, ତାଙ୍କୁ ନାଗମ କୁହାଯାଏ । ସମ୍ଭବତଃ 'ନାଗମ୍' ନାଗପୂଜକ ଶବ୍ଦର ଅପଭ୍ରଂଶ । ସାରିଆ ପୀଠପରି ଅନେକ ପୀଠରେ ବଡ଼ାମଙ୍କ ସହିତ ରଙ୍ଗାପାଟ ପୂଜା ପାଆନ୍ତି । ଏ ମଧ୍ୟ ଏକ ନାଗଦେବୀ ।

ଆଉ କେତେକ ସ୍ଥାନରେ ବଡ଼ାମ ବିଗ୍ରହ ଶିବଲିଙ୍ଗାକୃତି ଜନଶ୍ରୁତିକୁ ଆଧାର କରି ମୟୂରଭଞ୍ଜର କବି ଭାଗୀରଥି ମହାନ୍ତିକୃତ ଅଠର ଦେଉଳ ନାମକ ଏକ କାବ୍ୟରେ ଉଲ୍ଲେଖ ଅଛି ଯେ - ଦେବତା, କିନ୍ନର ଓ ଗନ୍ଧର୍ବମାନଙ୍କୁ ବାସୁକୀଦେବ କହିଲେ – ମୋର ବାହୁରୁ ବାହୁବଳି ନାମକ ପୁତ୍ରଟିଏ ଜନ୍ମ ହେଲା । ତା'ର ଯୌବନ କାଳରେ ମୋ ପରାମର୍ଶ କ୍ରମେ 'ବୈକୁଣ୍ଠ ବିହାରୀ ହରି' ଙ୍କୁ ସେ ପ୍ରାର୍ଥନା କଲା । ହରି ତା ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ 'ପାର୍ବତୀ'ଙ୍କୁ ପୂଜା କରିବାକୁ ପରାର୍ମଶ ଦେଲେ । ସେ ଦେବୀଙ୍କୁ ପ୍ରାର୍ଥନା କଲେ । ଦେବୀ ପାର୍ବତୀ

ସନ୍ତୁଷ୍ଟ ହୋଇ ନିଜ ଥୋଡ଼ରୁ 'ଉଥୁଡ଼ି' ନାମକ କନ୍ୟା ଜାତ ହେଲେ । ବାହୁବଳି ତାଙ୍କୁ (ଉଥୁଡ଼ିଙ୍କୁ) ପତ୍ନୀ ରୂପେ ଗ୍ରହଣ କଲେ । ଏମାନଙ୍କ ଠାରୁ ବାଥୁଡ଼ିର ଜନ୍ମ । ଏହି ବାଥୁଡ଼ିକୁ ଦେଖିବା ପାଇଁ ଦେବ, କିନ୍ନର ଓ ଗନ୍ଧର୍ବ ସମୂହ ମ ର୍ଯ୍ୟକୁ ଓହ୍ଲାଇଲେ । ଆକାଶ ମଣ୍ଡଳରୁ ଥାଇ ଦେଖିଲେ–ଜୟ ଜୟ ନାଦରେ ବସୁନ୍ଧା କମ୍ପି ଉଠିଲା – ସମସ୍ତେ ବଡ଼ାମଙ୍କୁ ବନ୍ଦନା ଗାନ କଲେ ଦେହୁରୀ ଘିଅବତୀ ଜାଳି ଛଅ ଜାତି ଗଛ ଯଥା- କେନ୍ଦୁ, ତିଳଉ, ମହୁଲ, କାଳିକେନ୍ଦୁ, ଧାତିଙ୍ଗ ଓ ଅଁଳା ଡ଼ାଳ ଆଣିବାକୁ ପୂଜା କରିଛନ୍ତି । ବଡ଼ାମଶାଳରେ ପୂଜା କରିବାକୁ ପିଠଉର ଝୋଟି ଦେଇ ନୂତନ ବସ୍ତ୍ର ପରିଧାନ କରି ବାଥୁଡ଼ି ରମଣୀ ପ୍ରସ୍ତୁତ ରହିଛି ।

ଗାଁ ମୁଣ୍ଡ ଅଶ୍ୱତ୍‌ଥ ମୂଳରେ ବଡ଼ାମ ଠାକୁର ପାଖରେ ଜୁଆଳି, ଲଙ୍ଗଳ, ମଇ ଓ ତଲଓ୍ୱାର (ଖଣ୍ଡା) ରୁଣ୍ଡ ହୋଇଛି । ଚାଙ୍ଗୁ ବାଜା ବଜାଇ ବଡ଼ାମ ଦେବତାଙ୍କୁ ଖଣ୍ଡେ ଖଣ୍ଡେ ଡ଼ାଳ (ପୂର୍ବ କଥିତ ଛଅ ଡ଼ାଳ ମଧ୍ୟରୁ ଯେ କୌଣସି ଖଣ୍ଡିଏ) ସମର୍ପି ଦେଇ କୁକୁଡ଼ା ବଳିରେ ଭୋଗ କରନ୍ତି । ଦ୍ୱିତୀୟ ଦିନ ବୋଦା ବଳିରେ ଓ କୁକୁଡ଼ା ବଳି ଦେଇ ବଡ଼ାମ ଠାକୁରଙ୍କୁ ସନ୍ତୁଷ୍ଟ କରାଯାଏ । ବଡ଼ାମ ଠାକୁରଙ୍କ ସହିତ କାଳୀ, ଭୋଳକନ୍ୟା, ଶାଣଦେଇ, ରମ୍ଭାବୁଢ଼ୀ, ଅନ୍ଧାରୀ ଓ ଭୈରବଙ୍କୁ ମଧ୍ୟ ପୂଜା କରନ୍ତି ।

ଅଠର ଦେଉଳ ବର୍ଣ୍ଣିତ ତଥ୍ୟ ଅନୁସାରେ ଉପର ବର୍ଣ୍ଣିତ ବାସୁକୀ ନାଗଦେବତା ଓ ଦେବୀ ପାର୍ବତୀଙ୍କ ପୌତ୍ର ବାଥୁଡ଼ି । ବାଥୁଡ଼ି ବଂଶଧର ବଡ଼ାମ ଶାଳରେ ଯେଉଁ ଦେବଦେବୀଙ୍କୁ ପୂଜା କରନ୍ତି, ସେମାନେ ସମସ୍ତେ ଶିବ ପରିବାରଭୂକ୍ତ ଦେବଦେବୀ । ତେଣୁ ଅଧିକାଂଶ ବଡ଼ାମ ଶାଳରେ ବଡ଼ାମଙ୍କ ବିଗ୍ରହ ଶିବ ଲିଙ୍ଗାକୃତି ନତୁବା ସର୍ପାକୃତି, ତେଣୁ ସେମାନେ କୁକୁଡ଼ା ଓ ବୋଦା ବଳିରେ ଦେବତାଙ୍କୁ ସନ୍ତୁଷ୍ଟ କରିବାର ପରମ୍ପରାବାଦୀ । ଅପରନ୍ତୁ ବଡ଼ାମ ବୈଷ୍ଣବ ସମ୍ପ୍ରଦାୟର ଦେବତା ହୋଇଥିଲେ ବଳିଦାନର ପରମ୍ପରା ରହି ନ ଥାନ୍ତା ।

ଅଠର ଦେଉଳରେ ଉଲ୍ଲେଖ ଅଛି –

ବଡ଼ ପୂଜା ଦିନ, ବଡ଼ାମ ଠାକୁର ସଙ୍ଗେ ଦେବୀ କାଳି ମୁହିଁ ଭୋଳକନ୍ୟା, ଶାଣ ଦେଇ, ରମ୍ଭାବୁଢ଼ୀ ତୋଷନ୍ତି ବଳି ପକାଇ ।

(ଭାଗିରଥି ମହାନ୍ତି କୃତ ଅଠର ଦେଉଳ- ୩ୟ ସର୍ଗ- ପୃଷ୍ଠା-୧୪)

ଏହି କାବ୍ୟର ଏକାଦଶ ସର୍ଗରେ ସ୍ପଷ୍ଟ ଭାବେ କୁହାଯାଇଛି-

ଇଶ୍ୱର ପାର୍ବତୀ, ବଡ଼ାମ ବଡ଼ାମୀ<br>
ଏକ କିନ୍ତୁ ଅନ୍ୟ ରୂପ<br>
ଯେଉଁ ନାମ ଧରି ଡ଼ାକିଲେ ତାହାକୁ<br>
ହରନ୍ତି ସବୁ ସନ୍ତାପ ।୩। (ପୃ: ୬୭)

ଏକାଦଶ ସର୍ଗରେ 'ଚାଙ୍ଗୁ ଜନ୍ମ ବୃ ାନ୍ତ' ବର୍ଣ୍ଣିତ, ପାର୍ବତୀଙ୍କ ଅନୁରୋଧରୁ ଇଶ୍ୱର ବର ଓହଳରେ କୁଣ୍ଡଳୀ ଓ କସ୍ତୁରୀ ମୃଗ ଚର୍ମ ଛାଉଣୀରେ ଯେଉଁ ବାଦ୍ୟ ସୃଷ୍ଟି କରେ, ତାକୁ ଆର୍ଶିବାଦ କରି କହିଲେ –

କରିଲେ ଆଶିଷଦେବ ମହେଶ୍ୱର
ତୋର ନାମ ହେବ ଚାଙ୍ଗୁ
ମୋ ଡ଼ମ୍ବରୁ ସଂଗେ ତୁହି ହେବୁ ତୁଲ
ଯେଣୁ ଜାତ ମୋର ଅଙ୍ଗୁ ।୯।
ଏହି ଚାଙ୍ଗୁ ଭଇରବୀ ଚାଙ୍ଗୁ ନାମରେ ନାମିତ ହେଲା ମଧ୍ୟ
ଝୁଲା ତାଳ, ଝୁମତାଳ ବାଜୁଥିବ
ଘିନତା, ତାତା, ଘନିତା
ଭଇରବୀ ଚାଙ୍ଗୁ ଥରି ଉଠୁଥିବ
ତିନି ଥର ଧିନ୍ଦା ଧିନ୍ଦା । ୨୮

(ଏକଦଶ ସର୍ଗ- ପୃ- ୭୧)

ସମସ୍ତ ଆଲୋଚନା ଓ ବର୍ଣ୍ଣନା ମଧ୍ୟରେ ଆମେ ବଡ଼ାମ ଦେବତାଙ୍କ ସ୍ୱରୂପ ସମ୍ପର୍କରେ ଏତିକି କହିପାରିବା ଯେ – 'ଶୈବ ନାଗ' ଉପାସନାର ସୁପ୍ରାଚୀନ ଦେବତା ବଡ଼ାମ ଦେବତା । କିନ୍ତୁ 'ବଡ଼ାମ ପୁରାଣ' ଓ ଅଠର ଦେଉଳ କାବ୍ୟରେ ବଡ଼ାମ ଦେବତା ସ୍ୱୟଂ ନୀଳମାଧବ- ଶ୍ରୀ ଜଗନ୍ନାଥ । ଅଠର ଦେଉଳ କାବ୍ୟରେ ଉଲ୍ଲେଖ ଅଛି –

ଯେ ନୀଳମାଧବ ସେହି ଜଗନ୍ନାଥ
ସେହି ଅଟନ୍ତି ବଡ଼ାମ
ନାମ ଭିନ୍ନ ଭିନ୍ନ ଠାକୁର ଜଣିଏ
ଜାଣନ୍ତି ଭକତ ଆମ ।୧୮

(ଅଠର ଦେଉଳ / ତ୍ରୟୋଦଶ ସର୍ଗ- ପୃ- ୮୩)

ଏସବୁ ମତମତାନ୍ତର ମଧ୍ୟରୁ ନିର୍ଯ୍ୟାସ ଠାବ କରିବା ଦୁରୁହ ହେଲେ ହେଁ; ବଡ଼ାମ ଦେବତାଙ୍କ ଜନ୍ମଲଗ୍ନ ସହିତ ଈଶ୍ୱର ପାର୍ବତୀ ଏବଂ ବଡ଼ା-ବାସୁକୀଙ୍କ ସମ୍ପର୍କ ଅନସ୍ୱୀକାର୍ଯ୍ୟ । ପୁନଶ୍ଚ ଏ ଦେବତାଙ୍କର ପରିବାର ମଧ୍ୟ ରହିଛି । ଏ ଦେବତାଙ୍କ ଉତ୍ସବ ପାଇଁ ଯେଉଁ ସ୍ୱତନ୍ତ୍ର ବାଦ୍ୟ ଚାଙ୍ଗୁ – ତାହା ମଧ୍ୟ ହର-ପାର୍ବତୀ ନିର୍ମିତ । ଏ ଦେବତାଙ୍କ ଚାଙ୍ଗୁର ନାଗ ବାୟା କୁଣ୍ଡଳୀ ନାଗ ଦେବତାକୁ ସୂଚିତ କରୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା – ଏ ଦେବତା ଗ୍ରାମର ଧାଙ୍ଗଡ଼ା-ଧାଙ୍ଗିଡ଼ୀ ବା ଯୁବକ-ଯୁବତୀଙ୍କ ଦ୍ୱାରା ପୂଜିତ ଓ ଆରାଧିତ ହେବାର ପରମ୍ପରା ଅକ୍ଷୁର୍ଣ୍ଣ ରହିଛି । ଏ ସବୁଥିରୁ ବଡ଼ାମ ବିଷ୍ଣୁ ସଂପ୍ରଦାୟ ଅପେକ୍ଷା ଶୈବ-ନାଗ ପରମ୍ପରାର ଦେବତା ଭାବେ ପ୍ରମାଣିତ ହେଉଛନ୍ତି ।

**ଟାଙ୍ଗରପଲସା, ନରଣପୁର,**
**କେନ୍ଦୁଝର**
**ଦୂରାଭାଷ-୯୪୩୮୪୯୨୨୯୯**

# ବାଥୁଡ଼ି ଜନଜାତିର ପର୍ବପର୍ବାଣି ଓ ବଡ଼ାମ ଉପାସନା

**ରଂଜନ ପ୍ରଧାନ**

ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରୁ ବାଥୁଡ଼ିମାନେ ବିଶେଷକରି ଅଧିକ ଶିକ୍ଷିତ, ମାର୍ଜିତ ଓ ଓଡ଼ିଆଙ୍କ ଭଳି ସେମାନଙ୍କର ଚାଲିଚଳଣି ଓ ସାମାଜିକ ବ୍ୟବସ୍ଥା । ବାଥୁଡ଼ିମାନେ ଭାରତୀୟ ଆର୍ଯ୍ୟ ଭାଷାଗୋଷ୍ଠୀ ଅନ୍ତର୍ଭୁକ୍ତ ଏବଂ ସେମାନେ ଯେଉଁ ଭାଷା ବ୍ୟବହାର କରନ୍ତି ତାହା ପାଖାପାଖି ଓଡ଼ିଆ ଏବଂ ମୟୂରଭଞ୍ଜର ଦେଶୀୟ ଭାଷା ସହ ଅନେକ ସାଦୃଶ୍ୟ ରଖିଥାଏ । ବାଥୁଡ଼ିମାନେ ଗୋଷ୍ଠୀ ଜୀବନରେ ବିଶ୍ୱାସ କରନ୍ତି । ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନ ବେଶ ଉଚ୍ଚ ମୂଲ୍ୟବୋଧଯୁକ୍ତ । ସେମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି । ବିଶେଷକରି ବାଥୁଡ଼ି ଜନଜାତି ପ୍ରକୃତି ଓ ବୃକ୍ଷ ଉପାସନା ଉପରେ ବେଶୀ ବିଶ୍ୱାସ କରିଥାଏ । ବାଥୁଡ଼ିମାନଙ୍କ ଅଧିକାଂଶ ପର୍ବପର୍ବାଣି କୃଷିଭି ିକ । ରୋଗ ବଇରାଗରୁ ରକ୍ଷା ପାଇବା ନିମନ୍ତେ ମଧ୍ୟ ସେମାନେ କିଛି ପର୍ବପର୍ବାଣି ମଧ୍ୟ ପାଳନ କରନ୍ତି । ଦେବଦେବୀ ପୂଜା ଏବଂ ଭବିଷ୍ୟତ ମଙ୍ଗଳ କାମନା ହିଁ ପ୍ରତି ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହୋଇଥାଏ । ବାଥୁଡ଼ିମାନେ ବର୍ଷତମାମ୍ ପର୍ବପର୍ବାଣି ପାଳନ କରିଥାନ୍ତି ।

## ୧. ଡାଳିପୂଜା (ଆମ୍ବ ନୂଆଖିଆ)

ଡାଳିପୂଜାକୁ ବାଥୁଡ଼ିମାନେ “ଆମ୍ବ ନୂଆଖିଆ’ ପୂଜା କହିଥାନ୍ତି । ଏହା ବାଥୁଡ଼ି ସମାଜର ଅଗ୍ରପୂଜା ଏବଂ ଏହି ପର୍ବ ପାଳନ ପରେ ଅନ୍ୟ ପର୍ବପର୍ବାଣି ପାଳିତ ହୋଇଥାଏ । ଡାଳିପୂଜା ଫଗୁଣ କିମ୍ବା ଚୈତ୍ର ମାସରେ ପାଳିତ ହୋଇଥାଏ । ଏହି ପୂଜାଟି ତିନିଦିନ ଧରି ଚାଲେ । ଡାଳିପୂଜା ପାଳନ ପୂର୍ବରୁ ବାଥୁଡ଼ିମାନେ ନୂଆ ଫୁଲ, ଫଳ କିମ୍ବା ମୂଳକୁ ବ୍ୟବହାର କରିନଥାନ୍ତି । ପ୍ରଥମେ ଦେବାଦେବୀ, ଇଷ୍ଟଦେବୀ, ଗ୍ରାମଦେବୀ, ପିତୃପୁରୁଷଙ୍କୁ ଅର୍ପଣ କରିବା ପରେ ବାଥୁଡ଼ିମାନେ ଆମ୍ବ ଆଦି ନୂତନ ଫଳ ଖାଇଥାନ୍ତି । ଏଣୁ ଏହାକୁ “ଆମ୍ବ ନୂଆଖିଆ’ କୁହାଯାଏ । ଫଗୁଣ ମାସରେ ଦୋଳପୂର୍ଣ୍ଣିମା ପାଳିତ ହୋଇଥାଏ । ଦୋଳପୂର୍ଣ୍ଣିମାରେ ଠାକୁରଙ୍କୁ ଆମ୍ବ ଭୋଗ ଦିଆଯାଏ । ହୋଲି ପରେ ରାଧାକୃଷ୍ଣ ନିଜ ମନ୍ଦିରକୁ ଫେରିଯିବା ବେଳେ ଆମ୍ବ ଗଛର ଡାଳ ଭାଙ୍ଗି ଦେଇ ଯାଆନ୍ତି ବୋଲି ବାଥୁଡ଼ି ଜନଜାତି ବିଶ୍ୱାସ କରନ୍ତି । ଫଳରେ ଦୋଳପୂର୍ଣ୍ଣିମା ପରେ ହିଁ ଆମ୍ବ ନୂଆଖିଆ ପର୍ବ ଅନୁଷ୍ଠିତ ହୋଇଥାଏ । ଡାଳିପୂଜା ପୂର୍ବରୁ ଗ୍ରାମରେ ଏକ ଗ୍ରାମସଭା ବସିଥାଏ । ଗ୍ରାମର ମୁଖ୍ୟ “ପଧାନ’, “ଦେହୁରୀ’ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏଥିରେ ଅଂଶଗ୍ରହଣ କରି ପର୍ବ ପରିଚାଳନା ସଂପର୍କରେ ଆଲୋଚନା କରିଥାନ୍ତି ।

### ପ୍ରଥମ ଦିନ:

ଡାଳିପୂଜାର ପ୍ରଥମ ଦିନ “ବାର ରହିବା’(ଉପବାସ ରହିବା) କାମ ହୋଇଥାଏ । ଯେଉଁ ଯୁବକ, ଯୁବତୀମାନେ ଏହି ପୂଜା କରନ୍ତି ସେମାନେ ସୋମବାର ଦିନ “ବାର’ ରହନ୍ତି । “ବାର’ ରହିବା ଅର୍ଥ ପୂଜା

କରୁଥିବା ଯୁବକ, ଯୁବତୀମାନେ ଉପବାସ ରହିବା ସହ ନିଷ୍ଠାର ସହ ନିଜକୁ ସଂସ୍କାର କରିବା । ପ୍ରଥମ ଦିନ ଯୁବକ, ଯୁବତୀମାନେ ଗାଁ ଠାକୁରାଣୀଙ୍କ ନିକଟରୁ ଆଜ୍ଞା ନେଇ ଜଙ୍ଗଲକୁ ଡାଳ ଆଣିବା ପାଇଁ ଯାଇଥାନ୍ତି । ସାଥୀରେ ପୂଜା ସାମଗ୍ରୀ ଓ ଚାଙ୍ଗୁ ନେଇ ଯାଇଥାନ୍ତି । ଡାଳ ଆଣିବା ପରେ ଗାଁ ଠାକୁରାଣୀ ଶାଳ ନିକଟରେ ରଖନ୍ତି । ଗାଁ ମୁଣ୍ଡରେ ଏକ ସ୍ୱତନ୍ତ୍ର ଆସ୍ଥାନ ନିର୍ମାଣ କରାଯାଇଥାଏ । କଦଳୀ ଗଛ, ଆମ୍ବଡାଳ, ଲୁହାକଣ୍ଟା ଆଦି ପୋତାଯାଇ ସୁସଜ୍ଜିତ ଏକ ବେଦୀ ପ୍ରସ୍ତୁତ କରାଯାଏ । ଡାଳ ଆଣିବାକୁ ଜଙ୍ଗଲକୁ ନଅ ଜଣ ଯୁବକ ଯାଇଥାନ୍ତି ଏବଂ ସେମାନେ ନଅ ପ୍ରକାର ଡାଳ ଆଣିଥାନ୍ତି । ପ୍ରତି ଯୁବକ ଗୋଟିଏ ପ୍ରକାର ଡାଳ ଧରି ଆସନ୍ତି ।

**ଦ୍ୱିତୀୟ ଦିନ:**

ଦ୍ୱିତୀୟ ଦିନ ମଙ୍ଗଳା ଓଷା ଗ୍ରାମର ଦେହୁରୀଙ୍କ ଘରେ କିମ୍ବା ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ମଣ୍ଡପରେ ଅନୁଷ୍ଠିତ ହୋଇଥାଏ । ପୂଜା ସ୍ଥାନକୁ ଝୋଟି ଓ ମଣ୍ଡଳା ଦ୍ୱାରା ସଜାଯାଇଥାଏ । ମଣ୍ଡଳାର ମଧ୍ୟ ସ୍ଥଳରେ ଜଳପୂର୍ଣ୍ଣ ନୂତନ କଳସ ଉପରେ ଆମ୍ବଡାଳ ରଖାଯାଇଥାଏ । ମଙ୍ଗଳା ପୂଜା ସଂଧ୍ୟା ସମୟରେ ଆରମ୍ଭ ହୁଏ । ଉପବାସ କରିଥିବା ଯୁବକ, ଯୁବତୀମାନେ ପୂଜା ସ୍ଥଳକୁ ପୂଜା ସାମଗ୍ରୀ ସହିତ କୁକୁଡ଼ା ପୂଜା କରିବାକୁ ଆଣିଥାନ୍ତି । ଶୀତଳ ପୂଜା ସମାପ୍ତି ପରେ ମଙ୍ଗଳାଙ୍କ ସ୍ତୁତି ଗାନ କରାଯାଏ । ସ୍ତୁତି ପରେ ବଳି ପୂଜା ହୋଇଥାଏ । ବଳି ପୂଜା ପରେ ଭକ୍ତମାନେ ନିଜନିଜ ଘରକୁ ଫେରି ଯାଆନ୍ତି । ରାତ୍ର ସମୟରେ ଯୁବକ, ଯୁବତୀମାନେ ଦେହୁରୀ(ପୂଜକ)ଙ୍କୁ ଡାକି ନିଅନ୍ତି । ଦେହୁରୀ ଗୋଟିଏ କୁକୁଡ଼ା ଓ ଗୋଟିଏ ଅଣ୍ଡା ଡାଲୁଆଶୁଣୀଙ୍କ ଉଦ୍ଦେଶ୍ୟରେ ବଳି ଭୋଗ ଦେଇଥାନ୍ତି । ପୂଜାପରେ ଯୁବକମାନେ ଚାଙ୍ଗୁ ବଜାଇ ଶୋଭାଯାତ୍ରାରେ ସେଇ ନଅ ଖଣ୍ଡ ଡାଳକୁ ବଡାମ ଶାଳକୁ ଆଣନ୍ତି । ଏହି ଶୋଭାଯାତ୍ରାକୁ "ଡାଳିଯାତ୍ରା' ବା "ବଡ଼ାମ୍ ଯାତ୍ରା' କୁହାଯାଏ । ଚାଙ୍ଗୁ ବଜାଇ ବଜାଇ ଆସିଲାବେଳେ କେବଳ ବଡ଼ାମ୍ଙ୍କର ବନ୍ଦନା ଗାନ କରାଯାଇଥାଏ ।

ଡାଳିଯାତ୍ରା ସମୟରେ ନଅଖଣ୍ଡ ଡାଳକୁ ଆଣି ଏହି ବଡ଼ାମ ଶାଳରେ ସଜେଇ ରଖାଯାଏ । ଏଠାରେ ମଧ୍ୟ କୁକୁଡ଼ା ବଳି ଭୋଗ ଦିଆଯାଇ ଏକପ୍ରକାର ପୂଜା କରାଯାଇଥାଏ । ମାତ୍ର ଏଠାରେ ବଳି ଦିଆଯାଇଥିବା କୁକୁଡ଼ା ଦେହୁରୀଙ୍କର ପ୍ରାପ୍ୟ ହୋଇନଥାଏ । ସାଧାରଣତଃ ଯେଉଁମାନେ ବଡ଼ାମ ଯାତ୍ରା (ଅଠର ଦେଉଳ)ରେ ଭାଗ ନେଇଥାନ୍ତି; ସେମାନଙ୍କୁ ଏହି କୁକୁଡ଼ା ପ୍ରଦାନ କରାଯାଇଥାଏ । ପୂଜା ପରେ ଦେହୁରୀ ନିଜ ଘରକୁ ଚାଲି ଯାଇଥିଲେ ମଧ୍ୟ ଯୁବକ, ଯୁବତୀମାନେ ବଡ଼ାମ ଶାଳ ପରିତ୍ୟାଗ କରନ୍ତି ନାହିଁ । ଚାଙ୍ଗୁ ବଜେଇ, ନାଚ ଗୀତର ଆସର ଜମେଇ ସାରା ରାତି ଉଜାଗର ରହିଥାନ୍ତି । ଏହାକୁ "ଡାଳିଜଗା' କୁହାଯାଏ । ଏହି ସମୟରେ ଯୁବକ, ଯୁବତୀମାନେ ଘରେ ଘରେ ଚାଉଳ ମାଗିଥାନ୍ତି । ଏହାକୁ "ମୂଷା ଚାଉଳ' କୁହାଯାଏ । ଏହି "ମୂଷା ଚାଉଳ'କୁ ବଡ଼ାମ ଶାଳ ନିକଟରେ ଭଜାଯାଏ ଏବଂ ଭଜା ଚାଉଳକୁ ଯୁବକଯୁବତୀମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ ।

**ତୃତୀୟ ଦିନ:**

ଶେଷଦିନ ଡାଳିଜଗା ଯୁବକମାନେ ବଡ଼ାମଶାଳରୁ ସାତଖଣ୍ଡ ଡାଳକୁ ଗ୍ରାମ ବାହାରେ ଥିବା ଡାଲୁଆଶୁଣୀ ଶାଳକୁ ନେଇଥାନ୍ତି । ଏହାକୁ "ବାହୁଡ଼ା ବଡ଼ାମ ଯାତ୍ରା' କୁହାଯାଏ । ଡାଲୁଆଶୁଣୀ ଶାଳରେ ଡାଳଗୁଡ଼ିକୁ ରଖି

ଏକ କୁକୁଡ଼ା ଚିଆଁ ବଳି ଦିଆଯାଏ । ଏହି ବଳି ପୂଜାକୁ ଦେହୁରୀଙ୍କ ବଦଳରେ ଯୁବକମାନେ କରିଥାନ୍ତି । ନୂତନପତ୍ରରେ ସଜ୍ଜିତ ସାତଖଣ୍ଡ ଡାଳକୁ ବଡ଼ାମ ଶାଳକୁ ଆଣି ପୂଜା ଆରାଧନା ପରେ ପୁନର୍ବାର ଶୋଭାଯାତ୍ରାରେ ଡାଲୁଆଗୁଣୀ (ବନଦେବୀ)ଙ୍କୁ ଫେରାଇ ଦିଆଯାଉଥିବାରୁ ଏହାକୁ ଡାଳି ପୂଜା କୁହାଯାଇଥାଏ । ଡାଳଗୁଡ଼ିକୁ ସୂର୍ଯ୍ୟୋଦୟ ପୂର୍ବରୁ ଫେରାଇ ଦିଆଯାଇଥାଏ । ଶେଷଦିନ ପୂର୍ବାହ୍ନରେ ଗ୍ରାମଦେବୀଙ୍କ ସ୍ଥାନରେ ପୂଜା ହୁଏ । ତାଙ୍କ ପାଖରେ ଛେଳି, ବୋଦା, କୁକୁଡ଼ା ଆଦି ବଳିପୂଜା କରାଯାଇଥାଏ । ଗ୍ରାମର ପ୍ରତ୍ୟେକ ଘରେ ନୂଆ ପତ୍ର, ଫୁଲ ଓ ଫଳ ପ୍ରଥମେ ଇଷ୍ଟଦେବୀ ଓ ପିତୃପୁରୁଷଙ୍କୁ ଅର୍ପଣ କରିବା ପରେ ନିଜେ ଖାଇଥାନ୍ତି । ଗାଁର ପ୍ରତି ପରିବାରରେ ବ୍ୟବହୃତ ପୁରୁଣା ସାମଗ୍ରୀ ଯଥା- କଂନ୍ଥା, ତକିଆ, ଝାଡୁ, କୁଲା, ପାଟିଆ, ଚପଲ ଆଦିକୁ ଗାଁ ମୁଣ୍ଡରେ ପରିତ୍ୟାଗ କରାଯାଏ । ଏହାକୁ "ମେଲାଣି' କୁହାଯାଏ ।

## ୨. ଅଠର ଦେଉଳ ପୂଜା

ଏହା ବାଥୁଡ଼ିମାନଙ୍କର ସବୁଠାରୁ ବଡ଼ ପୂଜା । ଡାଳିପୂଜା ପରେ ପରେ ଏହା ପାଳିତ ହୋଇଥାଏ । ପ୍ରତିବର୍ଷ ଚୈତ୍ରମାସର ଦ୍ୱିତୀୟ ପକ୍ଷରେ ଏହି ପୂଜା ପାଳନ କରାଯାଇଥାଏ । ଅଠର ଦେଉଳ ପୂଜାରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ବାଥୁଡ଼ି ଭକ୍ତମାନେ ଅଂଶଗ୍ରହଣ କରିଥାନ୍ତି । ଏହି ପୂଜା ପାଳନ ପୂର୍ବରୁ ଅଠର ଦେଉଳ ପୂଜକ(ମହାପାତ୍ର) ଏହି ତିନୋଟି ଜିଲ୍ଲାର ପ୍ରତି ବାଥୁଡ଼ି ଗ୍ରାମମାନଙ୍କୁ ନିମନ୍ତ୍ରଣ ପଠାଇଥାନ୍ତି । ମହାପାତ୍ରଙ୍କଠାରୁ ନିମନ୍ତ୍ରଣ ପାଇଲା ପରେ ବାଥୁଡ଼ି ଗ୍ରାମମାନଙ୍କରୁ ବହୁ ସଂଖ୍ୟାରେ ବାଥୁଡ଼ିମାନେ ପ୍ରାୟ ପନ୍ଦର ଦିନ ପର୍ଯ୍ୟନ୍ତ ଖାଇଲା ଭଳି ଖାଦ୍ୟ ସାମଗ୍ରୀ, ଚାଙ୍ଗୁ, ପୋଷାକ ଧରି ଶିମିଳିପାଳ ମଧ୍ୟରେ ଅବସ୍ଥିତ ଅଠର ଦେଉଳ ଅଭିମୂଖେ ଯାତ୍ରା କରନ୍ତି । ଅଧିକାଂଶ ନିଷ୍ଠାପର ଭକ୍ତ ନିଜ ଗାଁରୁ ଚାଲି ଚାଲି ଶିମିଳିପାଳର ଅଠର ଦେଉଳ ପର୍ଯ୍ୟନ୍ତ ଆସିଥାନ୍ତି । ହିଂସ୍ରଜନ୍ତୁପୂର୍ଣ୍ଣ ଶିମିଳିପାଳର ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଅଠର ଦେଉଳରେ ପହଁଚିବାକୁ ବାଥୁଡ଼ିମାନଙ୍କୁ ବହୁତ କଷ୍ଟ କରିବାକୁ ପଡ଼ିଥାଏ । ସମସ୍ତ ଭକ୍ତମାନେ ଧଳା ଧୋତି ପରିଧାନ କରିଥାନ୍ତି । ଧଳା ଧୋତି ବିନା ଅନ୍ୟ କୌଣସି ରଙ୍ଗର ବସ୍ତ୍ର ଅଠର ଦେଉଳ ଯାତ୍ରାରେ ବ୍ୟବହୃତ ହୋଇନଥାଏ । ଚାରି ଦିଗରୁ ଧାଡ଼ି ଧାଡ଼ି ହୋଇ ହଜାର ହଜାର ସଂଖ୍ୟାରେ ଭକ୍ତ ପୂଜା ପୂର୍ବରୁ ଶିମିଳିପାଳର ଅଠର ଦେଉଳ ନିକଟରେ ପହଁଚିଯାନ୍ତି । ନିର୍ଦ୍ଦିଷ୍ଟ ସମୟରେ ଯଥା ବିଧିରେ ପୂଜା କାର୍ଯ୍ୟ ଆରମ୍ଭ ହୁଏ । ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ଦେବଦେବୀଙ୍କୁ ପୂଜା ଆରାଧନା କରାଯାଏ । ବିଭିନ୍ନ ଗ୍ରାମରୁ ଆସିଥିବା ଦେହୁରୀମାନେ ଯଜ୍ଞରେ ଅଂଶଗ୍ରହଣ କରି ଘୃତାହୂତି ଦେଇଥାନ୍ତି । ଅଠର ଦେଉଳ ମହାପାତ୍ର ଏ ସମସ୍ତ କାର୍ଯ୍ୟରେ ପୌରୋହିତ୍ୟ କରିଥାନ୍ତି । ମହାପୂଜା ସାତଦିନ ଧରି ଚାଲେ । ଶିମିଳିପାଳରେ ଥିବା ଅଠରଟି ଦୈବୀସ୍ଥଳୀ(ଅଠର ଦେଉଳ)ରେ ପୂଜା କରାଯାଉଥିଲେ ମଧ୍ୟ ମୁଖ୍ୟପୂଜା ମାନବ ଦେଉଳ ପରିସରରେ ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତମାନେ ତମ୍ବୁ ପକାଇ ଏଠାରେ ରାତ୍ରୀ ଯାପନ କରିଥାନ୍ତି ।

## ୩. ଅଖାଣି (ବୈଶାଖୀ) ପର୍ବ

ମହା ବିଷୁବ ସଂକ୍ରାନ୍ତି ଦିନକୁ ବାଥୁଡ଼ିମାନେ "ଅଖାଣି' ବୋଲି କହିଥାନ୍ତି । ଏହାକୁ ଅନ୍ୟ ଅର୍ଥରେ "ଶିକାର ଯାତ୍ରା' ବୋଲି ବୁଝାଯାଏ । ପୂର୍ବରୁ ଏହା ଏକ ବଡ଼ ପର୍ବ ଭାବେ ପାଳନ କରାଯାଉଥିଲା । ମାତ୍ର ଏବେ

ବିଧି ରକ୍ଷା ପାଇଁ ଯଥାକଥା ପାଳନ କରାଯାଉଛି । ମହା ବିଷୁବ ସଂକ୍ରାନ୍ତି ଦିନ ପରଠାରୁ ବାଥୁଡ଼ିମାନେ ସମୂହ ପାରିଧି (ଶିକାର) କରିବାକୁ ଜଙ୍ଗଲ ମଧ୍ୟକୁ ବାହାରନ୍ତି । ଶିକାରକୁ ଯିବା ପୂର୍ବରୁ ସେମାନଙ୍କର ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଗ୍ରାମର ଦେହୁରୀଙ୍କ ଦ୍ୱାରା ପୂଜା କରାଯାଇଥାଏ । ଗ୍ରାମର ବାହାରେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏହି ପୂଜା କରାଯାଇଥାଏ । ଅସ୍ତ୍ରଶସ୍ତ୍ର ପୂଜା କରିବା ପରେ ବାଥୁଡ଼ିମାନେ ଶିକାର କରିବାକୁ ବାହାରନ୍ତି । ପୂର୍ବ କାଳରେ ଅଖାଣି ଦିନ ସକାଳେ ଗାଁ ଦାଣ୍ଡରେ ନିଆଁଜାଳି ସେଥିରେ ଏକ ଲୌହ ଖଡ଼ିକାକୁ ଗରମ କରାଯାଉଥିଲା । ଏହି ଖଡ଼ିକାର ନାମ "ଚିଳିକାଠି' (ଲୌହ ନିର୍ମିତ ତିନି ଅଙ୍କୁଶବିଶିଷ୍ଟ କାଠି) । ଏହି ଗରମ ଚିଳିକାଠି ସାହାଯ୍ୟରେ ଛୋଟ ପିଲାଙ୍କର ନାଭି ତଳେ ଦାଗ ଦିଆଯାଉଥିଲା । ଅଖାଣି ଦାଗ ଦ୍ୱାରା ଭବିଷ୍ୟତରେ ଅମ୍ଳ ଦୋଷ ଦେଖାଦିଏ ନାହିଁ ବୋଲି ବାଥୁଡ଼ିମାନେ ବିଶ୍ୱାସ କରୁଥିଲେ । ମାତ୍ର ଆଜିର ଦିନରେ ଏଭଳି ଏକ ଅମାନବୀୟ କର୍ମ ଦେଖିବାକୁ ମିଳେନାହିଁ । ଆଜିକାଲି ଅଖାଣି ଯାତ୍ରା ଅବସରରେ କେତେକ ଗ୍ରାମରେ ଛଉନୃତ୍ୟ, ପାଲା, ରାମଲୀଳା, ଚିଡ଼ିଆ ନାଚ, ଦାସକାଠିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବାର ଦେଖିବାକୁ ମିଳୁଛି ।

## ୪. ରଜପର୍ବ

ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ରଜ ସଂକ୍ରାନ୍ତି ପାଳନ କରାଯାଉଥିବାବେଳେ ବାଥୁଡ଼ିମାନେ ମଧ୍ୟ ଏହାକୁ ଆନନ୍ଦ ଉଲ୍ଲାସରେ ପାଳନ କରିଥାନ୍ତି । କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ବାସ କରୁଥିବା ବାଥୁଡ଼ିମାନେ ରଜ ସଂକ୍ରାନ୍ତିକୁ ରଜପର୍ବ ଭାବେ ପାଳନ କରିଥାନ୍ତି । ଏହା ତିନିଦିନ ଧରି ପାଳନ କରାଯାଇଥାଏ ।

ଗ୍ରୀଷ୍ମର ଅବସାନ ଓ ବର୍ଷାର ଆଗମନ ମଧ୍ୟରେ ମିଥୁନ ସଂକ୍ରାନ୍ତିକୁ ହିଁ ରଜ ସଂକ୍ରାନ୍ତି ଭାବେ ପାଳନ କରାଯାଇଥାଏ । ସାଧାରଣତଃ ରଜପର୍ବ ତିନିଦିନ ବ୍ୟାପି ଚାଲେ । ଜ୍ୟେଷ୍ଠ ମାସର ଶେଷ ଦିନଟି ପହିଲି ରଜ । ପହିଲି ରଜର ପୂର୍ବଦିନକୁ "ସଜବାଜ' ବା "ପାଣିବୁହା' ବୋଲି କୁହାଯାଏ । ଆଷାଢ଼ ମାସର ପ୍ରଥମ ଦିନଟି ମଝି ରଜ । ଏହାକୁ ରଜ ସଂକ୍ରାନ୍ତି କୁହାଯାଏ । ରଜ ପର୍ବର ମୁଖ୍ୟ ଆକର୍ଷଣ ହେଉଛି ଦୋଳି ଖେଳ ଓ ଦୋଳି ଗୀତ । ପ୍ରତ୍ୟେକ ବାଥୁଡ଼ି ଗାଁରେ ଦୋଳି ଲାଗିଥାଏ ଓ ଦୋଳିଗୀତ ବୋଲି ବାଥୁଡ଼ି ତରୁଣୀମାନେ ଜୀବନକୁ ଉପଭୋଗ କରନ୍ତି । ଦୋଳି ତିଆରି ଶେଷ ହେଲେ ଦୋଳି ପୂଜା ହୁଏ । ଗାଁର କୁମାରୀମାନେ ରଜ ପିଠାନେଇ ଦୋଳି ପାଖକୁ ଯାଆନ୍ତି । ତିନିଦିନ ଧରି ରଜ ଉତ୍ସବରେ ବାଥୁଡ଼ି ଝିଅ ବୋହୂମାନେ ବିଭିନ୍ନ ଅଂଚଳ ବୁଲନ୍ତି ଏବଂ ଏହି ସମୟରେ ଝିଅମାନେ କାମଧନ୍ଦା କରନ୍ତି ନାହିଁ । ଏହି ସମୟରେ ମାଟି ମଧ୍ୟ ଖୋଳାଯାଏ ନାହିଁ । ପୃଥିବୀମାତାକୁ କଷ୍ଟ ଦେଲା ଭଳି କିଛି କାର୍ଯ୍ୟ କରାଯାଏ ନାହିଁ । ଶେଷ ଦିନ ହେଉଛି ରଜ ବିଦାୟର ପର୍ବ । ଗ୍ରାମର ଝିଅଠାରୁ ବୃଦ୍ଧାମାନେ ରଜକୁ ବିଦାୟ ଦିଅନ୍ତି । ଗାଁ ଝିଅମାନେ ବରକନ୍ୟା ବସନ୍ତି । ଏହି ଅବସରରେ ବାଥୁଡ଼ି ଯୁବତୀମାନେ ଦୋଳିଗୀତ ଗାଇ ସମୟକୁ ଉପଭୋଗ କରନ୍ତି ।

ବାଥୁଡ଼ିମାନେ ବସୁ ଓ ବାସୁକୀର ବଂଶଜ ବୋଲି ଦାବି କରନ୍ତି । ଏଣୁ ରଜ ତିନିଦିନ କୃଷି କର୍ମ ନିଷିଦ୍ଧ କରାଯାଏ । କାରଣ ଏହି ସମୟରେ ପୃଥିବୀମାତା ରଜୋବତୀ ହୋଇଥାଏ । ରଜୋବତୀ ନାରୀ ପରି

ଏହି ସମୟରେ ଧରଣୀ ଅସ୍ପୃଶ୍ୟା ହୋଇଥାଏ । ପୂର୍ବରୁ ଜମି ହଳ କରି ବୁଣାବୁଣି କାର୍ଯ୍ୟରେ କ୍ଲାନ୍ତ ହୋଇପଡ଼ିଥିବା ଚାଷୀମାନେ ରଜ ତିନିଦିନ ବିଶ୍ରାମ ନେବା ସାଙ୍ଗକୁ ମଜାମଉଜ କରନ୍ତି ଓ ଭାବି ଫସଲର ବେଉସଣ ପାଇଁ ଶକ୍ତି ସଂଚୟ କରନ୍ତି । ଧରିତ୍ରୀ ରଜୋବତୀ ହେଉଥିବା କାରଣରୁ ବାଥୁଡ଼ିମାନଙ୍କୁ ଖାଲିପାଦରେ ଭୂମି ଉପରେ ଚାଲିବା ମଧ୍ୟ ମନା ଥାଏ । ଗ୍ରାମର ଯୁବତୀମାନେ କଦଳୀ ପଟୁଆ, ଗୁଆ ଖୋଳପା ପ୍ରଭୃତି ପାଦରେ ବାନ୍ଧି ଭୂମି ଉପରେ ଚାଲନ୍ତି । ରଜ ଅବସରରେ ବାଥୁଡ଼ି ଯୁବତୀମାନଙ୍କୁ ବାଟଣ ବାଟିବା, ପରିବା କାଟିବା ମଧ୍ୟ ବାରଣ କରାଯାଇଥାଏ । ଶେଷ ଦିନ ବସୁମତି ଗାଧୁଆ କରାଯାଇଥାଏ ।

### ୫. ତିର୍ତୀୟା ପୂଜା (ଅକ୍ଷି ତୃତୀୟା ପୂଜା)

ଅକ୍ଷି ତୃତୀୟା ବା ତିର୍ତୀୟା ଏକ କୃଷିଭ ିକ ପର୍ବ । ଏହି ପର୍ବ ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ଦିନ ପାଳନ କରାଯାଇଥାଏ । ବାଥୁଡ଼ିମାନେ ଏହି ପର୍ବଟିକୁ ଦୁଇଦିନ ଧରି ପାଳନ କରିଥାନ୍ତି । ଭଲ 'ସଲ ହେବା ଉଦ୍ଦେଶ୍ୟରେ ବାଥୁଡ଼ି ଗ୍ରାମର ଚାଷୀମାନେ ଏହି ପର୍ବକୁ ବେଶ୍ ଆନନ୍ଦ ଉଲ୍ଲାସର ସହ ପାଳନ କରିଥାନ୍ତି । ଏହାକୁ "ମୁଠିଛୁଆଁ' ପର୍ବ ମଧ୍ୟ କୁହାଯାଏ । ତିର୍ତୀୟା ଦିନ ମୁଠି ଅନୁକୂଳ କଲାପରେ ବାଥୁଡ଼ିମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥା'ନ୍ତି । ଅକ୍ଷିତୃତୀୟା ପରେ ପରେ ବର୍ଷା ଉପରେ ନିର୍ଭର କରି ବାଥୁଡ଼ିମାନେ କୃଷି କାର୍ଯ୍ୟକୁ ଆଗକୁ ବଢ଼େଇଥା'ନ୍ତି । ତିର୍ତୀୟା ପର୍ବରେ ପରିବାରର ବୟସ୍କ ସଦସ୍ୟ ମୁଠି ଅନୁକୂଳ କରିଥାନ୍ତି । ଦେହୁରୀଙ୍କ ଘରୁ ସଂଗୃହୀତ ଧାନକୁ ଥାନପତି(ଠାକୁରାଣୀ)ଙ୍କ ନିକଟରେ ପୂଜା କରିବା ପରେ ଏହାକୁ ପ୍ରତି ବାଥୁଡ଼ି ଘରକୁ ଗୋଟିଏ ଗୋଟିଏ ଚଉପତି(ଦନା)ରେ ଭାଗ କରାଯାଇ ପ୍ରଦାନ କରାଯାଇଥାଏ । ବାଥୁଡ଼ିମାନେ ଏହି ଧାନକୁ ନେଇ ନିଜ ଘରେ ଥିବା ଧାନ ସହିତ ମିଶାଇ ଅକ୍ଷି ମୁଠି ଅନୁକୂଳ କରିବାକୁ ନିଜ ନିଜର କ୍ଷେତକୁ ଯାଆନ୍ତି ।

### ୬. ମାଜଣା

ଅକ୍ଷି ତୃତୀୟା ପୂଜା ପରେ ବାଥୁଡ଼ିମାନେ କ୍ଷେତରେ ବିହନ ବୁଣିଥାନ୍ତି । ଜମି ଚାଷ କରି ବିହନ ବୁଣିବାକୁ ବର୍ଷାର ଆବଶ୍ୟକ ହୋଇଥାଏ । ମାତ୍ର କେଉଁ କେଉଁ ବର୍ଷ ଉପଯୁକ୍ତ ବର୍ଷାର ଅଭାବ ଦେଖାଦିଏ । ଫଳରେ ବର୍ଷାପାଇଁ ବାଥୁଡ଼ିମାନେ ଗ୍ରାମର ଦେବଦେବୀଙ୍କ ଶରଣ ପଶନ୍ତି । ଏହି ପୂଜାକୁ "ମାଜଣା' ବା "ଦେବତା ଗାଧା' କୁହାଯାଏ । ଗାଁର ସମସ୍ତ ଲୋକେ ପୂଜା ସାମଗ୍ରୀ ଧରି ଠାକୁରାଣୀ ଶାଳକୁ ଯାଆନ୍ତି । ଦେବୀଙ୍କୁ ଶୀତଳ ପୂଜା ପ୍ରଦାନ ପରେ ଯଜ୍ଞର ଆୟୋଜନ କରାଯାଇଥାଏ । ଗ୍ରାମର ବଡ଼ାମ ଶାଳ ଓ ବାସେଳୀ ଶାଳରେ ମଧ୍ୟ ପୂଜା ହୋଇଥାଏ । ପୂଜା ପରେ ଦୁଇପ୍ରକାର ଜଳ (କାଦୁଅଯୁକ୍ତ ପାଣି ଓ ସ୍ୱଚ୍ଛ ପାଣି)ରେ ଦେବସ୍ଥାନକୁ ଧୋଇ ଦିଆଯାଏ । ଏହାପରେ ଗ୍ରାମବାସୀ କାଦୁଅଯୁକ୍ତ ପାଣିରେ ହୋଲି ଖେଳନ୍ତି । ହୋଲି ଖେଳର କାଦୁଅ ପାଣିରେ ଗାଁର ଦାଣ୍ଡ, ଘରର କାନ୍ଥ, କବାଟ ଆଦିକୁ କାଦୁଅ କରିଦିଆଯାଏ । ଦେବତାମାନେ ବର୍ଷା କରାଇ ଏସବୁ କାଦୁଅକୁ ପରିଷ୍କାର କରିବେ ବୋଲି ବାଥୁଡ଼ିମାନେ ବିଶ୍ୱାସ କରନ୍ତି । ହୋଲି ପରେ ସମସ୍ତେ ଏକତ୍ରିତ ହୋଇ ଗାଧୋଇଥା'ନ୍ତି । ବର୍ଷା ହେଉ ନହେଉ ପ୍ରତିବର୍ଷ ଜ୍ୟେଷ୍ଠ ବା ଆଷାଢ଼ ମାସରେ ବାଥୁଡ଼ିମାନେ "ମାଜଣା' ବା "ଦେବତା ଗାଧା' କରିଥାନ୍ତି ।

## ୭. ଅଷାଳି ପୂଜା(ଆଷାଢ଼ି ପୂଜା)

ଅକ୍ଷି ତୃତୀୟା ପୂଜା ପରେ ବାଥୁଡ଼ିମାନେ ଚାଷ କାର୍ଯ୍ୟ ଆରମ୍ଭ କରନ୍ତି । ଧାନ, ମକା, ଗୁଲୁଦି, ରାହ୍ଲି(ହରଡ଼), ଖସା, ମାଣ୍ଡିଆ ଆଦି ବୁଣି ସାରିଥାନ୍ତି । ମୌସୁମୀ ବାୟୁ ପ୍ରବାହରେ ବିଳମ୍ବ ହେଲେ ଚାଷ କାର୍ଯ୍ୟ ମଧ୍ୟ ବିଳମ୍ବ ହୋଇଥାଏ । ରଜ ପର୍ବ ପରେ ବାଥୁଡ଼ିମାନେ ବେଉଷଣ କରିବା ପାଇଁ ତତ୍ପର ହୋଇ ଉଠନ୍ତି । ସକାଳୁ ସଂଜ ଯାଏ ରୁଆ ଓ ଉପଡ଼ା କାର୍ଯ୍ୟରେ ବାଥୁଡ଼ିମାନେ ବ୍ୟସ୍ତ ରହନ୍ତି । ଏଣୁ ବର୍ଷାଋତୁରେ ବିଲବାଡ଼ିରେ କାମ କରିବା ପୂର୍ବରୁ ବାଥୁଡ଼ିମାନେ ଗ୍ରାମ ଠାକୁରାଣୀଙ୍କ ନିକଟରେ ପୂଜା କରିଥାନ୍ତି । ଏହାକୁ "ଅଷାଳି ପୂଜା' କୁହାଯାଏ । ଆଷାଢ଼ ମାସରେ ଏହି ପୂଜା ହେଉଥିବାରୁ ଏହାର ଏପରି ନାମକରଣ ହୋଇଛି । ଅଷାଳି ପୂଜାରେ ମଧ୍ୟ ଠାକୁରାଣୀଙ୍କ ନିକଟରେ ଛେଳି, କୁକୁଡ଼ା ବଳି ଭୋଗ କରାଯାଇଥାଏ । ପ୍ରତି ଘରୁ ଜଣେ ଦୁଇଜଣ ଏହି ପୂଜାରେ ଅଂଶଗ୍ରହଣ କରିଥାନ୍ତି । ଏହି ପୂଜାବେଳେ ବାଥୁଡ଼ିମାନେ ଠାକୁରାଣୀଙ୍କ ପାଖରେ କେନ୍ଦୁ ଗଛର ଡାଳ ରଖି ପୂଜା କରନ୍ତି । ଠାକୁରାଣୀ ଶାଳରୁ ଫେରିବାବେଳେ ବାଥୁଡ଼ିମାନେ କେନ୍ଦୁଡାଳ ଖଣ୍ଡେ ଖଣ୍ଡେ ଆଣି ନିଜ ଚାଷ ଜମିରେ ପୋତି ଦିଅନ୍ତି । ଏହାଦ୍ୱାରା ଦୁଷ୍ଟ ଶକ୍ତିର ଦୃଷ୍ଟି ପଡ଼ିଲେ ମଧ୍ୟ ଫସଲର ଅନିଷ୍ଟ ହୁଏ ନାହିଁ ।

## ୮. ଗହ୍ମା ପୂନେଇଁ

ବାଥୁଡ଼ିମାନଙ୍କର ମୁଖ୍ୟ ଦେବତା ବଡ଼ାମଙ୍କ ଜନ୍ମ ଉତ୍ସବକୁ "ଗହ୍ମା ପୂନେଇ' ଭାବେ ପାଳନ କରାଯାଇଥାଏ । ଏହା ଶ୍ରାବଣ ପୂର୍ଣ୍ଣିମା ଦିନ ପାଳିତ ହୋଇଥାଏ । ଏହାକୁ ରାକ୍ଷୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହିଦିନ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିଥାନ୍ତି । କେବଳ ସେତିକି ନୁହେଁ; ବିଭିନ୍ନ ଦେବାଦେବୀ ପୀଠରେ ଏହିଦିନ ଠାକୁରଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଝୁଲଣଯାତ୍ରାର ପୂର୍ବଦିନକୁ "ବଳଭଦ୍ର ଗହ୍ମା' କୁହାଯାଏ । ବାଥୁଡ଼ିମାନେ ବଳଭଦ୍ର ଗହ୍ମାଦିନ ଗୋରୁଙ୍କୁ ସ୍ନାନ କରାଇ ଶିଙ୍ଗରେ ତେଲ ଲଗାଇ ଚିକ୍କଣ କରନ୍ତି । ଗୋରୁମାନଙ୍କ ମଥାରେ ସିନ୍ଦୁର, ହଳଦୀ, ଅରୁଆ ଚାଉଳ ଓ ଦୀପ ଲଗାଇ ବନ୍ଦାପନା କରନ୍ତି । ଏହି ଅବସରରେ ବାଥୁଡ଼ିମାନଙ୍କ ଗ୍ରାମ ପୂଜକ (ଦେହୁରୀ) ଦେବଦେବୀଙ୍କ ଶାଳରେ ପୂଜା କରନ୍ତି ଏବଂ ପିତାଲୁ ଫୁଲ ଅର୍ପଣ କରନ୍ତି । ଦେହୁରୀ "ପୁନାସି' (ସବାଇଘାସ/ଜୁଣ)ରେ ବଉଳ ତିଆରି କରନ୍ତି । ପିତାଲୁ ଫୁଲ, ବନ୍ଦିରା ଫୁଲ ଆଦି ଅରଣ୍ୟର ଫୁଲ, ପତ୍ର ସହାୟତାରେ ଦେହୁରୀ ଏକ ରାକ୍ଷୀ ତିଆରି କରନ୍ତି; ଯାହାକୁ "ଗହ୍ମା ବଉଳ' କୁହାଯାଏ । ଦେହୁରୀ ଏଭଳି ବହୁ ସଂଖ୍ୟାରେ ଗହ୍ମା ବଉଳ ତିଆରି କରି ଶାଳମାନଙ୍କରେ ଥିବା ଦେବଦେବୀଙ୍କୁ ପିନ୍ଧାଇଥାନ୍ତି । ଗାଁର ପ୍ରତି ପରିବାର ଏଭଳି ଗହ୍ମା ବଉଳ ପ୍ରସ୍ତୁତ କରି ନିଜ ନିଜର ଘର ଚାଳରେ ବାନ୍ଧନ୍ତି । ଏହା ଫଳରେ ବାଥୁଡ଼ିମାନଙ୍କ ଘର ସୁରକ୍ଷିତ ରହେ ବୋଲି ବିଶ୍ୱାସ ରହିଛି ।

## ୯. ନୂଆଖିଆ ପର୍ବ (ଆଶୁ ଧାନ ନୂଆଖିଆ)

ଅନ୍ୟ ଆଦିବାସୀ ଗୋଷ୍ଠୀ ଏବଂ ପଶ୍ଚିମ ଓଡ଼ିଶାରେ ପାଳିତ "ନୂଆଖିଆ' ପର୍ବ ଭଳି ବାଥୁଡ଼ିମାନେ ମଧ୍ୟ ଆଶୁ ଧାନ ନୂଆଖିଆ ପର୍ବ ପାଳନ କରନ୍ତି । ପ୍ରତିବର୍ଷ ଭାଦ୍ରବ ମାସ ବେଳକୁ ଗଡ଼ାଣିଆ ଜମିରେ ସଅଳ କିସମ ଧାନ (ଆଶୁ ଧାନ) ଅମଳ ହେବା ପୂର୍ବରୁ ଏହି ଉତ୍ସବର ଆୟୋଜନ କରାଯାଇଥାଏ । ବର୍ଷର ନୂଆଫୁଲ,

ନୂଆଫଳ ଓ ନୂଆମୂଳ, ପତ୍ରକୁ ଖାଇବା ପୂର୍ବରୁ ବାଥୁଡ଼ିମାନେ ନିଜ ଇଷ୍ଟ ଦେବଦେବୀ ଓ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି । ଭାଦ୍ରବ ମାସରେ ବାଥୁଡ଼ିମାନେ "ଗୋଡ଼ା ଧାନ' (ଆଶୁ ଧାନ) ଅମଳ କରନ୍ତି । ମାତ୍ର ଏହାକୁ ଭକ୍ଷଣ କରିବା ପୂର୍ବରୁ ସେମାନେ ଠାକୁର, ଠାକୁରାଣୀଙ୍କୁ ଅର୍ପଣ କରିଥାନ୍ତି । ଏହାକୁ "ନୂଆଖିଆ' କହନ୍ତି । ପ୍ରତି ରବିବାରରେ ନୂଆ ହାଣ୍ଡିରେ ନୂଆ ଚାଉଳର ଅନ୍ନ ରନ୍ଧାଯାଇ ଇଷ୍ଟ ଦେବଦେବୀ ଓ ପତୃପୁରୁଷଙ୍କୁ ଅର୍ପଣ କରାଯିବା ପରେ ନିଜେ ଗ୍ରହଣ କରିଥାନ୍ତି । ଗ୍ରାମ ଠାକୁରାଣୀ ଶାଳରେ ନୂଆ ଚାଉଳ କ୍ଷୀରି ପ୍ରସ୍ତୁତ କରାଯିବା ସହ ବୋଦା, ଛେଳି ଓ କୁକୁଡ଼ା ବଳି ଦିଆଯାଇଥାଏ । ବାଥୁଡ଼ିମାନେ ନୂଆଖିଆ ଦିନର ପୂର୍ବ ରାତ୍ରୀରେ ମୁଚୁରୀ ଠାକୁରାଣୀଙ୍କ ପୂଜା କରିଥାନ୍ତି । ସାଧାରଣତଃ ମୁଚୁରୀ ଶାଳ ପୂଜା ନିଶାର୍ଦ୍ଧରେ ହୋଇଥାଏ । ମୁଚୁରୀ ଶାଳ ଗ୍ରାମ କୌଣସି ଖମାର (ବିଲମାଳ)ରେ କିମ୍ବା ଗାଁ ମୁଣ୍ଡରେ ଥାଏ । ରାତି ଅର୍ଦ୍ଧରେ ଦେହୁରୀ ମୁଚୁରୀ ଶାଳକୁ ଯାଇ ପୂଜା କାର୍ଯ୍ୟ ଆରମ୍ଭ କରନ୍ତି । ଗାଁର ଯୁବକମାନେ ମୁଚୁରୀ ଡାକିବାକୁ ଯାଆନ୍ତି । ନିର୍ଦ୍ଦିଷ୍ଟ ସ୍ଥାନରୁ ମୁଚୁରୀ ଡକା ଆରମ୍ଭ କରି ଖମାର ମଧ୍ୟ ଦେଇ ମୁଚୁରୀ ଶାଳ ପର୍ଯ୍ୟନ୍ତ ଆସିଥାନ୍ତି । ଯୁବକମାନେ ସାଙ୍ଗରେ ଏକ କଳା କୁକୁଡ଼ା ନେଇଥାନ୍ତି । ମୁଚୁରୀ ଡାକି ଡାକି ଆସିବା ସମୟରେ ସେହି ଜୀବନ୍ତ କଳା କୁକୁଡ଼ାର ପର ଉପାଡ଼ି ଉପାଡ଼ି ଆଗକୁ ଚାଲିଥାନ୍ତି । ପର ଉପାଡ଼ିଲାବେଳେ କୁକୁଡ଼ାର ଚିତ୍କାର ଶବ୍ଦ ଯେଉଁଳି ଅନ୍ୟ କେହି ନ ଶୁଣନ୍ତି ସେଥିନେଇ ଯୁବକମାନେ ଯତ୍ନବାନ୍ ହୁଅନ୍ତି । ଯୁବକମାନେ ଏହି ସମୟରେ ବଡ଼ ପାଟିରେ ଗୀତ ବୋଲନ୍ତି ।

"  "ଧଳା ମୁଚୁରୀ କଳା ମୁଚୁରୀ
ଆସରେ ବାରଭାଇ ଭେଣ୍ଡିଆ
ସାତ ମାଆ ଭଉଣୀ
ସଅଁରା ଧାନର ଖଇ
ସଅଁରା ଧାନର ପିଠା
ବଳି ଭୁଗ ପାଇବ ତ, ଆସରେ...
ଝଳା, ମଣଦା ପାତାଳେ ପଶ
ନକ୍ଷ୍ମୀ ଠାକୁରାଣୀ ଉପରେ ବସ ।''

## ୧୦. ଦଶନ୍ଦ (ଦଶନ୍ଧି) ପୂଜା

ଅତୀତରେ ବାଥୁଡ଼ିମାନେ ଶିମିଳିପାଳ ଘଞ୍ଚ ଅରଣ୍ୟରେ ରହୁଥିଲେ । କାଳକ୍ରମେ ଶିମିଳିପାଳ ପରିତ୍ୟାଗ କରି ନୂତନ ଗ୍ରାମ ପ୍ରତିଷ୍ଠା କରି ବିଭିନ୍ନ ସ୍ଥାନରେ ବସବାସ କରିବା ଆରମ୍ଭ କଲେ । ନୂତନ ଗ୍ରାମ ପ୍ରତିଷ୍ଠା କରିବା ପୂର୍ବରୁ ନୂତନ ସ୍ଥାନରେ ବାଥୁଡ଼ିମାନେ କାଠରେ ଏକ ଖୁଣ୍ଟି ସ୍ଥାପନ କରି ପୂଜା କରିଥାନ୍ତି । ଏହି ଖୁଣ୍ଟିକୁ ବାସେଳି ଖୁଣ୍ଟି କୁହାଯାଏ । ବାସେଳି ଖୁଣ୍ଟିକୁ କେନ୍ଦ୍ର କରି ସେଠାରେ ଯେଉଁ ଉପାସନାସ୍ଥଳୀ ସୃଷ୍ଟି ହେଲା, ତାହାକୁ ବାସେଳି ବା ବାସୁଳି (ବାସୁକି ଶାଳ) ଶାଳ କୁହାଗଲା । ଏହା ବାଥୁଡ଼ିମାନଙ୍କର ଆଦ୍ୟ ଦେବତା ଏବଂ ଆଦ୍ୟ ଉପାସନାସ୍ଥଳୀ । ଏହି ଶାଳରେ ପ୍ରତି ଦଶବର୍ଷ ବ୍ୟବଧାନରେ ଯେଉଁ ପୂଜା ଅନୁଷ୍ଠିତ ହୁଏ, ତାହାକୁ ଦଶନ୍ଦ ପୂଜା କୁହାଯାଏ । ଏହି ପୂଜା ବାଥୁଡ଼ିମାନଙ୍କର ମୂଳ ପୂଜା । ଏହି ପୂଜା ଯୋଗୁଁ ଗ୍ରାମକୁ କୌଣସି ବିପଦ

ପଡ଼ି ନଥାଏ ଏବଂ ଗ୍ରାମ ସୁରକ୍ଷିତ ରହେ । କାଠ ନିର୍ମିତ ବାସୁକି ଖୁଣ୍ଟକୁ ପ୍ରତି ଦଶ ବର୍ଷରେ ଥରେ ପରିବ ର୍ନ କରାଯାଇଥାଏ । ଏହାକୁ ଜଗନ୍ନାଥଙ୍କ ନବକଳେବର ସହିତ ତୁଳନା କରାଯାଇଥାଏ । ବାସୁକି ଖୁଣ୍ଟ ସାଧାରଣତଃ ଶାଳ ଗଛର କାଠରୁ ନିର୍ମିତ ହୋଇଥାଏ । ଏହାକୁ ମାଟିରେ ପୋତା ଯାଉଥିବାରୁ ପ୍ରତି ଦଶ ବର୍ଷରେ ଥରେ ପରିବ ର୍ନ କରାଯିବାର ଆବଶ୍ୟକତା ଥାଏ । ଏହି ପୂଜାଟି ବାଥୁଡ଼ିମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ପୂଜାରେ ଏକ ନିର୍ଦ୍ଦିଷ୍ଟ ରଙ୍ଗର ଘୁଷୁରୀ, କଳା ରଙ୍ଗର ବୋଦା, କଳା କୁକୁଡ଼ା ବଳି ପକାଯାଇଥାଏ । ପୂଜାଟି ଏକ ନିଷିଦ୍ଧ ପୂଜା ହୋଇଥିବାରୁ କେବଳ ଅମାବାସ୍ୟା ରାତିରେ ଏହା ଅନୁଷ୍ଠିତ ହୋଇଥାଏ । ବଳି ପଡ଼ିଥିବା ଘୁଷୁରି, ବୋଦା, କୁକୁଡ଼ା ସେହିଠାରେ ରୋଷେଇ ହେବାପରେ ନିଷ୍ଠାର ସହ ପୂଜା କରୁଥିବା ବାଥୁଡ଼ିମାନେ ରନ୍ଧାଯାଇଥିବା ମାଂସ ଖାଇଥାନ୍ତି । ଏହାକୁ ଘରକୁ ନିଆଯାଏ ନାହିଁ ।

## ୧୧. ବିଲ ପୂଜା ବା ଶୁକ୍ରବାର ପୂଜା

ଏହା ଏକ କୃଷିଭ ିକ ପର୍ବ । ବିଲରେ ଧାନ ଥିବା ସମୟରେ ବାଥୁଡ଼ିମାନେ ନିର୍ଦ୍ଦିଷ୍ଟ ଭାବେ ଶୁକ୍ରବାର ଦିନ ଏହି ପୂଜା କରୁଥିବାରୁ ଏହାକୁ "ଶୁକ୍ରବାର କରିବା' ବୋଲି କୁହାଯାଇଥାଏ । ଏହି ପୂଜାରେ ସ୍ଥଳ ବିଶେଷରେ କୁକୁଡ଼ା, ବୋଦା ବଳି ଦିଆଯାଇଥାଏ । ଏହା ସହିତ ଖଇ, ଉଖୁଡ଼ା, ଖିରୀ, କୁଣ୍ଡାପିଠା ଏବଂ ଗଞ୍ଜେଇ ଭୋଗ ଦିଆଯାଇଥାଏ ।

## ୧୨. ଚଳେଇହୁଳି ପୂଜା

ନୂଆଖିଆ ପୂଜା ସମୟରେ ଆଶ୍ୱିନ ମାସ ବେଳକୁ ବାଥୁଡ଼ି ସଂପ୍ରଦାୟ ଚଳେଇହୁଳି ପୂଜା କରିଥାନ୍ତି । ଏହା ବି ଏକପ୍ରକାର ନୂଆଖିଆ ପର୍ବ ଭଳି । ଏହି ପୂଜା ଗାଁ ଠାକୁରାଣୀ ଶାଳରେ ଅନୁଷ୍ଠିତ ହୋଇଥାଏ । ଗାଁର ଦେହୁରୀ (ପୂଜକ) କେବଳ ଏହି ପୂଜା କରିଥାନ୍ତି । ସାଧାରଣ ଲୋକମାନେ ଏହି ପୂଜାରେ ଯୋଗ ଦେଇନଥାନ୍ତି । ସାଧାରଣତଃ ଉଚ୍ଚ ଭୂମିରେ କରାଯାଇଥିବା ଧାନ ପାଚିଯିବା ପରେ ଦେହୁରୀ ପ୍ରଥମେ ନିଜ ବିଲରୁ ଅଳ୍ପ କିଛି ଧାନ (ଚଡ଼େଇ ଖାଇବା ପରିମାଣ) ଆଣି ସେଥିରୁ ଚାଉଳ ପ୍ରସ୍ତୁତ କରନ୍ତି ଏବଂ ଠାକୁରାଣୀଙ୍କ ନିକଟରେ ଦେହୁରୀ ପୂଜା କରିବା ପରେ ଅନ୍ୟମାନେ ନୂଆ ଖାଇଥାନ୍ତି ।

## ୧୩. କ୍ଷେତବଢ଼ା

ଏହା ମଧ୍ୟ ଏକ କୃଷି ଭି ିକ ପର୍ବ ଏବଂ ପ୍ରତିବର୍ଷ ମାର୍ଗଶୀର-ପୌଷ ମାସରେ ପାଳିତ ହୋଇଥାଏ । ସାଧାରଣତଃ ବିଲରେ ଧାନ କଟା ସରିଯିବାକୁ କ୍ଷେତବଢ଼ା ବା କ୍ଷେତରେ କାମ ଶେଷ ହୋଇଗଲା ବୋଲି ବୁଝାଯାଏ । ବିଲରେ ଧାନକଟା ସଂପୂର୍ଣ୍ଣ ଶେଷ ହେବା ପରେ ଅଳ୍ପ କିଛି ଧାନଗଛ ଛାଡ଼ି ଦିଆଯାଇଥାଏ । ଏହି ଧାନଗଛକୁ ବିଲର ସାର ବା ଲକ୍ଷ୍ମୀ ବୋଲି କୁହାଯାଏ । ଧାନ କ୍ଷେତରେ ପୂଜାର୍ଚ୍ଚନା କରାଯିବା ପରେ ଧାନ ଖଳାକୁ ଆସେ । ଧାନ ଖଳାରେ ମଧ୍ୟ ପୂଜାର୍ଚ୍ଚନା କରାଯାଏ । ଧାନଖଳାରୁ ଘରକୁ ଆସିବା ପରେ ଧାନଖଳାରେ ପୂଜା କରାଯାଇଥାଏ । ଏହି ପୂଜା ଧାନ ବିଲରେ, ଖଳାରେ ଏବଂ ଘରେ ଅନୁଷ୍ଠିତ ହୋଇଥାଏ ।

## ୧୪. ଜଟାଳ ବା ଜନ୍ତାଳ ପୂଜା

ଏହା ବି ଏକ କୃଷି ଭି ିକ ପର୍ବ । ବର୍ଷର ପ୍ରାୟ ଶେଷ ସମୟରେ ଏହା ଅନୁଷ୍ଠିତ ହୋଇଥାଏ ।କ୍ଷେତରୁ ଧାନକଟା ଶେଷ ହେବା ଏବଂ କ୍ଷେତ ବଢ଼ାଯିବା ପରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ । ଧାନ ଅମଳ ହୋଇଯିବା ପରେ ନଡ଼ାକୁ ଜାଳି ଏହି ପୂଜା କରାଯାଉଥିବାରୁ ଏହାକୁ ନଡ଼ା ପୂଜା (ନଳା ପୂଜା) ବା "ନଳାଛେଦ' କୁହାଯାଏ । ସାଧାରଣତଃ ଜଟାଳଶାଳ ଗ୍ରାମର ଖମାର ବା କ୍ଷେତ ନିକଟରେ ଥାଏ । ଜଟାଳ ପୂଜା ପୂର୍ବରୁ ଗ୍ରାମର ବଡାମ ଶାଳରେ ପ୍ରଥମେ ପୂଜା ହୋଇଥାଏ । ଏହାପରେ ଅନ୍ୟ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଗ୍ନି ପୂଜା ହୋଇଥାଏ । ଏହାକୁ "ମାଘପୋଡ଼ି' ବୋଲି କୁହାଯାଏ । କିଛି ନଡ଼ା (ପାଳ)କୁ ଏକତ୍ର କରି ତା' ଭିତରେ ଗୋଟିଏ କୁକୁଡ଼ା ଚିଆଁ ରଖାଯାଏ । ଚିଆଁ ବାହାରକୁ ଆସିପାରିବା ଭଳି ଏକ ବାଟ ରଖାଯାଇଥାଏ । ପୂଜା ପରେ ପାଳଗଦାରେ ନିଆଁ ଲଗାଇଦେଲେ ଚିଆଁଟି ସେଥିରୁ ବାହାରି ଦୌଡ଼ି ପଳାଇଯାଏ । ପରେ ଏହି ଚିଆଁକୁ ମାରି ପିଲାମାନେ ଖାଇଥାନ୍ତି । ଏହି ପୂଜାରେ ଛେଳି ଓ କୁକୁଡ଼ା ବଳି ପଡ଼ିଥାଏ ।

## ୧୫. ଖଳାପୂଜା

ଖଳାରେ ଧାନ ଥିବା ସମୟରେ ମାର୍ଗଶୀର ମାସର ପ୍ରତି ଗୁରୁବାର ଦିନ ଶୀତଳ ଭୋଗ ଦେଇ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ଏହି ସମୟରେ ଧାନ ମଳିବା ବା ବେଙ୍ଗଳା ପକାଇବା କାମ ବନ୍ଦ ରହିଥାଏ । ଖଳାରେ ଧାନ ଜଗିବା ପାଇଁ ଛୋଟ କୁମା(ପଲା) ତିଆରି କରାଯାଏ । ମାଣବସାର ଶେଷ ଗୁରୁବାର ଦିନ ଖଳା ପୂଜା ସାରିବା ପରେ ଧାନକୁ ଘରକୁ ନିଆଯାଇଥାଏ । ସାଧାରଣତଃ ଖଳାପୂଜା ଜଟାଳ ପୂଜା ଦିନ ହୋଇଥାଏ । ଏହାକୁ "ଖଳା ଉଠାଣି' ପୂଜା ମଧ୍ୟ କୁହାଯାଇଥାଏ ।

## ୧୬. ମକର ସଂକ୍ରାନ୍ତି

କେବଳ ବାଥୁଡ଼ି ଜନଜାତିରେ ସୀମିତ ନ ରହି ମକର ପର୍ବ ସମଗ୍ର ଉ ର ଓଡ଼ିଶାର ଗଣପର୍ବର ମାନ୍ୟତା ଲାଭ କରିପାରିଛି । ଏହା ଏ ଅଂଚଳର ସାମାଜିକ ଓ ସାଂସ୍କୃତିକ ଜୀବନଧାରାକୁ ବହୁଳ ଭାବେ ପ୍ରଭାବିତ କରିଥାଏ ।

ମକର ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲାର ସାପ୍ତାହିକୀ ହାଟଗୁଡ଼ିକରେ କୁକୁଡ଼ା ଲଢ଼େଇ ସହ ପାରଂପରିକ ଜୁଆଖେଳ, କ୍ରିକେଟ୍, ଫୁଟବଲ ଓ ଅନ୍ୟାନ୍ୟ ପାରଂପରିକ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଚାଲେ । ସଂକ୍ରାନ୍ତି ସ ୍ ଏହି ଦିନ ପ୍ରାୟ ସମସ୍ତଙ୍କ ଘରେ ମାଛ, କୁକୁଡ଼ା ଓ ଖାସି ମାଂସ ଭଳି ଆମିଷ ଭୋଜନ ହୋଇଥାଏ । ବନ୍ଧୁତ୍ୱକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମଣିଷ ମଣିଷ ମଧ୍ୟରେ ସହି ସଂଗାତ, ମକର, ବଉଳ ଆଦି ବସିଥାଏ । ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ପରିବାରର ସମସ୍ତ ସଦସ୍ୟ ନଦୀ ଓ ଅନ୍ୟାନ୍ୟ ଜଳାଶୟଗୁଡ଼ିକରେ "ମକର ବୁଡ଼' ପକାଇଥାନ୍ତି । ବୈତରଣୀର କେଶରୀକୁଣ୍ଡ, ରାମତୀର୍ଥ, ରୂପାକୁଣ୍ଡ, ଦୋ-ମୁହାଣୀ, ତିନିଧାରିଆ, ଭୀମକୁଣ୍ଡରେ ବୁଡ଼ ପକାଇଲେ ସବୁଠୁ ଅଧିକ ପୁଣ୍ୟ ମିଳିଥାଏ । ସେହିପରି ଯଶୀପୁର, କରଂଜିଆ, ଠାକୁରମୁଣ୍ଡା, ରାଣୀବନ୍ଧ, ବାମନଘାଟି, ବହଳଦା, କୁସୁମୀ, ବଡ଼ଯୋଡ଼, ବୈଶିଙ୍ଗା, ବେତନଟୀ,

ବାଲିଡିହା, ମଣଦାହଡ଼ଦା, ଜାନୁମ୍ଘୁଟୁ ଆଦି ସ୍ଥାନରେ ବଡ଼ ଧରଣର ମକରମେଳା ଅନୁଷ୍ଠିତ ହୋଇଥାଏ । ସବୁଠୁ ବଡ଼ ମକରମେଳା ରରୁଆଁ ବ୍ଲକ୍ ଅନ୍ତର୍ଗତ କେଶରୀକୁଣ୍ଡ, ଠାକୁରମୁଣ୍ଡାର ଭୀମକୁଣ୍ଡ, ବାମନଘାଟିର ହଡ଼ଦା ଓ ଜାନୁମ୍ଘୁଟୁ ଆଦି ସ୍ଥାନରେ ହୋଇଥାଏ । ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ ।

ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ଜନଜୀବନ ଓ ମକରମେଳା ପରସ୍ପର ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ । ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ମକରମେଳାରେ ବାଥୁଡ଼ି, ସାନ୍ତାଳ, ଖଡ଼ିଆମାଙ୍କିଡ଼ିଆ, ଲୋଧା, ଭୂମିଜ ସଂପ୍ରଦାୟର ଯୁବକ, ଯୁବତୀମାନେ ନିଜ ନିଜର ଜୀବନସାଥୀ ଚୟନ କରିବାର ସୁଯୋଗ ଲାଭ କରିଥାନ୍ତି । ମକର ମେଳାରେ ବାଥୁଡ଼ି ଯୁବକ, ଯୁବତୀମାନେ ଏକତ୍ରିତ ହୋଇଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ମନ ଦିଆନିଆ ହୁଏ । ମକର ମେଳା ଦିନ ଯେଉଁ ଯୁବକ-ଯୁବତୀ ପରସ୍ପରକୁ ଭଲ ପାଇ ବସନ୍ତି ଏବଂ ସେମାନଙ୍କର ମନ ମିଶେ, ପରବ ୍ତୀ ଦିନମାନଙ୍କରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି ।

ମକର ଉତ୍ସବ ସମୟରେ କେନ୍ଦୁଝର ସମେତ ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଂଚଳରେ ଗଞ୍ଜା ଲଢ଼େଇ ପ୍ରତିଯୋଗିତା ଦେଖିବାକୁ ମିଳିଥାଏ । ମକର ସଂକ୍ରାନ୍ତିର ପୂର୍ବ ଦିନକୁ "ବାଉଣ୍ଡି' କୁହାଯାଏ । "ବାଉଣ୍ଡି' ଦିନ ମକର ପର୍ବ ପାଳନ ପାଇଁ ଘରେ ଘରେ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଥାଏ । ଘରେ ଘରେ ଖାସି ମାଂସ ଓ ମାଛଭାତର ଆସର ଜମେ । ମକର ପାଇଁ ଦୋକାନ ବଜାର, ହାଟ ସଉଦା ସାଙ୍ଗକୁ ନୂତନ ବସ୍ତ୍ର ନିମନ୍ତେ ଶାଢ଼ୀ ଓ କପଡ଼ା ଦୋକାନରେ ଖୁବ୍ ଭିଡ଼ ଜମିଥାଏ ।

## ୧୭. ବର୍ଷମୁଣ୍ଡି ପୂଜା

ବର୍ଷମୁଣ୍ଡି ପୂଜା ସାଧାରଣତଃ ପୌଷ କିମ୍ବା ମାଘ ମାସରେ ପାଳିତ ହୋଇଥାଏ । ଏହି ପୂଜାକୁ ସଂକଳ୍ପ ପୂଜା ବୋଲି କୁହରଯାଇଥାଏ । ଏହା ଗାଁ ଦାଣ୍ଡରେ କିମ୍ବା ଗାଁ ମୁଣ୍ଡରେ ଅନୁଷ୍ଠିତ ହୋଇଥାଏ । ଗ୍ରାମବାସୀ, ଗୃହପାଳିତ ପଶୁପକ୍ଷୀ ଏବଂ ଚାଷବାସ ନିରାପଦରେ ରହିବା ଉଦ୍ଦେଶ୍ୟରେ ଏହି ପୂଜା କରାଯାଇଥାଏ । ବର୍ଷର ଶେଷରେ କିମ୍ବା ଆରମ୍ଭରେ ଏହି ପୂଜା ହେଉଥିବାରୁ ଏହାକୁ ବର୍ଷମୁଣ୍ଡି ପୂଜା କୁହାଯାଏ ।

## ୧୮. ଡାକ ସଂକ୍ରାନ୍ତି

କାର୍ ିକ ମାସରେ ପଡୁଥିବା ତୁଳା ସଂକ୍ରାନ୍ତି (ଗର୍ଭଣା ସଂକ୍ରାନ୍ତି)କୁ ବାଥୁଡ଼ିମାନେ ଡାକ ସଂକ୍ରାନ୍ତି ଭାବେ ପାଳନ କରିଥାନ୍ତି । ଏହି ଦିନ ମା' ବସୁମତି ଗର୍ଭଧାରଣ ପୂର୍ବକ ଭ୍ରୁଣକୁ ଧାନକେଣ୍ଡାରେ ଲୁଚାଇ ରଖୁଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଭାବେ ଗଣାଯାଇଥାଏ । ବିଲବାଡ଼ିରେ ଚାଷ ବାସ କରି ଯେଉଁମାନେ ମଶା, ଡାଆଁଶ, ପୋକଜୋକ ଦ୍ୱାରା ଆକ୍ରାନ୍ତ ହୋଇଥା'ନ୍ତି, ସେମାନଙ୍କ ପାଇଁ ଏହି ଡାକ ସଂକ୍ରାନ୍ତି ଦିନ ଗ୍ରାମର ଗୁଣିଆ ଓ କବିରାଜମାନେ ଜଙ୍ଗଲକୁ ଯାଇ ବିଭିନ୍ନ ପ୍ରକାର ଚେରମୂଳି ସଂଗ୍ରହ କରି ବର୍ଷଯାକର ଔଷଧ ସାଇତି ରଖନ୍ତି । ଘରର ପୁରୁଷ ଲୋକେ ସକାଳୁ ସ୍ନାନସାରି ଡାକ ଅକରାନ୍ତି ଗଛକୁ ପୂଜା କରି ଏହାକୁ ଗୋରୁ ଗୁହାଳ ଓ ଧାନକ୍ଷେତର ଏକ କୋଣରେ ପୋତିଥାନ୍ତି । ଜଡ଼ା ପତ୍ରରେ ଆତ, ନଡ଼ିଆ, ତାଳଗଜା, ଆଖୁ, ଅରୁଆ ଚାଉଳ, ଦୁଧ, ଗୁଡ଼ ଆଦି ବାନ୍ଧିବିଲରେ ପୋତି ଦିଆଯାଏ । ଏହି ପୂଜାରେ ବିଶେଷ କରି ବଡ଼ାମ୍ ଓ ଲକ୍ଷ୍ମୀଙ୍କର ଉପାସନା କରାଯାଇଥାଏ ।

## ୧୯. କୁଆଁର ପୁନେଇ

କୁମାର ପୂର୍ଣ୍ଣିମା କୁମାରୀ ଝିଅମାନଙ୍କର ପର୍ବ । ଏହି ପୂର୍ଣ୍ଣିମାରେ ମା’ ଲକ୍ଷ୍ମୀଙ୍କର ପୂଜା କରାଯାଇଥାଏ । ବାଥୁଡ଼ି ସମାଜ ମା’ ଲକ୍ଷ୍ମୀଙ୍କୁ ଆଦିମାତା ଭାବେ ଗ୍ରହଣ କରିଥାଏ । ଶିମିଳିପାଳ ସଂଲଗ୍ନ ବିଶିପୁରଠାରେ ଲକ୍ଷ୍ମୀଙ୍କର ଏକ ଦେଉଳ ରହିଛି । ଏଠାରେ ସତୀକୁଣ୍ଡରେ ସାହାଡ଼ାସୁନ୍ଦରୀ ଠାକୁରାଣୀ ପୂଜା ପାଆନ୍ତି । ଏଠାରେ ପ୍ରତିବର୍ଷ ଆଶ୍ୱିନ ମାସରେ କୁମାର ପୂର୍ଣ୍ଣିକା ଉତ୍ସବ ପାଳିତ ହୋଇଥାଏ । ଅଠର ଦେଉଳର ପୂଜକମାନଙ୍କ ମଧ୍ୟରୁ ବିଶିପୁର ଗ୍ରାମର ପୂଜକଙ୍କର ଏକ ନିଆରା ସମ୍ମାନ ରହିଛି । କୁଆଁର ପୂନେଇ ଦିନ ଉକ୍ତ ପୂଜକଙ୍କ ଦ୍ୱାରା ଆଦିମାତାଙ୍କ ପୂଜା ସଂପାଦିତ ହୋଇଥାଏ । ଘଟଣାଚକ୍ରରେ ବାଥୁଡ଼ିମାନେ ଶିମିଳିପାଳ ପରିତ୍ୟାଗ କରି ବିଭିନ୍ନ ସ୍ଥାନରେ ବସତି ସ୍ଥାପନ କରିଥିଲେ ମଧ୍ୟ ଆଦିମାତା “ଲକ୍ଷ୍ମୀ’ଙ୍କର ପୂଜା ଭୁଲି ନାହାନ୍ତି । କିନ୍ତୁ ସବୁ ଗ୍ରାମର ଲୋକେ ବିଶିପୁର ଗ୍ରାମକୁ ଯାଇ ପୂଜା କରିବା ସମ୍ଭବପର ନୁହେଁ । ସେ ଦୃଷ୍ଟିରୁ କେତେକ ଗ୍ରାମର ଲୋକ ମିଶି ଅନ୍ୟ ଏକ ସ୍ଥାନ ଦେଗାଁ (ଦେଓଗାଁ)ରେ ଦେବୀଙ୍କର ପୂଜା କରୁଛନ୍ତି । ଏହି ଗାଁରେ କୁଆଁର ପୂନେଇଁ ଦିନ ମେଳା ବସେ ଏବଂ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ବଳିପୂଜା ଦିଆଯାଇଥାଏ । ଯେଉଁ ଗ୍ରାମର ଲୋକେ ଦେଓଗାଁକୁ ଯାଇ ନପାରନ୍ତି, ସେମାନେ ନିଜ ଗ୍ରାମର ଠାକୁରାଣୀ ଶାଳ କିମ୍ବା ବଡ଼ାମ ଶାଳରେ ପୂଜା କରିଥା’ନ୍ତି । ବିଶିପୁର, ଦେଓଗାଁ ବ୍ୟତୀତ ମୟୂରଭଞ୍ଜ ଜିଲ୍ଲାର ଗଡ଼ିଗାଁ, ଠାକୁରମୁଣ୍ଡା, ଜୁଆଳିଆ, ହରିପୁର, ଆଠପଡ଼ା, ଦେଉଳା, ବାମନଘାଟି, ପଂଚପିଢ଼, ପୋଡ଼ାଡିହା ଆଦି ଅଂଚଳରେ ଧୁମ୍‌ଧାମ୍‌ରେ କୁଆଁର ପୂନେଇ ପାଳିତ ହୋଇଥାଏ ।

### ବାଥୁଡ଼ିମାନଙ୍କର ଧର୍ମ ଧାରଣା ଓ ପାରଂପରିକ ବିଶ୍ୱାସ

ବାଥୁଡ଼ିମାନେ ବିଶ୍ୱାସ କରନ୍ତି ସେମାନେ ବାସୁକି ଓ ବସୁମାତାଙ୍କ ପୁତ୍ର । ବାଥୁଡ଼ିମାନଙ୍କ ପ୍ରମୁଖ ଦୁଇ ଦେବଦେବୀ ହେଉଛନ୍ତି–

**୧. ବାସୁକି (ବଡ଼ାମ/ଆଦିପିତା)**

**୨. ବସୁମାତା (ଶକ୍ତି/ଆଦିମାତା)**

ବାଥୁଡ଼ିମାନଙ୍କ ଧର୍ମଧାରଣାରେ ବାସୁକି ଓ ବସୁମାତା ଅଗ୍ରପୂଜ୍ୟ ଦେବଦେବୀ । “ବାସୁକି’ ବାଥୁଡ଼ି ଜାତିର ଆଦିପିତା ବା ଇଷ୍ଟ ଦେବତା । ସେ ସ୍ୱୟଂ ବିଷ୍ଣୁ ଅନନ୍ତ ନାଗ ରୂପରେ ପୃଥିବୀକୁ ଧରି ରଖିଛନ୍ତି । “ବସୁମାତା’ ବାଥୁଡ଼ି ଜାତିର ଆଦିମାତା । ଏଣୁ ପ୍ରତ୍ୟେକ ପୂଜାରେ ବାଥୁଡ଼ିମାନଙ୍କ ପୂଜକ (ଦେହୁରୀ) ପ୍ରଥମେ “ବାସୁକି’ ଓ “ବସୁମାତା’ଙ୍କ ନାମରେ ଭୂମିରେ ସୁନ୍ଦୁର ଟୋପା ଲଗାଇ ପରେ ଅନ୍ୟାନ୍ୟ ଦେବଦେବୀଙ୍କୁ ଆବାହନ କରନ୍ତି ବୋଲି ବାଥୁଡ଼ି ଜାତିର ବିଶିଷ୍ଟ ଗବେଷକ ଡ. ରାଜକିଶୋର ନାୟକ ତାଙ୍କ ପ୍ରବନ୍ଧରେ ଆଲୋଚନା କରିଛନ୍ତି । ସେହିଭଳି ବାଥୁଡ଼ି ସମାଜରେ ବାସୁକି ଓ ବସୁମାତାଙ୍କ ସମେତ ଧର୍ମ **(ସୂର୍ଯ୍ୟ)** ଦେବତା ଅନ୍ୟ ଜଣେ ପ୍ରମୁଖ ଦେବତାର ମାନ୍ୟତା ଲାଭ କରିଛନ୍ତି । ତାଙ୍କ ବିନା ବାଥୁଡ଼ି ଜାତିର ସ୍ଥିତି ନାହିଁ ବୋଲି କୁହାଯାଇପାରେ ।

ବାଥୁଡ଼ି ସମାଜରେ **"ବାସୁକି'**ଙ୍କୁ ଆଦିପିତା ଓ **"ବସୁମାତା'**ଙ୍କୁ ଆଦିମାତା ଭାବେ ପୂଜା କରାଯାଉଥିବାବେଳେ ବିଶିଷ୍ଟ ଗବେଷକ ଡ. ଶରତ ଚନ୍ଦ୍ର ନାଏକ ଏକ ଆଲୋଚନାରେ ଏହାର ବ୍ୟତିକ୍ରମ ଦର୍ଶାଇଛନ୍ତି । " "ବାଥୁଡ଼ି ସାଂସ୍କୃତିକ ସମାଜ, କଟକ ଶାଖା' ପକ୍ଷରୁ ପ୍ରକାଶ ପାଉଥିବା "ଅଠର ଦେଉଳ' ସ୍ମରଣିକାର ୨୦୦୦-୦୧ ସଂଖ୍ୟାର ୧୮ ପୃଷ୍ଠାରେ ଡ. ନାଏକ ଦର୍ଶାଇଛନ୍ତି ଯେ, " "ବାଥୁଡ଼ିମାନେ ତିନି ଦେବଦେବୀଙ୍କୁ ପୂଜା କରିଥାନ୍ତି । ତାହା ହେଲା- "ବସୁ', "ବାସୁକି' ଓ "ଧର୍ମ ଦେବତା' । ବାଥୁଡ଼ି ସଂପ୍ରଦାୟ ନିଜକୁ ବସୁ ଓ ବାସୁକିଙ୍କର ଦାୟାଦ ମନେକରନ୍ତି । ଶୂନ୍ୟ ଆଦିଗୁପ୍ତ ପୁରାଣରେ ମଧ୍ୟ ଅନୁରୂପ ବର୍ଣ୍ଣନା ରହିଛି । ବସୁ-ବଡ଼ାମ, ବାସୁକୀ ବା ଶକ୍ତି ।''ଡ. ଶରତ ଚନ୍ଦ୍ର ନାଏକଙ୍କ ଏହି ଆଲୋଚନା ଫଳରେ "ବାସୁକି'ଙ୍କ ଲିଙ୍ଗ ନିରୂପଣ ନେଇ ସମସ୍ୟା ଦେଖାଦେଇଛି । "ବାସୁକି' ପ୍ରକୃତରେ ଆଦିପିତା ନା ଆଦିମାତା; ସେଥିନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି । ପ୍ରକୃତରେ କହିବାକୁ ଗଲେ "ବାସୁକି' ହେଉଛନ୍ତି ବାଥୁଡ଼ିମାନଙ୍କର ଆଦିପିତା । ମାତ୍ର ଶରତ ନାଏକ ତାଙ୍କୁ ଆଦିମାତା ଦର୍ଶାଇଛନ୍ତି । ଡ. ରାଜକିଶୋର ନାୟକ ଏବଂ ଅନ୍ୟ ବାଥୁଡ଼ି ବରିଷ୍ଠଙ୍କ କହିବା ଅନୁଯାୟୀ , "ବାସୁକି' ବାଥୁଡ଼ିମାନଙ୍କର ଆଦିପିତା ଓ "ବସୁମାତା' ଆଦିମାତା ।

ମାତ୍ର ଦେହୁରୀ(ପୂଜକ) ଉଚ୍ଚାରଣ କରୁଥିବା ମନ୍ତ୍ରରେ "ବାସୁକି'ଙ୍କୁ ଆଦିପିତା "ବସୁମାତା'ଙ୍କୁ ଆଦିମାତା ରୂପେ ବର୍ଣ୍ଣନା କରାଯାଇଛି ।

" "ଓଁ ଶ୍ରୀ ବାସୁକି, ବସୁମାତା, ଧର୍ମଦେବତା
ବଡ଼ାମ, ବଡ଼ରାଜ, ବୀର, ମହାବୀର''

ସେହିଭଳି ବଡ଼ାମ ପୁରାଣରେ "ବାସୁକି' ସ୍ଥାନରେ "ବାସୁଳି' ବ୍ୟବହୃତ ହୋଇଛି । "ବାଥୁଡ଼ି'ମାନଙ୍କୁ ଅନେକ ସ୍ଥାନରେ "ବାସୁଳି ପୁତ୍ର' ଭାବେ ଦର୍ଶାଯାଇଛି । ଏହା ଫଳରେ "ବାସୁକି' ଓ "ବାସୁଳି' ନେଇ ପୁଣି ଏକ ଦ୍ୱନ୍ଦ ଦେଖାଦେଇଛି । ତେବେ ଏ ସଂଶୟ ଦୂର ହେବାର ଆବଶ୍ୟକତା ରହିଛି ।

**ବାଥୁଡ଼ି ଉପାସନା ସ୍ଥଳୀ**

ପ୍ରତି ବାଥୁଡ଼ି ଗାଁରେ ମୁଖ୍ୟତଃ ଦୁଇଟି ଉପାସନା ସ୍ଥଳୀ (ଥାନ/ଶାଳ) ରହିଥାଏ ।

୧. ବଡ଼ାମ ଶାଳ/ଥାନ (ଗାଁ ମଝିରେ)

୨. ଠାକୁରାଣୀ ଶାଳ/ଥାନ (ଗାଁ ବାହାରେ)

ବଡ଼ାମଶାଳ ଗ୍ରାମର ମଧ୍ୟ ଭାଗରେ ଥାଏ । ବଡ଼ାମଶାଳରେ ଭିନ୍ନ ରୂପର ବ୍ରହ୍ମଶିଳା, ଲଙ୍ଗଳ, ଜୁଆଳି ଆଦି ସ୍ଥାପନ କରାଯାଇ ପୂଜା କରାଯାଇଥାଏ । ଶ୍ରୀ ବଡ଼ାମ ହେଉଛନ୍ତି ବାଥୁଡ଼ିମାନଙ୍କର ଇଷ୍ଟଦେବ । ସେହିଭଳି ଠାକୁରାଣୀ ଶାଳ ଗ୍ରାମର ବାହାରେ ପ୍ରକୃତିର ସୁରମ୍ୟ ସ୍ଥାନରେ ଶୋଭା ପାଉଥାଏ । ଠାକୁରାଣୀ ଶାଳରେ ଶାଳଗ୍ରାମ, ବାସେଳୀ ଖୁଂଟ, ମାଟିଘୋଡ଼ା, ଖଣ୍ଡା ଆଦି ଠାକୁରାଣୀ ଭାବେ ପୂଜିତ ହୁଅନ୍ତି । ଏହା ବ୍ୟତୀତ କିଛିକିଛି ବାଥୁଡ଼ି ଗ୍ରାମରେ ଅନ୍ୟ ଏକ ଉପାସନାସ୍ଥଳୀ ଥାଏ । ଏହା **"ବାସୁକି ଥାନ' ।** ଏଠାରେ

ବାଥୁଡ଼ି ଜାତିର ଆଦିପିତାନାଗରାଜ ବାସୁକି ପୂଜା ପାଇଥାନ୍ତି । ବର୍ଷ ପ୍ରାରମ୍ଭରେ ହେଉଥିବା "ଡାଳିପୂଜା' କିମ୍ବା "ଆମ୍ବ ନୂଆଖିଆ ପୂଜା' ବଡ଼ାମ ଶାଳରେ ଅନୁଷ୍ଠିତ ହେଉଥିବାବେଳେ ଦଶନ୍ଦ(ଦଶନ୍ଧି) ପୂଜା, ତିର୍ତିଆ (ଅକ୍ଷିତୃତୀୟା), ଅଷାଳି (ଆଷାଢ଼ି) ପୂଜା, ଧାନ ନୂଆଖିଆ, ବର୍ଷମୁଣ୍ଡି ପୂଜା, ଜନ୍ତାଳ ପୂଜା ଠାକୁରାଣୀ ଶାଳମାନଙ୍କରେ ହୋଇଥାଏ ।

ଏହି ତିନୋଟି ଉପାସନାସ୍ଥଳୀ ବ୍ୟତୀତ ପ୍ରତି ବାଥୁଡ଼ି ଗୃହରେ ପୂଜା ପାଇବା ପାଇଁ ଏକ ଉପାସନାସ୍ଥଳୀ ସଂରକ୍ଷିତ ଥାଏ । ଏହାକୁ ସେମାନେ "**ଈଶାଣ ଘର**' କହନ୍ତି । ଐଶାନ୍ୟ କୋଣରେ ଗୃହର ଇଷ୍ଟ ଦେବଦେବୀଙ୍କ ସମେତ ଶିବ ପୂଜା ପାଇଥାନ୍ତି । ଏହି ଈଷାଣ ଘରକୁ ବାହାରର କେହି ଲୋକ, ଏମିତିକି ବିବାହିତା ଝିଅ ମଧ୍ୟ ପ୍ରବେଶ କରିବା ମନା ଥାଏ । ଗୃହର ମୁଖିଆ ଈଷାଣ ଘରେ ପୂଜା କରିଥାନ୍ତି । ସେହିଭଳି ଶିମିଳିପାଳର ଘଂଚ ଅରଣ୍ୟ ମଧ୍ୟରେ ରହିଛି ବାଥୁଡ଼ି ଜାତିର ଇଷ୍ଟ ଦେବତା "ବଡ଼ାମ'ଙ୍କର ଉପାସନାସ୍ଥଳୀ "ଅଠର ଦେଉଳ' । ଏଠାରେ ସତରଟି ପ୍ରାକୃତିକ ଗୁମ୍ଫା ଏବଂ ଏକମାତ୍ର ମାନବକୃତ ଦେଉଳରେ ସମସ୍ତ ଦେବଦେବୀ ପୂଜା ପାଆନ୍ତି ।

ବାଥୁଡ଼ିମାନେ ଶକ୍ତିର ଉପାସକ ଅଟନ୍ତି । ଏଣୁ ପ୍ରତି ଗ୍ରାମର ଠାକୁରାଣୀ ଶାଳରେ "ବାସେଲୀ ଖୁଂଟ' ଦେଖିବାକୁ ମିଳେ । ଏହି ବିଗ୍ରହ ଦାରୁ ବିଗ୍ରହ ଭାବେ ପରିଚିତ, ଯାହାକି ଶାଳ କାଠରେ ନିର୍ମିତ ହୋଇଥାଏ । ପ୍ରତି ଦଶ ବର୍ଷରେ ଥରେ ଏହି ଦାରୁ ବିଗ୍ରହର ନବକଳେବର ହୋଇଥାଏ । ଏହାକୁ "ଦଶନ୍ଧି ପୂଜା' କୁହାଯାଏ । କେତେକ ଗ୍ରାମରେ ବାସେଲୀ ଶାଳ (ଠାକୁରାଣୀ ଶାଳ) ରେ ପଥର ମୂର୍ତ୍ତି ମଧ୍ୟ ପୂଜା ପାଉଥିବାର ନଜରକୁ ଆସେ । ସେଠାରେ "ବାସେଲୀ ଖୁଂଟ' ଥାଏ । ଏହାର ମଧ୍ୟ ନବକଳେବର ହୋଇଥାଏ । ବିଭିନ୍ନ ଗାଁର ଠାକୁରାଣୀ ଶାଳରେ ପୂଜା ପାଉଥିବା ଠାକୁରାଣୀଙ୍କ ନାମ ଭିନ୍ନ ଭିନ୍ନ ହୋଇଥାଏ । ଯଥା- ସିନ୍ଦୁରଗୌରୀ, କଟାଶୁଣୀ, ବୁଢ଼ୀପାଟ, ବିରାଟପାଟ, ହାତୀବାହୁନୀ, ସାଣଦେଇ, ଡକେଇବୁଢ଼ୀ, ପାଟନାଇକାଣୀ, ବଡ଼ାମ-ସାଣଦେଈ, ସୁନାଗରିଆ, ମୁଗୁନିପାଟ(ସାପଘର), କଳାପାଟ, ଧଳାପାଟ ଇତ୍ୟାଦି ।

ବାସୁକି ଉପାସନା ପରି "ବସୁ' ବା "ବଡ଼ାମ' ପୂଜନକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥାଏ । "ବଡ଼ାମ'ଙ୍କୁ ଶୂନ୍ୟ ପୁରୁଷ ଆଦିଦେବ ଭାବେ ବାଥୁଡ଼ିମାନେ ବିଶ୍ୱାସ କରନ୍ତି । ଏଣୁ ପ୍ରତି ବାଥୁଡ଼ି ଗ୍ରାମରେ "ବଡ଼ାମ ଶାଳ' ରହିଥାଏ । ପ୍ରଥମେ "ବଡ଼ାମ ଶାଳ' ବରଗଛ ମୂଳରେ ଥିବାର ବିଶ୍ୱାସ କରାଯାଏ । କାଳକ୍ରମେ ଆମ୍ବ, ଅଶ୍ୱତ୍ଥ, ବଉଳ ଗଛ ମୂଳେ ବଡ଼ାମ ଶାଳ ସ୍ଥାପନା କରାଯାଇ ବାଥୁଡ଼ିମାନେ ଏହାର ଉପାସନା କରିଆସୁଛନ୍ତି । ଆଦ୍ୟ ଶୂନ୍ୟ ଗୁପ୍ତ ପୁରାଣ ଅନୁଯାୟୀ, ବଡ଼ାମ ହେଉଛନ୍ତି ଶୂନ୍ୟ ପୁରୁଷ । ଦିନେ ସେ ତପସ୍ୟା କରିବାକୁ ଶିମିଳିପାଳର ଅଠର ଦେଉଳକୁ ଯାଇଥିଲେ । ଏଣୁ ଅଠର ଦେଉଳକୁ ବଡ଼ାମଙ୍କ ଆଦିସ୍ଥଳ ବୋଲି କୁହାଯାଏ । ବାଥୁଡ଼ି ସଂପ୍ରଦାୟ ବଡ଼ାମଙ୍କୁ ଉପାସନା କଲାବେଳେ ନିମ୍ନ ମନ୍ତ୍ର ଉଚ୍ଚାରଣ କରିଥାନ୍ତି ।

"ଓଁ ହିଁ, କ୍ଲିଂ, ଶ୍ଲିଂ ଆଦ୍ୟସ୍ଥାନ ଶିମିଳିପାଳ
ଯମୁନା, ବାରଦଣ୍ଡା, ବାରଶ ପର୍ବତ, ତେରଶ ଖୋଲ

ତହିଁ ମଧ୍ୟେ ଗୁପ୍ତ ବୃନ୍ଦାବନ କରି ରହିଛ
ଶ୍ରୀ ବଡ଼ାମ ମହାପ୍ରଭୁ ।
କାଶୀରେ ବିଶ୍ୱନାଥ, ଓଡ଼ିଶାରେ ଜଗନ୍ନାଥ
ଝାଡ଼ଖଣ୍ଡେ ବଡ଼ାମ ଠାକୁର
ଶ୍ରୀ ନୀଳକନ୍ଦରବାସୀ ମହାପ୍ରଭୁଙ୍କ ଚରଣେ ଶରଣ ।''

ବାଥୁଡ଼ିମାନଙ୍କର ଧର୍ମ ଧାରଣାକୁ ନେଇ ଅନେକ ସ୍ଥାନର ନାମ ସୃଷ୍ଟି ହୋଇଛି । ଶିମିଳିପାଳର ଏକ ବିରାଟ ମାଳଭୂମି ହେଉଛି ବାଦାମ ପାହାଡ଼ । ବାଥୁଡ଼ିମାନଙ୍କ କିମ୍ବଦନ୍ତୀ ଅନୁସାରେ ଏହା "ବଡ଼ାମ ପାହାଡ଼' । "ବଡ଼ାମ ପାହାଡ଼' କାଳକ୍ରମେ ଅପଭ୍ରଂଶ ହୋଇ "ବାଦାମ ପାହାଡ଼' ହୋଇଥିବା ଅନୁମାନ କରାଯାଏ । ଏହି ପାହାଡ଼ ଆଖପାଖ ଅଂଚଳରେ ବହୁ ସଂଖ୍ୟାରେ ବାଥୁଡ଼ିମାନେ ବସବାସ କରନ୍ତି । ଶିମିଳିପାଳର ଘଂଚ ଜଙ୍ଗଲ ମଧ୍ୟରେ ବଡ଼ାମ ଠାକୁରଙ୍କ ପ୍ରସିଦ୍ଧ ଅଠର ଦେଉଳ ଅବସ୍ଥିତ । ଶିମିଳିପାଳ ସଂଲଗ୍ନ ରାଢ଼ୋଠାରେ ବୌଦ୍ଧ ସିଦ୍ଧାଚାର୍ଯ୍ୟ ଲୁଇପାଙ୍କ ସାଧନାପୀଠ ସିଦ୍ଧଗୁମ୍ଫା (ବୌଦ୍ଧଗୁମ୍ଫା) ରହିଛି । ଏଣୁ ବାଥୁଡ଼ିମାନଙ୍କ ଉପରେ ବୌଦ୍ଧମାନଙ୍କର ପ୍ରଭାବ ରହିଛି । ଅଠର ଦେଉଳର ଅବସ୍ଥିତି, ପୂଜାପଦ୍ଧତି ଏବଂ ଏହାର ପୂଜକ(ମହାପାତ୍ର) ଆଦିକୁ ଅନୁଶୀଳନ କଲେ ବୌଦ୍ଧ ଧର୍ମର ପ୍ରଭାବ ବାଥୁଡ଼ି ଧର୍ମଧାରଣାରେ ପରିଲକ୍ଷିତ ହୋଇଥାଏ । ବୌଦ୍ଧ ଧର୍ମର ସହଜଯାନର କେତେକ ବିଶ୍ୱାସ ବାଥୁଡ଼ି ସଂସ୍କୃତିରେ ପରିଲକ୍ଷିତ ହୋଇଥାଏ । କାୟା ସାଧନାରେ ଦେହ ଦେଉଳର "ଅଷ୍ଟାଦଶ ଚକ୍ର' ଧ୍ୟାନ ସାଧନାରୁ ଅଠର ଦେଉଳ ହୋଇଥିବା ଅନୁମାନ କରିହୁଏ । ବାଥୁଡ଼ି ସଂପ୍ରଦାୟର ଅଠର ଦେଉଳ ଦେବତାଙ୍କ ନାମାନୁସାରେ ନ ହୋଇ ବରଂ ସଂଖ୍ୟା ଦୃଷ୍ଟିରୁ ହୋଇଛି ବୋଲି କୁହାଯାଏ । ଏହି ତର୍କକୁ ଆହୁରି ଅଧିକ ସହଜ କରେ ବାଥୁଡ଼ି ଜନଜାତିରେ ପ୍ରଚଳିତ ଥିବା ଡାହାଣୀ, ଗୁଣିଗାରେଡ଼ି, ଯନ୍ତ୍ର, ମନ୍ତ୍ର, ତନ୍ତ୍ର ଭଳି ଅନ୍ଧବିଶ୍ୱାସ । ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ଦ୍ୱାରା ପ୍ରଚଳିତ ଚର୍ଯ୍ୟାପଦ ବା ବୌଦ୍ଧଗାନ, ଦୋହାଗୁଡ଼ିକୁ ଆଜି ମଧ୍ୟ ବାଥୁଡ଼ି ଗୁଣିଆମାନେ ମନ୍ତ୍ର ଭାବେ ଝଡ଼ାଫୁଙ୍କା ସମୟରେ ଗାନ କରିଥାନ୍ତି । ଚଯ୍ୟାପଦର ସହଜ ସୁନ୍ଦରୀ, କାୟା ସାଧନା, ପୁରୁଷ, ନାରୀଙ୍କ ପ୍ରତିକାତ୍ମକ ସଂପର୍କ କଥା ମନ୍ତ୍ରରେ ରହିଛି ।

"ବଡ଼ଗର ତରୁହରୁ ଘନକେ ମେଳେଡାଲ
ଭାଇ ପଚାରେ ଭଉଣୀ ଲୋ,
ତୋର ବୟସ କେତେ କାଲ ?
ତୁଇ ଭଉନୀ ମୁଇଁ ଭାଇ,
ବିଦ୍ୟା ଶିଖିଲେ ଏକାଠାଇଁ
ତୁଇ ଶିଖିଲୁ ମାରିତେ
ମୁଁ ଶିଖିଲି ତାରିତେ
ଆଖନ ଗାଛେ ନିମ ଡାଲ
ଭାଇ ପଚାରେ ଭଉଣୀ ଲୋ
ତୋର ବୟସ କେତେ କାଲ ?''

ବାଥୁଡ଼ି ଜନଜାତିର ବଂଶ ଓ ସାଙ୍ଗିଆରେ ମଧ୍ୟ ବୌଦ୍ଧ ଧର୍ମର ପ୍ରଭାବ ରହିଛି । ଗୌତମ ବୁଦ୍ଧଙ୍କ ବୁଦ୍ଧତ୍ୱ ପ୍ରାପ୍ତି ପରେ ଯେଉଁ ଦୁଇ ଜଣ ବଣିକ ପ୍ରଥମେ ଶିଷ୍ୟତ୍ୱ ଗ୍ରହଣ କରିଥିଲେ, ସେମାନେ ହେଉଛନ୍ତି "ତାପସ' ଓ "ଭଲ୍ଲୀକ' । ବାଥୁଡ଼ିମାନେ "ଭଲ୍ଲୀକ' ବଂଶୋଭବ ବୋଲି ଅନୁମାନ କରାଯାଏ ।

## ବାଥୁଡ଼ି ସମାଜରେ ବଡ଼ାମ ପୂଜନ ଓ ଅଠର ଦେଉଳ

କୃଷି ବାଥୁଡ଼ିମାନଙ୍କର ମୁଖ୍ୟ ଜୀବିକା । ଚାଷ କରି ନିଜର ଜୀବନଜୀବିକା ନିର୍ବାହ କରିଥା'ନ୍ତି । ଏଣୁ କୃଷିର ଦେବତା ବଳରାମ ବା ବଡ଼ାମ ହେଉଛନ୍ତି ସେମାନଙ୍କର ଆରାଧ୍ୟ ଦେବତା । ଏଣୁ ପ୍ରତିଟି ବାଥୁଡ଼ି ଗାଁରେ ଥିବା ବଡ଼ାମଶାଳରେ ହଳ, ଲଙ୍ଗଳ, ଜୁଆଳି, ମଇ ଆଦି ପୂଜା ପାଇଥାଏ ।

ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଆର୍ଯ୍ୟମାନେ ଓଡ଼ିଶାକୁ ଆସିବା ପୂର୍ବରୁ ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ବଡ଼ାମ କ୍ଷେତ୍ର ଭାବେ ପ୍ରସିଦ୍ଧି ଲାଭ କରିଥିଲା । ବଡ଼ାମ ଠାକୁର ହେଉଛନ୍ତି ବାଥୁଡ଼ିମାନଙ୍କର ଆରାଧ୍ୟ ଦେବତା । ସେମାନଙ୍କ ମତରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଡ଼ଭାଇ ହେଉଛନ୍ତି ବଡ଼ାମ । ବଳରାମ ନାମଟି ଅପଭ୍ରଂଶ ହୋଇ ବଡ଼ାମ ହୋଇଥିବାର ଅନୁମାନ କରାଯାଏ । ଆର୍ଯ୍ୟମାନଙ୍କ ଓଡ଼ିଶା ଆଗମନ ପୂର୍ବରୁ ଉ ର ଓଡ଼ିଶାରେ କେବଳ ଭୂୟାଁ, ବାଥୁଡ଼ି, ଶବର ଓ ଖଡ଼ିଆ ସଂପ୍ରଦାୟର ଲୋକମାନେ ବସବାସ କରୁଥିଲେ । ସେତେବେଳେ ବାଥୁଡ଼ି ସଂପ୍ରଦାୟର ମହାପାତ୍ର ପଦବୀଧାରିମାନେ ଏହି ଅଂଚଳକୁ ଶାସନ କରୁଥିବାର ଅନୁମାନ କରାଯାଏ ।

ଶିମିଳିପାଳ ଜୈବମଣ୍ଡଳ "କୋର୍ ଏରିଆ (ନିଷିଦ୍ଧାଂଚଳ)ର "ନଓ୍ୱାଣା ସାଉଥ' ବା ଧୁଡ୍ରୁଚଂପା ରେଞ୍ଜ ଅଧୀନସ୍ଥ ବକୁଆ ଫରେଷ୍ଟ ସେକ୍ସନ ଅଫିସର ସାମାନ୍ୟ କିଛି ଦୂରରେ ବାଥୁଡ଼ିମାନଙ୍କ ପୂଜିତ ବଡ଼ାମ ଠାକୁରଙ୍କ ପବିତ୍ର ପୀଠ "ମାନବ ଦେଉଳ'(ଅଠର ଦେଉଳ) ଅବସ୍ଥିତ । ଶିମିଳିପାଳ ଜୈବମଣ୍ଡଳରେ ପ୍ରାକୃତିକ ଗୁମ୍ଫା ମଧ୍ୟରେ ବାଥୁଡ଼ିମାନଙ୍କ ବିଭିନ୍ନ ଦେବଦେବୀ ପୂଜା ପାଇଥା'ନ୍ତି । ଏଠାରେ ଅଠରଟି ମନ୍ଦିର ରହିଛି ବୋଲି ପୂର୍ବରୁ ଆଲୋଚନା କରାଯାଇଛି । ଏ ସମସ୍ତ ମନ୍ଦିର ଓ ଗୁମ୍ଫା ପ୍ରାକୃତିକ । ମାତ୍ର ଏଠାରେ ମାନବକୃତ ଏକ ପଥର ମନ୍ଦିର ରହିଛି । ଏହା ପ୍ରାୟ ଭଗ୍ନ ଅବସ୍ଥାରେ । ଏହି ଭଗ୍ନ ଦେଉଳକୁ "ମାନବ ଦେଉଳ' କୁହାଯାଏ । ଅଠର ଦେଉଳ ଶିମିଳିପାଳର କୋର୍ ଏରିଆ ମଧ୍ୟରେ ରହିଥିବାରୁ ଏଠାକୁ ବହିରାଗତଙ୍କୁ ଯାତାୟତ ପାଇଁ ଅନୁମତି ନଥାଏ । କେବଳ ଚୈତ୍ର ମାସ ବେଳକୁ ବାଥୁଡ଼ିମାନେ ସେମାନଙ୍କ ବଡ଼ାମ ପୂଜନ ପାଇଁ ଅନୁମତି ପ୍ରାପ୍ତ ହୋଇଥାନ୍ତି । ଏଠାରେ ଯେଉଁ ମାନବ ଦେଉଳଟି ବ ର୍ମାନ ଭଗ୍ନ ଅବସ୍ଥାରେ ରହିଛି, ତାହା ମାଙ୍କଡ଼ା ପଥରରେ ନିର୍ମିତ । ତେବେ ଏହି ମନ୍ଦିରଟିକୁ ଖ୍ରୀଷ୍ଟପୂର୍ବ ୪୫୪ରେ ମହାରାଜା ବେଣୁଧର ମହାପାତ୍ର ମନ୍ଦିର ତୋଳାଇଥିଲେ ବୋଲି ବାଥୁଡ଼ିମାନେ ଦାବି କରନ୍ତି । ଏହା ଏକ ଦସର୍ବପୁରାତନ ମନ୍ଦିର ହୋଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଧ୍ୱଂସ ଅବସ୍ଥାରେ ପହଂଚିଲାଣି । ମାନବ ଦେଉଳ ନିକଟରେ ଏକ ପୁଷ୍କରିଣୀ ରହିଛି, ଯାହାର ନାମ "ମେଘନାଦ ପୁଷ୍କରିଣୀ' । ଶିମିଳିପାଳର ନିଘଂଚ ଜଙ୍ଗଲ ମଧ୍ୟରେ ଥିବା ଏହି ମାନବ ଦେଉଳରେ ବାଥୁଡ଼ିମାନେ ବଡ଼ାମ ଠାକୁରଙ୍କୁ ଅତି ପୁରାତନ କାଳରୁ ନିଷ୍ଠାର ସହିତ ପୂଜା କରି ଆସୁଛନ୍ତି । ପ୍ରତିବର୍ଷ ଚୈତ୍ର

ମାସର ପ୍ରଥମ ଦିନରୁ ଗଣେଶ ଦେଉଳରୁ ହିଁ ପୂଜା କାର୍ଯ୍ୟ ଆରଂଭ ହୋଇଥାଏ । କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ବାଥୁଡ଼ି ଭକ୍ତମାନେ ଗଣେଶ ଦେଉଳରୁ "ଅଠର ଦେଉଳ ଯାତ୍ରା'ର ଶୁଭାରଂଭ କରିଥାନ୍ତି । ବାଥୁଡ଼ି ଭକ୍ତମାନେ ଚାଲିଚାଲି ଶିମିଳିପାଳର ପ୍ରାକୃତିକ ଗୁମ୍ଫାମାନଙ୍କରେ ଥିବା ଦେବତାମାନଙ୍କୁ ଅଠର ଦିନ ଧରି ଅସ୍ଥାୟୀ ଶିବିର କରି ଅଠରଟି ଦେଉଳରେ ପୂଜାର୍ଚ୍ଚନା କରିଥାନ୍ତି । "ଅଠର ଦେଉଳ ଯାତ୍ରା' ପ୍ରାୟତଃ ମାର୍ଚ୍ଚ ମାସର ଶେଷାର୍ଦ୍ଧ ଏବଂ ଏପ୍ରିଲ ମାସର ପ୍ରଥମାର୍ଦ୍ଧ ମଧ୍ୟରେ ପଡ଼ିଥାଏ । କିମ୍ବଦନ୍ତୀ କହେ, ତ୍ରେତୟା ଯୁଗରେ ଭଗବାନ ବିଷ୍ଣୁ ବଡ଼ଭାଇ ରାମଚନ୍ଦ୍ର ରୂପେ ଜନ୍ମ ହୋଇଥିବାବେଳେ "ବଡ଼ାମ' ସାନଭାଇ ଲକ୍ଷ୍ମଣ ରୂପେ ଜନ୍ମ ନେଇଥିଲେ । ସେହିପରି ଦ୍ୱାପର ଯୁଗରେ ଭଗବାନ ବିଷ୍ଣୁ ସାନଭାଇ ଶ୍ରୀକୃଷ୍ଣ ରୂପରେ ଜନ୍ମ ନେଇଥିବାବେଳେ ବଡ଼ାମ ହଳଧର ବା ବଳରାମ ରୂପେ ଜନ୍ମ ନେଇଥିଲେ । ବାଲ୍ୟ ଅବସ୍ଥାରେ ଏହି ଦୁଇଭାଇ ଅତ୍ୟନ୍ତ ଦୁଷ୍ଟ ଥିଲେ । ଏମାନେ ଗୋପପୁରରେ ଗୋପୀମାନଙ୍କ ଘରେ ପଶି କ୍ଷୀର, ଲହୁଣୀ ଓ ଘିଅ ଚୋରି କରି ଖାଉଥିଲେ ଏବଂ ଗୋପୀମାନଙ୍କୁ ହଇରାଣ ହରକତ କରୁଥିଲେ । ଫଳରେ ଗୋପୀମାନେ ବିରକ୍ତ ହୋଇ ଅଭିଶାପ ଦେଇଥିଲେ ।- "ତୁମେ ଦୁହେଁ କଳି ଯୁଗରେ ପାଷାଣ ବା ପଥର ପାଲଟି ଜଙ୍ଗଲରେ ପୂଜା ପାଇବ" । ଏଣୁ ବଳରାମଙ୍କୁ ଶିମିଳିପାଳ ଜଙ୍ଗଲରେ ଶିଳା ରୂପରେ "ବଡ଼ାମ' ଭାବେ ବାଥୁଡ଼ିମାନେ ପୂଜା କରୁଥିବାବେଳେ କୃଷ୍ଣଙ୍କୁ ନୀଳକନ୍ଦର ଜଙ୍ଗଲରେ ଶିଳା ରୂପେ "ନୀଳମାଧବ"ଭାବେ ଶବର ଜାତିର ଆଦିବାସୀମାନେ ପୂଜା କରୁଛନ୍ତି । "ବଡ଼ାମ' ପୁରାତନ କାଳରେ ସର୍ବପ୍ରଥମେ ବାଥୁଡ଼ିମାନଙ୍କୁ ହଳ ଲଙ୍ଗଳ ପ୍ରଦାନ କରି ଏହାକୁ କୃଷି କାର୍ଯ୍ୟରେ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ ବୋଲି ବାଥୁଡ଼ିମାନେ ତାଙ୍କୁ ଗୀତ ଗାଇଲାବେଳେ ଜଣାପଡ଼େ ।

"ଦ୍ୱାପରରେ ବଳରାମ ଲଙ୍ଗଳ ଯେ କାନ୍ଧେ ବୋହିଥିଲେ

କଳିରେ ବଡ଼ାମ ମତେ ଅବତୀର୍ଣ୍ଣ ହେଲେ ।''

ଶିମିଳିପାଳ ମଧ୍ୟରେ ଥିବା ଅଠରଟି ଦେଉଳଗୁଡ଼ିକର ନାମ ହେଲା-

୧. ମାନବ ଦେଉଳ (ଲେମ୍ବୁଗୁଡ଼ା)
୨. ଈଶ୍ୱର ଦେଉଳ (ମାନବ ଦେଉଳର ଉ  ର ଦିଗରେ ଥିବା ପାହାଡ଼)
୩. ଲକ୍ଷ୍ମୀ ଭଣ୍ଡା ବା ଲକ୍ଷ୍ମୀ ଦେଉଳ (ମାନବ ଦେଉଳର ପଶ୍ଚିମ ଦିଗରେ ଥିବା ପାହାଡ଼)
୪. ଗଡ଼ଚଣ୍ଡୀ (ଗଡ଼ଶିମିଳିପାଳ)
୫. ବାରଭାଇ ସନ୍ଧାର (ବରେହିପାଣି ଜଳପ୍ରପାତ)
୬. ନୀଳମାଧବ (ଯୋରନ୍ଦା ଜଳପ୍ରପାତ)
୭. ଗଣେଶ ବା ଗଣେଶ୍ୱର (ଧୁଡ୍ରୁଚଂପା ପାହାଡ଼)
୮. ହନୁମାନ (ସୀତାକୁଣ୍ଡ ଜଳପ୍ରପାତ)
୯. ଦୁଆରଶୁଣୀ (ବଣିଆବସାର ରାଣୀଭୋଳ, ବାଙ୍ଗିରିପୋଷି ଘାଟି, ଟାଙ୍ଗବେଣଟ ଘାଟି, ଖଡ଼କେଇ ଘାଟି, ଚଂପା ଘାଟି, କାଳିକାପ୍ରସାଦ)

୧୦. ବିଷ୍ଣୁ ମନ୍ଦିର (ଯମୁନା ବାରଦଣ୍ଡା)
୧୧. ବାସୁକି ଓ ବସୁମାତା ବା ଆଦି ପିତାମାତା (ଗୁରାଣ୍ଡିଆ ପାହାଡ଼)
୧୨. ମେଘେଇଶୁଣି ବା ଇନ୍ଦ୍ରଦେବ (ମେଘାସନ ପର୍ବତ)
୧୩. ରାମଚନ୍ଦ୍ର ବା ରାମରାଜା (ଓଲକୁଦର ଜଳପ୍ରପାତ, କାଳିଆଣି)
୧୪. ବିରାଟପାଟ (ଦେବୀଗଡ଼ ଜଳପ୍ରପାତ, ଚକ୍ରଧରପୁର)
୧୫. ଅମ୍ବିକା (ଦେବକୁଣ୍ଡ ଜଳପ୍ରପାତ)
୧୬. ସାହାଡ଼ା ସୁନ୍ଦରୀ (ସାଆଣଦେଇ ଜଙ୍ଗଲ, ବିଶିପୁର, କେନ୍ଦୁମୁଣ୍ଡି)
୧୭. ବାଉଳି (ଯଜଗୋଡ଼ା ପାହାଡ଼)
୧୮. ଛତ୍ରୀ ମହାବୀର (ମହାବୀରଦଣ୍ଡା ପାହାଡ଼)

ତେବେ ଏହି ଅଠର ଦେଉଳରେ ପୂଜା ପାଉଥିବା ଅଠର ଠାକୁର, ଠାକୁରାଣୀଙ୍କ ନାମରେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ଭିନ୍ନ ଭିନ୍ନ ପଣ୍ଡିତଙ୍କ ଲେଖାରେ ଅଠର ଦେଉଳର ଦେବଦେବୀଙ୍କ ନାମରେ ଭିନ୍ନତା ପରିଲକ୍ଷିତ ହୋଇଥାଏ ।

ଅଠରଟି ଦେଉଳରେ ଯେଉଁ ଅଠର ଦେବଦେବୀଙ୍କୁ ପୂଜା କରାଯାଉଛି ସେ ସଂପର୍କରେ "ବଡ଼ାମ୍ ପୁରାଣରେ ଉଲ୍ଲେଖ ରହିଛି ।

"ବଡ଼ ଆମ ବଡ଼ାମ ଯେ ଅଟେ ନିରାକାର ।
ଏନାମ ଗୋଟିକୁ ହୃଦେ ଚେତା ନାହିଁ କାର ।।
ଅଠର ଦେଉଳ ଯେ ଅଛି ଅଠରଟି ଗୁହା ।
ପଥର ପଥର ପରେ ହୋଇଅଛି ଥୁଆ ।।
ବାରଦଣ୍ଡା ଶିମୁଳିପାଳ ଯେ ପରବତ ।
ସେହିଠାରେ ଅଠରଟି ଦେଉଳ ବିଖ୍ୟାତ ।।
ଅଠରଟି ଦେଉଳରେ ଅଠର ଦେବତା ।
ବାଥୁଡ଼ି କରିଛି ତାକୁ ହୃଦେ କରି ଚେତା ।।
ନିଜେ ସ୍ଥିର କରିଅଛିଦେବତାର ନାମ ।
ଦେବତା ନାମ କହିଦେଉଛି ଶୁଣ ।।
ବଉଳ ମୂଳେ ଅଛନ୍ତି "ବଡ଼ାମ୍ ଠାକୁର ।
ଈଶ୍ୱର ଦେଉଳ ଗୋଟି ଅଟଇ ତାଙ୍କର ।।
ବିଷ୍ଣୁ ମନ୍ଦିରରେ ରହିଛନ୍ତି ଜଗନ୍ନାଥ ।
ରାମରାଜା ଦେଉଳରେ ବିଜେ ରଘୁନାଥ ।।

ମହାବୀର ଦଣ୍ଡା ମଧ୍ୟେ ବିଜେ ଛତ୍ରୀବୀର ।
ଯୁରୁନ୍ଦା, ବରେଇପାଣିରେ ଛନ୍ତି ନିରାକାର ।।
ସମୀବୃକ୍ଷଠାରେ ରହିଛନ୍ତି ବାସୁଦେବ ।
ପାଣ୍ଡବଙ୍କ ଅସ୍ତ୍ରଶସ୍ତ୍ର ଥିଲା ଯେ ଗାଣ୍ଡିବ ।।
ବୁଢ଼ିପାଟରେ ଅଛନ୍ତି ପାଟ ନାୟିକାଣୀ ।
ତା' ସଙ୍ଗରେ ରହିଛନ୍ତି ଯେ, ବାଉଳାଶୁଣି ।।
ମାନବ ଦେଉଳ ମଧ୍ୟେ ବାହୁବଳି, କ୍ଷତ୍ରୀ ।
ବିରାଟ ପାଟରେ ବିରାଟ ଯେ ରହିଛନ୍ତି ।।
ଚଂପାଘାଟିରେ ଅଛନ୍ତି ଉଥୁଳି(ଡ଼ି) ସୁନ୍ଦରୀ ।
ସାହଡ଼ା ଶାଳରେ ପୁଣି ସାହାଣ ସୁନ୍ଦରୀ ।।
ଗଡୁମାଟିଠାରେ ରହିଛନ୍ତି ଗଣେଶ୍ୱର ।
ଦୁଧିଆଣିରେ ଅଛନ୍ତି ସହଦେବ ବୀର ।।
ବାଇ ମନ୍ଦିରରେ ଅଛନ୍ତି ଯେବାରଭାଇ ।
ସମୀବୃକ୍ଷଠାରେ ପୁଣି ବାସୁକି ଅଛଇ ।।
ବିଶେଇ ପାଣିରେ ଛନ୍ତି ସାହାଣ ସୁନ୍ଦରୀ ।
ଦ୍ୱାରଶୁଣୀ ସ୍ଥାନକୁ ସେ ଅଛନ୍ତି ଆବୋରୀ ।।
ଦୁଆରଶୁଣୀରେ ଛନ୍ତି କାଳିଆ ମୋହନ ।
ସମସ୍ତଙ୍କୁ ଦେଖୁଥାନ୍ତି ହୋଇଣ ମଉନ ।।
ବିଶିପୁର ସ୍ଥାନଟି ଯେ ଅଟେ ସମସ୍ତଙ୍କର ।
ଠାକୁରଙ୍କର ମିଳନ ହୁଏ ସେହିଠାର ।।
ଲକ୍ଷ୍ମୀ ମନ୍ଦିରରେ ଛନ୍ତି ଲକ୍ଷ୍ମୀ ଠାକୁରାଣୀ ।
ଅଠର ସ୍ଥାନରେ ଅଠର ମୂରତି ସ୍ଥାପିଣି ।।'' (ଚକ୍ରଧର ମିଶ୍ରଙ୍କ ରଚିତ ବଡ଼ାମ ପୁରାଣ, ପୃଷ୍ଠା:୬୬,୬୭)

ବାଥୁଡ଼ି ସଂପ୍ରଦାୟର ଜନଜାତିର ଲୋକମାନେ ବର୍ଷରେ ଥରେ ଅଠର ଦେଉଳକୁ ଯାଇଥା'ନ୍ତି । ବିଶେଷକରି ଚୈତ୍ରମାସରେ ବାଥୁଡ଼ିମାନେ ଅଠର ଦେଉଳ ଯାତ୍ରା କରିଥା'ନ୍ତି । ଅଠର ଦେଉଳ ପୂଜା ପାଇଁ "ଅଠର ଦେଉଳ' ମୁଖ୍ୟ ପୂଜକ (ବଡ଼ାମ ପୀଠର ସେବକ) ବୃନ୍ଦାବନ ମହାପାତ୍ର ତାଙ୍କର ପତ୍ରବାହକ ପାଣିପାତ୍ରଙ୍କ ହାତରେ ପ୍ରତି ବାଥୁଡ଼ି ଗ୍ରାମକୁ ବଡ଼ାମ ଗୁଆ ଓ ନିମନ୍ତ୍ରଣ ପତ୍ର ମାଧ୍ୟମରେ ବାର୍ତ୍ତା ପଠାନ୍ତି । ମହାପାତ୍ରଙ୍କ ନିର୍ଦ୍ଦେଶରେ ପ୍ରତି ଗ୍ରାମରୁ ପୁରୁଷ ଓ ମହିଳା ନିଜର ଚଳିବା ପାଇଁ ଆସବାବ ପତ୍ର, ପୋଷାକ, ଚାଙ୍ଗୁବାଦ୍ୟ, ଶଙ୍ଖ ସହିତ ପୂଜାସାମଗ୍ରୀ, ତେଲ, ଲୁଣ, ଚାଉଳ, ପନିପରିବା, ଟଙ୍କା ପଇସା ଧରି ଅଠର ଦେଉଳକୁ ବାହାରନ୍ତି । ଏହି ସମୟରେ ସୁନା, ରୂପାର ଗହଣା, କାଚ ଚୁଡ଼ି, ଅତର, ପାଉଡର, ସାବୁନ ଲଗାଇବା ବାରଣ ହୋଇଥାଏ । ସେହିଭଳି ଛୋଟ ପିଲାମାନଙ୍କୁ ଅଠର ଦେଉଳ ଯିବା ମନା ହୋଇଥାଏ ।

ଶ୍ୱେତବସ୍ତ୍ର ପରିଧାନ କରି ହାତରେ ଚାଙ୍ଗୁ ବଜାଇ ନାଲି ନେତ ଉଡ଼ାଇ ଜୟ ବଡ଼ାମ ଧ୍ୱନି ଦେଇ ହଜାର ହଜାର ସଂଖ୍ୟାରେ ବାଥୁଡ଼ି ଅଠର ଦେଉଳ ଅଭିମୁଖେ ଯାତ୍ରା କରନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ଯାଉଥିବା ଭକ୍ତମାନେ ପ୍ରଥମେ ଶିମିଳିପାଳ ପାଦଦେଶ ବଣିଆବସା/ରାଣୀଭୋଳ ନିକଟରେ ଥିବା ମା' ଦୁଆରଶୁଣୀଙ୍କ ପୂଜାର୍ଚ୍ଚନା ସାରି ଚାରି ଦିଗରୁ ଆସିଥିବା ବଡ଼ାମ୍ ଭକ୍ତ, ପୂଜକଙ୍କୁ ସାଙ୍ଗରେ ନେଇ ମୁଖ୍ୟ ପୂଜକ "ମହାପାତ୍ର' ଅଠର ଦେଉଳରେ ପ୍ରବେଶ କରନ୍ତି । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ କେନ୍ଦୁଝର, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାଥୁଡ଼ିମାନେ ଚୈତ୍ର ମାସରେ ଅଠର ଦେଉଳ ଯାତ୍ରା କରିଥା'ନ୍ତି । ମାତ୍ର କେନ୍ଦୁଝର ଜିଲ୍ଲାରୁ ଆସୁଥିବା ଭକ୍ତମାନେ ଯଶିପୁର ପଟୁ ଯାତ୍ରା ଆରମ୍ଭ କରନ୍ତି । ଶିମିଳିପାଳକୁ ପ୍ରବେଶ କରିବା ପରେ ବାଥୁଡ଼ି ଭକ୍ତମାନେ ଗଣେଶ୍ୱରଗଡ଼ରେ ଗଣେଶଙ୍କୁ ପୂଜା କରନ୍ତି । ପରଦିନ ଗଡ଼ଚଣ୍ଡୀ(ଗଡ଼ଶିମିଳିପାଳ)ରେ ପୂଜାସାରି ସେଠାରେ ରାତିରେ ରହନ୍ତି । ଏହାପରେ କ୍ରମାନ୍ୱୟରେ ଜୋରନ୍ଦା(ଜାଉରନ୍ଧା)ରେ ନୀଳମାଧବ ଉପାସନା, ବରେହିପାଣି(ସନ୍ଧାରଧାର)ରେ ବାରଭାଇ ସନ୍ଧାର ଓ ଅନନ୍ତବାସୁକୀ ଉପାସନା ପରେ ଲେମ୍ବୁଗଡ଼ାର ମାନବ ଦେଉଳରେ ପହଁଚନ୍ତି । ମାନବ ଦେଉଳରେ ବାହୁବଳୀ, ବାଉଳି ଠାକୁରାଣୀ, ବଡ଼ାମ୍ ଉପାସନା କରାଯାଏ ଏବଂ ସେଠାରେ ପ୍ରାୟ ୫ ଦିନ ଧରି ରାତ୍ରୀ ରହଣି କରାଯାଏ ।

ମାନବ ଦେଉଳରେ ପହଂଚିବା ପରେ ବାଥୁଡ଼ିମାନେ ପ୍ରଥମେ ମନ୍ଦିର ଓ ନିଜନିଜକୁ ସଂସ୍କାର କରନ୍ତି । ଭକ୍ତମାନେ କ୍ଷୌର ହେବା ସାଙ୍ଗକୁ ନଖ କାଟି ନିକଟସ୍ଥ ଉଦ୍ଧବଶିଳାରେ ନିଜ ଶରୀରକୁ ଘର୍ଷଣ କରନ୍ତି ଏବଂ ଏହାପରେ ନିକଟସ୍ଥ ରୋହିଣୀ କୁଣ୍ଡରେ ସ୍ନାନ ସାରି ନିଜକୁ ସଂସ୍କାର କରନ୍ତି । ମନ୍ଦିର ସମ୍ମୁଖକୁ ଗୋବରରେ ଲେପନ କରି ଭୂମି ସଂସ୍କାର କରନ୍ତି ।

ମାନବ ଦେଉଳ ନିକଟରେ ସହସ୍ରାଧିକ ବାଥୁଡ଼ି ଭକ୍ତ ଅସ୍ଥାୟୀ ତମ୍ବୁ ନିର୍ମାଣ କରି ରାତିରେ ରହନ୍ତି । ଏହି ଅବସରରେ ସେମାନେ ମାନବ ଦେଉଳର କିଛି ବାଟ ପାହାଡ଼ର ଉପରେ ଥିବା ଈଶ୍ୱର ଦେଉଳରେ ଈଶ୍ୱର(ମହାଦେବ) ଉପାସନା, ଲକ୍ଷ୍ମୀ ଦେଉଳରେ ଲକ୍ଷ୍ମୀ ଉପାସନା, ବଡ଼ ଦେଉଳରେ ଜଗନ୍ନାଥ, ବଳଭଦ୍ର(ବଡ଼ାମ୍) ଉପାସନା କରନ୍ତି । ଶେଷ ଦିନ ମାନବ ଦେଉଳରେ ମେଢ଼ପୂଜାରେ ମା' ବନଦୁର୍ଗାଙ୍କ ନିକଟରେ ବହୁ ସଂଖ୍ୟାରେ ପଶୁପକ୍ଷୀଙ୍କୁ ବଳି ଚଢ଼ାଯାଏ । ଏହାକୁ ବଡ଼ପୂଜା ମଧ୍ୟ କୁହାଯାଇଥାଏ । ବାଥୁଡ଼ିମାନଙ୍କ ଅଠର ଦେଉଳ ଉପାସନା ମଧ୍ୟରେ ମକାବାଡ଼ିର ଶାରଳା ଠାକୁରାଣୀ, ଷଣ୍ଢଜଟାର ମହାଦେବ ବୈଦ୍ୟନାଥ, ଛତ୍ରୀ ମହାବୀର ହନୁମାନ, ଜେନାବିଲର ବିଷ୍ଣୁ ଦେଉଳ, ଅଲକୁଦର ରାମରାଜା ପାହାଡ଼ରେ ରାମ ଉପାସନା, ବିସିପୁରର ସାହାଡ଼ା ସୁନ୍ଦରୀ (ଶକ୍ତି ଉପାସନା), ଦେବକୁଣ୍ଡର ମା' ବିରାଟପାଟ ଠାକୁରାଣୀ(ଶକ୍ତି ଉପାସନା) ଆଦିଅନ୍ତର୍ଭୁକ୍ତ ହୋଇଥାଏ ।

ବାଥୁଡ଼ିମାନଙ୍କର ଏହି ଅଠର ଦେଉଳର ଯାତ୍ରା ସମୟରେ ଦୁଆରଶୁଣୀ(ରାଣୀଭୋଳ)ଠାରୁ ଆରମ୍ଭ କରି ଜଡ଼ିଧର, ଚନ୍ଦନପେଡ଼ି, ବୁଢ଼ିଘର ମଠ, ଗଡ଼ଶିମିଳିପାଳ ଏବଂ ମାନବଦେଉଳ ଆଦି ସ୍ଥାନମାନଙ୍କରେ ଭକ୍ତମାନେ ରାତ୍ରୀଯାପନ କରନ୍ତି ।

ଶିମିଳିପାଳ ଜଙ୍ଗଲ ମଧ୍ୟରେ ଥିବା ବିଷ୍ଣୁ ମନ୍ଦିର(ଜେନାବିଲ), ଲେମ୍ବୁଗଡ଼ାସ୍ଥିତ ମାନବ ଦେଉଳର ବାହୁବଳୀ ଠାକୁରାଣୀ, ବାଉଳୀ ଠାକୁରାଣୀ, ଉଦ୍ଧବଶିଳା, ରୋହିଣୀକୁଣ୍ଡ, ଯମୁନା-ବାରଦଣ୍ଡା(ନଦୀ ଠାକୁରାଣୀ), ଗୁପ୍ତ ବୃନ୍ଦାବନ, ବାଥୁଳିଚାରା ଉପାସନା(ବାଛୁରୀଚରା), ଗଣେଶ୍ୱରଗଡ଼, ଚଂପାଘାଟି ଦୁଧିଆଣୀ(ଠାକୁରାଣୀ),

ଶିମୁଳିଆଗଡ଼ର ଗଡ଼ଚଣ୍ଡୀ, ଛତ୍ରୀ ମହାବୀର, ଲକ୍ଷ୍ମଣ ଭଣ୍ଡାର, ଈଶ୍ୱର ଦେଉଳ, ବଡ଼ ଦେଉଳ, ନିଝାରୀ ବଡ଼ାମ୍(ରାଣୀଭୋଳ), ବାରଭାଇ ସନ୍ଧାରଧାର(ବରେହିପାଣି), ଅନନ୍ତ ବାସୁକୀ, ପାର୍ବତୀ ଦେଉଳ(ସାତ କୋଠରୀ ବିଶିଷ୍ଟ ଗୁମ୍ଫାରେ ପୂଜିତ ଠାକୁରାଣୀ), ଅମ୍ବିକା ଦେଉଳ(ତିନି କୋଠରୀ ବିଶିଷ୍ଟ ଗୁମ୍ଫାରେ ପୂଜିତ ଠାକୁରାଣୀ),ଜାଉରନ୍ଧା(ଜୋରନ୍ଦା)ର ନୀଳମାଧବ, ଅସୁରିଆ ହାଡ଼, ରାମରାଜା ପାହାଡ଼(ଭଲୁକୁ କୁଦର/ଅଲକୁଦର), ସାହାଡ଼ା ସୁନ୍ଦରୀ(ବିଶିପୁର), ରଘୁନାଥ ମଠ(ଯଶୀପୁର), ବଡ଼ାମ-ବଡ଼ାମଣୀ(ସାହାଣଦେଇ) ଠାକୁର ଠାକୁରାଣୀ ବାଥୁଡ଼ିମାନଙ୍କର "ଅଠର ଦେଉଳ ଉପାସନା'ର ଅନ୍ତର୍ଭୁକ୍ତ ହୋଇଥାଏ ।

ମାନବ ଦେଉଳରେ ପତ୍ରକୁଡ଼ିଆ କରି ମନ୍ଦିର ବେଢ଼ା ସ'ାକରି ଭଣ୍ଡାରୀ ପାଖରେ ଶୌଚ ହୋଇ ଗୋମୟ ପାନ କରି ରୋହିଣୀ କୁଣ୍ଡରେ ସ୍ନାନ କରି ମେଘନାଦ ପୋଖରୀରୁ ଜଳ ଆଣି ଚାଙ୍ଗୁ ଖଳା ପ୍ରସ୍ତୁତ କରାଯାଏ । ଏହା ପରେ ଚାଙ୍ଗୁ ଖଳାରେ ଝୋଟିଚିତା ପକାଯାଏ । ଉଦ୍ଭବ ଶିଳାରେ ଅଙ୍ଗମର୍ଦ୍ଦନ କରି ଝୁଣାଧୂପରେ ଦେହକୁ ଶୁଦ୍ଧପବିତ୍ର କରାଯାଏ । ଦିନରେ ବଡ଼ାମ୍ ପୂଜା ସହିତ ପ୍ରସାଦ ସେବନ କରାଯାଏ । ରାତିରେ ଉପବାସ ରହନ୍ତି । ରାତିତମାମ୍ ଚାଙ୍ଗୁଖଳାରେ ଚାଙ୍ଗୁ ନୃତ୍ୟ ପରିବେଷଣ କରାଯାଏ ।

ବାଥୁଡ଼ି ପୁରୁଷମାନେ ଧଳା ଗଞ୍ଜି ଓ ଧୋତି ଏବଂ ମହିଳାମାନେ ଧଳା ଶାଢ଼ୀ ଓ ନାଲି ବ୍ଲାଉଜ ପିନ୍ଧି ମୁଣ୍ଡରେ ଓଢ଼ଣା ଦେଇ ନଇଁ ନଇଁ ନାଚିଥାନ୍ତି । ଶିମିଳିପାଳ ଜଙ୍ଗଲ ମଧ୍ୟରେ ରାତିର ଘନ ଅନ୍ଧାରକୁ ଦୂର କରିବା ପାଇଁ ନିଆଁ ଧୁନି ଜଳାଯାଇଥାଏ । ହୋମ ଯଜ୍ଞ କରାଯାଏ । ନୂଆ ଆଟିକାରେ ଅରୁଆ ଖିରି ରନ୍ଧାଯାଇ ମେଢ଼ ପୂଜା ହୁଏ । ଶେଷ ଦିନ ପାର୍ଶ୍ୱ ଦେବତାଙ୍କ ପାଖରେ ବୋଦା ଓ କୁକୁଡ଼ା ବଳି ଭୋଗ ଲାଗି ହୋଇଥାଏ ।

ପ୍ରତିବର୍ଷ ଚୈତ୍ର ମାସରେ ଶିମିଳିପାଳର ଆଦି ତୀର୍ଥ ବଡ଼ାମ୍ ପୀଠ ଅଠର ଦେଉଳରେ ବାଥୁଡ଼ିମାନେ ସମବେତ ହୋଇଥାନ୍ତି । ନୀଳମାଧବଙ୍କୁ ଏହିଠାରୁ ଅନ୍ୟତ୍ର ନିଆଯାଇଥିବାରୁ ତାଙ୍କର ଜ୍ୟେଷ୍ଠ ଭ୍ରାତା ବଳରାମ(ବଡ଼ାମ୍) ଏଠାରେ ରହିଯାଇଛନ୍ତି ଏବଂ ତାଙ୍କୁ ଏଠାରେ ଗୁପ୍ତ ଭାବେ ପୂଜା କରାଯାଇ ଆସୁଛି ବୋଲି ବାଥୁଡ଼ିମାନେ ବିଶ୍ୱାସ କରନ୍ତି । ଦୀର୍ଘ ଏକ ପକ୍ଷ ଧରି ଅଠର ଦେଉଳ ଯାତ୍ରା ସାରି ବଡ଼ାମକୁଳିଆମାନେ ନିଜନିଜର ଗାଁକୁ ଫେରନ୍ତି । ଗ୍ରାମର କୁଳବଧୂମାନେ ହଳଦୀ ପାଣିରେ ପାଦ ଧୋଇଦେଇ ଛୋଟ ପଥରଖଣ୍ଡ ଗ୍ରାମର ବଡ଼ାମ ଶାଳରେ ରଖନ୍ତି । ଅଠର ଦେଉଳ ଯାତ୍ରା ପରେ ବଡ଼ାମଙ୍କ ମୁଖ୍ୟ ପର୍ବ ଡାଳପୂଜା ଆରମ୍ଭ ହୋଇଥାଏ । ପ୍ରତି ବାଥୁଡ଼ି ଗାଁର ପରିଚୟ କୁହାଯାଉଥିବା ବଡ଼ାମ ଶାଳରେ ମହା ଆଡ଼ମ୍ବରରେ ତିନି ଦିନ ଧରି ଡାଳିପୂଜା (ଆମ୍ବ ନୂଆଖିଆ) ପାଳନ କରାଯାଏ । ନଅ ପ୍ରକାର ଡାଳ ଓ ପାଂଚ ପ୍ରକାର ନୂଆ ଫଳମୂଳ ଠାକୁରଙ୍କୁ ଅର୍ପଣ କଲାପରେ ବାଥୁଡ଼ିମାନେ ଭକ୍ଷଣ କରନ୍ତି ।

## ବାଥୁଡ଼ି ସଂପ୍ରଦାୟର "ବଡ଼ାମ୍' ଅର୍ଥାତ୍ ବଳରାମ

ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବସବାସ କରୁଥିବା ବାଥୁଡ଼ି ସଂପ୍ରଦାୟର ବନବାସୀମାନେ ବଡ଼ାମଙ୍କର ପରମଭକ୍ତ ଭାବେ ଜଣାଶୁଣା । ମନେହୁଏ ସେମାନେ କାହିଁ କେଉଁ କାଳରୁ ବଡ଼ାମ୍ ବା ବଳରାମଙ୍କୁ ପୂଜା କରିଆସୁଛନ୍ତି । ବଡ଼ାମ୍ଙ୍କ ସହିତ ସେମାନେ ଅନ୍ୟ ଦୁଇ ମୂ ିର ଉପାସନା କରିଥା'ନ୍ତି, ଯାହାଙ୍କୁ ପ୍ରଭୁ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ସହ ତୁଳନା କରାଯାଇଥାଏ । ଏହି ବାଥୁଡ଼ି ସଂପ୍ରଦାୟର ବନବାସୀମାନେ ବଡ଼ାମ୍ ଠାକୁର ଏବଂ ତାଙ୍କ ଭାଇ, ଭଉଣୀଙ୍କୁ ଯଶୀପୁର ଶିମିଳିପାଳସ୍ଥିତ ଜଙ୍ଗଲ ମଧ୍ୟରେ ଥିବା "ଅଠର ଦେଉଳ'ରେ

ପୂଜା କରିଥାନ୍ତି । ଅଠର ଦେଉଳକୁ ନେଇ ବାଥୁଡ଼ି ସଂପ୍ରଦାୟରେ ଅନେକ କିମ୍ବଦନ୍ତୀ ଓ ପ୍ରାଚୀନ କାହାଣୀମାନେ ରହିଛି । "ଅଠର ଦେଉଳ'କୁ ସ୍ଥଳ ବିଶେଷରେ ପୁରୀ ଶ୍ରୀମନ୍ଦିର ସହ ତୁଳନା କରାଯାଇଥାଏ ଏବଂ ଏହି ମନ୍ଦିରରେ ତିନୋଟି ପଥର ବିଗ୍ରହ ପୂଜା ପାଆନ୍ତି । ଶବର ରାଜା ବିଶ୍ୱାବସୁ ଇନ୍ଦ୍ରନୀଳମଣି ବିଗ୍ରହକୁ ପାହାଡ଼ କନ୍ଦର (ଗୁମ୍ଫା)ରେ ରଖି "ନୀଳମାଧବ' ରୂପେ ପୂଜା କରୁଥିଲେ । ପାହାଡ଼ପର୍ବତ, ଗୁମ୍ଫାରେ ଗୋପନରେ ଦେବତାଙ୍କୁ ସ୍ଥାପନ କରି ପୂଜା କରିବା ବନବାସୀଙ୍କ ଅନ୍ୟ ଏକ ପରିଚୟ । ବାଥୁଡ଼ିମାନେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ପାହାଡ଼ ଗୁମ୍ଫା ମଧ୍ୟରେ ସେମାନଙ୍କ ଦେବତା "ବଡ଼ାମ୍'ଙ୍କୁ ରଖି ପୂଜା କରିଥାନ୍ତି । ବାଥୁଡ଼ିମାନଙ୍କ ଏହି ପୂଜା ଜନପଦୀୟ "ନୀଳମାଧବ ଉପାସନା' ସହିତ ଅନେକ ସାମଞ୍ଜସ୍ୟ ରଖିଥାଏ ।

## ସାଂସ୍କୃତିକ ସୁରକ୍ଷା ବନାମ୍ ଆର୍ଥିକ ବିକାଶ

କେବଳ ବାଥୁଡ଼ି ଜନଜାତି କାହିଁକି ସମସ୍ତ ଜନଜାତି ସାମାଜିକ ଓ ସାଂସ୍କୃତିକ ପରଂପରାରେ ଅନେକ ଅବକ୍ଷୟ ଓ ପରିବ ର୍ନ ଦେଖାଦେଇଛି । ତଥାକଥିତ ମିଛ ଆଧୁନିକତା ଓ ଶିକ୍ଷା ନାଁରେ ପରଂପରା ଓ ପ୍ରଥାକୁ ଏବେ ଜଳାଞ୍ଜଳି ଦେବାକୁ ପଡୁଛି । ଦୁଇଟି ଲକ୍ଷଣ ଦେଖି ଆମେ ସାଧାରଣତଃ ବାଥୁଡ଼ି ଗ୍ରାମକୁ ଚିହ୍ନିଥାଉ । ଯଦି ଗୋଟିଏ ଗାଁର ମଝିରେ ବଡ଼ାମ ଶାଳ (ଉପାସନା ସ୍ଥଳୀ) ଏବଂ ଗାଁ ବାହାରେ ଠାକୁରାଣୀ ଶାଳ/ ଥାନ ଥିବ, ଜାଣିବ ଏହା ବାଥୁଡ଼ି ଗାଁ । ମାତ୍ର ଏବେ ଅନେକ ଗାଁରେ ଏହା ଦୃଶ୍ୟମାନ ହେଉନାହିଁ । ଶିକ୍ଷା ନାଁରେ ବାଥୁଡ଼ି ଯୁବକ, ଯୁବତୀ ଚାଙ୍ଗୁନାଚ ଓ ଗୀତ କରିବାକୁ ମନ ବଳାଉ ନାହାନ୍ତି । ଅଧିକାଂଶ ପର୍ବପର୍ବାଣି ଏବେ ଇତିହାସ ହୋଇଗଲାଣି । ସରକାର କେବଳ ଜନଜାତିର ଆର୍ଥିକ ବିକାଶ କଥା ଚିନ୍ତା କରୁଛନ୍ତି ଓ ସେ ସଂପର୍କିତ ଯୋଜନା ପ୍ରସ୍ତୁତ କରୁଛନ୍ତି । ଗୋଟିଏ ଗାଁକୁ ରାସ୍ତା, ବିଜୁଳି, ପାଣି ଓ କୋଠାଘର ଯୋଗାଇ ଦେଲେ ସେ ଗାଁର ବିକାଶ ହେଲା ବୋଲି କୁହାଯାଇ ପାରିବକି ? ଯଦି ସେ ଗାଁର ଯୁବକ, ଯୁବତୀମାନେ ନିଜନିଜର ପାରଂପରିକ ନୃତ୍ୟ ଓ ଗୀତକୁ ଭୁଲିଯିବେ ଏବଂ ତା' ବଦଳରେ ଶସ୍ତା ହିନ୍ଦୀ ମୁଭି ଗୀତରେ ନାଚଗୀତ କରିବେ, ତାକୁ କ'ଣ କୁହାଯିବ । ପର୍ବପର୍ବାଣି ବେଳେ ଆଜିର ବାଥୁଡ଼ି ଯୁବକ, ଯୁବତୀ ଦୋଳିଗୀତ ଗାଉଛନ୍ତିକି ? ଆଜିର ବାଥୁଡ଼ି ଯୁବକ/ଯୁବତୀ କୁଆଁରପୂନେଇଁ ଗୀତ ଗାଉଛନ୍ତିକି ? ଆଜି ବାଥୁଡ଼ି ଗାଁରେ ବିବାହ ସମୟରେ ବର, କନିଆଁଙ୍କ ସାହିବୁଲା, କଉଡ଼ି ଖେଳ, ପାଇମାଣ ଟେକା, କଙ୍କଡ଼ା କାମୁଡା (ଏରୁଣ୍ଡିବନ୍ଧ ଛେକା), ହଳଦିପତ୍ର, ପିଠାଭାତ ଭାର ଭଳି ପାରଂପରିକ ପ୍ରଥା ଓ ପରଂପରା ପ୍ରଚଳିତ ଅଛିକି ? ଅନେକ ଅସମାହିତ ପ୍ରଶ୍ନର ଉ ର ଦେବ କିଏ ? ଏବେ ପ୍ରକୃତରେ ସରକାର ଜନଜାତିଙ୍କ "ସାଂସ୍କୃତିକ ବିକାଶ' କଥା ଚିନ୍ତା କରିବାର ସମୟ ଆସିଛି । ସେମାନଙ୍କର ପର୍ବପର୍ବାଣି, ଠାକୁର/ଠାକୁରାଣି ଶାଳ, ପାରଂପରିକ ନୃତ୍ୟ ଓ ଗୀତ, କାହାଣୀ, ଢଗଢମାଳି, ରୁଢ଼ି, କିମ୍ବଦନ୍ତୀ, ସାଂସ୍କୃତିକ ଐତିହ୍ୟର ସୁରକ୍ଷା କରାଯାଇପାରିଲେ ପ୍ରକୃତରେ ସେମାନଙ୍କର ସଂସ୍କୃତିକୁ ସୁରକ୍ଷିତ କରିହେବ ।

## ସହାୟକ ଗ୍ରନ୍ଥସୂଚୀ

୧. ନାୟକ ଡ. ରାଜକିଶୋର, "ସାମାଜିକ ଦର୍ପଣରେ ବାଥୁଡ଼ି ସମାଜ', "ଅଠର ଦେଉଳ' ସ୍ମରଣିକା- ୨୦୦୪, ବାଥୁଡ଼ି ସାଂସ୍କୃତିକ ସମାଜ, କଟକ

୨. ନାୟକ କପିଳେଶ୍ୱର, ବାଥୁଡ଼ି ସଂପ୍ରଦାୟର ବଂଶ ପରିଚୟ, "ଅଠର ଦେଉଳ' ସ୍ମରଣିକା-୨୦୦୪, ବାଥୁଡ଼ି ସାଂସ୍କୃତିକ ସମାଜ, କଟକ

୩. ଦ୍ୱିଜ ତ୍ରିଲୋଚନ, "ଆଦି ଶୂନ୍ୟଗୁପ୍ତ ପୁରାଣ' (ଅପ୍ରକାଶିତ)
୪. ନାଏକ ଶରତ ଚନ୍ଦ୍ର, "ଆଦିବାସୀ ବାଥୁଡ଼ି ସଂପ୍ରଦାୟ: ସମାଜ, ସଂସ୍କୃତି ଓ ସାହିତ୍ୟ; ଏକ ଅଧ୍ୟୟନ', ଅପ୍ରକାଶିତ ପିଏଚ୍‌ଡ଼ି ଥେସିସ
୫. ନାଏକ ଉମାକାନ୍ତ, "ଆଦିବାସୀ ସଂପ୍ରଦାୟରେ ବାଥୁଡ଼ି ଓ ଏହାର ବିବାହ ପ୍ରସ୍ତୁତି; ଏକ ଦୃଷ୍ଟିପାତ', "ଅଠର ଦେଉଳ' ସ୍ମରଣିକା-୨୦୦୨, ବାଥୁଡ଼ି ସାଂସ୍କୃତିକ ସମାଜ, କଟକ
୬. ନାୟକ ଶରତ ଚନ୍ଦ୍ର, "ମୟୂରଭଞ୍ଜ ସଂସ୍କୃତିରେ ବାଥୁଡ଼ି ଜନଜାତି', ମେଘାସନୀ ପବ୍ଲିକେଶନ୍ସ, ବାଘଡ଼ାରୋଡ, ବାରିପଦା, ୨୦୧୩
୭. ପ୍ରଧାନ ରଂଜନ, "ଜୁଆଙ୍ଗ ପର୍ବପର୍ବାଣି', ପ୍ରକାଶକ: କ୍ରିଏଟିଭ୍ ଓଡ଼ିଶା, ନିଗିନିପୁର, ସାନଜରିଆ, କେନ୍ଦ୍ରାପଡ଼ା-୨୦୧୪
୮. ଆଚାର୍ଯ୍ୟ ଶାନ୍ତନୁ କୁମାର, "କରଞ୍ଜିଆ ଡାଏରି', ଗ୍ରନ୍ଥ ମନ୍ଦିର, ମଇ-୧୯୮୯
୯. ମିଶ୍ର କ୍ଷେତ୍ରମୋହନ, "କେନ୍ଦୁଝର ଭୂଗୋଳ'
୧୦. ନାୟକ ଡ. ରାଜକିଶୋର, "ବାଥୁଡ଼ି ଜନଜାତିରେ ଧର୍ମଧାରଣା', "ବନଜା-୨୦୧୬', ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର
୧୧. ନାଏକ ଡ. ଶରତ ଚନ୍ଦ୍ର, "ବାଥୁଡ଼ି ସଂପ୍ରଦାୟର ଧର୍ମଧାରଣା ଓ ଉପାସନା', "ଅଠର ଦେଉଳ' ସ୍ମରଣିକା-୨୦୦୦-୦୧, ବାଥୁଡ଼ି ସାଂସ୍କୃତିକ ସମାଜ, କଟକ
୧୨. ନାୟକ ଡ. ରାଜକିଶୋର, ନାଏକ ରବୀନ୍ଦ୍ର ଓ ନାଏକ ଡ. ଶରତ ଚନ୍ଦ୍ର, "ବାଥୁଡ଼ି ଜାତିର ଅଜ୍ଞାତ ଅଧ୍ୟାୟ', ପ୍ରକାଶକ: ବାଥୁଡ଼ି ସାଂସ୍କୃତିକ ସମାଜ, କେନ୍ଦୁଝର ଶାଖା, କେନ୍ଦୁଝର-୨୦୧୭
୧୩. ପରିଡ଼ା ମନୋରଂଜନ, "ବାଥୁଡ଼ି ସଂପ୍ରଦାୟର ସାଂସ୍କୃତିକ ପରଂପରାରେ ବୁଦ୍ଧ ଓ ଶ୍ରୀଜଗନ୍ନାଥ', "ଐତିହ୍ୟ', ହେରିଟେଜ୍ ଇଂଟରନ୍ୟାସ୍‌ନାଲ, ଭୀମଟାଙ୍ଗି, ଭୁବନେଶ୍ୱର, ପ୍ରଥମ ସଂଖ୍ୟା, ଜୁଲାଇ-୨୦୧୨
୧୪. ଦାସ ସବ୍ୟସାଚୀ, "ଉତ୍କଳ ପ୍ରସଙ୍ଗ', ଜୁଲାଇ-୨୦୧୩, ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ, ଭୁବନେଶ୍ୱର
୧୫. ଶ୍ରୀ ଶ୍ରୀ ବଡ଼ାମ ପୁରାଣ, ଲେଖକ: ଚକ୍ରଧର ମିଶ୍ର (ମୂଳ ତାଳପତ୍ର ପୋଥିକୃତ କୁରାଳ ପୁରାଣରୁ ଉଦ୍ଧୃତ), ସଂଗ୍ରାହକ: ଗୋବିନ୍ଦ ଚନ୍ଦ୍ର ନାଏକ, ମକରଧ୍ୱଜ ନାଏକ, ପ୍ରକାଶକ: ଗୌରହରି ନାଏକ, ହଳଦିବଟା, କେନ୍ଦୁଝର (ପ୍ରକାଶନ ସମୟ ଉଲ୍ଲେଖ ନାହିଁ)
୧୬. ପ୍ରଧାନ ରଂଜନ, "ପର୍ଯ୍ୟଟନ ଓ ପ୍ରତ୍ନତ୍ତ୍ୱ: ମୟୂରଭଞ୍ଜ', କ୍ରିଏଟିଭ ଓଡ଼ିଶା, ନିଗିନିପୁର, କେନ୍ଦ୍ରାପଡ଼ା-୨୦୧୭
୧୭. ପ୍ରଧାନ ରଂଜନ, "ବନବାସୀଙ୍କ ବୃକ୍ଷ ଉପାସନା ଓ ନବକଳେବର', "କୋଣାର୍କ', ଓଡ଼ିଶା ସାହିତ୍ୟ ଏକାଡେମି, ସଂସ୍କୃତି ଭବନ, ଭୁବନେଶ୍ୱର, ୧୭୭ତମ ସଂଖ୍ୟା, ମଇ-ଜୁଲାଇ, ୨୦୧୫

**ବରିଷ୍ଠ ସାମ୍ବାଦିକ, ସମ୍ବାଦ, ଭୁବନେଶ୍ୱର**
**ଦୂରଭାଷ: ୯୪୩୭୨୧୩୮୫୪**
ranjan.pragyan@gmail.com, ranjan_pragyan@rediffmail.com

# କଳାହାଣ୍ଡିର କନ୍ଧ ସଂସ୍କୃତି : ଏକ ବିହଙ୍ଗାବଲୋକନ

ଡକ୍ଟର ଅଜିତ କୁମାର ବେହେରା

କଳାହାଣ୍ଡି କଳାର ଭଣ୍ଡାର । ଏହାର ମାଟିତଳେ ଭରିରହିଛି ମୂଲ୍ୟବାନ ରତ୍ନଭଣ୍ଡାର ଓ ମାଟି ଉପରେ ପ୍ରାଗ୍ଐତିହାସିକ କାଳର ଉନ୍ନତ ନଗର ସଭ୍ୟତା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା । ଏଇ କଳାହାଣ୍ଡି 'କଳା' ଓ 'ହାଣ୍ଡି' ଦୁଇଟି ଶବ୍ଦର ସମାହାର । 'କଳା' ମାନବିକ କୌଶଳ/ରଚନା/ ଚାରୁକଳା/ଲଳିତ କଳା (Fine Arts) ଇତ୍ୟାଦି । 'ହାଣ୍ଡି' ଶବ୍ଦର ଅର୍ଥ 'ପାତ୍ର' । ଅତଏବ୍ କଳାହାଣ୍ଡି ଶବ୍ଦର ମୋଟାମୋଟି ଅର୍ଥ 'କଳାର ଭଣ୍ଡାର' । Orissa District Gazetters Kalahandi ରେ 'କଳାହାଣ୍ଡି' ର ଅର୍ଥ 'କଳାରଙ୍ଗର ହାଣ୍ଡି' (Black Pot) ରୂପେ ଗ୍ରହଣ କରାଯାଇଛି । ପୁନଶ୍ଚ କୋକସରା ନିକଟସ୍ଥ 'ଗୁଡହାଣ୍ଡି' ପାହାଡ ଗୁମ୍ଫାରେ ଆବିଷ୍କୃତ ପ୍ରାଗ୍ଐତିହାସିକ ଲାଲ ଓ କଳା ରଙ୍ଗରେ ଚିତ୍ରିତ ଚିତ୍ରାନୁସାରେ ଜିଲ୍ଲାର ନାମକରଣ 'କଳାହାଣ୍ଡି' ହୋଇଥିବାର ଅନୁମିତ ହୁଏ । ଏହାଛଡା କଳାହାଣ୍ଡିର ନାମ ଦଧିବାମନ ମନ୍ଦିରର ଶିଳାଲେଖରେ 'କଳାହାଣ୍ଡି' ନାମ ସୂଚିତ ଥିବାର ଦେଖାଯାଇଛି । ବ୍ରିଟିଶ୍ ରାଜତ୍ୱ କାଳରେ କଳାହାଣ୍ଡି 'କାରୁଣ୍ଡ' ରାଜ୍ୟ ନାମରେ ପରିଚିତ ଥିଲା । ପ୍ରାଗ୍ଐତିହାସିକ ମାନବ ବ୍ୟବହୃତ ନାନା ମୃତ୍‌ପାତ୍ର, ଭଗ୍ନ ମୁଣ୍ମୟ ମୂ ର୍ି, ଲୁହାଗୁହ ବା ଲୌହ ଅବଶେଷ, ପାଷାଣ ଲଙ୍ଗଳ ଫାଳ, କ ର୍ନ ଉପକରଣ, ଜୀବାଶ୍ମ, ମାଳି ପ୍ରଭୃତି ବହୁ ମୂଲ୍ୟବାନ ଉପାଦାନରୁ ସେତେବେଳେ କଳାହାଣ୍ଡିରେ ମାନବ ସଭ୍ୟତାର ଅବସ୍ଥିତି ସଂପର୍କରେ ସୂଚନା ମିଳେ । ସମ୍ବିଧାନ ସ୍ୱୀକୃତ ଓଡିଶାରେ ସମୁଦାୟ ବାଷଠିଟି ଆଦିବାସୀ ସମ୍ପ୍ରଦାୟ ଅଛନ୍ତି । ସେମାନଙ୍କ ମ୍ଧ୍ୟରୁ କନ୍ଧ ଅନତମ । କନ୍ଧମାନେ ଯୁଗଯୁଗ ଧରି କଳାହାଣ୍ଡି ମାଟିରେ ବହୁଳ ଭାବରେ ବସବାସ କରିଆସୁଛନ୍ତି । ତେଣୁ ତାଙ୍କୁ 'ଭୂମିପୁତ୍ର', ତାଙ୍କ ବସତି ଅଂଚଳକୁ 'କନ୍ଧାନା ଳ' ଓ ସେମାନଙ୍କ ଭାଷାକୁ 'କନ୍ଧାନ ଭାଷା' କୁହାଯାଏ । ଏମାନେ ଦୁଃସାହସିକ, ବଳିଷ୍ଠ ଓ ପରାକ୍ରମୀ ଯୋଦ୍ଧା ଜାତି ଅଟନ୍ତି । ଆଦିମ ସମାଜ ଅନ୍ତର୍ଗତ କନ୍ଧମାନଙ୍କ ଲଢୁଆ ମନୋବୃ ି ଯୋଗୁଁ ଏମାନେ ସାମରିକ ଶକ୍ତି ଆହରଣ କରି ବିଭିନ୍ନ ଦଳପତିମାନଙ୍କ ନେତୃତ୍ୱରେ କ୍ଷମତାଶାଳୀ ହୋଇ ରହିଥିଲେ । କନ୍ଧ ଅ୍ଧୁଷିତ ଶାସନ ଜନପଦ ମ୍ଧ୍ୟରେ ପରାକ୍ରମୀ ହୋଇଥିବାରୁ ସମ୍ଭବତଃ ମନୁସଂହିତାରେ ଏମାନଙ୍କୁ 'କନ୍ଧବାହିନୀ' ବୋଲି କୁହାଯାଇଛି ।

କନ୍ଧମାନେ କଳାହାଣ୍ଡିର ପ୍ରାଚୀନ ଅଧିବାସୀ ବୋଲି କୁହାଯାଏ । ଏମାନେ ସର୍ବପ୍ରଥମେ ବିନ୍ଧ୍ୟଗିରି ପର୍ବତରୁ ଏଠାକୁ ଆସିଥିଲେ । ପ୍ରଚଳିତ ଲୋକକଥା ଅନୁସାରେ, "ବିଞ୍ଜିଗିରି କଅନ୍ଦ୍ ଅଟେଁ ଦେଲେ କଁଟେ ପାଇସି, କାଲର ଶୁନିର ମଅନ୍ଦ୍" । କନ୍ଧମାନେ ବିନ୍ଧ୍ୟଗିରି ପର୍ବତରୁ ବାହାରି ବୌଦରେ ବେଦକୁ ରଖି, କଳାହାଣ୍ଡି ଉପକଣ୍ଠ ଲବଙ୍ଗଗଡ, ସରେଙ୍ଗଗଡ, ନାରେଙ୍ଗଗଡ ଏବଂ ବାରେଙ୍ଗଗଡରେ ଖୁ କାଟି ବସତି ସ୍ଥାପନ କରିଥିଲେ । ଏହାର ପ୍ରମାଣ କନ୍ଧମାନଙ୍କ ଡାକା ଗୀତରୁ 'ଖୁଟ୍ କାଟଲ ରେଙ୍ଗାଲ୍, ଢାଲ୍ଲ ପଦର ବସଲ କନ୍ଧ, ରେଙ୍ଗାଲ୍ ଗେଟ୍‌କେ ବଅତେ ଆନ୍‌ତେ, ଧିରନି ଗାଡଲ କନ୍ଧ'ରୁ ପ୍ରମାଣିତ ହୁଏ । ଏହି କନ୍ଧମାନେ

ସେଠାରେ 'ବାରଭାଇ ବେସ୍କା' ନାମରେ ପରିଚିତ ହେଲେ । ଏମାନେ କ୍ରମଶଃ ୧ ୨ କନ୍ଧରେ ନାମିତ ହୋଇ ୧ ୨ଟି ଧରନୀ ସ୍ଥାପନକରି ୧ ୨ ଭାଇ ୧ ୨ଟି ସ୍ଥାନ ବାଛି ବସତି ସ୍ଥାପନ କଲେ । ଅଦ୍ୟାପି ବାରଭାଇଙ୍କ ଦ୍ୱାରା ସ୍ଥାପିତ ଧରନୀ ବରେଙ୍ଗଗଡ (ଭାନପୁର)ରେ ମୂକସାକ୍ଷୀ ଭାବେ ଦଣ୍ଡାୟମାନ ।

କନ୍ଧମାନେ ଯେଉଁଠି ଗ୍ରାମ ବସାନ୍ତି, ସେହି ସ୍ଥାନକୁ ପବିତ୍ର ମନେ କରାଯାଏ । ଲୋକୋକ୍ତି ଅଛି 'କନ୍ଦ୍ କୁରମେଲ ମାଟିର ଦୁବ, ଯେନନେ ବସଲେ ସେନେ ଶୁଦ୍' ଅର୍ଥାତ୍ କନ୍ଧ, କୁରମେଲ କନ୍ଦମୂଳ ତଥା ଦୂବଘାସ, ଏ ତିନି ଯେଉଁ ମାଟିରେ ଦେଖାଯାନ୍ତି ସେହି ସ୍ଥାନ ଶୁଭଫଳ ଦିଏ । ପ୍ରାଚୀନ ସମୟରୁ କନ୍ଧମାନେ ବଳିଷ୍ଠ, ଦୁଃସାହସିକ ଓ ଯୋଦ୍ଧା ଜାତି ଭାବରେ ପରିଚିତ । ଏମାନେ ପର୍ବତ ଶିଖରରୁ ଆରମ୍ଭକରି ପର୍ବତର ପାଦଦେଶ, ନଈକୂଳ, ସମତଳ ଅ ଳ ମାନଙ୍କରେ ବସବାସ କରନ୍ତି । ଏମାନଙ୍କ ଜୀବନ ଶୈଳୀ ଅତ୍ୟନ୍ତ ସରଳ, ପାରମ୍ପରିକ ଓ କୃତ୍ରିମତାହୀନ ।

ପୂର୍ବେ କନ୍ଧମାନେ କଳାହାଣ୍ଡିର ଶାସକ ଥିଲେ । କାଳକ୍ରମେ ସେମାନେ ନାଗବଂଶୀ ରାଜାଙ୍କୁ ସିଂହାସନରେ ବସାଇ ରାଜତନ୍ତ୍ରର ଅଭିଭାବକ ଭାବେ ରହିଲେ । ସେହି ଦିନରୁ କଳାହାଣ୍ଡିର ରାଜାମାନେ କନ୍ଧଜାତିକୁ ସମ୍ମାନ ଜଣାଇ ନିଜକୁ ଜଣେ କନ୍ଧ ଶାସକଙ୍କ ପ୍ରତିନିଧି ଭାବରେ ସିଂହାସନ ଅଳଂକୃତ କରିଥାନ୍ତି । ତେଣୁ କୁହାଯାଏ 'କନ୍ଧର ଯେ ଭୁଇଁ, ରଜାର ଯେ ରାଏଜ୍' । ଏହି ଉକ୍ତିରୁ କଳାହାଣ୍ଡି ରାଜ୍ୟଟି ରାଜାଙ୍କର ଅଧିକାର ଭୁକ୍ତ ଥିଲେ ହେଁ, ମାଟିର ଅଧିକାର ପରମ୍ପରା କ୍ରମେ କନ୍ଧମାନଙ୍କ ନିକଟରେ ହିଁ ରହିଥିବା ଜଣାଯାଏ । ଏଠାରେ ନାଗ ବଂଶୀୟ ରାଜାମାନେ କନ୍ଧ ସର୍ଦ୍ଦାର ପାଟମାଝୀଙ୍କ କୋଳରେ ବସି ରାଜ ସିଂହାସନ ଆରୋହଣ କରୁଥିଲେ । ସେତେବେଳେ ତୁଡୁକା ବର୍ଗର କନ୍ଧ ସର୍ଦ୍ଦାର ରାଜାଙ୍କୁ ପାଟ ପଗଡି ବାନ୍ଧୁଥିଲେ ଓ ବାଡ଼ାକା ବର୍ଗର କନ୍ଧ ସର୍ଦ୍ଦାର ରାଜାଙ୍କୁ କୋଳରେ ବସାଇ ରାଜ୍ୟାଭିଷେକ କରୁଥିଲେ । ପାରମ୍ପରିକ ଭାବରେ ଯୁବରାଜ ସିଂହାସନ ଆରୋହଣ କରିବାପରେ ଏକ ସେର୍‌ମେଲକ୍ୟା କନ୍ଧ ଯୁବତୀଙ୍କୁ ପାଟରାଣୀ ରୂପେ ବିବାହ କରୁଥିଲେ । କିଛିଦିନ ପରେ ପ୍ରଥା ଅନୁସାରେ ଯୁବରାଜ ସଂପୃକ୍ତ ଯୁବତୀଙ୍କୁ ଛାଡ଼ପତ୍ର ଦେଇ ଜଣେ କନ୍ଧ ଯୁବକ ସହ ତା'ଙ୍କୁ ବିବାହ କରାଇ ନିଜେ ଏକ ରାଜକନ୍ୟାକୁ ବିବାହ କରୁଥିଲେ । ଏଣୁ କଳାହାଣ୍ଡିର ନାଗବଂଶୀ ରାଜାମାନେ ସଂପର୍କରେ କନ୍ଧ ସଂପ୍ରଦାୟର ଜାମାତା । ଏହି ପରମ୍ପରାକୁ ନେଇ 'ପାଟବନ୍ଧା ବଡାକା, କୁଡ଼େଧରା ତୁଡୁକା, ଝି ଦିଆ ସେର୍ ମେଲ୍‌କା' ଲୋକୋକ୍ତି ଶୁଣାଯାଏ ।

ସାଧାରଣତଃ କନ୍ଧ ଗାଁ ଗୁଡିକ ଜଙ୍ଗଲ, ଝରଣା ନଚେତ୍ ପ୍ରବାହମାନ ନଦୀ ସଂଲଗ୍ନ ଅବବାହିକାରେ ଗଢି ଉଠିଥିବା ଦେଖାଯାଏ । ସେଗୁଡିକ ନିହାତି ପାଖାପାଖି ହୋଇଥିଲେ ହେଁ ସେମାନଙ୍କର ପୃଥକ୍ ପୃଥକ୍ ନାମକରଣ ହୋଇଛି । ସେମାନେ ମାଟି, ପାଣି, ପାହାଡ, ଜଙ୍ଗଲ, ଗଛଲତା, ପଶୁପକ୍ଷୀ, ଝରଣା, ଯୋର, ନଦୀ, 'ନ୍ଦମୂଳର ନାମ ଅନୁସାରେ ବାସସ୍ଥାନର ନାମ ରଖିଥିବା ବେଳେ ପରବ ୀ ସମୟରେ ଚାଷ କାର୍ଯ୍ୟକରି ଜୀବୀକା ନିର୍ବାହ କଲାବେଳେ ବିଭିନ୍ନ ଶସ୍ୟର ନାମ, ଦେବାଦେବୀଙ୍କ ନାମ, ବ୍ୟକ୍ତିର ନାମ, ପୂର୍ବପୁରୁଷଙ୍କ ନାମ, ବଂଶର ନାମ, ସଂଜ୍ଞା ଓ ଜାତିର ନାମ ଅନୁସାରେ ଗାଁର ନାମକରଣ କରିଥିଲେ । ବିଭିନ୍ନ ବସ୍ତୁର ନାମ, ବାଦ୍ୟଯନ୍ତ୍ରର ନାମ, ବିଭିନ୍ନ ଘଟଣା, ପରିସ୍ଥିତି, ଦୈବୀ ଦୁର୍ବିପାକ ପୁଣି ଦୈନନ୍ଦିନ ବ୍ୟବହାର କରୁଥିବା

କିଛିଶବ୍ଦ, କିଛିକଥା ଲଥାକୁ ନେଇ ଗାଁର ନାମ ସେଇ ସମୟର ଲୋକେ ରଖିଥିଲେ । ଗାଁର ନାମ ଶେଷ ଅକ୍ଷର ଶବ୍ଦ ଓ ଲଥା ... ଗାଁ, ଭଟା, ପଦର, ବାହାଲ, ବେହେଲି, ମୁଡା, ଗୁଡା, ପାଣି, ପାଲି, ପଲା, ବେଡା, ସରା, ପଡା, ଗୁମା, ମାଲି, ବସା, ପୁର, ଡୋକରୀ, ଚ ରା, କଟ, ଖମନ, କୋହରା, ଶମ, କୁଡି, ଖମାର, ଝୋଲା, ଝରନ୍ ଇତ୍ୟାଦି ଥିବାବେଳେ ରାଜାଶାସନ ପରେ ରାଜାଙ୍କ ଅନୁଯାୟୀ ପାଟଣା, ଗଡ, ପାଟ ଓ କେତେକାଂଶରେ ପୁରର ନାମକରଣ କରିଥବା ଲୋକକଥାରୁ ଜଣାଯାଏ । ପଡା ବା ପାଲିମାନେ ଲୋକସଂଖ୍ୟା ଦୃଷ୍ଟିରୁ ଏବେ ଗୋଟିଏ ଗୋଟିଏ ଗାଁର ମାନ୍ୟତା ପାଇଥିବା ଦେଖାଯାଏ । କଳାହାଣ୍ଡିର ଗାଁ ଗୁଡିକ ଏହି କନ୍ଧ ଭାଷାରେ ନାମିତ ଓ ଉଚ୍ଚାରିତ ହେଉଥିବା ବେଳେ ସ୍ୱାଧୀନତା ପୂର୍ବରୁ ଓ ପରେ ଗାଁ ଗଣନା, ଜନଗଣନା, ରାଜସ୍ୱ ବିଭାଗର ଚିହ୍ନଟିକରଣ ପରେ ଗାଁର ନାମସବୁ ଓଡିଆ ଭାଷାରେ ଲିଖିତ ହେବା 'ଳରେ ଗାଁର ନାମ ପରିବ ର୍ନ ହୋଇ ଉଚ୍ଚାରଣ ଗତ, ଅକ୍ଷରଗତ, ଶବ୍ଦଗତ, ଅର୍ଥଗତ ପାର୍ଥକ୍ୟ ପରିଲକ୍ଷିତ ହୁଏ ଏବଂ କେତେକ ଗାଁ ନିଜ ନିଜର ନାଁର ମୌଳିକତାକୁ ହରେଇ ବସିଥିବା ସ୍ପଷ୍ଟ ଜଣାପଡେ ।

କନ୍ଧମାନେ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ତାଙ୍କ ପାରମ୍ପରିକ ଖାଦ୍ୟପେୟ ରନ୍ଧାବଢା ସବୁକିଛି କୃଷିଜାତ ଦ୍ରବ୍ୟରୁ ହୋଇଥାଏ । ଏମାନଙ୍କ ଖାଦ୍ୟପ୍ରଣାଳୀ ପାରମ୍ପରିକ ଥିବାରୁ ରନ୍ଧା ଅପେକ୍ଷା ସିଝା, ପୋଡା, ଶୁଖା ଓ କ । ଖାଦ୍ୟକୁ ଏମାନେ ବେଶି ଭଲପାଆନ୍ତି । ମାଛକୁ ପୋଡି, ବିଭିନ୍ନ ପ୍ରକାର ପନିପରିବା ଶୁଖେଇ ଶୋଲା ପ୍ରସ୍ତୁତ କରି ପରବ ୀ ସମୟରେ ଖାଦ୍ୟ ଭାବରେ ବ୍ୟବହାର କରିଥାନ୍ତି । ଏମାନେ ଧାନ, ମାଣ୍ଡିଆ, ଗୁରଜି, କୋଦୋ ଭାତକୁ ଖାଦ୍ୟ ରୂପେ ଗ୍ରହଣ କରିବା ସହିତ ବିଭିନ୍ନ ଫଳ, କନ୍ଦମୂଳ, ଛତୁ, କରଡି, ହେଣ୍ଡୁଆକୁ ତରକାରୀ କରି ଖାଇଥାନ୍ତି । ଚାଉଳ, ମହୁଲ, ଆମ୍ବ ଟାକୁଆରେ ବିଭିନ୍ନ ପାରମ୍ପରିକ ପିଠା ପ୍ରସ୍ତୁତକରି ଖାଇଥାନ୍ତି । ମହୁଲି, ସଲପ, ଖଜୁରୀ, ହାଣ୍ଡିଆ ଆଦି ରସକୁ ପାନୀୟ ଭାବରେ ଗ୍ରହଣ କରିଥାନ୍ତି । ନାରୀମାନେ ଦେହ ଓ ମୁହଁରେ ଚିତା କୁଟାଇଥାନ୍ତି । ସେମାନଙ୍କ ମତରେ, ମଣିଷ ନଗ୍ନ ଅବସ୍ଥାରେ ମ ର୍ୟପୁରକୁ ଆସି ନଗ୍ନ ଅବସ୍ଥାରେ ଯମପୁରକୁ ଯାଇଥାଏ । କୌଣସି ଦ୍ରବ୍ୟ ଅଳଙ୍କାର, ବସ୍ତ୍ର, ଏପରିକି ଡେଉଁରିଆ ମ୍ଭ ମୃତକ ସହିତ ଯାଏନାହିଁ । କିନ୍ତୁ ଶରୀରରେ କୁଟାଇ ହୋଇଥିବା ବନା ମୃତକ ସହ ଯମପୁରକୁ ଯାଇଥାଏ । ଯା'କୁ ଦେଖିବା ପରେ ଯମ ଦଣ୍ଡ ଦିଅନ୍ତି ନାହିଁ ବୋଲି ବିଶ୍ୱାସ ରହିଛି । ତେଣୁ କନ୍ଧ ସ୍ତ୍ରୀ ଲୋକମାନେ କଥା ପ୍ରସଙ୍ଗରେ କହନ୍ତି 'ନେଇ ଯେ ଇ ସୁନାଗୁନା, ଯିବା ବନା, ଯମ ଦେଖ୍‌ବା ମଏ ର୍ ପୁରର ଚିନା ।' ଏହାଛଡା ଯେଉଁ ଝିଅ ବନା ଗୋଦେଇ ହୋଇ ନଥିବ, ସେ ଚାହିଁଲେ 'ପଲଟେନ ବାଘ' ହୋଇପାରିବ । ତେଣୁ ବନା ଗୋଦେଇ ହୋଇ ନଥିବା ଝିଅକୁ କୌଣସି କନ୍ଧ ଯୁବକ ବିବାହ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । କିନ୍ତୁ ପରିବର୍ ତ ସମୟର ଦାୟରେ ଆଜି କନ୍ଧମାନଙ୍କ ପାରମ୍ପରିକ କଳା କ୍ରମେ ଅବକ୍ଷୟମୁଖୀ । ପ୍ରାଚୀନ ଚିତାକୁଟା ପରମ୍ପରା ବ ର୍ମାନ 'ଟାଟୁ' ନାମରେ ପରିଚିତ ଓ ଆଦୃତ ହୋଇଛି ।

କନ୍ଧ ସଂସ୍କୃତି ମୁଖ୍ୟତଃ ବାଦ୍ୟାଶ୍ରିତ । କନ୍ଧମାନଙ୍କ ବାଦ୍ୟ ମାନଙ୍କ ମ୍ଭରେ ଢାପ, ଡାକା, ଢୋଲ, ନିଷାନ, ତାସା, ଟିମୁର୍ଲି, ଫୁକା ଟିମୁର୍ଲି, ମୁହୁରୀ, ସାଡକା, ଠିଡ୍‌କିଠିପୋ, ହୁରଡି, ଘୁମୁରା, ରନ୍‌ଦାମାମ୍, ଉଦାଲିସାନ୍, ଚକ୍ କରାଟି, ଶିଙ୍ଘା, ବୀରକାହାଲି, ଗିନି, ତାଲି, ରାମ୍‌ତାଲି ଇତ୍ୟାଦି । ଏମାନଙ୍କ ମଧ୍ୟରୁ ଢାପ

ଓ ଡାକା ହେଉଛି କନ୍ଧ ମାନଙ୍କର ପ୍ରମୁଖ ବାଦ୍ୟ । କନ୍ଧ ମାନଙ୍କର ବଳିବାଦ୍ୟ ନିଶାନ ଓ ଢାକା, ସମର ବାଦ୍ୟ ଘୁମୁରା ଓ ବିନୋଦ ନୃତ୍ୟର ବାଦ୍ୟ ଢାପ ଏବେ ମଧ୍ୟ ସେହି ରୂପରେ କନ୍ଧମାନଙ୍କ ପ୍ରଜାତୀକ ବାଦ୍ୟ ହୋଇ ରହିଛି । କଳାହାଣ୍ଡିର ଝାଞ୍ଜିମଡା, ଶିରଖେଲା, ଭୀମାକନ୍ଧେନ ନାଚ, ରାଣୀପରବ, ପରଜୁଣି ନୃତ୍ୟ, ଘ  ପର୍ବ ଇତ୍ୟାଦିକୁ ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ । ଏହି ନୃତ୍ୟ ଗୁଡିକ ଦେବଦେବୀଙ୍କ ପୂଜା ଉତ୍ସବ ସମୟରେ ହିଁ ପରିବେଷିତ ହୋଇଥାଏ । ଏହାର ନ ର୍କ କାଳିସୀ ଲାଗିଥିବା ବ୍ୟକ୍ତି । ବିଭିନ୍ନ ଉତ୍ସବ, ପର୍ବପର୍ବାଣୀ, ମାଙ୍ଗଳିକରେ ଆୟୋଜିତ ହେଉଥିବା ନୃତ୍ୟଗୁଡିକୁ ମଧ୍ୟରେ ଉତ୍ସବଭି ିକ ନୃତ୍ୟ ଭାବରେ ଘୁମୁରା, ବନାବାଡି, ଦୁରଲା, ଦଣ୍ଡାରୀ, କରମା, ଡାଲଖାଇ, ଡୁକେରଖେଦା, ଧଙ୍ଗରାଧାଙ୍ଗରୀ ନିଆଯାଇପାରେ । ଏହି ନୃତ୍ୟଗୁଡିକ ସାଂସ୍କୃତିକ ଉତ୍ସବକୁ ଆନନ୍ଦମୁଖର କରିବା ସହିତ ପରସ୍ପର ଭାବାବେଗ ଆଦାନପ୍ରଦାନର ଏକ ସାମୂହିକ ପରିପ୍ରକାଶ ନିମନ୍ତେ ଏକ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । ଏହାଛଡା ଜୀବୀକାର୍ଜନଭି ିକ ମୋଡତୋପୁ', 'ଲେଟ୍‌ଚଘା', 'ସିଙ୍ଗବଜା ନାଚ', 'ଘୁଡକିନାଚ' ଇତ୍ୟାଦିକୁ ଉଦାହରଣ ଭାବେ ନିଆଯାଇପାରେ । ମଣିଷ ନୃତ୍ୟ ହୋଇ ନଥିଲେ ମଧ୍ୟ ବିଭିନ୍ନ ଢଗ, ପ୍ରବାଦ, ପ୍ରବଚନଭି ିକ କଥାକହି ମାଙ୍କଡକୁ ନଚେଇ ଅର୍ଥ ଉପାର୍ଜନ କରୁଥିବା 'ମାଙ୍କଡନାଚ'କୁ ମଧ୍ୟ ଏହାର ଅନ୍ତର୍ଗତ କରାଯାଇପାରେ । ଅତୀତର ବରିନଚା, ମେଲାହଲିଆ, ପୁଷ୍‌କିନ୍ଦ୍ରି, ଝୁମର, ଲେଲେଜୁରା, ଚଇତିଢାପ, 'ଲସା, ପାଏଁକୀ, ଗାତା, ଖେଡା, ଉଦିଆଁ ଆଦି କନ୍ଧନୃତ୍ୟ ଆଜି ଲୁପ୍ତ ହୋଇଗଲାଣି ।

କନ୍ଧମାନଙ୍କ ମୌଖିକ ଅମୂଲ୍ୟ ଭଣ୍ଡାରରୁ 'ଗୋଭାଉତରା' ଏକ ଅମୂଲ୍ୟ ସମ୍ପଦ । ଏହାକୁ ସାଧାରଣରେ କନ୍ଧପୁରାଣ ବୋଲି କୁହାଯାଏ । ଏହା ଧରନୀ ପାଖରେ ନରବଳି (ସମ୍ପ୍ରତି ପୋଢବଳି) ଦେବା ସମୟରେ ଗାନ କରାଯାଇଥାଏ । ଏଥିରେ ସୃଷ୍ଟିର ଉତ୍ପ ି, ଜୀବଜନ୍ତୁ, ମଣିଷ, ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ର, ତାରା, ଭୂତପ୍ରେତ, ସୁନା, ରୂପା, ଲୁହା, ମଦ ଆଦିର ସୃଷ୍ଟି ସମ୍ପର୍କିତ ଅନେକ କଥା ଜଣାପଡେ । ଏହାଛଡା କନ୍ଧମାନଙ୍କ ଜନ୍ମକାଳୀନ ସେକାବୁଝା, ଶିତଲେଇବା, ନୋଲୁଆକଟା, ନାଁଦିଆ, ଭାତଖୁଆନି, କାନଭେଦା, ବିବାହକାଳୀନ ମୋଡୋମରା, ମୋଡୋଝରା, ଲଗନ, ପାଏନଗୁଧା, ଗୋରୋଟଲା, ମୁହୁଁଜୁଆ, ବିରଝା ସିରଝା, ପୁରାଥପା, କଟେନଶାଲ, ଢେଁକିମଡା, ଡାଲବହଲା, ଦୁରଲାନଚା, ହଳଦିଖେଲା ଓ କାନ୍ଦଣା ଗୀତ, ଡୁମାଅନା ଗୀତ, ଖେଳଗୀତ, ଦାଏକା, ବଖାନି ଇତ୍ୟାଦି ମୌଖିକ ଭାବରେ ରହିଛି । ଯାହାକୁ ପାରମ୍ପରିକ ଭାବରେ ଗାନ କରାଯାଇଥାଏ ।

କନ୍ଧମାନେ ସରଳ ବିଶ୍ୱାସୀ । ଜୀବନର ପ୍ରତିଟି ସମୟରେ ଦେବତାଙ୍କ ସହାୟତା ଲୋଡିଥାନ୍ତି । ଅଶିକ୍ଷିତ ଆଦିବାସୀ ମଣିଷ କନ୍ଧମାନଙ୍କ ଭାଷାରେ ଦେବତାର ସଂଜ୍ଞା ହେଉଛି 'ଦେଇ କରି ବତା' । ପ୍ରାଚୀନ ସମୟରୁ ଏହି ଦେବତାଙ୍କ ଠାରେ ନରବଳି ଦିଆଯାଉଥିଲା । କିନ୍ତୁ ପରବ ର୍ୀ ସମୟରେ ନରବଳି ପରିବ ର୍ େ ପଶୁପକ୍ଷୀ ବଳି ଦିଆଯାଉଛି । ଏଠାରେ ପୂଜା ପାଉଥିବା ଦେବତାମାନଙ୍କ ମଧ୍ୟରୁ ଦେବ ଅପେକ୍ଷା ଦେବୀ ସଂଖ୍ୟା ସର୍ବାଧିକ । ଏଠାରେ ଅଜସ୍ର ଦେବଦେବୀଙ୍କ ପୂଜା ହେଉଥିଲେ ହେଁ ସେମାନଙ୍କ ନିର୍ଦ୍ଦିଷ୍ଟ ଶକ୍ତି ରହିଛି ବୋଲି ବିଶ୍ୱାସ କରାଯାଏ । ତେଣୁ ଧରନୀକୁ ମାଟିର ଦେବତା, ବାହାଦି କଅଁରକୁ ପବନ ଦେବତା, ବାରଡେନକୁ

ବର୍ଷାର ଦେବତା, କସନା ଡୁମା ଓ ବାଞ୍ଜିବୁଟେନକୁ ଶସ୍ୟର ଦେବତା, ପଲମ ବୁଢା, ଡୁମେର ରାନୀକୁ ଫଳର ଦେବତା, ମଠିଆ, ପରୁଆଭାଡି, ମାନପୁରେନକୁ ଧନର ଦେବତା, ପାଟଖଣ୍ଡା ଓ ଭାଲୁମୁଡେନକୁ ସନ୍ତାନ ପ୍ରଦାୟିନୀ ଦେବତା, ଗବଡା, ଭୈରବ ଓ ଗଙ୍ଗାଦିକୁ ରୋଗର ଦେବତା, ବାମନୀ ସୁନ୍ଦରୀ, କଳାମୁଖୀ ବାଇଧରକୁ ବିବାହର ଦେବତା, ବେନ୍ଦେନ, କୁଦାଲଦୋରୋକୁ ତାନ୍ତ୍ରିକ ଦେବତା ଓ ଖଣ୍ଡୁଆଳ ବାବା, ଡୁମେର ଦେଓକୁ ଅଦ୍ଭୁତ ଦେବତା ଭାବରେ ଗ୍ରହଣ କରାଯାଏ । କନ୍ଧମାନେ ପୁରୁଷ ଲିଙ୍ଗବାଚକ ଦେବତାଙ୍କୁ ମଧ୍ୟ ମାଁ ବୋଲି ସମ୍ବୋଧନ କରିଥାନ୍ତି । ଯେପରିକି ପଲମବୁଢା, ଜେନାବୁଢା ଓ ସଢେଲ ବୁଢା ନାମକରଣରୁ ହିଁ ଜଣାପଡୁଛି ଯେ, ଏମାନେ ସମସ୍ତେ ପୁରୁଷ ଦେବତା । ତଥାପି ଯାନିଯାତରା ବା ବିପଦ ଆପଦରେ ଲୋକେ 'ଜୟ ମାଁ ପଲମ ବୁଢା', 'ଜୟ ମାଁ ଜେନାବୁଢା' ଓ 'ଜୟ ମାଁ ସଢେଲବୁଢା' ବୋଲି ସମ୍ବୋଧନକରି ନିଜର ହାରି ଗୁହାରୀ ଜଣାଇଥାନ୍ତି । ସକାଳର ବାସି ସେଜ ଛାଡିବା ଠାରୁ ଆରମ୍ଭ କରି ସେଜକୁ ଯିବା ପର୍ଯ୍ୟନ୍ତ ଦେବତାଙ୍କ ସହ ସେମାନଙ୍କ ସାକ୍ଷାତ ହୋଇଥାଏ । ପ୍ରତିଟି କାର୍ଯ୍ୟରେ ତାଙ୍କର ନିର୍ଭରଯୋଗ୍ୟ ସାହାଯ୍ୟ କାମନା କରାଯାଏ । ଦେବତାମାନେ ମଧ୍ୟ ସେମାନଙ୍କୁ ପ୍ରତିଟି କାର୍ଯ୍ୟରେ ସହାୟତା କରିଥାନ୍ତି । ତେଣୁ ସରଳ ବିଶ୍ୱାସୀ କନ୍ଧମାନେ କେବେ ବି ତାଙ୍କ ବିରୁଦ୍ଧରେ କହିବାକୁ କି କୁତ୍ସାରଟନା କରିବାକୁ ସାହସ କରନ୍ତି ନାହିଁ ।

କନ୍ଧ ଲୋକମାନସରେ ପ୍ରତ୍ୟେକ ଘଟଣା ସହିତ ଗୁଣିଗାରେଡି ଜଡିତ । କାହାର ଦେହ ଅସୁସ୍ଥ ହେଲେ କେହି ପାଙ୍ଗି ଦେଇଛି ବା ଗୁଣି କରିଛି ବୋଲି ବିଚାର କରିଥାନ୍ତି । ବ ର୍ମାନ ଡାକ୍ତରଙ୍କ ଦ୍ୱାରସ୍ଥ ହେଉଥିଲେ ବି ଗ୍ରାମା ଳରେ ପ୍ରଥମେ ଲୋକେ ଗୁଣିଆଙ୍କ ସହାୟତା ନେଇଥାନ୍ତି । ଗୁଣିଆ ହାତ ଦେଖି ବା ଚାଉଳ ପକାଇ କାହାର ଦୃଷ୍ଟି ପଡିଛି ସୂଚେଇ ଦେଇ ପ୍ରତିକାରର ବ୍ୟବସ୍ଥା କରିଥାଏ । ତେଣୁ ଗୁଣିଆମାନଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି । ସାଧାରଣତଃ ଯାହାକୁ ଗୁଣି କରାଯାଏ ତା'ର ମୁଣ୍ଡର ବାଳ, ନଖ, ପାଦର ଧୂଳି ବା ପିନ୍ଧା ଲୁଗାର କିଛି ଅଂଶକୁ ସଂଗ୍ରହ କରାଯାଏ । ସେସବୁ ଜିନିଷକୁ ନେଇ ପଙ୍ଗ୍‌ନିଆ ବା ଗୁଣିଆ ନିଜ ଇଷ୍ଟଦେବୀ ପାଖରେ ସ୍ୱତନ୍ତ୍ର ଧରଣର ପୂଜା କରେ । ଦେବୀ ପାଖରେ ଲାଗିଥିବା ସିନ୍ଦୁର, ଫୁଲ ଓ ଚାଉଳକୁ ଲୋକର ଅଲକ୍ଷ୍ୟରେ ତା'ଉପରେ ପକାଇ ଗୁଣି କରାଯାଇଥାଏ । ମାଁର ସ୍ତନ ଶୁଖିଯିବା, ଶିଶୁ ନଖାଇବା ଓ ସବୁବେଳେ ରୋଗାକ୍ରାନ୍ତ ରହି କାନ୍ଦୁଥିଲେ ତା'ଉପରେ କାହାର ଦୃଷ୍ଟି ପଡିଛି ବୋଲି ଧରାଯାଏ । ପ୍ରତିକାର ସ୍ୱରୂପ ଶିଶୁ ଓ ମାଁ ଶୋଉଥିବା ଖଟରେ ଜାଲ, ରବର, ଲୁହାକ  । ଇତ୍ୟାଦି ବନ୍ଧାଯାଏ । ମୁଣ୍ଡ ପାଖରେ ଠୁଟିବାଡୁନ୍ (ଅବଶେଷ ଝାଡୁ) ରଖାଯାଏ । ପୁଣି ଶିଶୁର ବେକରେ ଡେଉଁରିଆ, ମୟୂର ଚୂଳ ଓ ଅ  ।ରେ କଉଡି, ଶବ ଉପରକୁ ଫିଙ୍ଗା ଯାଇଥିବା ପଇସା ଓ ସଲକାତି (ବଜ୍ରକାପ୍ତାର କାତି) ପିନ୍ଧେଇ ଦେଲେ ସେ ସୁସ୍ଥ ହୋଇଥାଏ ।

ଗ୍ରାମରେ ପୂଜା ପାଉଥିବା ଦେବଦେବୀଙ୍କୁ ଆଧାରକରି କନ୍ଧମାନେ ଅନେକ ପର୍ବପର୍ବାଣୀ, ଯାନିଯାତରା ପାଳନ କରିଥାନ୍ତି । କୃଷି ପର୍ଯ୍ୟାୟ ପ୍ରାରମ୍ଭରେ ଅର୍ଥାତ ବିହନ କାଢିବା ସମୟରେ 'ବିହନଛିନା, ବୁଣିବା ସମୟରେ 'ଅକ୍ଷିତୃତୀୟା', ତଳି ରୁଇବା/ବିହିଡିବା ସମୟରେ 'ଆଷାରଖେନା'/'କାଦୋଯାତରା', ରୋଗ ପୋକରୁ ଚାଷକୁ ରକ୍ଷାକରିବା ପାଇଁ 'ଚଇତ୍ରା' ଓ 'ଚିତଉ ଅମାବାସ୍ୟା', ପ୍ରାରମ୍ଭିକ ଧାନ ଅମଳ କରିବା ପୂର୍ବରୁ 'ନୂଆଖାଇ', ବିଭିନ୍ନ ଫଳ ଭକ୍ଷଣ କରିବା ପୂର୍ବରୁ 'ସେମ୍ବିଯାତରା', 'ଆମଯାତରା', 'କାନ୍ଦୁଲନୂଆଁ' ଓ 'ଡୁମେରନୂଆଁ', ଧାନ କାଟିଲା ବେଳେ ଭଲ ଅମଳ ପାଇବା ପାଇଁ 'ଚରୁପୂଜା' କରିଥାନ୍ତି । ଏହାସହିତ ନୂଆ ଚାଉଳକୁ ରୋଷେଇ କରିବା ପୂର୍ବରୁ 'ଚାଉଳଧୁଆ ପର୍ବ' ଯଥାରୀତି ପାଳନ କରି ଖଳାର କାମ ସାରି

ଘରକୁ ଧାନ ଆଣିବାବେଳେ 'ଖଳାଛଡା ପୂଜା' କରାଯାଏ । ଗ୍ରାମରୁ ରୋଗଶୋକ ଦୂରପାଇଁ ସାମୂହିକ ଭାବରେ 'ରୁଗୁଷ୍ଟିବଟା', 'ପୋରାଉଆଁସ', 'ଟୋକୀପରବ', 'ବୁଢାରଜା ପରବ', 'ଘଟଯାତ୍ରା' ଓ 'ପାଟଖଣ୍ଡା ଯାତରା' ପାଳନ କରାଯାଏ । ଏହି ପର୍ବ ଗୁଡିକ ସମଗ୍ର ଅ ଳରେ ପାରସ୍ପରିକ ସଂହତି, ସୌହାର୍ଦ୍ଦ ଓ ପାରମ୍ପରିକ ବୈଶିଷ୍ଟ୍ୟକୁ ପ୍ରକାଶ କରିଥାଏ ।

ପୁରାତନ ସମୟରୁ କନ୍ଧମାନେ ବହୁ ପାରମ୍ପରିକ ଖେଳ ଆୟୋଜନ କରି ଆସୁଥିଲେ । ଯୁବକମାନେ ଖୋଲାପଡିଆ, ଧାନଖଳା, ଝଙ୍କାଳିଆ ଗଛ ତଥା ଗୋଚର ଜମି, ପଥର ଚଟାଣ ମାନଙ୍କରେ କେଲବାଡି, କୁଲବନଟୁ, କୁକୁଡାଗାଲି, ଗୋଡିବେଟେନ, ହାଣ୍ଡିଟୁପେନ, ଠେଙ୍ଗାପେଲେନ, ପତରଅନାନି ଆଦିଖେଳ, ଜଳାଶୟରେ ଫୁଇଟ୍, ପଦମଫୁଲ, ଛିପିମରା, ଯୁବତୀ/ନାରୀମାନେ ଗୃହ ଭିତରେ/ବାରଣ୍ଡାରେ ଚୁଡ଼ି, ବାଗଛେଲ, କାଚକଉଡି, ଆଙ୍ଗଠିଫୁଟେନ୍, ପୁଚି, ବହୁଚୋରୀ ଖେଳ, ଛୁଆମାନଙ୍କ ଦ୍ୱାରା କୀଟ ପତଙ୍ଗ ଆଧାରିତ 'ଗୁଡ ଦେ ଦହି ଦେ' ଆଦି ଖେଳ ଅୟୋଜିତ ହେଉଥିଲା । ଏହି ଖେଳସବୁ ପରିଚାଳନା ପାଇଁ କୌଣସି ଲିପିବଦ୍ଧ ନିୟମ ନାହିଁ । ଏହା ମୌଖିକ ବା ଅଲିଖିତ ଭାବରେ ଜନମାନସରେ ସଂରକ୍ଷିତ । ଏହାକୁ ଆଧାରକରି ଲୋକଖେଳ ଗୋଟିଏ ପିଢୀରୁ ପରବ ର୍ୀ ପିଢୀକୁ କେତେବେଳେ ଅବିକଳ ତ କେତେବେଳେ ସାମାନ୍ୟ ପରିବ ର୍ିତ ହୋଇ ଗତି କରିଥାଏ । ଲୋକଖେଳ ସଂପର୍କିତ ଜ୍ଞାନ ମୌଖିକ ବା ବାଚିକ ଓ ପରିବେଷଣଗତ । ସଂପ୍ରତି ଗାଁ ଠାରୁ ସହର ଯାଏ ଆନ୍ତର୍ଜାତୀୟ ଖେଳ ଗୁଡିକର ଜନପ୍ରିୟତା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଲୋକଖେଳର ଆଦର କ୍ରମେ ହ୍ରାସ ପାଇବାରେ ଲାଗିଛି । ଅନେକ ଲୋକଖେଳ ପରିବେଷଣ ଏବଂ ପ୍ରୋତ୍ସାହନ ଅଭାବରୁ ଲୁପ୍ତପ୍ରାୟ ।

କନ୍ଧମାନେ ବାହ୍ୟ ସଂସ୍କୃତି ଅନୁକରଣକରୁଥିବାରୁ ସେମାନଙ୍କ ପାରମ୍ପରିକ ଖାଦ୍ୟ, ପାନୀୟ ଖେଳ, ଗୀତ, ବାଦ୍ୟ, ନୃତ୍ୟ, ଯାନିଯାତରା, ଭାଷା ସାହିତ୍ୟ ସବୁଠାରେ ଆଧୁନିକତାର ଛାପ ଦେଖିବାକୁ ମିଳୁଛି । ନବ୍ୟ ସଂସ୍କୃତିର ପ୍ରଭାବରେ ନିଜ ସଂସ୍କୃତିକୁ ସେମାନେ ଭୁଲିବାକୁ ଲାଗିଲେଣି । ମାଟି, ବାଉଁଶ, କାଠ ଓ ପତ୍ର ତିଆରି କଳାତ୍ମକ ଜିନିଷ ନିର୍ମାଣ କରିବାକୁ ସେମାନେ ଆଉ ପସନ୍ଦ କରୁନାହାନ୍ତି । ଫଳତଃ ପ୍ରାଚୀନ ଲଳିତ କଳା ଧୀରେ ଧୀରେ ଲୋପ ହେବାକୁ ବସିଲାଣି । ପ୍ରକୃତିର ସମସ୍ତ ଉପାଦାନରେ ଜୀବସ  । ବିଶ୍ୱାସ କରୁଥିବା କନ୍ଧଲୋକେ ତାକୁ ଅନ୍ଧବିଶ୍ୱାସର ପରିଚୟ ଦେଲେଣି । କନ୍ଧମାନଙ୍କ ପ୍ରାଚୀନତା ଲୋପ ହେବାକୁ ବସିଲାଣି । ସେମାନେ ସହରୀ ସଭ୍ୟତାକୁ ଆଦରିନେଇ ତାଙ୍କ ମାତୃଭାଷାରେ କଥା ହେବାକୁ ଲଜ୍ଜାବୋଧ କରୁଛନ୍ତି । ଏହି ଆଦିମ ଭାଷାର ବ୍ୟବହାର ନହେବା ଦ୍ୱାରା ଧୀରେ ଧୀରେ ତାର ସ  । ହରାଇ ବସିଲାଣି । ଶିକ୍ଷାକ୍ଷେତ୍ରରେ କନ୍ଧ ଲୋକମାନେ ଅତ୍ୟନ୍ତ ଅନଗ୍ରସର । ତଥାପି ଯେଉଁ ଯୁବକ ଯୁବତୀମାନେ ଉଚ୍ଚଶିକ୍ଷା ଲାଭ କରୁଛନ୍ତି ସେମାନେ ତାଙ୍କ ମୂଳ ସଂସ୍କୃତିକୁ ଘୃଣାକରି ଆଧୁନିକ ସଂସ୍କୃତିକୁ ଆଦରି ନେଉଛନ୍ତି । ତେଣୁ ଆଦିମ କନ୍ଧସଂସ୍କୃତି ଆଧୁନିକତାର ପ୍ରଭାବରେ କ୍ରମଶଃ ବିଲୁପ୍ତ ହେବାକୁ ବସିଲାଣି । ଏବେ ସମୟ ଆସିଛି ଆମକୁ ମଧ୍ୟ ଏହି ଘଡିସନ୍ଧି ମୂହୁ ର୍ରେ ଆଦିମ ସଂସ୍କୃତି ସୁରକ୍ଷା ଦିଗରେ ମନନ କରିବା ଏକାନ୍ତ ଆବଶ୍ୟକ ।

## ସହାୟକ ଗ୍ରନ୍ଥସୂଚୀ :


ଡକ୍ଟର ମହେନ୍ଦ୍ର କୁମାର ମିଶ୍ର : ପଶ୍ଚିମ ଓଡିଶାର ଆଦିବାସୀ ଲୋକ ସାହିତ୍ୟ
ଆଦିବାସୀ ଭାଷା ସଂସ୍କୃତି ଏକାଡେମୀ, ଭୁବନେଶ୍ୱର,୧୯୯୨

ଡକ୍ଟର ଦୋଳଗୋବିନ୍ଦ ବିଶୀ : କନ୍ଧମାନଙ୍କର ସାଂସ୍କୃତିକ ପରମ୍ପରା, ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ, ଟିଟିଲାଗଡ, ବଲାଙ୍ଗିର ୨୦୧୨

ଡକ୍ଟର ବ୍ରଜମୋହନ ମହାନ୍ତି : ଓଡିଶାର ସାଂସ୍କୃତିକ ପରମ୍ପରା ପୃ.୪୭୨ୟ ସ୍ତବକ ଓଡିଶା ବୁକ ଷ୍ଟୋର କଟକ, ୧୯୯୮

ନିରଞ୍ଜନ ପାଢୀ : ସମାକୋଇରର ସ୍ୱପ୍ନ, ଲାର୍କ ବୁକସ୍ ଭୁବନେଶ୍ୱର

ପରମେଶ୍ୱର ମୁଣ୍ଡ : କଳାହାଣ୍ଡିର ଲୋକନୃତ୍ୟ(ସମ୍ପାଦନା) ମହାବୀର ସାଂସ୍କୃତିକ ଅନୁଷ୍ଠାନ ଭବାନୀପାଟଣା କଳାହାଣ୍ଡି

ଡକ୍ଟର ଅଜିତ କୁମାର ବେହେରା : କଳାହାଣ୍ଡିର ଲୋକ ଦେବତା ଓ ବିଶ୍ୱାସ , ପିଏଚ.ଡି. ସନ୍ଦର୍ଭ
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର ବୁର୍ଲା, ୨୦୧୧

ମେଦିନୀଧର ଜାନୀ : ଭୀମା, ବାର୍ଷିକ ମୁଖପତ୍ର ୨୦୧୫
କନ୍ଧ ସଂସ୍କୃତି ସୁରକ୍ଷା ସମିତି ନର୍ଲା, କଳାହାଣ୍ଡି



**ଅଧ୍ୟାପକ, ଓଡିଆ ବିଭାଗ,**
**କଣ୍ଡୁପଡା ମହାବିଦ୍ୟାଳୟ, କଳାହାଣ୍ଡି**

# ଜନଜାତି ସଂସ୍କୃତିର ସୁରକ୍ଷାରେ ଧାଙ୍ଗଡ଼ା ଧାଙ୍ଗଡ଼ୀ ବସାର ଭୂମିକା

**ଡ଼କ୍ଟର ରାଜେନ୍ଦ୍ର ପାଢ଼ୀ**

ଭାରତର ବିଭିନ୍ନ ଅଂଚଳରେ ବସବାସ କରୁଥିବା ଜନଜାତି ସଂପ୍ରଦାୟଙ୍କ ସାମାଜିକ, ଧର୍ମୀୟ ଓ ସାଂସ୍କୃତିକ ଜୀବନ ଅତ୍ୟନ୍ତ ଶୃଙ୍ଖଳିତ ଓ ସଙ୍ଘବଦ୍ଧ । ଏମାନଙ୍କ ଐକ୍ୟବଦ୍ଧ ଓ ଗୋଷ୍ଠୀଗତ ଜୀବନଯାପନ ମୂଳରେ ଅତୀତର ପାରମ୍ପରିକ ପ୍ରଥା ପରଂପରା, ସମତା ସମନ୍ୱୟ, ଆଚାର ବିଚାରର ପ୍ରବାହମାନଧାରା ବହୁ ଆଦିମ କାଳରୁ ପ୍ରଚଳିତ ହୋଇ ଆସିଛି । କାରଣ ବିଶ୍ୱର ପ୍ରାଚୀନ ଜନଗୋଷ୍ଠୀଙ୍କ ପ୍ରାରମ୍ଭିକ ଜୀବନ ଥିଲା ସଙ୍ଘବଦ୍ଧ । ପ୍ରାଚୀନ ମଣିଷ ବଣ ଜଙ୍ଗଲରେ ଦଳ ଦଳ ହୋଇ ଗୋଷ୍ଠୀଗତ ଜୀବନଯାପନ କରୁଥିଲା । ପ୍ରତ୍ୟେକଟି କାର୍ଯ୍ୟ ସାମୁହିକ ଭାବେ ସଂପାଦିତ ହେଉଥିଲା । ଏହି ପ୍ରବାହମାନ ଧାରାରେ ଆଜିବି ସକଳ ସାମାଜିକ, ଧର୍ମୀୟ ଓ ସାଂସ୍କୃତିକ ଉତ୍ସବାନୁଷ୍ଠାନ ଅଲିଖିତ ନୀତିନିୟମରେ ପାଳିତ ହୋଇ ଆସୁଛି । ଆଧୁନିକ ଭୋଗବାଦ ସଂସ୍କୃତିର ପ୍ରଭାବ, ଶିକ୍ଷାର ପ୍ରସାର, ଶିଳ୍ପାୟନ ଓ ଉଦାରୀକରଣର ଚାପରେ ଜନଜାତିଙ୍କ ଅତୀତରୁ ପ୍ରଚଳିତ କେତେକ ମୂଲ୍ୟବୋଧଭି ିକ ପରଂପରା କ୍ରମଶଃ ଅବକ୍ଷୟ ହେବାରେ ଲାଗିଛି । ଏମାନଙ୍କ ସଂସ୍କୃତିର ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଥିବା ଯୁବସମାଜଙ୍କ ଅବସର ବିନୋଦନ କେନ୍ଦ୍ର ତଥା ପାରଂପରିକ ସଂସ୍କୃତିର ଶିକ୍ଷାକେନ୍ଦ୍ର ବା ଧାଙ୍ଗଡ଼ାଧାଙ୍ଗଡ଼ୀ ବସା ବିଲୁପ୍ତ ହେବାରେ ଲାଗିଛି । ଫଳରେ ଜନଜାତି ଯୁବଗୋଷ୍ଠୀ ନିଜ ପାରପଂରିକ ସଂସ୍କୃତିର ଉତ୍କର୍ଷ ଓ ଆଦର୍ଶ ପ୍ରତି ଉଦାସୀନ ହେଉଥିବା ଲକ୍ଷ୍ୟ କରାଯାଏ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଭିନ୍ନ ଜନଜାତି ସଂପ୍ରଦାୟଙ୍କ ପ୍ରଜାତିଗତ ଐକ୍ୟ ଓ ସଂହତିର ପ୍ରାଣକେନ୍ଦ୍ର ତଥା ସଂସ୍କୃତିର ଶିକ୍ଷାକେନ୍ଦ୍ର ଏମାନଙ୍କ ଯୁବ ଅନୁଷ୍ଠାନ ବା ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା ସମ୍ବନ୍ଧରେ ସମ୍ୟକ୍ ଆଲୋକପାତ କରାଯାଉଛି ।

ପ୍ରତ୍ୟେକ ଜନଜାତି ସମାଜ ଅତୀତରୁ ପ୍ରଚଳିତ ନିଜସ୍ୱ ରୀତିନୀତି, ପ୍ରଥା ପରଂପରା ଓ କୁଳାଚାର ଲୋକାଚାର ଦ୍ୱାରା ପରିଚାଳିତ । ଏମାନଙ୍କ ପାରମ୍ପରିକ ଗ୍ରାମ ଶାସନ ବ୍ୟବସ୍ଥା ଅତ୍ୟନ୍ତ ଶୃଙ୍ଖଳିତ ଓ ସୁସଂହତ । ବିଭିନ୍ନ ଆଦିବାସୀ ସଂପ୍ରଦାୟରେ ଗ୍ରାମର ମୁଖ୍ୟ ଭାବେ ଗ୍ରାମ ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିଥାନ୍ତି ଯଥା: କୋୟାମାନଙ୍କ ପେଦା, ସଉରାମାନଙ୍କ ଗମାଙ୍ଗ, କନ୍ଧମାନଙ୍କ ସାନ୍ତା, ଡ଼ଙ୍ଗରିଆ କନ୍ଧଙ୍କ ବିଶୁମାଝୀ, ସାନ୍ତାଳମାନଙ୍କ ଜଗମାଝୀ, ବଣ୍ଡାମାନଙ୍କ ବଡ଼ ନାୟକ ଓ ଭୂମିଆ, ଭତରା, ଓମାନାତ୍ୟ, ଗାଦବା, ପେ ିଆ ପ୍ରଭୃତିଙ୍କ ଗ୍ରାମ ମୁଖ୍ୟ ଭାବେ 'ନାୟକ' ରହିଥାନ୍ତି । କେତୋଟି ଗ୍ରାମକୁ ନେଇ ମୁଠା, ମୁଆ, ଖଣ୍ଡ ବା କୁଞ୍ଜା ଗଠିତ ହୋଇଥାଏ । ଏଥିରେ ବଡ଼ ନାୟକ, ମୁଠା ନାୟକ ବା ଭାତ ନାୟକମାନେ ମୁଖ୍ୟ ଭାବେ ବିଭିନ୍ନ ସାମାଜିକ ଓ ଧର୍ମୀୟ ଅନୁଷ୍ଠାନ ଗୁଡ଼ିକୁ ପରିଚାଳନା କରିଥାନ୍ତି । ପ୍ରତ୍ୟେକ ଜନଜାତି ଗ୍ରାମରେ ସର୍ବସାଧାରଣଙ୍କ ମିଳନ ପୀଠ ବା ବୈଠକସ୍ଥଳ ଭାବେ ମେଳାନ୍, ସଦର୍ ଡ଼ାଣ୍ଡ, ସିନ୍ଧ୍‌ବୋର୍, ମଣ୍ଡାର ଘର, ପୁଟେଙ୍ଗଇବାଲି ପ୍ରଭୃତି ସଂପ୍ରଦାୟ ଭି ିରେ ରହିଥାଏ । ଏହି ସ୍ଥାନରେ ଗ୍ରାମର ମୁଖ୍ୟ, ଚାଲାନ୍, ବାରିକ ଓ ଗ୍ରାମବାସୀମାନେ ବସି ନ୍ୟାୟ ମୀମାଂସା କରିଥାନ୍ତି । ଏହି ସର୍ବସାଧାରଣଙ୍କ ମିଳନପୀଠ ବ୍ୟତୀତ ବିଭିନ୍ନ ଗୋଷ୍ଠୀଙ୍କ ଜନଜାତି ଗ୍ରାମରେ ଏକ ପ୍ରମୁଖ ଅନୁଷ୍ଠାନ ହେଉଛି ଜନଜାତି ଯୁବଗୋଷ୍ଠୀଙ୍କ ଅବସର ବିନୋଦନ କେନ୍ଦ୍ର, ଯାହାକି ଏମାନେ ଏହାକୁ ସାଧାରଣତଃ

'ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା' କହିଥାନ୍ତି । ବିଭିନ୍ନ ସଂପ୍ରଦାୟ ଭେଦରେ ଏହି ବସାଗୁଡ଼ିକ ନାମ ଭିନ୍ନ ଭିନ୍ନ । ଆଦିମ ବଣ୍ଡା ସଂପ୍ରଦାୟଙ୍କ ଧାଙ୍ଗଡ଼ା ବସା ହେଉଛି 'ଇଙ୍ଗ୍‌ରସନ୍' ଓ ଧାଙ୍ଗଡ଼ୀଙ୍କ ବସା ' ସାଲିନିଡ଼ିଙ୍ଗୋ' ଭାବେ ପରିଚିତ । କୁଟିଆ କନ୍ଧମାନଙ୍କ ଡ଼ାଙ୍ଗାରିଜ୍ ଓ ଧାଙ୍ଗ୍‌ରାବସା, କୋୟାମାନଙ୍କ ଏଣ୍ଡ୍‌ବାଉଲ୍, ମୁଣ୍ଡା ଓ ହୋ ସଂପ୍ରଦାୟଙ୍କ ଗୀତିରେ, ଓରାଓଁଙ୍କ ଜଙ୍କରପା ବା ଧୁମ୍‌କୁରିଆ, ଭୂୟାଁଙ୍କ ଦରବାର, ଜୁଆଙ୍ଗଙ୍କ ମଣ୍ଡଘର, ଗଣ୍ଡମାନଙ୍କ ଘୋଟୁଲ, ଡ଼ଙ୍ଗରିଆ କନ୍ଧମାନଙ୍କ ଆନେସ୍‌ବେଟା, ଦୁରୁଆ ସଂପ୍ରଦାୟଙ୍କ 'ମାଡ଼ିଆତ୍ କୁଡ଼ିଆ' ଓ ଅନ୍ୟ କେତେକ ସଂପ୍ରଦାୟଙ୍କ ଧାଙ୍ଗଡ଼ା / ଧାଙ୍ଗଡ଼ୀ ବସା ନାମରେ ପରିଚିତ । କେତେକ ଜନଜାତି ସଂପ୍ରଦାୟରେ ଉଭୟ ଯୁବକ ଓ ଯୁବତୀଙ୍କ ପାଇଁ ଗୋଟିଏ ବସା ବା ଘର ରହିଥିବା ବେଳେ, ଅନ୍ୟ କେତେକ ସଂପ୍ରଦାୟରେ ପୃଥକ୍ ପୃଥକ୍ ଭାବେ ଗୃହର ବ୍ୟବସ୍ଥା ଥାଏ । ଏହି ଯୁବ ଅନୁଷ୍ଠାନମାନ ଜନଜାତିମାନଙ୍କ ପ୍ରାଥମିକ ସାଂସ୍କୃତିକ ଶିକ୍ଷା କେନ୍ଦ୍ର । ଏହି ବସାରେ ଅବିବାହିତ ଯୁବକ ଯୁବତୀମାନେ ରାତ୍ରିଯାପନ କରି ଯୌନଜୀବନରେ ଶୃଙ୍ଖଳା, ଆଚାର ବ୍ୟବହାର, ଦେବଦେବୀ ଆରାଧନା, ଅତିଥି ସେବା, ସାମାଜିକ ନୀତିନିୟମ ଆଦି ଶିକ୍ଷା କରିଥାନ୍ତି । ଜନଜାତି ସମ୍ପ୍ରଦାୟରେ ସମଗୋତ୍ରରେ ବିବାହ ନିଷେଧ ରହିଥିବାରୁ ଅନ୍ୟ ଗ୍ରାମକୁ ଯୁବକମାନେ ଧାଙ୍ଗଡ଼ୀ ବସାରେ ନିଜ ମନଲାଖି ଜୀବନ ସାଥିଟିଏ ବାଛିବାର ସୁଯୋଗ ପାଇଥାନ୍ତି ।

ଜନଜାତି ଯୁବକ ଯୁବତୀମାନେ ନିଜ ପିତାମାତାଙ୍କ ଜ୍ଞାତସାରରେ ଏହି ବସାରେ ରାତ୍ରିଯାପନ କରିଥାନ୍ତି । ବିଭିନ୍ନ ଗ୍ରାମରୁ ଯୁବକମାନେ ଏହି ବସାକୁ ଯାଇ ନୃତ୍ୟଗୀତ ମାଧ୍ୟମରେ ପରସ୍ପରକୁ ଚିହ୍ନିବାର ସୁଯୋଗ ପାଇଥାନ୍ତି । ପରସ୍ପର ଭାବର ଆଦାନ ପ୍ରଦାନ କରିଥାନ୍ତି ମୁଦି ମାଗିବା ପର୍ବରେ । ଯେଉଁ ଯୁବକ ଯାହାକୁ ପସନ୍ଦ କରେ, ତା'ର ସମ୍ମତି ଜାଣିବା ପାଇଁ ମୁଦିଟିଏ ମାଗିବା ଉଦ୍ଦେଶ୍ୟରେ ଗୀତ ପଦେ ଗାଇଥାଏ । ଯଥା :

ଆମେ ଧାଙ୍ଗଡ଼ା ରାଶି ବିସାର କଲୁ
ମୁଦିଁ ମାଙ୍ଗିବାକେ ଯିବା ବଇଲୁ
ଇତିଟିଆଁ ସିଟି ଟିଆଁ
ତମର ଆତେ ଆଚେ
ଭତନ ଇରା ମୁଦିଁ

ଆମ୍‌କେ ଅସେଇ କେଲାଇ ଦିଆ । (ଭୂମିଆ ଗୀତ: ଗାଡ଼ ଗୁଣ୍ଡାଲ, କୁନ୍ଦ୍ରା)

ଏହାର ଉ ରରେ ଅନ୍ୟଗ୍ରାମର ଯୁବତୀମାନେ ଯୁବକମାନଙ୍କୁ ନିଜ ଗ୍ରାମକୁ ନିମନ୍ତ୍ରଣ କରି ଗୀତରେ କହିଥାନ୍ତି:

ମୁଦିଁ ମାଙ୍ଗିବାଏ ବଇଲେ ମୁଦିଁ ନାଆନୁ
ଗୀତ୍ ଗାଏବୁ ବଇଲେ ପଡିନା ଆନୁ
ବାସାକଲୁ ତମର୍ ଗାଏଁ
ରତନ ଭରା ମୁଦିଁ ସଜେଇ ରଇବି
ଆନତ୍ ଆସା ଆମର ଗାଏଁ ।

ଉପରୋକ୍ତ ଗୀତରେ ଯୁବକମାନେ କହନ୍ତି, ଆମେ ଯୁବକମାନେ ମୁଦି ମାଗିବାକୁ ମନସ୍ଥ କରିଛୁ । ଆମେ ଏଇଠି ସେଇଠି ଠିଆ ହୋଇ ଦେଖିଲୁ ଯେ, ତମର ହାତରେ ରତ୍ନହୀରା ମୁଦି ଅଛି । ଆମକୁ ହସାଇ ଖେଳାଇ ଦିଅ । ଏମାନଙ୍କ ଗୀତ ଶୁଣି ଯୁବତୀମାନେ କହନ୍ତି, ତୁମେ ମୁଦି ମାଗୁଛ, ଆମେ ମୁଦି ଆଣି ନାହୁଁ । ଗୀତ ମାଗୁଛ ପଦ ଆଣିନୁ । ଆମେ ରତ୍ନହୀରା ମୁଦି ସଜେଇ ରଖିଥିବୁ, ତୁମେ ମୁଦି ନେବା ପାଇଁ ଆମ ଗାଁକୁ ଆସ ।

ଭୂମିଆ, ପେ ିଆ, ଓମାନାତ୍ୟ, ପରଜା ଆଦି ସଂପ୍ରଦାୟ ପୁଷ୍ ପରବରେ ଦାଣ୍ଡାହୁଲିଆ ବା ଦାଣ୍ଡାରି ନୃତ୍ୟ କରିବା ନିମନ୍ତେ ପୌଷ ଶୁକ୍ଳ ପ୍ରତିପଦା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ ପରିକ୍ରମା କରନ୍ତି । ଏହି ନୃତ୍ୟ ଦଳର କଳାକାରମାନେ ରଙ୍ଗବେରଙ୍ଗର ପୋଷାକ ପିନ୍ଧି, ହାତରେ ବାଡ଼ି ଖଣ୍ଡେ ଧରି ଢ଼ୋଲ, ମହୁରୀ, ଟାମକ୍ ଓ ତିଡ଼ିବିଡ଼ିର ତାଳେ ତାଳେ ବୀର ରସାତ୍ମକ ନୃତ୍ୟ କରିଥାନ୍ତି । ଏମାନେ ନୃତ୍ୟ ସମୟରେ ବିଭିନ୍ନ ଗ୍ରାମରେ ବିଶ୍ରାମ ନେଇଥାନ୍ତି । ଯେଉଁ ଗ୍ରାମରେ ଏମାନେ ରାତ୍ରିଯାପନ କରନ୍ତି, ସେହି ଗ୍ରାମର ଯୁବକ ଯୁବତୀମାନେ ସସମ୍ମାନେ ଅତିଥ୍ୟ ପ୍ରଦାନ କରିଥାନ୍ତି । ଏମାନେ ଗ୍ରାମରେ ଥିବା ଧାଙ୍ଗଡ଼ା ବସାରେ ରାତ୍ରି ଯାପନ କରି ନୃତ୍ୟଗୀତ ମାଧ୍ୟମରେ ମଇତ୍ର, ମାସାଦ୍ ଓ ସଙ୍ଗାତ ବସନ୍ତି । ଦୁଇ ଗ୍ରାମ ମଧ୍ୟରେ ଘନିଷ୍ଠ ବନ୍ଧୁତା ସ୍ଥାପନ ହୋଇଥାଏ । ଏମାନେ ରାତ୍ରିଯାପନ କରିଥିବା ଗାଆଁକୁ 'ବାବୁଗାଉଁ' ବା ' ବନ୍ଧୁତାର ଗାଆଁ' ବୋଲି କହିଥାନ୍ତି । ଏମାନେ ରାତିସାରା ରସପୂର୍ଣ୍ଣ ଗୀତ ଗାଇ ବାହୁରେ ବାହୁ ଛନ୍ଦି ଢ଼େମସା ନୃତ୍ୟର ତାଳରେ ନିଜକୁ ହଜାଇ ଦେଇଥାନ୍ତି । ଏଠାରେ ଯୁବକ ଯୁବତୀମାନେ ପରସ୍ପରକୁ ପସନ୍ଦ କରି ନିଜ ଜୀବନ ସାଥି ଭାବେ ଚୟନ କରିଥାନ୍ତି ଓ 'ଉଦ୍‌ଲିଆ' ଯାଇଥାନ୍ତି ।

ଗୁଣୁପୁର ଅ ଳର ସଉରା ସମ୍ପ୍ରଦାୟଙ୍କ ଧାଙ୍ଗଡ଼ା ବସାରେ ରାତିସାରା ଯୁବକ ଯୁବତୀମାନେ ନୃତ୍ୟ ଗୀତରେ ନିଜକୁ ହଜାଇ ସକାଳ ହେବା ପୂର୍ବରୁ ତା'ର ମନଲାଖି ଜୀବନସାଥିକୁ ଉଦ୍‌ଲିଆ ଯିବା ପାଇଁ ଆହ୍ୱାନ ଦେଇ ଗାଇଥାଏ :

ମାରା ଗଡ୍ରାଂ ଆନାଇ ବାଲାଂ
ସିନା ବାଲାଂ ମାରା ଗଡ୍ରାଂ
ଆମେ ଗଡ୍ରାଂ ନାୟା ବାଲାଂ
ମାରାଂ ଗଡ୍ରାଂ ନାୟା ବାଲାଂ ।

ମାଲକାନଗିରି ଜିଲ୍ଲାର ମୁଦୁଲିପଡ଼ା ପ ାୟତରେ ବସବାସ କରୁଥିବା ଆଦିମ ବଣ୍ଡା ସଂପ୍ରଦାୟରେ ଯୁବକ ଯୁବତୀମାନଙ୍କ ରାତ୍ରିଯାପନ ନିମନ୍ତେ ସ୍ୱତନ୍ତ୍ର ବସାଘର ରହିଥାଏ । ଏମାନଙ୍କ ଯୁବକମାନଙ୍କ ବସାକୁ 'ଇଙ୍ଗରସନ୍' ଓ ଯୁବତୀମାନଙ୍କ ବସାକୁ 'ସାଲୋନିଡ଼ିଙ୍ଗୋ' କହନ୍ତି । ବଣ୍ଡା ଯୁବତୀମାନେ ଅନ୍ୟ ଗ୍ରାମର ଯୁବକମାନଙ୍କୁ ରସପୂର୍ଣ୍ଣ ଗୀତ ମାଧ୍ୟମରେ ସ୍ୱାଗତ କରିଥାନ୍ତି । ଏମାନେ ସୋଲାକ୍‌ବୟ୍ ଓ ୟଏବୟ୍ ଗୀତ ଗାଇ ଯୁବକମାନଙ୍କ ରୂପଗୁଣ ଆଦିକୁ ପ୍ରଶଂସା କରି ସେମାନଙ୍କୁ ଆକୃଷ୍ଟ କରିଥାନ୍ତି । ଉଭୟଙ୍କ ମଧ୍ୟରେ ନୃତ୍ୟ ଗୀତର ଆସର ଜମେ । ଗୁନୁଂକୁ, ଖିଡିଂ ଓ ଶିଙ୍ଗାର ତାଳେ ତାଳେ ରାତିସାରା ନୃତ୍ୟଗୀତ ଚାଲେ । ବଣ୍ଡା ଯୁବକ ତା'ର

ମନଲାଖି ଯୁବତୀର ସମ୍ମତି ଜାଣିବା ପାଇଁ ନିଜ ମଇତ୍ର ହାତରେ ରସ ଖଡୁଟିଏ ପଠେଇଥାଏ । ଯଦି ଯୁବତୀଟି ଖୁଡ଼ିଟିକୁ ଗ୍ରହଣ କରେ ତେବେ ସେ ସମ୍ମତିର ସୂଚନା ପାଇଥାଏ । ମାଆ ବାପାଙ୍କୁ ଜଣାଇ ବିବାହର ବନ୍ଦୋବସ୍ତ କରେ । ପୂର୍ବେ ଯୁବତୀଟି ଯୁବକର ଧୌର୍ଯ୍ୟ ଓ ସାହାସ ପରୀକ୍ଷା କରିବା ପାଇଁ ଯୁବକ ଦେହରେ ନିଆଁ ଚେଙ୍କ ଦେଇ ପରୀକ୍ଷା କରିବା ଜଣାଯାଏ । ଯୁବତୀଟିର ଇଚ୍ଛାରେ ହିଁ ବିବାହ ସ୍ଥିର ହୁଏ । ଯଦି ଯୁବକଟି ଯୁବତୀଟିର ସମ୍ମତି ପାଏ, ତେବେ ତା'ର ବାପାମାଆଙ୍କୁ କହି 'ସଗୁର୍‌ଟାକା' ବା 'କନ୍ୟାସୁନା' ଦେବା ପାଇଁ ଲାଗିପଡ଼େ । ଏମାନଙ୍କ ଏହି ବସାରେ ଯୁବକ ଯୁବତୀ ପରସ୍ପର ଉପହାରର ଆଦାନପ୍ରଦାନ କରିଥାନ୍ତି । ଏମାନେ ନୃତ୍ୟ, ଗୀତ, ବାଦ୍ୟ ଓ ପାରମ୍ପରିକ କଳା ସଂପର୍କରେ ଶିକ୍ଷା ଲାଭ କରିବା ସଂଗେ ସଂଗେ ସାମାଜିକ ରୀତିନୀତି, ହସ୍ତକଳା କର୍ମ, ଅତିଥି ଚର୍ଚ୍ଚା, ଶ୍ରମସହଭାଗିତା ପ୍ରଭୃତି ସଂପର୍କରେ ଶିକ୍ଷା କରିଥାନ୍ତି । ଯାହାକି, ଏମାନଙ୍କ ଦାମ୍ପତ୍ୟ ଜୀବନକୁ ସରସ ଓ ଶୃଙ୍ଖଳିତ କରି ଗଢ଼ି ତୋଳିଥାଏ ।

ଜନଜାତି ଗ୍ରାମର ଧାଙ୍ଗଡ଼ା ବସା ଏମାନଙ୍କ ପାରଂପରିକ ନୃତ୍ୟ, ଗୀତ ଓ ମୌଖିକ କଳାର ପ୍ରଥମିକ ଶିକ୍ଷାକେନ୍ଦ୍ର ଭାବେ କାର୍ଯ୍ୟ ସମ୍ପାଦନା କରିଥାଏ । ଏହି ସାଂସ୍କୃତିକ କେନ୍ଦ୍ରରେ ଏମାନଙ୍କ କୁଶଳୀ ଗାୟକ ଗାୟିକା, ବାଦକ ବାଦିକା ଓ ନ ର୍କ ନ ର୍କୀ ମାନଙ୍କଠାରୁ ତରୁଣ ତରୁଣୀମାନେ ପାରମ୍ପରିକ କଳା ସମ୍ପର୍କରେ ଶିକ୍ଷା ଲାଭ କରି ନିଜ ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି କରିବାରେ ସୁଯୋଗ ପାଇଥାନ୍ତି । ଏହି ବସାରେ ଧାଙ୍ଗଡ଼ା ଧାଙ୍ଗଡ଼ୀମାନେ ରାତ୍ରଯାପନ ବେଳେ କାଠଗଣ୍ଡି ଜାଳି ଏହାର ଚାରିପଟେ ନୃତ୍ୟଗୀତ କରି ମଧୁର ମୂର୍ଚ୍ଛନା ତୋଳିଥାନ୍ତି । ଏହି ବସା ସବୁ ସାଧାରଣତଃ ଗ୍ରାମର ମ୍ଧ ଭାଗରେ ଅବସ୍ଥିତ । ଯଦି ଏପରି ଘର ନ ଥାଏ, ତେବେ କୌଣସି ବୟସ୍କାଙ୍କ ଘରେ ମଧ୍ୟ ଏମାନେ ରାତ୍ରିଯାପନ କରିଥାନ୍ତି । ପ୍ରତି ସ୍ନ୍ୟାରେ ଯୁବକ ଯୁବତୀମାନେ ବିଭିନ୍ନ ପ୍ରକାର ଖେଳକୁଦ ଓ ନୃତ୍ୟ ମାଧ୍ୟମରେ ନିଜର ଶାରିରୀକ ଓ ମାନସିକ ଅବସାଦ ଲାଘବ କରିଥାନ୍ତି । ଭୂମିଆ, ପରଜା, ଗାଦବା, ଅମାନାତ୍ୟ, ପେ ିଆ ସଂପ୍ରଦାୟର ଯୁବଗୋଷ୍ଠୀ ସାଇଲୋଡ଼ି, ବାଲାଏ ମାତାନି, ସିନ୍ଧିକୀଡ଼ା, ବାରହା ଖେଳ, ଭାଲୁ ଖେଳ, ଶୁଆ ଖେଳ ସହ ଢ଼େମସା ନୃତ୍ୟ କରିଥାନ୍ତି । ଆଦିବାସୀ ପଲ୍ଲୀରୁ ନିର୍ଜନ ରାତିରେ ଭାସି ଆସୁଥିବା ସାଇଲୋଡ଼ି, କିନ୍ଦ୍ରି ଗୀତର ମଧୁର ମୂର୍ଚ୍ଛନା ଓ ଢ଼େମସା ନୃତ୍ୟର ମନମତାଣିଆ ସ୍ୱର ଅତ୍ୟନ୍ତ ହୃଦ୍ୟ ଓ ଉପଭୋଗ୍ୟ ।

ଜନଜାତି ସମାଜରେ ବ୍ୟକ୍ତଗତ ସ୍ୱାର୍ଥର ସ୍ଥାନ ଗୌଣ । ଗୋଷ୍ଠୀଗତ ଜୀବନର ପ୍ରମୁଖ ଅନୁଷ୍ଠାନ ଏହି ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା ଏମାନଙ୍କ ମ୍ନରେ ଐକ୍ୟ, ସଂହତି ଓ ସଂପ୍ରତିର ବନ୍ଧନକୁ ଅଧିକ ସୁଦୃଢ଼ କରିବାରେ ବିଶେଷ ସହାୟକ ହୋଇଥାଏ । ଏମାନଙ୍କ ସାମାଜିକ ଓ ଧର୍ମୀୟ ଜୀବନକୁ ସୁରକ୍ଷିତ ଓ ସୁଦୃଢ଼ କରିବାରେ ଏହି ଯୁବ ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏମାନଙ୍କ ଗୀତ କୁଡ଼ିଆ ଓ ଗୀତ କୁଡ଼ିଆନୀ (ଗାୟକ ଓ ଗାୟିକା) ମାନେ ଯୁବ ସମାଜଙ୍କ ପ୍ରାଣରେ ନୈତିକ ବଳ ଭରିଦେବା ନିମନ୍ତେ ବିଭିନ୍ନ କାତାନି ବା ଆଖ୍ୟାନଧର୍ମୀ ନାସଣୀ ଯଥା: ସାଦେବ୍ ରାଜା, ସତର ବର ରାଜା, ରାମସୀତା, ଉଦ୍ୟାନ ରାଜା, ଯମପୁରାଣ, ପ୍ରଭୃତି ରାଜାରାଣୀ କାତାନି ଗାନ କରି ଏମାନଙ୍କ ମଧ୍ୟରେ ଐକ୍ୟ, ଭାତୃତ୍ୱ, ସହଭାଗିତା, ପରୋପକାର, ଧର୍ମର ଜୟ ପାପର କ୍ଷୟ ପରି ମୂଲ୍ୟବୋଧ ଭି ିକ ବା ର୍ା ପ୍ରଦାନ କରିଥାନ୍ତି । ଏହାର ପ୍ରଭାବରେ ଜନଜାତି ମଣିଷଟିଏ ଅସତ୍ୟ, ଅନ୍ୟାୟ ଓ ଅପକର୍ମଠାରୁ ଦୂରେଇ ରହିଥାଏ । ଏହି ଯୁବ ଅନୁଷ୍ଠାନ ମାଧ୍ୟମରେ କୈଶୋର ଅବସ୍ଥାରୁ

ଜନଜାତି ମଣିଷଟି କଠୋର ନିୟମ ଓ ଶୃଙ୍ଖଳା ମଧ୍ୟରେ ରହି ତା'ର ଭବିଷ୍ୟତ ଜୀବନକୁ ସୁସ୍ଥ ଓ ସୁନ୍ଦର ଭାବେ ଗଢ଼ିବାରେ ସକ୍ଷମ ହୋଇଥାଏ ।

ଭାରତର ଅଧିକାଂଶ ଜନଜାତି ସଂପ୍ରଦାୟରେ ଏହି ଯୁବ ଅନୁଷ୍ଠାନର ପ୍ରଚଳିତ ରହିଥିଲା । ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ମହାରାଷ୍ଟ୍ର ପ୍ରଭୃତି ପ୍ରଦେଶରେ ଏହି ଅନୁଷ୍ଠାନ ପ୍ରଚଳିତ ରହିଥିଲା । ଛତିଶଗଡ଼ର ବସ୍ତର ଅ ଳର ଏହି ଅନୁଷ୍ଠାନକୁ ଅବିବାହିତ ଯୁବକଯୁବତୀଙ୍କ ସ୍ୱର୍ଗ ରାଜ୍ୟ ଭାବେ ମନେ କରାଯାଏ । ଏହି ଯୁବ ଅନୁଷ୍ଠାନ ଗୁଡ଼ିକର ପ୍ରମୁଖ କାର୍ଯ୍ୟବଳୀ ହେଲା: ଅବିବାହିତ ଯୁବକଯୁବତୀଙ୍କ ରାତ୍ରିଯାପନ, ପାରମ୍ପରିକ ମୌଖିକ କଳା, ହସ୍ତଶିଳ୍ପ ପ୍ରଭୃତି ଶିକ୍ଷା, ଜୀବନସାଥୀ ଚୟନ, ଯୌନଜୀବନର ଶୃଙ୍ଖଳା ରକ୍ଷା, ଅତିଥି ଚର୍ଚ୍ଚା, ଶ୍ରମ ସହଯୋଗିତା ଓ ସହଭାଗିତା ଶିକ୍ଷା, କୁଳାଚାର ଓ ଲୋକାଚାର ଶିକ୍ଷା, ପ୍ରଜାତିଗତ ଏକତା ଓ ପରିଚୟ ସମ୍ପର୍କୀୟ ଶିକ୍ଷା ଇତ୍ୟାଦି । ଯାହା କି, ଆଦିବାସୀଙ୍କ ସମୃଦ୍ଧି ସାଂସ୍କୃତିକ ପରଂପରାକୁ ଗତିଶୀଳ ଓ ସଂରକ୍ଷଣ କରିବାରେ ବିଶେଷ ସହାୟକ ହେଉଥିଲା ।

ଆଜି ଆଧୁନିକ ସଂସ୍କୃତିର ପ୍ରଭାବ ଓ ଚାପ ଫଳରେ ଏମାନଙ୍କ ପାରମ୍ପରିକ ଯୁବ ସାଂସ୍କୃତିକ କେନ୍ଦ୍ରଗୁଡ଼ିକ ହଜିଯିବାରେ ଲାଗିଛି । ଓଡ଼ିଶାରେ ବାସ କରୁଥିବା ବାଷଠି ପ୍ରକାରର ଜନଜାତି ସଂପ୍ରଦାୟଙ୍କ ମଧ୍ୟରୁ ମାତ୍ର ସ୍ୱଳ୍ପ କେତେକ ସଂପ୍ରଦାୟରେ ଏହି ଯୁବ ଅନୁଷ୍ଠାନ ଆଜି ରହିଥିବା ଜଣାଯାଏ । ଜନଜାତି ଯୁବପ୍ରାଣର ଏହି ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକର ବିଲୀନ ଫଳରେ ଏମାନଙ୍କ ମଧ୍ୟରେ କଳା ପ୍ରବଣତା, ଶୃଙ୍ଖଳାବୋଧ କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ବିଶିଷ୍ଟ ଲୋକସଂସ୍କୃତିବିତ୍ ଭେରିୟର୍ ଏଲ୍‌ୱିନ୍ କ୍ଷୋଭ ପ୍ରକାଶ କରି କହିଛନ୍ତି- ଏହି ଅନୁଷ୍ଠାନ ଗୋଷ୍ଠୀଜୀବନର ରକ୍ଷକ । ଏହାର ବିଲୋପ ସାଧନ ଫଳରେ ଜନଜାତି ସମାଜରେ ଏକ ଅପରାଧବୋଧ ସୃଷ୍ଟି ହୋଇଛି । ଆଜି ଜନଜାତି ସଂସ୍କୃତିର ଦ୍ରୁତ ଅବକ୍ଷୟ ସମୟରେ ଏମାନଙ୍କ ଯୁବପିଢ଼ିଙ୍କୁ ସେମାନଙ୍କ ପାରମ୍ପରିକ ସଂସ୍କୃତି ପ୍ରତି ସଚେତନ କରିବା ପାଇଁ କେତେକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ । ସେଗୁଡ଼ିକ ହେଲା : ଜନଜାତି ଗ୍ରାମରେ ବର୍ଷର ବିଭିନ୍ନ ସମୟରେ ଯୁବପିଢ଼ିଙ୍କୁ ନେଇ ସେମାନଙ୍କ ସଂସ୍କୃତିରେ ରହିଥିବା ଉଚ୍ଚ ମୂଲ୍ୟବୋଧ ସଂପର୍କରେ ସଚେତନତମୂଳକ କାର୍ଯ୍ୟକ୍ରମ ହାତକୁ ନେବାକୁ ହେବ । ଅତୀତରେ ପାରଂପରିକ ଧାଙ୍ଗଡ଼ା ଧାଙ୍ଗଡ଼ୀ ବସାର ବିକଳ୍ପ ଭାବେ ସାଂସ୍କୃତିକ କେନ୍ଦ୍ରର ସ୍ଥାପନ କରିବାକୁ ହେବ । ପ୍ରତ୍ୟେକ ଜନଜାତି ସଂପ୍ରଦାୟରେ ଏହି କେନ୍ଦ୍ର ନିର୍ମାଣ କରି ଅଭିଜ୍ଞ କଳା ବିଶେଷଜ୍ଞଙ୍କ ସହାୟତାରେ ପାରଂପରିକ କଳା ଓ ହସ୍ତଶିଳ୍ପ ସଂପର୍କରେ ତାଲିମ ପ୍ରଦାନ (ଯଥା: ବଣ୍ଡା ସମ୍ପ୍ରଦାୟଙ୍କ ରିଙ୍ଗା, ଗାଦବାଙ୍କ କେରଙ୍ଗ, ଡ଼ଙ୍ଗରିଆ କନ୍ଧଙ୍କ ଡିଜାଇନିଂ ସାଲ୍, ସଉରାଙ୍କ ଇଡ଼ିତାଲ ଚିତ୍ରକଳା, ଅନ୍ୟାନ୍ୟ ସଂପ୍ରଦାୟଙ୍କ କାଠ, ବାଉଁଶ ଓ ମୃ କା କାମ ଆଦି ହସ୍ତଶିଳ୍ପ) କରିବାକୁ ହେବ । ଜନଜାତିଙ୍କ ଲୋକପ୍ରିୟ ନୃତ୍ୟ, ସଂଗୀତ, ଖାଦ୍ୟ, ହସ୍ତଶିଳ୍ପ, ବାଦ୍ୟଯନ୍ତ୍ର, ଆଭୂଷଣଙ୍କୁ ନେଇ ପ୍ରତ୍ୟେକ ଜନଜାତି ଗୋଷ୍ଠୀ ବହୁଳ ଗ୍ରାମପ ାୟତରେ ସାଂସ୍କୃତିକ କେନ୍ଦ୍ରମାନ ସ୍ଥାପନ କରି ଏସବୁର ସଂରକ୍ଷଣ ଓ ବିକାଶ ନିମନ୍ତେ ତୃଣମୂଳ ସ୍ତରରୁ ଯୋଜନା ପ୍ରସ୍ତୁତ କରିବାକୁ ହେବ । ସାଧାରଣତଃ ଜନଜାତି ଯୁବପିଢ଼ି ନିଜ ସମୃଦ୍ଧ ସଂସ୍କୃତି ପ୍ରତି ଉଦାସୀନ ଓ ଅନାଦର ହେଉଥିବା ଲକ୍ଷ୍ୟ କରାଯାଏ । ଏହାର ବହୁବିଧ କାରଣ ଥିଲେ ହେଁ ଏକ ପ୍ରମୁଖ କାରଣ ହେଉଛି ସେମାନଙ୍କ ସଂସ୍କୃତି ପାଠ୍ୟ ପୁସ୍ତକରେ ସ୍ଥାନ ପାଇ

ନଥିବା । ଏଥି ପାଇଁ ଜଣେ ଜନଜାତି ଯୁବକ ବା ଯୁବତୀ ନିଜ ଭାଷା ଓ ସଂସ୍କୃତି ପ୍ରତି ବିମୁଖ ହୋଇଥାଏ । ସୁତରାଂ, ଜନଜାତିଙ୍କ ଭାଷା ଓ ସଂସ୍କୃତି ପ୍ରାଥମିକ ସ୍ତରରୁ କଲେଜ ଶିକ୍ଷା ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ସ୍ଥାନ ଦେବାକୁ ପଡ଼ିବ । ଯାହା ଫଳରେ ଏମାନେ ନିଜ ଭାଷା ଓ ସଂସ୍କୃତିକୁ ଅତ୍ୟନ୍ତ ଗୁରୁତ୍ୱ ପ୍ରଦାନ କରି ଜାଣିବା ପାଇଁ ତତ୍ପର ହୋଇ ପାରିବେ ।

ଆଜିର ଶିକ୍ଷିତ ଗୋଷ୍ଠୀଙ୍କ କ୍ଲବ, ସାଂସ୍କୃତିକ କେନ୍ଦ୍ର, ଅବସର ବିନୋଦନ କେନ୍ଦ୍ର ସବୁର ଗଠନ ମୂଳରେ ଜନଜାତିଙ୍କ ଧାଙ୍ଗଡ଼ା ଧାଙ୍ଗଡ଼ୀ ବସାର ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ । କିନ୍ତୁ, କ୍ଷୋଭର ବିଷୟ ଆଦିମ କାଳରୁ ପ୍ରଚଳିତ ଜନଜାତି ଯୁବପ୍ରାଣଙ୍କ ସାଂସ୍କୃତିକ କେନ୍ଦ୍ର ଆଜି ଆଧୁନିକତାର ଚାପରେ ବିଲୀନ ହୋଇଗଲାଣି । ଏମାନଙ୍କ ପାରମ୍ପରିକ ସଂସ୍କୃତିର ସୁରକ୍ଷା, ବିକାଶ, ସାମାଜିକ ସଂହତି ଓ ମୂଲ୍ୟବୋଧକୁ ବଂଚାଇ ରଖିବାକୁ ହେଲେ ଏମାନଙ୍କ ଅତୀତରେ ପ୍ରଚଳିତ ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା ବା ଯୁବ ଅବସର କେନ୍ଦ୍ରର ବିକଳ୍ପ ବ୍ୟବସ୍ଥା ଚିନ୍ତା କରିବା ଅତ୍ୟନ୍ତ ଜରୁରୀ ।

**ସହାୟକ ଗ୍ରନ୍ଥ ଓ ପତ୍ରପତ୍ରିକା:**

୧. ନେପାକ, ଭାଗୀରଥି, ଓଡ଼ିଶାର ଆଦିବାସୀ ଜୀବନ-୧୯୮୪, ପୃ- ୩୮, କେ. କେ ମିଶ୍ର ଏଣ୍ଡ୍ କୋ, କଟକ ।

୨. ମହାନ୍ତି, ଡଃ ବଂଶୀଧର- ଓଡ଼ିଶାର ଆଦିବାସୀ ସଂସ୍କୃତି – ୧୯୯୦, ପୃ- ୧୧୨, ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ, ଭୁବନେଶ୍ୱର ।

୩. ପାଢ଼ୀ ଡଃ. ରାଜେନ୍ଦ୍ର, କୋରାପୁଟର ଆଦିବାସୀ ଲୋକ ସଂସ୍କୃତି- ୨୦୧୭ (୨ୟ ସଂସ୍କରଣ) ସୁବର୍ଣ୍ଣ ଶ୍ରୀ ପ୍ରକାଶନୀ, ବାଲେଶ୍ୱର ।

4. Mohanty K.K. choudhury, B & Sahoo A.C. Aesthetic in Orissan Tribal Artifacts, Banaja-1992, ATDC, Bhubaneswar.

5. Parmar, Syam- Folklore of Madhyapradesh-1992, page-34-35, NBT, New Delhi,

**ସା/ ପୋ: କୁନ୍ଦ୍ରା,**
**ଭା: ଜୟପୁର-୭୬୪୦୦୨,**
**ଜି. କୋରାପୁଟ**

# ସାନ୍ତାଳ ସଂସ୍କୃତିର ସଂରକ୍ଷଣ

**ଡକ୍ଟର ଦମୟନ୍ତୀ ବେଶ୍ରା**

ସଂସ୍କୃତି ମନୁଷ୍ୟ ଜୀବନ ପ୍ରକ୍ରିୟା ସହିତ ଜଡ଼ିତ । ସମାଜର ରୀତିନୀତି, ଚାଲିଚଳଣୀ, ପର୍ବପର୍ବାଣି, ନୃତ୍ୟଗୀତ, ଆଚାରବିଚାର ଏସବୁ ସଂସ୍କୃତିର ଅନ୍ତର୍ଭୁକ୍ତ । ଏ ସମସ୍ତ ବାହ୍ୟତଃ ଉପଚାର ମନେ ହେଉଥିଲେହେଁ ତା'ର ଅନ୍ତର୍ନିହିତ ଭାବଧାରା ହେଉଛି ସଂସ୍କୃତି । ସଂସ୍କୃତି ଏକ ସମାଜର ଆତ୍ମା ସ୍ୱରୂପ । ସମାଜ ସହିତ ଏହା ଅଙ୍ଗାଙ୍ଗୀ ଭାବେ ସମ୍ପୃକ୍ତ । ମଣିଷ ସମାଜ ଗଠନ ହେବା ଦିନଠାରୁ ସଂସ୍କୃତି ପ୍ରବହମାନ । ଆବହମାନ କାଳରୁ ସେ ପରମ୍ପରା ସହିତ ଏତେ ମାତ୍ରାରେ ଯୋଡ଼ି ହୋଇଥାଏ ଯେ ତାହାହିଁ ତା'ର ପ୍ରକୃତ ପରିଚୟ ବୋଲି ଧରି ନେଇଥାଏ । ଶରୀର ଗଠନ ଦୃଷ୍ଟିରୁ ସମସ୍ତ ମନୁଷ୍ୟ ଏକ ହୋଇଥିଲେ ମଧ୍ୟ ଜାତି, ଧର୍ମ, ବର୍ଣ୍ଣ, ଆଚରଣ ଓ ସଂସ୍କାର ଅନୁଯାୟୀ ବିଭିନ୍ନତା ରହିଛି । ତଦନୁଯାୟୀ ସଂସ୍କୃତି ମଧ୍ୟ ସମସ୍ତଙ୍କର ଏକାପରି ନ ହୋଇ ଭିନ୍ନ ଭିନ୍ନ ।

ସମୟ ଥିଲା, ଗୋଟାଏ ଜାତି ତା'ର କୌଳିକ ବୃ ି ସହିତ ଜୀବନ ଜିଉଁଥିଲା । ନିଜ ସଂସ୍କୃତି ଉପରେ ଆସ୍ଥାରଖି ଶତପ୍ରତିଶତ ଅନୁପାଳନ କରି ସେଥିପ୍ରତି ଯତ୍ନବାନ ଥିଲା । କିନ୍ତୁ ବ ର୍ମାନର ବିଶ୍ୱାୟନ ପ୍ରକ୍ରିୟାରେ ତାହା ବହୁପରିମାଣରେ ବାଧାପ୍ରାପ୍ତ । ମନୁଷ୍ୟର ଜୀବନଯାପନ ସ୍ୱଗ୍ରାମରେ ସୀମିତ ଥିବାବେଳେ ସଂସ୍କୃତିର ବିଲୁପ୍ତି ଘଟୁଥିବା ନେଇ କୌଣସି ଭୟ ନ ଥିଲା । ମାତ୍ର କର୍ମସଂସ୍ଥାନର ପ୍ରଭାବ, କଳ କାରଖାନା ପାଇଁ ଜମି ଅଧିଗ୍ରହଣ,ଚାଷୋପଯୋଗୀ ଜମିର ଅଭାବ କିମ୍ବା ବେପାର ବଣିଜ କରି ସମସ୍ତ ସୁବିଧା ସୁଯୋଗ ସହିତ ସହରରେ ଉନ୍ନତ ଜୀବନ ଜିଇଁବା ପାଇଁ ମଣିଷ ସହାରାଭିମୁଖୀ ହୋଇଛି । କୌଳିକ ବୃ ି କରି ପେଟ ଅପୋଷା ରହିବା ହେତୁ ମଧ୍ୟ ତାକୁ ପରିହାର କରି ଯେଉଁଠି ଯାହା କାମ ମିଳିଲା ତାହାକୁ ସେ ଆଦରି ନେଲା । କୌଣସି ପରିସ୍ଥିତିରେ ଗୋଟିଏ ସ୍ଥାନର ଲୋକ ବିସ୍ଥାପିତ ହେଲେ କିମ୍ବା କରାଗଲେ ତାହା ସଂସ୍କୃତିର ଧାରା ପ୍ରବାହରେ ବାଧା ଉପୁଜାଏ । ଏସବୁ ବ୍ୟତୀତ ବ ର୍ମାନ ବିଭିନ୍ନ କମ୍ପାନୀର ଥଇଥାନ, ବୈଷୟିକ ଶିକ୍ଷା, ସାମାଜିକ ମାଧ୍ୟମର ବ୍ୟବହାର ଫଳରେ ସଂସ୍କୃତିର ବହୁଳ ପରିବ ର୍ନ ଘଟିଚାଲିଛି । ଏହି ପରିପ୍ରେକ୍ଷୀରେ ସାନ୍ତାଳ ସଂସ୍କୃତିକୁ ପର୍ଯ୍ୟାଲୋଚନା କଲେ ତାହା ଆଗର ଅପେକ୍ଷା ଏବେ କେତେ ପରିମାଣରେ ଅନ୍ୟ ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଛି କିମ୍ବା ତା'ର ଅବକ୍ଷୟ ଘଟିଛି, ତାହା ଜଣା ପଡ଼ିବ ।

ସାନ୍ତାଳ ଜନଗୋଷ୍ଠୀ ଆର୍ଯ୍ୟ ସଂସ୍କୃତିର ଚାରିବର୍ଣ୍ଣ ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି । କାରଣ ଆର୍ଯ୍ୟମାନେ ଏ ଭୂମିରେ ପଦାର୍ପଣ କରିବାର ବହୁ ଆଗରୁ ସାନ୍ତାଳ ମାନେ ଏଠାରେ ବସବାସ କରି ସାରିଥିଲେ । ସେହି ସମୟଠାରୁ ଆର୍ଯ୍ୟମାନଙ୍କ ଠାରୁ ଏମାନେ ଯଥେଷ୍ଟ ଦୂରତା ରକ୍ଷାକରି ଆସିଛନ୍ତି । ଆଜିସୁଦ୍ଧା ବିଭିନ୍ନ ସଂସ୍କାର କାର୍ଯ୍ୟରେ ବ୍ରାହ୍ମଣ, ଧୋବା, ବାରିକଙ୍କୁ ନିୟୋଜିତ କରି ନାହାନ୍ତି, ଏହା ତାଙ୍କ ସଂସ୍କୃତିର ଏକ ସ୍ୱତନ୍ତ୍ରତା । ଅଧୁନା କୁଡୁମୀ, ବାଥୁଡ଼ି, ଗଣ୍ଡ, ଭୂୟାଁ, ଭୂମିଜ ଭଳି ଅନେକ ଜାତି ବ୍ରାହ୍ମଣର ମନ୍ତ୍ରୋଚାର ମଧ୍ୟରେ ଜନ୍ମ,

ବିବାହ, ମୃତ୍ୟୁ ସଂସ୍କାର କାର୍ଯ୍ୟମାନ କରାଇ ମୌଳିକ ସଂସ୍କୃତିକୁ ହରାଇ ସାରିଲେଣି । ବୈଦିକ କର୍ମକାଣ୍ଡ ଦ୍ୱାରା ପ୍ରଭାବିତ ହୋଇ ନିଜସ୍ୱ ପ୍ରଥା ପରମ୍ପରାର ଅବହେଳା କରି ତାକୁ ବିଲୁପ୍ତି ମୁହଁକୁ ଠେଲି ଦିଆଯାଇଛି । ଏ ସବୁପାଇଁ ପୁରୋହିତଙ୍କ ଆଜ୍ଞାରେ ସେମାନେ ପରିଚାଳିତ । ପୁରୋହିତ ଯେଭଳି ଭାବରେ କାର୍ଯ୍ୟ ତୁଲାଇଲେ ତାହାହିଁ ଅନେକ ସମାଜରେ ଏବେ ସର୍ବଗ୍ରାହ୍ୟ ପ୍ରଥା ହେଲାଣି । କିନ୍ତୁ ସାନ୍ତାଳ ସଂସ୍କୃତିରେ ପୁରୋହିତର ପ୍ରବେଶ ନିଷେଧ । ଯେ କୌଣସି ସଂସ୍କାର କାର୍ଯ୍ୟରେ ଗ୍ରାମପ ର ଆଦେଶ ହେଉଛି ସର୍ବେସର୍ବା । ବିଭିନ୍ନ ପର୍ଯ୍ୟାୟର କାର୍ଯ୍ୟକୁ ସେହି ଗ୍ରାମପ ପ୍ରତ୍ୟକ୍ଷଭାବରେ ତଦାରଖ କରି ସମ୍ପନ୍ନ କରାଇ ଥାଆନ୍ତି । ଏଥିପାଇଁ ସୁନ୍ଦର ବ୍ୟବସ୍ଥା ମାନ ଦେଖିବାକୁ ମିଳେ । ସେମାନେ ପ୍ରତିଗ୍ରାମରେ ଜଣକୁ ଗ୍ରାମମୁଖ୍ୟ 'ମାଝୀ' ଭାବରେ ବାଛି ଥାଆନ୍ତି । ତାଙ୍କୁ ସାହାଯ୍ୟ କରିବାପାଇଁ ଉପମୁଖ୍ୟ 'ପାରାନିକ୍', ସହଯୋଗୀ ରୂପେ 'ଜଗ୍‌ମାଝୀ', ଡାକୁଆ ରୂପେ 'ଗଡ଼େତ୍' ଓ ଆଧ୍ୟାତ୍ମିକ ପ୍ରବକ୍ତା ରୂପେ 'ନାଏକେ' ନିଯୁକ୍ତ ହୋଇଥାଆନ୍ତି । ଜନ୍ମ ସଂସ୍କାର, ବିବାହ ଓ ମୃତ୍ୟୁ ସଂସ୍କାର କାର୍ଯ୍ୟ ସବୁକୁ ଏମାନଙ୍କର ଉପସ୍ଥିତିରେ ଗ୍ରାମବାସୀ ମାନେ କରି ଥାଆନ୍ତି । ତେଣୁ ନିର୍ଦ୍ଧାରିତ ପ୍ରଥାରେ ସବୁକିଛି ସାଧିତ ହେଉଥିବାରୁ ସଂସ୍କୃତି କେବେ ଅବକ୍ଷୟମୁଖୀ ହୋଇପାରେ ନାହିଁ । ପ୍ରତି କାର୍ଯ୍ୟପାଇଁ ତାଙ୍କର ସମାନ ନୀତିନିୟମ ଏବଂ ଖର୍ଚ୍ଚ ନିର୍ଦ୍ଧାରିତ ହୋଇ ରହିଛି । ତାହା ଧନୀକଗୋଷ୍ଠୀ ପାଇଁ ଅଧିକ କିମ୍ବା ଗରିବ ପାଇଁ କମ୍ ହୁଏ ନାହିଁ । ଅଧିକାଂଶତଃ ତାହା ଦୁଇ ହାଣ୍ଡିରୁ ପା ହାଣ୍ଡି ହାଣ୍ଡିଆ ମଧ୍ୟରେ ସୀମିତ ରହୁଥିବାରୁ କାହାରିପାଇଁ ବୋଝ ହୁଏ ନାହିଁ । ଅତିରିକ୍ତ ଭାବରେ ଶୁଦ୍ଧିକ୍ରିୟା ବେଳେ ବଳିପଡୁଥିବା ଛେଳି(କୁଟାମ୍ ଦାଣେ)ର ଦୁଇ ତୃତୀୟାଂଶ ମାଂସ ଗ୍ରାମବାସୀ ନିଅନ୍ତି । ସେହିପରି ଝିଅର ବିବାହ କ୍ଷେତ୍ରରେ ବରପକ୍ଷରୁ ଦିଆ ଯାଉଥିବା ଛେଳି(ଚାଡ଼ିମେରମ୍)କୁ ଗ୍ରାମବାସୀ ମିଶି ଭୋଜି କରିଥାଆନ୍ତି । ପୁଅଝିଅର ବିବାହରେ ଗ୍ରାମବାସୀଙ୍କୁ ସସ୍ତୀକ ବସ୍ତ୍ରଦେବା ବ୍ୟତୀତ ଆଉ କୌଣସିଥିରେ ଗୃହସ୍ୱାମୀଙ୍କୁ ବୋଝିଲ ହେବାକୁ ପଡ଼େ ନାହିଁ ।

ଯଦିବା ଗ୍ରାମା ଳରେ ରହୁଥିବା ସାନ୍ତାଳ ମାନଙ୍କଠାରେ ସଂସ୍କୃତିର ଅବକ୍ଷୟ ଆଦୌ ପରିଲକ୍ଷିତ ହୋଇନାହିଁ; ତଥାପି ସମଗ୍ର ସାନ୍ତାଳ ସମାଜକୁ ଦୃଷ୍ଟିରେ ରଖି ବିଚାର କଲେ ଏହା ଯେ ଅପସୃୟମାଣ, ଏଥିରେ ଦ୍ୱିମତ ହେବାର ନାହିଁ । କାରଣ ଯେଉଁମାନେ ଗ୍ରାମା ଳରୁ ଦୂରେଇ ଯାଇ ସହରୀ ସଭ୍ୟତାରେ ରହିଲେଣି, ସେମାନେ ସଂସ୍କୃତି ଚର୍ଚ୍ଚାରୁ ଦୂରେଇ ଯାଉଛନ୍ତି । ଖାଦ୍ୟପାନୀୟ, ବେଶପୋଷାକ, ନାଚଗୀତ, ପୂଜାପାର୍ବଣ ଭଳି ସ୍ୱକୀୟତା ବହନ କରୁଥିବା ଅବସର ଉପଭୋଗ କରିବା ସୁଯୋଗ ତାଙ୍କୁ ମିଳୁନାହିଁ । ଏହିହେତୁ ଅନେକ ନାଚଗୀତ ଓ ପରମ୍ପରା ତାଙ୍କଠାରେ ଆଉନାହିଁ ।

ଆମଦେଶରେ ଅନେକ ପରମ୍ପରା ରହିଛି, ଯାହା ରାଜ୍ୟର ମୂଳ ସଂସ୍କୃତିଠାରୁ ଭିନ୍ନ । ସଂଖ୍ୟାଗରିଷ୍ଠ ଗୋଷ୍ଠୀ ତାକୁ ତାଚ୍ଛଲ୍ୟ କରେ କିମ୍ବା ଅନ୍ଧବିଶ୍ୱାସ ବୋଲି କହେ । ତାହା ଯେ ଏ ମାଟିର ଧରୋହର, ଗର୍ବ ଓ ଗୌରବ ଏଭଳି ବିଚାର ଖୁବ୍ କମ୍‌ଲୋକ ରଖନ୍ତି । ତେଣୁ ବିବିଧ ସଂସ୍କୃତିର ଦେଶ ଆଜି ଏକମୁଖୀନତାକୁ ଆପଣାଇଲାଣି । ତତ୍‌ସହିତ ଯୁଗଯୁଗର ଐତିହ୍ୟ ଆଜି ବିଲୁପ୍ତିର ଦ୍ୱାରଦେଶରେ ପହ ୍ଲାଣି । ଏତେବର୍ଷରୁ ଚାଲି ଆସିଥିବା ସେହି କଳାନୈପୁଣ୍ୟ, ଉତ୍ସାହ ଓ ଜନ ସମୂହର ରୁଚିର ସଂରକ୍ଷଣ ଅତ୍ୟାବଶ୍ୟକ । କାରଣ ତାହା ବ୍ୟକ୍ତି ବା ଜାତିଭେଦରେ ପ୍ରତିପାଳିତ ହୋଇ ଆସିଥିଲେ ହେଁ ସ୍ଥୁଳଦୃଷ୍ଟିରେ ଦେଖିବାକୁ ଗଲେ ଆମ

ସମସ୍ତଙ୍କର ତଥା ଏ ଭୂମିର ସମ୍ପ ି । ତେଣୁ ଉଭୟ ସରକାରୀ ଏବଂ ବେସରକାରୀ ଉଦ୍ୟମ ଏହାପାଇଁ ଲୋଡ଼ା । ପରମ୍ପରା ଦୃଷ୍ଟିରୁ ରାଜ୍ୟ ବା ଦେଶର ମୁଖ୍ୟ ସଂସ୍କୃତିପାଇଁ ସରକାରୀ ଛୁଟି, ସରକାରୀ ଅନୁଦାନ, ସରକାରୀ ବୃ ି, ସରକାରୀ ଭ । ଆଦି ରହିଛି । ଲୋକ ସଂସ୍କୃତି ପାଇଁ ସେଭଳି କିଛି ବ୍ୟବସ୍ଥା ଆଜିସୁଦ୍ଧା କରାଯାଇ ନ ଥିବାରୁ ପ୍ରତି ସାନ୍ତାଳ ଗ୍ରାମରେ ଆଗରୁ ଯେଉଁ ମାଦଳ, ଧୁମସା ଭଳି ବଦ୍ୟଯନ୍ତ୍ର ସହିତ 'ଡା ।ନୃତ୍ୟଦଳ', 'କାରାମ ନୃତ୍ୟଦଳ', 'ଦାସାୟଁ ନୃତ୍ୟଦଳ', 'ବୁଢୀଗାଳି ଆସେନ୍‌ଦଳ' ରହୁଥିଲେ, ତାହା କମିଗଲାଣି । କାରଣ ଏହା କାହାରି ପୃଷ୍ଟପୋଷକତା ପାଇନାହିଁ କିମ୍ବା ଏହା ଦରବାରୀ ନୃତ୍ୟଗୀତ ପରି ଅନ୍ୟର ଆମୋଦପ୍ରମୋଦ ପାଇଁ ଉଦ୍ଦିଷ୍ଟ ନୁହେଁ । ଏସବୁ ନିଜେ ସାମିଲ ହୋଇ ଆନନ୍ଦ ଉପଭୋଗ କରିବାର । ତେଣୁ ଗ୍ରାମା ଳର ବଇଁଶୀ, କେନ୍ଦରା,ମାଦଳ,ଧୁମ୍‌ସା ବାଦକ କୌଣସି ଗୁଣରେ କ୍ଲାସିକ ବାଦକ ଠାରୁ ଊଣା ନ ଥିଲେବି ସେମାନଙ୍କୁ ଭ । ଦେବାଭଳି ବ୍ୟବସ୍ଥା କରାଯାଇନାହିଁ । ଅନ୍ତତଃ ଏତିକି ହେଲେ ଅନ୍ୟ ମାନଙ୍କୁ ଶିଖାଇବାରେ ସେମାନେ ସଦା ତତ୍ପର ରହନ୍ତେ ଏବଂ ଅନ୍ୟମାନେବି ଏଥିରେ ଉତ୍ସାହ ପ୍ରକାଶ କରନ୍ତେ । ତତ୍‌ସହିତ ଗ୍ରାମା ଳର କଳା ସଂସ୍କୃତି ବ ୍ ରହନ୍ତା ।

'ମାଝୀ', 'ନାଏକେ', 'ପାରାନିକ', 'ଗଡ଼େତ୍‌' ଓ 'ଜଗମାଝୀ' ହେଉଛନ୍ତି ସାନ୍ତାଳ ସଂସ୍କୃତିର ରକ୍ଷକ । ସେମାନେ ଅବୈତନିକ ଭାବରେ ଗ୍ରାମର ସେବା କରିଥାଆନ୍ତି । ଯେଉଁମାନେ ଦୀର୍ଘବର୍ଷଧରି ଏଭଳି କର୍ମ କରି ଆସିଛନ୍ତି, ସେମାନଙ୍କୁ ମଧ୍ୟ କଳାକାର ଭ । ଭଳି ଯୋଜନାରେ ସାମିଲ କରିବା ଏକାନ୍ତ ଆବଶ୍ୟକ । ଏପରି ହେଲେ ନିଜର କ ର୍ବ୍ୟ ସମ୍ପର୍କରେ ସେମାନେ ଅଧିକ ସଚେତନ ହେବା ସହିତ ପାରମ୍ପରିକ କ ର୍ବ୍ୟରେ ଅବହେଳା କରିବେ ନାହିଁ । । ସେହିଭଳି ପାରମ୍ପରିକ ନୃତ୍ୟ କିମ୍ବା ବାଦ୍ୟରେ ଯେଉଁମାନେ ପାରଙ୍ଗମ, ସେମାନଙ୍କୁ ମଧ୍ୟ ସେଥିରେ ସାମିଲ କରାଯିବାର ଆବଶ୍ୟକତା ରହିଛି । ଏହି କଳାକାର ମାନଙ୍କୁ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ଚିହ୍ନଟ କରାଯିବା ଦରକାର । ଆମ ଓଡ଼ିଶାର ପ୍ରାୟ ପ୍ରତି ଜିଲ୍ଲାରେ ସଂସ୍କୃତି ବିଭାଗ ରହିଛି ମାତ୍ର, ଏହି ଲୁକ୍କାୟିତ ପ୍ରତିଭା ମାନଙ୍କୁ ସମ୍ମାନୀତ କରିବା ଭଳି ପଦକ୍ଷେପ ଏଯାଏଁ ନିଆଯାଇନାହିଁ । 'ଭାରତ୍‌ ଜାକାତ୍‌ ମାଝୀ ମାଣ୍ଡଆ'(ଅଖିଳ ଭାରତୀୟ ଗ୍ରାମମୁଖ୍ୟ ସଂଘ) ଭଳି ସଂସ୍ଥା ସଂସ୍କୃତିର ସୁରକ୍ଷା ପାଇଁ ବିଭିନ୍ନ ସ୍ଥାନକୁ ଯାଇ ଗ୍ରାମପ ମାନଙ୍କୁ ସଙ୍ଗଠିତ କରିବାର କାର୍ଯ୍ୟ କରୁଥିଲେହେଁ, ସରକାରୀ ମାନ୍ୟତା ପାଇ ନ ଥିବାରୁ ସେ ଗ୍ରହଣ କରୁଥିବା ନିଷ୍ପ ି ଏତେଟା କାର୍ଯ୍ୟକାରୀ ହୋଇପାରୁନାହିଁ । ଆଜିସୁଦ୍ଧା ସେ କେବଳ ଓଡ଼ିଶାର ନୁହେଁ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆସାମ, ତ୍ରିପୁରା ଆଦି ରାଜ୍ୟରେ ରହୁଥିବା ପ୍ରତିଟି ସାନ୍ତାଳଗ୍ରାମକୁ ନିଜ ସଂସ୍ଥାରେ ପଞ୍ଜିକରଣ କରାଇ ଦିଗଦର୍ଶନ ଦେଉଅଛି । ପ୍ରତିଗ୍ରାମର ଗ୍ରାମମୁଖ୍ୟ 'ମାଝୀ'କୁ ତାଲିକାଭୁକ୍ତ କରି ପ ାୟତ ସ୍ତରରେ 'ପିଲ୍‌ପାର୍ଗାନା', ବ୍ଲକ୍‌ସ୍ତରରେ 'ମୁଲୁକ୍‌ ପାର୍ଗାନା', ଜିଲ୍ଲା ସ୍ତରରେ 'ତଲାଟ୍‌ ପାର୍ଗାନା', ପ୍ରଦେଶ ସ୍ତରରେ 'ପନତ୍‌ ପାର୍ଗାନା' ଓ ରାଷ୍ଟ୍ରୀୟ ସ୍ତରରେ 'ଦିଶମ୍‌ ପାର୍ଗାନା' ପଦାଧିକାରୀ ନିଯୁକ୍ତ କରି ସମସ୍ତଙ୍କୁ ସମାନ ନୀତି ନିୟମ ଦେଇ ଗତିକରାଇବା ପାଇଁ ସେ ଚେଷ୍ଟିତ । କୌଣସି ପ୍ରକାରର ବାଦ ବିବାଦକୁ ବ୍ୟୟବହୁଳ କୋର୍ଟ କଚେରୀ ବ୍ୟବସ୍ଥା ଭିତରକୁ ନ ନେଇ ଏହି ଛଅ ସ୍ତରୀୟ ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବା ଉପରେ ସେ ଜୋର ଦେଇ ଆସିଛି । ସମାଜରେ ଆଜିସୁଦ୍ଧା ପ୍ରଚଳିତ ଥିବା କୁସଂସ୍କାରରୁ କିଭଳି ମୁକ୍ତିମିଳି ପାରିବ, ସେଥି ସକାଶେ ମଧ୍ୟ ଏମାନେ କାର୍ଯ୍ୟରତ ।

ସାଧାରଣତଃ ବିଭିନ୍ନ ପ୍ରକାରର ପାରିବାରିକ ଓ ସାମାଜିକ ବାଦବିବାଦକୁ ଏହାରି ମାଧ୍ୟମରେ ସମାଧାନ କରା ଯାଇଥାଏ । ଏହି ପ୍ରଥାକୁ ଆର୍ଯ୍ୟମାନଙ୍କର ଆଗମନପୂର୍ବରୁ ସେମାନେ ଅନୁପାଳନ କରୁଥିଲେ ଯାହା ଆଜିସୁଦ୍ଧା ପ୍ରଚଳିତ । ସମାଜର ନୀତି ନିୟମକୁ ମାନିବା ପାଇଁ ଏବଂ ଏଥିରୁ ବିଚ୍ୟୁତ ନ ହେବା ପାଇଁ ନିୟମିତ ଭାବରେ ଉପରୋକ୍ତ ସଂସ୍ଥା ସଭାସମିତି ମାନ ଆୟୋଜନ କରେ । ଏଥିପାଇଁ ଆୟୋଜକ ସଂସ୍ଥା ପ୍ରତିଘରୁ ଡାଲି ଚାଉଳ ସଂଗ୍ରହ କରି ସଭାରେ ଯୋଗ ଦେଉଥିବା ପ୍ରତିଭାଗୀ ମାନଙ୍କର ଭୋଜନ ବ୍ୟବସ୍ଥା କରେ । ଗ୍ରାମ୍ୟସ୍ତରରେ ମଧ୍ୟ ପ୍ରତିବର୍ଷ ମାଘମାସରେ ଏକ ପୂଜାର ଆୟୋଜନ 'ମାଗପୁଡ଼ି' ଅନୁଷ୍ଠିତ ହୁଏ । ସେହି ଅବସରରେ ଗ୍ରାମପ ଙ୍କୁ ବଛାଯାଏ । ସେମାନେ ଏକବର୍ଷ ପର୍ଯ୍ୟନ୍ତ ନିଜନିଜର ଦାୟିତ୍ୱ ନିର୍ବାହ କରିଥାନ୍ତି । ପ୍ରାୟ ଏମିତି କୌଣସି ଗ୍ରାମ ନାହିଁ ଯେଉଁଠାରେ ଏଭଳି ବ୍ୟବସ୍ଥା କାର୍ଯ୍ୟ କରୁନାହିଁ । ପେସା ଆଇନ ବଳରେ ଏହି ଗ୍ରାମ୍ୟ ସଂସ୍ଥା ଗୁଡ଼ିକୁ ଦାୟିତ୍ୱ ନ୍ୟସ୍ତ କରିବାର ସରକାରୀ ଯୋଜନା ରହିଥିଲେ ହେଁ ଦେଶର କୌଣସି ରାଜ୍ୟ ସେଥିପ୍ରତି ଆଗ୍ରହ ପ୍ରକାଶ କରିନାହାନ୍ତି, ଯେଉଁଥିପାଇଁ ମଝିରେ ମଝିରେ ସେହି ଆଇନର ପ୍ରଚଳନ ପାଇଁ ଦାବିମାନ ହୋଇ ଆସୁଛି ।

ସଂସ୍କୃତି ବାସ୍ତବରେ ଜାତୀୟ ସମ୍ପଦ । ଆଦିବାସୀ ସଂସ୍କୃତିରେ ଯେଉଁ ନୀତନିୟମ ଆଚାର ବିଚାର ରହିଛି, ତାହା ସାମୂହିକ କଲ୍ୟାଣ ପାଇଁ ଅଭିପ୍ରେତ । ସମୂହ ସ୍ୱାର୍ଥ ନିମି    ସଂରକ୍ଷିତ କରିବା ଦାୟିତ୍ୱ କେବଳ ତାକୁ ପାଳନ କରୁଥିବା ଲୋକ ମାନଙ୍କର ନୁହେଁ, ବରଂ ଆମ ସମସ୍ତଙ୍କର ।

**ସହଯୋଗୀ ପ୍ରଫେସର**
**ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ତଖତପୁର, ବାରିପଦା**
**ଜିଲ୍ଲା-ମୟୂରଭଞ୍ଜ-୭୫୭୦୦୩**

# ଆଦିବାସୀ ସଂସ୍କୃତିର ସୁରକ୍ଷା-ଏକ ଆହ୍ୱାନ

ଡ଼. ରାଜକିଶୋର ନାୟକ

ସଂସ୍କୃତି ପ୍ରତ୍ୟେକ ଜାତିର ଅଭିନ୍ନ ଅଂଗ । ବସ୍ତୁତଃ, ଯେଉଁ ଜାତି ଯେତିକି ସଂସ୍କୃତିସମ୍ପନ୍ନ, ସେହିଜାତି ସେତିକି ସଭ୍ୟ । ସଂସ୍କୃତି ଶବ୍ଦଟି ସଂସ୍କୃତ ଶବ୍ଦରୁ ନିଷ୍ପନ୍ନ, ଯାହାର ଅର୍ଥ ମାର୍ଜିତ ଓ ଉନ୍ନତ । ସଂସ୍କୃତି ମଣିଷର ଆଚାର, ପରମ୍ପରା, ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଭାସ୍କର୍ଯ୍ୟ ଓ ଚିତ୍ରକଳା ଆଦି ମାଧ୍ୟମରେ ପ୍ରକାଶ ପାଇଥାଏ । ସୁତରାଂ, ସଂସ୍କୃତି ମଣିଷର ଆଚାରରେ ଅଭିବ୍ୟଞ୍ଜିତ ହୁଏ, ସଙ୍ଗୀତରେ ପ୍ରତିଧ୍ୱନୀତ ହୁଏ, ନୃତ୍ୟରେ ଛନ୍ଦାୟିତ ହୁଏ, ଚିତ୍ରରେ ଲୀଳାୟିତ ହୁଏ, ଭାସ୍କର୍ଯ୍ୟରେ ମୂର୍ତ୍ତିମନ୍ତ ହୁଏ ଓ ଧର୍ମବିଶ୍ୱାସ ସେ ସବୁକୁ ପ୍ରାଣବନ୍ତ କରିଥାଏ । (୧)

ପ୍ରାଗ୍ ଐତିହାସିକ ଯୁଗରୁ ଆଦିମାନବର ଆବିର୍ଭାବ ବିଶ୍ୱମାନବ ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ଯୋଡ଼ି ଦେଇଛି । ବଣ ପାହାଡ଼ବେଷ୍ଟିତ ପ୍ରାକୃତିକ ପରିବେଶରେ ସୃଷ୍ଟି ଆଦିମାନବର ଜୀବନ ମୂଳ ଅନ୍ୟ ମାନଙ୍କ ପାଇଁ ରହସ୍ୟମୟ ହୋଇ ରହିଛି । ତା ଜୀବନରେ କୃତିମତା ଅପେକ୍ଷା ପ୍ରାକୃତିକ ଭାବଧାରା ଅନ୍ୟମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ଆଦିବାସୀର ସରଳ, ସ୍ୱଚ୍ଛ ଓ ମୁକ୍ତ ଜୀବନ ପ୍ରବାହରେ ପୂରି ରହିଛି, ଜୀବନ ଉପଭୋଗର ଅମାପ ଆକାଙ୍କ୍ଷା । ଏହା ହିଁ କରିଛି ତାକୁ ନୃତ୍ୟଗୀତ ପ୍ରିୟ । ବସ୍ତୁତଃ, ଜୀବନକୁ ସରସ ସୁନ୍ଦର କରିବା ପାଇଁ ସେ ଯେଉଁ ରାଜନୀତି ଅନୁସରଣ କରିଆସିଛି, ତାହା ହିଁ ହୋଇଛି ଆଦିବାସୀ ସଂସ୍କୃତିର ଅମୂଲ୍ୟ ସଂପଦ । ଓଡ଼ିଶାରେ ବାସ କରୁଥିବା ବାଷଠିଟି ଆଦିବାସୀ ସଂପ୍ରଦାୟ, ନିଜ ନିଜର ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ନେଇ ଗର୍ବିତ ହୋଇଥାନ୍ତି । ସୁତରାଂ, ସାଂସ୍କୃତିକ ପଟ୍ଟଭୂମି ଉପରେ ଆଦିବାସୀ ସଂସ୍କୃତି ସର୍ବପୁରାତନ ଓ ବୈଚିତ୍ର୍ୟମୟ । ଏହା ମଧ୍ୟ ବିବିଧତା ପୂର୍ଣ୍ଣ ଓ ଐଶ୍ୱର୍ଯ୍ୟମୟ । ସୁତରାଂ, ଏପରି ବିରଳ ସଂସ୍କୃତିର ସୁରକ୍ଷା, ଆଜି ଏକ ଆହ୍ୱାନ ରୂପେ ଦେଖା ଦେଇଛି । ନୃତ୍ୟ ଓ ସଂଗୀତ ଆଦିବାସୀ ସଂସ୍କୃତିର ପ୍ରମୁଖ ଅଙ୍ଗ । ଏହା ସେମାନଙ୍କୁ ଆତ୍ମବିଭୋର କରୁଥିଲା ବେଳେ, ଜୀବନକୁ ମଧ୍ୟ ସରସ ସୁନ୍ଦର କରିଥାଏ । କଳାତ୍ମକ ଭାବରେ ଜୀବନ ଜୀଇବାର ପ୍ରେରଣା ନୃତ୍ୟ ଗୁଡ଼ିକରୁ ହିଁ ମିଳିଥାଏ । ବିଭିନ୍ନ ଆଦିବାସୀ ସଂପ୍ରଦାୟରେ ନୃତ୍ୟଗୀତର ପରମ୍ପରା ଭିନ୍ନ ଭିନ୍ନ ହୋଇଥାଏ । ସଂଗୀତର ଧାରା ଓ ନୃତ୍ୟର ଶୈଳୀ ମଧ୍ୟ ସମ୍ପ୍ରଦାୟ ଭେଦରେ ଭିନ୍ନ ଭିନ୍ନ ରୂପ ନେଇଥାଏ ।

ଉତ୍ତର ଓଡ଼ିଶାର ବାଥୁଡ଼ି ଜନଜାତି ଏକ ସଂସ୍କୃତି ସମ୍ପନ୍ନ ସମ୍ପ୍ରଦାୟ । ଚାଙ୍ଗୁ ନୃତ୍ୟ ସେମାନଙ୍କ ପ୍ରାଣସ୍ପନ୍ଦନ । ଭାଷା ଓ ସଂସ୍କୃତି ଦୃଷ୍ଟିରୁ ବାଥୁଡ଼ି, ଅନ୍ୟ ଆଦିବାସୀମାନଙ୍କ ଠାରୁ ସ୍ୱତନ୍ତ୍ର । ଏମାନଙ୍କ ମାତୃଭାଷା ଓଡ଼ିଆ ପ୍ରଭାବିତ । ଓଡ଼ିଶାର ମୟୁରଭଂଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ବାଥୁଡ଼ି ଜନଜାତିର ଲୋକମାନେ ଅଧିକ ସଂଖ୍ୟାରେ ବସବାସ କରନ୍ତି । ଶିମିଳିପାଳ ଜଙ୍ଗଲ ହେଉଛି ବାଥୁଡ଼ି ସଂପ୍ରଦାୟର ଆଦିବାସଭୂମି । ସେଠାରେ ଥିବା 'ଅଠର ଦେଉଳ' ବାଥୁଡ଼ିମାନଙ୍କ ଅମ୍ଳାନ କୀର୍ତ୍ତି । ଐଶର୍ଯ୍ୟମୟ 'ଅଠର ଦେଉଳ'ରୁ ଚାଙ୍ଗୁ ନୃତ୍ୟର ଉତ୍ପତ୍ତି । ତେଣୁ ପ୍ରତିବର୍ଷ ଚୈତ୍ରମାସରେ ବାଥୁଡ଼ି ସଂପ୍ରଦାୟର ପୁରୁଷ ଓ ମହିଳା ଅଗମ୍ୟ ବନଭୂମିରେ ପ୍ରବେଶ କରି ବଡ଼ାମ ଅଧାରାଧନା କରନ୍ତି । ପରମ୍ପରା ଅନୁସାରେ ସେଠାରେ ସମସ୍ତେ ଚାଙ୍ଗୁ ନୃତ୍ୟ କରି ବଡ଼ାମ

ଠାକୁରଙ୍କ ନିକଟରେ ନିଜର ଭକ୍ତି ଭାବନା ପ୍ରକାଶ କରନ୍ତି । ଚାଙ୍ଗୁ ବାଦ୍ୟର ନାମ ଅନୁସରଣରେ ନୃତ୍ୟର ନାମ ଚାଙ୍ଗୁ ନୃତ୍ୟ ହୋଇଛି । ଏହି ନୃତ୍ୟ ବାଥୁଡ଼ି ବ୍ୟତୀତ ଖଡ଼ିଆ, ଶବର, ଭୂୟାଁ, ସାଉଁତି ଓ ଜୁଆଙ୍ଗ ଆଦି ସମ୍ପ୍ରଦାୟର ଲୋକପ୍ରିୟ ଲୋକନୃତ୍ୟ । ଖଡ଼ିଆ ସମ୍ପ୍ରଦାୟରେ ପ୍ରଚଳିତ ଚାଙ୍ଗୁଗୀତରେ ଏହାର ସୃଷ୍ଟି ରହସ୍ୟ ପ୍ରକାଶ ପାଇଥାଏ ।

"ଶିମିଳିପାଳରେ ଶିମିଳି ନଟା
ଚାଙ୍ଗୁବାଦ୍ୟଖଣ୍ଡି ଗଢ଼ିଛି ବିଧାତା"

ଚାଙ୍ଗୁ ନୃତ୍ୟ ସାଧାରଣତଃ ଦୁଇ ପ୍ରକାର ହୋଇଥାଏ, ଉପାସନା ନୃତ୍ୟ ଓ ସାମାଜିକ ନୃତ୍ୟ । ବଡ଼ାମ ଠାକୁର ହେଉଛନ୍ତି ବାଥୁଡ଼ି ସଂପ୍ରଦାୟର ଇଷ୍ଟଦେବତା । ଜୀବନରେ ପ୍ରତ୍ୟେକ ପର୍ଯ୍ୟାୟରେ ବଡ଼ାମ ଆରାଧନାର ପରମ୍ପରା ପାଳନ କରାଯାଏ । ସୁତରାଂ, ଉକ୍ତ ସମୟରେ ଯେଉଁ ଚାଙ୍ଗୁ ନୃତ୍ୟ କରାଯାଏ, ତାହା ଉପାସନା ନୃତ୍ୟ । ଉଭୟ ଯୁବକ ଓ ଯୁବତୀ ଚାଙ୍ଗୁ ନୃତ୍ୟ କରି ଭକ୍ତି ରସରେ ମଜ୍ଜି ଯାଆନ୍ତି । ସାଧାରଣତଃ ଉକ୍ତ ନୃତ୍ୟ ନିଶାବର୍ଜିତ ହୋଇଥାଏ । ବାଥୁଡ଼ି ସଂପ୍ରଦାୟରେ ଚାଙ୍ଗୁ ନୃତ୍ୟ କୁମାର ପୂର୍ଣ୍ଣମୀ, ରାସ ପୂର୍ଣ୍ଣମୀ, ଅଠର ଦେଉଳ ପୂଜା ଓ ଡାଳି ପର୍ବ ଆଦିରେ ଅନୁଷ୍ଠିତ ହୁଏ । ସଙ୍ଗୀତ ଶାସ୍ତ୍ର ମତରେ ଚାଙ୍ଗୁ ଏକ ଅବନଦ୍ଧ ବାଦ୍ୟ । ଆକୃତି ଦୃଷ୍ଟିରୁ ଏହା ଗୋଲାକାର । ତେନ୍ତୁଳି, ଧଅ ଓ ବରଓହର ପ୍ରଭୃତି ଚେମିଡିଆ କାଠରେ ଚାଙ୍ଗୁ ପ୍ରସ୍ତୁତ ହୋଇ ଥାଏ । ମୂଳତଃ, ହରିଣ ଓ ସମ୍ବର ଛାଲରେ ଚାଙ୍ଗୁ ଛାଉଣି କରାଯାଇଥାଏ । ଆଇନ୍ ଦ୍ୱାରା ପଶୁ ଶିକାର ନିଷେଧ ହୋଇଥିବା ହେତୁ, ଏବେ ଛେଳି ଚମଡ଼ାରେ ଚାଙ୍ଗୁ ଛାଉଣି କରାଯାଉଛି । ବିବାହ ସମୟରେ କନ୍ୟାଗ୍ରାମରୁ ଯୁବତୀ ଦଳ କନ୍ୟା ଛାଡ଼ିବା ପାଇଁ ବରଗ୍ରାମକୁ ଆସିଥାନ୍ତି । ଏପରି ସ୍ଥଳେ ବର ଗ୍ରାମର ଯୁବକମାନେ ଯୁବତୀମାନଙ୍କର ଅଭ୍ୟର୍ଥନା କରିବା ସହିତ ରାତ୍ରିରେ ଚାଙ୍ଗୁନୃତ୍ୟ କରି ଯୁବତୀମାନଙ୍କୁ ନଚାଇଥାନ୍ତି । ଏହା ବ୍ୟତୀତ ସମୟ ସମୟରେ ଗୋଟିଏ ଗ୍ରାମର ଯୁବତୀ ଦଳ ବନ୍ଧୁ ଗ୍ରାମକୁ ବୁଲି ଯାଆନ୍ତି । ତେଣୁ ବଂଧୁ ଗ୍ରାମର ଯୁବକ ମାନେ ସେମାନଙ୍କର ଅଭ୍ୟର୍ଥନା କରିଥାନ୍ତି । ରାତିରେ ଚାଙ୍ଗୁନୃତ୍ୟ କରି ଖୁସି ମନାଇଁଥାନ୍ତି । ଏପରି ପରିସ୍ଥିତିରେ ଯେଉଁ ଚାଙ୍ଗୁ ନୃତ୍ୟ ଅନୁଷ୍ଠିତ ହୁଏ, ତାହା ସାମାଜିକ ନୃତ୍ୟଭାବରେ ଗ୍ରହଣ କରାଯାଏ । ସମୟ ଓ ପରିସ୍ଥିତିର ପ୍ରଭାବରେ ବିରଳ ଚାଙ୍ଗୁନୃତ୍ୟ ଅବକ୍ଷୟର ସମ୍ମୁଖୀନ ହୋଉଛି । ଏହା ମୂଳରେ ବିଭିନ୍ନ କାରଣ ନିହିତ ଥିବା ଦୃଷ୍ଟିଗୋଚର ହୁଏ । ନିମ୍ନରେ ତା'ର କାରଣ ଗୁଡ଼ିକ ଉଲ୍ଲେଖ କରାଯାଇ ପ୍ରତିକାରର ଉପାୟ ଉପସ୍ଥାପନା କରିବା ଏହି ନିବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ।

## ୧) ଆଧୁନିକତାର ସ୍ପର୍ଶ

ବାଥୁଡ଼ି ଜାତିର ଶିକ୍ଷିତ ବର୍ଗ ଆଧୁନିକତାର ସ୍ପର୍ଶରେ ନିଜର ଜନ୍ମମାଟି ଓ ମୂଳ ସଂସ୍କୃତିରୁ ବିଚ୍ଛିନ୍ନ ହୋଇ ଯାଇଛନ୍ତି । ସେମାନେ ନିଜର ଜୀବିକା ନେଇ ଗାଁରୁ ଅଲଗା ହୋଇ ସହରର ଚାକଚକ୍ୟ ମଧ୍ୟରେ ଜୀବନ ଅତିବାହିତ କରୁଛନ୍ତି । ବସ୍ତୁତ୍ୱ ସେମାନଙ୍କ ସନ୍ତାନ ସନ୍ତତି ମାନେ ନିଜ ସଂସ୍କୃତିର ପରିଚୟ ଓ ଗୁରୁତ୍ୱ ଉପଲବ୍ଧି କରି ପାରୁ ନାହାନ୍ତି । ଆଧୁନିକ ସଂଖ୍ୟା ସେମାନଙ୍କୁ ମାଟିମନସ୍କ କରିବାରେ ବିଫଳ ହୋଇଛି । ତେଣୁ ନିଜ ସଂସ୍କୃତି ପ୍ରତି ସେମାନଙ୍କର ଅନୁରାଗ ରହୁନାହିଁ । ପିତାମାତାମାନେ ମଧ ସେମାନଙ୍କ ପିଲାପିଲାମାନଙ୍କୁ ନିଜ

ସଂସ୍କୃତି ସହିତ ଅବଗତ କରାଇ, ଉ  ର ପିଢ଼ିକୁ ସଂସ୍କୃତି ସୁରକ୍ଷାର ଦାୟିତ୍ୱ ଦେବାରେ ବିଫଳ ହେଉଛନ୍ତି । ଗାଁରେ ପଡ଼ି ରହିଥିବା ଖଟିଖିଆ, ଓ ଅର୍ଦ୍ଧଶିକ୍ଷିତ ବର୍ଗଙ୍କ ହାତରେ ଆଦିବାସୀ ସଂସ୍କୃତି ଏଯାଏ ବ୍ ରହିଛି । ଆର୍ଥିକ ଅନାଟନ ହେତୁ, ବ୍ୟୟବହୁଳ ବାଦ୍ୟଯନ୍ତ୍ରମାନ ପ୍ରସ୍ତୁତିରେ ସମସ୍ୟା ଦେଖାଦେଉଛି । ଚାଙ୍ଗୁବାଦ୍ୟ ପ୍ରସ୍ତୁତି ପାଇଁ ବିଶେଷ ଧରଣର କାଠର ଆବଶ୍ୟକତା ହୋଇଥାଏ । ତେନ୍ତୁଳି, ଧଅ, ବରଓହର ଆଦି କାଠ ଚାଙ୍ଗୁ ପ୍ରସ୍ତୁତିରେ ଉପଯୋଗ ହୋଇଥାଏ । ଜଙ୍ଗଲ ନଷ୍ଟ ହେବା ସହିତ କାଠର ଅଭାବ ଦେଖା ଦେଉଛି । ତେଣୁ ଚାଙ୍ଗୁ ବାଦ୍ୟ ପ୍ରସ୍ତୁତି ପାଇଁ ଆଗ୍ରହ ଦେଖା ଯାଉ ନାହିଁ । ଅନ୍ୟ ପକ୍ଷରେ ନୂତନ ପିଢ଼ି ଚାଙ୍ଗୁ ପ୍ରସ୍ତୁତିର କୌଶଳ ସହିତ ପରିଚିତ ନ ଥିବା ହେତୁ, ଜନଜାତି ସଂସ୍କୃତିର ଧାରା ବ୍ୟାହତ ହେଉଛି । ଏଥିପାଇଁ ସରକାର ପ୍ରଶିକ୍ଷଣ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ । ଜନଜାତିମାନଙ୍କୁ ବାଦ୍ୟ ପ୍ରସ୍ତୁତି ପାଇଁ ସହାୟତା ରାଶି ଦେବାର ମଧ୍ୟ ବ୍ୟବସ୍ଥା ହେବା ଆବଶ୍ୟକ । ଏହା ଦ୍ୱାରା ଆଦିବାସୀ  ସଂସ୍କୃତି ସୁରକ୍ଷିତ ରହିବ । ଆଦିବାସୀ ସଂସ୍କୃତି ଅବକ୍ଷୟ ହେବାର ଦ୍ୱିତୀୟ କାରଣଟି ହେଲା ଦାରିଦ୍ର୍ୟ ଓ ଅଭାବ । ପେଟ ପାଟଣାର ସମସ୍ୟା ନେଇ ଆଦିବାସୀ ସଂପ୍ରଦାୟ ଆଜି ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଚାଲିଯାଉଛି । ତେଣୁ ବିଭିନ୍ନ ପର୍ବପର୍ବାଣୀରେ ଯୋଗ ଦେବାରୁ ସେ ବଂଚିତ ହେଉଛନ୍ତି । କୁହାଯାଇଛି ପେଟ ପୁରିଲେ ନାଟ । ମାତ୍ର ତା'ର ପେଟ ଅପୋଷା ରହୁଥିବାରୁ, ନୃତ୍ୟଗୀତ ପାଇଁ ତା'ର ସ୍ପୃହା ହ୍ରାସ ପାଉଛି । ଅନ୍ୟ ପକ୍ଷରେ ଟି.ଭି ଓ ସିନେମା ପରଦାର ଦୃଶ୍ୟ ଉପଭୋଗ କରିବାକୁ ସେ ଭଲ ପାଉଛି । ତା'ରି ନୃତ୍ୟଗୀତକୁ ନେଇ ଯଦି ପ୍ରାମାଣିକ ଚିତ୍ର ହୋଇପାରନ୍ତା, ଆଦିବାସୀ ସଂସ୍କୃତି ବ ି ରହିବା ସହିତ ଆଦିବାସୀ କଳାକାରମାନେ ପାରିଶ୍ରମିକ ପାଇ ଉପକୃତ ହୋଇ ପାରନ୍ତେ ।

ଧାଙ୍ଗଡ଼ା ଧାଙ୍ଗିଡ଼ି ବସା ପ୍ରତ୍ୟେକ ଜନଜାତି ସଂପ୍ରଦାୟର ଗୋଟିଏ ଗୋଟିଏ ସାଂସ୍କୃତିକ ପ୍ରାଣକେନ୍ଦ୍ର । ଆଦିବାସୀ ସମାଜର ସଂସ୍କୃତି, ପରମ୍ପରା ଓ ରୀତିନୀତିର ଏହା ଏକ ଶିକ୍ଷାକେନ୍ଦ୍ର । ଅଭିଜ୍ଞ ଓ ପୁରୁଖା ଲୋକମାନେ ନିଜ ସଂସ୍କୃତି, ନୃତ୍ୟଗୀତ ସମ୍ବନ୍ଧରେ ଏଠାରେ ଶିକ୍ଷାଦାନ କରି ନିଜ ସଂସ୍କୃତିକୁ ଆଗକୁ ବଢ଼ାଇଥାନ୍ତି । ବସ୍ତୁତଃ, ନୂତନ ପିଢ଼ି ତାହା ଶିକ୍ଷା ଲାଭ କରି ନିଜ ନିଜ ସଂସ୍କୃତିର ଗୌରବ ବୃଦ୍ଧି କରିଥାନ୍ତି । ଆଦିବାସୀ ସଂପ୍ରଦାୟର ଏହି ମୌଳିକ ବ୍ୟବସ୍ଥା ଆଜି ଭାଙ୍ଗି ପଡ଼ିଛି । ସୁତରାଂ, ଧାଙ୍ଗଡ଼ାଧାଙ୍ଗିଡ଼ି ବସା ପ୍ରଥାର ପୁନରୁଦ୍ଧାର ଏକାନ୍ତ ଆବଶ୍ୟକ । ସରକାର ଭାଗବତ ଟୁଙ୍ଗି ପାଇଁ ଆର୍ଥିକ ଅନୁଦାନ ଦେଲା ଭଳି ଜନଜାତି ଗ୍ରାମରେ ଥିବା ଧାଙ୍ଗଡ଼ା ଧାଙ୍ଗିଡ଼ି ବସାକୁ ଆର୍ଥିକ ଅନୁକମ୍ପା ପ୍ରଦାନ କଲେ, ଆଦିବାସୀ ସମ୍ପ୍ରଦାୟ ଅଧିକ ଉତ୍ସାହିତ ହୋଇ ସଂସ୍କୃତିର ସୁରକ୍ଷା କରିବେ । ଏହା ବ୍ୟତୀତ ଗ୍ରାମରେ ଥିବା 'ଆଖଡ଼ାଶାଳର' ରକ୍ଷଣାବେକ୍ଷଣ ଓ ପ୍ରଶସ୍ତିକରଣର ଦ୍ୱାରା ସଜାଡ଼ି ପାରିଲେ, ଆଦିବାସୀ ନୃତ୍ୟଗୀତର ସଂରକ୍ଷଣ ଓ ବିକାଶ ସମ୍ଭବ ହୋଇପାରିବ । ପ୍ରତ୍ୟେକ ଜନଜାତିର ଗୋଟିଏ ଗୋଟିଏ ଶ୍ରେଷ୍ଠନୃତ୍ୟ ଶୈଳୀକୁ ପଞ୍ଜିକୃତ କରି ରାଜଧାନୀରେ, ପ୍ରତିବର୍ଷ ନୃତ୍ୟସ୍ରୋବ ଆୟୋଜନ କରି ରାଜଧାନୀରେ, ପ୍ରତିବର୍ଷ ନୃତ୍ୟୋତ୍ସବ ଆୟୋଜନ କରି ସେମାନଙ୍କୁ ପୁରସ୍କୃତ କଲେ, ସେମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇବ । ପ୍ରତ୍ୟେକ ଆଦିବାସୀ ସମ୍ପ୍ରଦାୟର ସଂସ୍କୃତି ଉପରେ ଗବେଷଣା କରାଯାଇ ସଚିତ୍ର ପୁସ୍ତକ ପ୍ରକାଶର ମଧ୍ୟ ଆବଶ୍ୟକତା ରହିଛି । ଏହାଦ୍ୱାରା ପରମ୍ପରାରେ ବଂଚି ରହିଥିବା ସଂସ୍କୃତି, ସବୁଦିନ ପାଇଁ ସଂରକ୍ଷିତ ହୋଇପାରିବ । ଆଦିବାସୀ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ମଧ୍ୟ ପଦକ୍ଷେପ ନେବା ଜରୁରୀ ।

ଏଥିପାଇଁ ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା ପ୍ରତି ସରକାର ବିଶେଷଧ୍ୟାନ ଦେବା ଆବଶ୍ୟକ । ଏହା ବ୍ୟତୀତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦିବାସୀ ନୃତ୍ୟଗୀତକୁ ପ୍ରାଧାନ୍ୟ ଦେବା ଏକାନ୍ତ ଜରୁରୀ । ଏହାଦ୍ୱାରା ସେମାନେ ନିଜ ସଂସ୍କୃତିର ଝଲକ ଅନ୍ୟ ମାନଙ୍କୁ ଦେଇ ପାରିବେ ଏବଂ ନିଜ ସଂସ୍କୃତିର ମର୍ଯ୍ୟାଦା ବୃଦ୍ଧି କରିବେ । ଆଦିବାସୀ କଳାକାରମାନଙ୍କୁ ଭ  । ଦେବାର ସୁବନ୍ଦୋବସ୍ତ ଏକାନ୍ତ ଜରୁରୀ । ବସ୍ତୁତଃ, ନିଜ ସଂସ୍କୃତିର ଉତ୍କର୍ଷ ସାଧନରେ ସେମାନଙ୍କର ଭୂମିକା ରହିବ ।

୨୦୧୮ ମସିହାରେ ଓଡ଼ିଶା ସରକାର, ଓଡ଼ିଶାର ନଅ ଗୋଟି ଆଦିବାସୀ ବହୁଳ ଜିଲ୍ଲାରେ 'ସ୍ୱତନ୍ତ୍ର ଉନ୍ନୟନ ପରିଷଦ' ଗଠନ କରି ଆଦିବାସୀମାନଙ୍କ ସଂସ୍କୃତିର ସୁରକ୍ଷା ଦିଗରେ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି । ଜନଜାତି ସଂସ୍କୃତିର ସଂରକ୍ଷଣ, ପରିପ୍ରସାର ଓ ଜନଜାତି ସଂଗୋଷ୍ଠୀ ଆୟୋଜନ ସରକାରଙ୍କର ଉଲ୍ଲେଖନୀୟ ପରିକଳ୍ପନା । ଏହା ବ୍ୟତୀତ ବିଭିନ୍ନ ଜନଜାତି ସଂପ୍ରଦାୟର ପୂଜାସ୍ଥଳରେ ପୁନଃନିର୍ମାଣ କାର୍ଯ୍ୟକ୍ରମ, ଜନଜାତି ସଂସ୍କୃତିର ସୁରକ୍ଷା ଦିଗରେ ଏକ ଅଭିନବ ପ୍ରୟାସ । ବିଭିନ୍ନ ନୃତ୍ୟଦଳକୁ ପୋଷକ ବ  ନ, ବାଦ୍ୟଯନ୍ତ୍ର ଯୋଗାଣ ଓ ନୃତ୍ୟ ସମାରୋହ ଆୟୋଜନ ଜନଜାତି ସଂସ୍କୃତି ସୁରକ୍ଷା ପାଇଁ ସଫଳ ପ୍ରୟାସ ସାବସ୍ତ୍ୟ ହୋଇଛି । ସର୍ବଶେଷରେ ଏତିକି କୁହାଯାଇପାରେ, ନିଜେ ଆଦିବାସୀ ସଂପ୍ରଦାୟ ସଚେତନ ହୋଇ, ସଂସ୍କୃତି ସୁରକ୍ଷା ଅଭିଯାନରେ ସହଯୋଗ ନ କଲେ, ଏହା ସଫଳ ହୋଇ ପାରିବ ନାହିଁ । ତେଣୁ ଆଦିବାସୀ ସମ୍ପ୍ରଦାୟ ସଚେତନ ହୋଇ, ସଂସ୍କୃତି ସୁରକ୍ଷା ଅଭିଯାନରେ ସହଯୋଗ ନକଲେ, ଏହା ସଫଳ ହୋଇ ପାରିବ ନାହିଁ । ତେଣୁ ଆଦିବାସୀ ସଂପ୍ରଦାୟ ନିଜ ସଂସ୍କୃତିର ସୁରକ୍ଷା ପାଇଁ ପ୍ରଥମେ ଅ  । ଭିଡ଼ିବା ଆବଶ୍ୟକ ।

**ସହାୟକ ଗ୍ରନ୍ଥସୂଚୀ**

ଡ଼. ବେଣୀମାଧବ ପାଢ଼ୀ, ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ଧର୍ମଧାରା, ଓଡ଼ିଶା ସାହିତ୍ୟ ଏକାଡ଼େମୀ-୧୯୯୫

**ଠିକଣା- ଭୁଗୁଡ଼ାକଟା,**
**ୱାର୍ଡ଼ ନମ୍ବର – ୨୧,**
**ବାରିପଦା – ୭୫୭୦୦୨, ମୟୁରଭଂଜ ଜିଲ୍ଲା,**
**ମୋ- ୯୪୩୭୦୧୫୬୮୧**

# ସାନ୍ତାଳି ସଂସ୍କୃତି: 'ଜାହେର୍ ଗାଲ୍'

**ଠାକୁରଦାସ ହାଁସଦାଃ**

ଓଡିଶାର ୬୨ ଗୋଟି ତହସିଲଭୁକ୍ତ ଜନଜାତି ମଧ୍ୟରୁ ସାନ୍ତାଳ ଜନଜାତି ଏକ ଉନ୍ନତ, ଶିକ୍ଷିତ, ଅଗ୍ରସର, ପରିଶ୍ରମୀ, ପ୍ରତିଦ୍ୱନ୍ଦୀ ଓ ପ୍ରତିଭା ସମ୍ପନ୍ନ ଆଦିବାସୀ । ଏମାନଙ୍କର ସମାଜ, ସସ୍କୃତି, ଆଚାରବିଚାର, ନୀତି ନିୟମ, ବେଶଭୁଷା, ଖାଦ୍ୟପେୟ, ଭାଷା, ସାହିତ୍ୟ ଓ ଲିପି ଶିକ୍ଷା ଆଦି ଅନ୍ୟ ସମ୍ପ୍ରଦାୟ ଲୋକଙ୍କ ଠାରୁ ସ୍ୱତନ୍ତ୍ର ରହିଛି ଏବଂ ଏସବୁକୁ ଆଜି ପର୍ଯ୍ୟନ୍ତ ବଜାଇ ରଖିଥିବାରୁ ଏମାନେ ସମାଜରେ ସଦା ଉଚ୍ଚ ପ୍ରଶଂସିତ ମଧ୍ୟ ହୋଇଥାନ୍ତି । ଗାଁ ଗଣ୍ଡା ନିପଟ ମଫସଲ, ଚାଷି ମୁଲିଆ ଠାରୁ ଆରମ୍ଭ କରି ମନ୍ତ୍ରୀ, ବିଧାୟକ, ବୈଜ୍ଞାନିକ, ଡାକ୍ତର, ଚଳଚିତ୍ର ତାରକା, ଆଇନଜୀବୀ, ବୁଦ୍ଧିଜୀବୀ, ଆ.ଇ.ଏସ ଅଫିସର ଓ ଗଭର୍ଣ୍ଣର ଯାଏଁ ଏହି ସାନ୍ତାଳ ସମ୍ପ୍ରଦାୟର ଲୋକମାନଙ୍କର ମଧ୍ୟରୁ ଦେଖିବାକୁ ମିଳିଥାଏ । ପୃଥିବୀର ସବୁ ଅଂଚଳରେ ଏହି ସାନ୍ତାଳ ଜନଜାତି ମାନଙ୍କ ଅସ୍ତିତ୍ୱ ରହିଥିବାର  ଅନୁମାନ କରାଯାଏ  ।

ବିଭିନ୍ନ ଜିବୀକା ଭିତରେ ନିଜକୁ ଖାପଖୁଆଇ ସମୟର ତାଳେ ତାଳେ ନିଜ ପରିବାର ବର୍ଗଙ୍କ ସହିତ ବେଶ ହସ ଖୁସିରେ ଜୀବନ ବିତାଇ ବାକୁ ସଦା ଆଗଭର ହୋଇଥାନ୍ତି ଏବଂ ଦୈନନ୍ଦିନ ଜଞ୍ଜାଳ ଭିତରେ ଥିଲେ ମଧ୍ୟ ନିଜ ସାନ୍ତାଳି ସମାଜର ପ୍ରଥା ପରମ୍ପରା, ପୂଜା ପଦ୍ଧତି ଓ ସମାଜ ସଂସ୍କୃତିକୁ କେବେ ଏମାନେ ଭୁଲନ୍ତି ନାହିଁ ।

ଏହି ସାନ୍ତାଳ ଲୋକମାନଙ୍କର ପ୍ରତ୍ୟେକ ନିଜଗାଁରେ ଏକ **ସ୍ୱତନ୍ତ୍ର ପୂଜା ପୀଠ ରହିଥାଏ ଯାହାକୁ ସାନ୍ତାଳୀ ଭାଷାରେ 'ଜାହେର୍'** କୁହାଯାଏ । ସାନ୍ତାଳୀ ସାହିତ୍ୟରେ ଏହା **'ଜାହେର୍ ଗାଲ୍'** ଓ **'ଜାହେର୍ ଥାନ୍'** ହିସାବରେ ପରିଚିତ । ଜାହେର୍ ଗାଲ୍ ଏକ ପବିତ୍ର ପୂଜା ଓ ଧର୍ମ ପୀଠ ଯାହାକୁ ପ୍ରତ୍ୟେକ ସାନ୍ତାଳୀ ଲୋକ ସମ୍ମାନ, ମର୍ଯ୍ୟାଦା ଦେବା ସହିତ ଭକ୍ତିପ୍ରଣତି ସହ ଏଠାରେ ଜୁହାରୀ ହୋଇଥାଏ । ଏହି ଜାହେର ଗାଲ୍ ଏକ ଧାର୍ମିକ ଅନୁଷ୍ଠାନ ଯାହା ଗାଁର ନିଜ ପରିସୀମା ମଧ୍ୟରେ ସାଧାରଣତଃ ଗାଁ ମୁଣ୍ଡରେ ଅବସ୍ଥିତ ଥାଏ । ଏଠାରେ ପ୍ରାୟ ୫୦ରୁ ଅଧିକ ମାତ୍ରାରେ ଶାଳ ବୃକ୍ଷ ଏପରିକି ୨ ରୁ ୪ ଏକର ଅଂଚଳରେ ଯାଏଁ ତୋଟା ମାଡି ରହିଥାଏ, କେତେକ ଗାଁରେ ୫୦୦ରୁ ଅଧିକ ଶାଳଗଛ ଅବସ୍ଥିତି ଥାଇ ୮ ରୁ ୧୦ ଏକର ଯାଏଁ ଥିବାର ମଧ୍ୟ ଦେଖି ବାକୁ ମିଳିଥାଏ । ସାନ୍ତାଳ ସମ୍ପ୍ରଦାୟର ଅନ୍ୟ ପୂଜାସ୍ଥଳି ଗୁଡିକ ରହିଛି କିନ୍ତୁ ସେ ସବୁକୁ 'ଜାହେର୍ ଗାଲ୍' କୁହାଯାଏ ନାହିଁ । ସାନ୍ତାଳ ପରମ୍ପରା ଅନୁସାରେ କେବଳ ଶାଳ ବୃକ୍ଷ ରୋପଣ କରି 'ଜାହେର୍ ଗାଲ୍' ତିଆରି କରାଯାଇ ପାରିବ ।

ଜାହେର୍ ଗାଲ୍ କୌଣସି ମନ୍ଦିର କିମ୍ବା ଘର ଭିତରେ ହୋଇ ନଥାଏ ।  ଏହା ସାନ୍ତାଳ ଗାଁର ପରିସୀମା ମଧ୍ୟରେ ହିଁ ଅବସ୍ଥିତ ରହିଥାଏ, ଚାରିପଟେ ଶାଳ ବୃକ୍ଷ ରହିଥାଏ । ପ୍ରତ୍ୟେକ ସାନ୍ତାଳ ଗ୍ରାମର ସୀମା ଭିତରେ ଏହା ଅବସ୍ଥିତ ଥିବାରୁ ଗ୍ରାମକୁ ବିଭିନ୍ନ କୁପ୍ରଭାବରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେଇଥାଏ ବୋଲି ସାନ୍ତାଳମାନଙ୍କର ବିଶ୍ୱାସ । ପ୍ରତ୍ୟେକ ଗ୍ରାମବାସୀ ଏହି ପୂଜାପୀଠକୁ ଆଦିକାଳରୁ ରକ୍ଷଣା ବେକ୍ଷଣ କରିଆସୁଛନ୍ତି ।

**ସଭ୍ୟତାର ଇତିହାସ ପୃଷ୍ଠାକୁ ଓଲଟାଇଲେ ଜଣାଯାଏ, ଯେ ଏହି ଶାଳ ଗଛ ତୋଟାରେ କାଳକ୍ରମେ ଗଢି ଉଠିଥିବା 'ଜାହେର ଗାଲ୍' ସାନ୍ତାଳି ସଂସ୍କୃତି ସହିତ ଅଙ୍ଗାଅଙ୍ଗି ଭାବେ ଜଡିତ ରହିଛି ।** ସାନ୍ତାଳ ସମ୍ପ୍ରଦାୟର ପୁରାଣ ଅନୁସାରେ, ଅତୀତରେ ସାନ୍ତାଳି ସଭ୍ୟତାର ଏକ ବିରାଟ ବଡ ଦେଶ ଥିଲା, ଯାହାକୁ ସାନ୍ତାଳି ଭାଷାରେ **'ସାନ୍ତ୍ ଦିଶମ୍'** କୁହାଯାଉଥିଲା । **'ସାଂ ଗାଡା'** ନଦୀ' ଉପତ୍ୟକାରେ ଥିବା **'ତିତ୍ରି ହୁଟୁବ୍ ଟାଣ୍ଡି'** ନାମକ ଏକ ବିସ୍ତୃତ ପଥର ଅଂଚଳକୁ ଲାଗି ଏକ ଅଭୟାରଣ୍ୟ ରହିଥିଲା । ଏଠାରେ ବିଶାଳ ପଥର ଚଟାଣ ଉପରେ ଓ କୋରଡ ଗୁଡ଼ିକରେ **'ଆଗିଲ୍ ମାନ୍ୱା'** ତଥା ସାନ୍ତାଳି ପୂର୍ବପୁରୁଷମାନଙ୍କ ଜନବସତି ସହ କରି ସଭ୍ୟତା ଗଢି ଉଠିଥିଲା । ସାନ୍ତାଳ ପୁରାଣଶାସ୍ତ୍ର 'ହିତାଲ୍' ଅନୁସାରେ ପରମପିତା ଓ ମାତା ହେଉଛନ୍ତି ପିଲଚୁ ହାଳାମ ଓ ପିଲଚୁ ବୁଢି । ତାଙ୍କରି ଔରସରୁ ସାନ୍ତାଳି ବଂଶଧରମାନେ ଜାତ ହୋଇଛନ୍ତି । ପରମପିତା ପିଲ୍‌ଚୁ ନିଜର ପୁତ୍ରମାନଙ୍କ କର୍ମ ଓ ଗୁଣର ଲକ୍ଷଣ ଅନୁସାରେ ସାନ୍ତାଳି ଜାତି ବିଭାଜନ କରିଛନ୍ତି ଏବଂ କାଳକ୍ରମେ ତାଙ୍କର ସନ୍ତାନ ସନ୍ତତିମାନେ ବିଭିନ୍ନ ଦଳ କରି ଗୋଷ୍ଠିମାନ ଗଠନ କରିଥିଲେ । ସାନ୍ତାଳି ସମ୍ପ୍ରଦାୟର ସମୁଦାୟ ୧୨ଗୋଟି ସ୍ୱତନ୍ତ୍ର ଜାତି ରହିଛି ଏବଂ ସେଗୁଡିକ ହେଲା –୧) ହାଁସଦାଃ ୨) ମାରାଣ୍ଡି ୩) କିସ୍କୁ ୪) ସୋରେନ ୫) ହେମ୍ବ୍ରମ ୬) ବାସ୍କେ ୭) ବେଶ୍ରା ୮) ଟୁଡୁ ୯) ମୁର୍ମୁ ୧୦) ଚଣେ ୧୧) ଡଂଟ୍‌କା ଓ ୧୨) ପାଉରିଆ । ମାତ୍ର କାଳକ୍ରମେ ଶେଷ ତିନୋଟି ଯଥା– ଚଣେ, ଡଂଟକା ଓ ପାଉରିଆ ଗୋଷ୍ଠି ପ୍ରାୟତଃ ନିଜ ଅସ୍ମିତା ହରାଇଛନ୍ତି କିମ୍ବା ଅନ୍ୟ ଗୋଷ୍ଠିରେ ମିଶି ଯାଇଥିବାର ଅନୁମାନ କରାଯାଏ ।

**'ସାଂଗାଡା'** ନଦୀ କୂଳରେ ଥିବା ଉର୍ବର ଜାଗାରେ ଏହି ସନ୍ତାଳି ସଭ୍ୟତାର ଲୋକମାନେ ଚାଷଜମି ତିଆରି କରି ଚାଷକାମ ଆରମ୍ଭ କରିଥିଲେ ଏବଂ କାଳକ୍ରମେ ସେମାନେ 'କୃଷିକାମ' ଶିକ୍ଷାଲାଭ କରି ପାରମ୍ପାରିକ ପ୍ରଣାଳୀରେ ଚାଷବୃ ି କରି ଆସୁଛନ୍ତି । ସେଠାରେ ଥିବା ଘଂଚ ଜଙ୍ଗଲରୁ ବିଭିନ୍ନ ଜୀବଜନ୍ତୁକୁ ଶିକାର କରି ମାଂସ ଖାଇବା ଓ ବଣ ପାହଡରୁ ମିଳୁଥିବା ଏକ **ଲତା** ଯାହାକୁ ସାନ୍ତାଳି ଭାଷାରେ **"ଲାମାଃ ଲାଲ୍"** କୁହାଯାଏ, ଏହି ଲତାକୁ ପଥରରେ ଛେଚି କତା ବାହାର କରି 'ଲାଲ୍ ବାବେର୍' ଦଉଡି କଲା । ଏହାରି ପତ୍ରକୁ ଲାମାଃ ସାକାମ୍ କୁହାଯାଏ, ଯାହାକୁ କାଠି ସାହାଯ୍ୟରେ ଟିପି ପତ୍ରର ପାତ୍ର **'ଖାଲାଃ'** ପ୍ରସ୍ତୁତ କରି ବିଭିନ୍ନ ଖାଦ୍ୟ ଓ ଫଳମୂଳ ରଖିଲା । ଏହି ଲାମାଃ ଲାଲ୍ ଲତାର କତାକୁ ଛନ୍ଦି ବସ୍ତ୍ର ପରିଧାନକରି ଲଜ୍ଜା ନିବାରଣ କରି ଶିଖିଲା ଏବଂ ଲତାର ପତ୍ରକୁ ଶୁଖାଇ **'ଗୁଙ୍ଗୁ'** ପ୍ରସ୍ତୁତ କଲା ଯାହାକୁ ବର୍ଷା ଦିନେ ପରିଧାନ କରି ବର୍ଷା ଓ ଶୀତ ଦାଉରୁ ମଧ୍ୟ ନିଜକୁ ରକ୍ଷା ପାଇ ପାରୁଥିଲା । ସାନ୍ତାଳି ଆଗିଲ୍ ମାନଓ୍ୱାମାନେ ପ୍ରଥରେ ନିଜ ରହଣୀ ଘର ଏହି 'ଲାମାଃ ଲାଲ୍' ଲତା ପତ୍ରରେ ଗୁମ୍ଫା ତିଆରି କରି ରହୁଥିଲେ, ଯାହାକୁ ସାନ୍ତାଳି ଭାଷାରେ 'କୁମ୍ବା' କୁହାଯାଏ ।

ଏହିଠାରେ ଥିବା ବଣ, ଜଙ୍ଗଲ, ପାହାଡ, ପର୍ବତ, ମାଳ ଆଦିରୁ ଫଳ, ମୂଳ ଖାଇବା ସହିତ ଏଠାକାର ଜୀବଜନ୍ତୁକୁ ଶୀକାର କରି ମାଂସ ଖାଇ ନିଜର ଭୋକିଲା ପେଟ ପୋଷିଲା, ଶୁଖିଲା କାଠି ଉପରେ କାଠି ଘର୍ଷଣକରି ନିଆଁ ବାହାର କରିବା ସହିତ ଏଥିରେ ରୋଷେଇ କରିବା ପ୍ରଣାଳୀ ମଧ୍ୟ ଶିକ୍ଷାଲାଭ କରିଥିଲା । ସମ୍ପ୍ରଦାୟର ଜନସଂଖ୍ୟା ଅଭିବୃଦ୍ଧି ଘଟିବା ଫଳରେ ଗାଁ ଗଣ୍ଡା ମଧ୍ୟ ଗଢି ଉଠିଲା । ବୁଦ୍ଧି ଓ ସଭ୍ୟତାର ଧୀରେ ଧୀରେ ବିକାଶ ଘଟିବା ଫଳରେ ମନୁଷ୍ୟ ଜୀବନର ଚଳଣୀ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ଆସି ସୁଖରେ

ଜୀବନ ଯାପନ କରିପାରିଲା । ଅଧୀବାସୀମାନେ ଆଉ ସବୁବେଳେ ଜଙ୍ଗଲରେ ଶୀକାର ନକରି କୃଷି ଉପରେ ବେଶି ଧ୍ୟାନଦେଲେ ଓ ଚାଷ ଉପଯୋଗୀ ସମତଳ ଜାଗା ମାନଙ୍କରେ ଚାଷ ବାସ କାମରେ ଅଧିକ ଲାଗି ପଡିଲେ । ନଦୀକୂଳିଆ ଓ ସୁରକ୍ଷିତ ସମତଳ ଅଂଚଳ ମାନଙ୍କରେ ସାନ୍ତାଳି ସଭ୍ୟତାର ବିକାଶ ହେବା ଯୋଗୁଁ ଅନେକ ସାନ୍ତାଳି ରାଜ୍ୟମାନ ଗଠି ଉଠିଥିଲା । ଏସବୁକୁ ସାନ୍ତାଳୀ ଭାଷାରେ **'ଗାଲ୍ ଦିଶମ୍'** ବୋଲି କୁହାଯାଏ । ସଭ୍ୟତାର ବିକାଶ ଅନୁପାତରେ ସାନ୍ତାଳ ସମ୍ପ୍ରଦାୟ ଲୋକମାନେ ନିଜର ପରିବାର, ଜାତି, ଦଳ, ଗୋଷ୍ଠି, ସମାଜ, ସଂସ୍କୃତି, ପରମ୍ପରା ଓ ସଂସ୍କାର ଆଦିର ଉନ୍ନତି ପ୍ରତିଧ୍ୟାନ ଦେଲେ, ଅନେକ ଯୁଗ ପରେ ଯୁଗ ସେମାନେ ସୁଖ ଶାନ୍ତିରେ ଜୀବନ ଅତିବାହିତ କରିପାରିଲେ କିନ୍ତୁ **'ସତ୍ୟଯୁଗ'**ରେ ଏହି ସାନ୍ତାଳ ସମ୍ପ୍ରଦାୟର ଲୋକମାନେ କିଛି ଅଧର୍ମ କାର୍ଯ୍ୟରେ ଲିପ୍ତ ହେବାରୁ, ସେମାନଙ୍କର ଜୀବନ ପ୍ରଣାଳୀରେ ଅନେକ ବାଧା ସୃଷ୍ଟି ହେଲା । ପରସ୍ପର ଭିତରେ ସୁମ୍ପର୍କ ରହିଲା ନାହିଁ ଫଳରେ ସେମାନେ ନାନାପ୍ରକାର କଳହ, ଗଣ୍ଡଗୋଳ, ମାରପିଟ, ଝଗଡାଝାଟି, ହଣାକଟା, ତୀର ମରାମରି ହେଲେ । ଦଳଗତ ଗଣ୍ଡଗୋଳକୁ ଆଧାର କରି ନିଜ ପରିବାର ଭିତରେ ମଧ୍ୟ କେହି ପଟାପଟି ରହିଲେ ନାହିଁ, ଫଳରେ ସେମାନେ ନାନାପ୍ରକାର ବାଧା, ବିଘ୍ନ ଓ ସମସ୍ୟାରେ ପଡିଲେ । 'ଯୋରଯାର ମୁଲକ୍ ତାର' ନୀତିରେ ଦେଶ ଚାଲିଲା । ବାସସ୍ଥାନ, ବସ୍ତ୍ର, ପାନୀୟ ଜଳ ଓ ଖାଦ୍ୟ ପାଇଁ ସେମାନେ କଳହ କରିବା ଆରମ୍ଭ କଲେ । ସମାଜରେ ବେଶି ଅସାମାଜିକ କାମମାନ ବୃଦ୍ଧି ହେବା ଫଳରେ ସେମାନଙ୍କର ଜୀବନ ପ୍ରଣାଳୀରେ ଅନେକ ବାଧା ହେଲା । ଗୋଷ୍ଠି କନ୍ଦଳମାନ ସମାପ୍ତ ହେବା ପରିବର୍ତ୍ତେ ଗଣ୍ଡଗୋଳ ଅନେକ ଦିନ ଲାଗି ରହିଲା, ଫଳରେ ଲୋକମାନେ ଭଲରେ ଗଣ୍ଡାଏ ଖାଇବାକୁ ମଧ୍ୟ ପାଇଲେ ନାହିଁ, ଲୋକମାନେ ନାନା ପ୍ରକାର ମହାମାରୀ ରୋଗରେ ପଡି ଦୁର୍ବଳ ହେବା ସହିତ ମୃତ୍ୟୁ ବରଣ ମଧ୍ୟ କଲେ । କେତେକ ଦଳର ମୁଖ୍ୟ ଓ ସରଦାର ଲୋକମାନେ ଗଣ୍ଡଗୋଳରେ ମରିଗଲେ, ଦଳର ମୁଖ୍ୟଲୋକ ମରିଯିବା ଫଳରେ ସେ ଦଳର ଲୋକମାନେ ସର୍ବହରା ଓ ଅସହାୟ ଅବସ୍ଥାରେ ପଡି ରହିଲେ । ଏପରି ଜଟିଳ ଅବସ୍ଥାକୁ ଦେଖି ଦଳର ମୁଖିଆ, ସରଦାର ଓ ପଣ୍ଡିତମାନେ ଆଉ ଗଣ୍ଡଗୋଳ ଉପରକୁ ଗଲେ ନାହିଁ । ସେମାନେ କିଛି ଅଘଟଣ ଘଟିଥିବା କଥା ବୁଝି ପାରିଲେ, ଯୁଗ ଅନୁସାରେ କୌଣସି ଅମଙ୍ଗ କାରଣ ସକାଶେ ସାନ୍ତାଳ ସମାଜରେ ଏପରି ଦୈବ ଶକ୍ତିର କୁପ୍ରଭାବ ପଡିଛି ବୋଲି ମତ ଦେଲେ, ଯାହାଫଳରେ ସେମାନେ ଏପରି ଏକ ମହା ବିପଦରେ ପଡିଛନ୍ତି ।

ଏହି ମହାବିପଦରୁ ସେମାନେ କିଭଳି ସବୁଦିନ ପାଇଁ ରକ୍ଷାପାଇ ପାରିବେ ଏବଂ ସେମାନେ କ'ଣ କଲେ ଆଗପରି ପୁନର୍ବାର ନିଜ ଜାତିଭାଇ ଓ ଜ୍ଞାତିକୁଟୁମ୍ବ ସହିତ ସଦ୍‌ଭାବ ରଖି ସାନ୍ତାଳି ସମାଜରେ ସୁଖରେ ଜୀବନ ଯାପନ କରିପାରିବେ । ସେଥିପାଇଁ ସେମାନେ ଏକ ସ୍ଥାୟୀ ସମାଧାନର ପନ୍ଥା ଅନ୍ୱେଷଣ କରିବାରେ ସମସ୍ତେ **ଏକାଠି ଆଲୋଚନା ସଭା** ବସିଲେ । ଏହାକୁ ସାନ୍ତାଳି ଭାଷାରେ **'ଆଚାରମିଃଦ୍ ବିଚାରମିଃଦ୍ ଲାଗିନ୍ ଦିଶମ୍ ହଲ୍ ଦର୍‌ବାର୍ ରେକ ଦୁଲୁଃବ୍ ଲେନା' ଅର୍ଥାତ୍ 'ସମ ଆଚରଣ ଓ ସମ ବିଚାରଣ' ପାଇଁ ଦେଶବାସୀ 'ଦରବାର' ତଥା ଆଲୋଚନା ପାଇଁ ସଭା ବସିଥିଲେ ।**

### ୧) **ଅଶନ ଗଛ 'ଏରେ ଆତ୍‌ନାଃଗ୍' ମୂଳେ ସଭା–**

ସାନ୍ତାଳି ସଭ୍ୟତାର ସମସ୍ତ ଦଳର ମୁଖିଆ, ସରଦାର, ସଖା ଓ ପଣ୍ଡିତ ଲୋକମାନେ ପ୍ରଥମେ **'ଅଶନ'** ଗଛ ଛାଇରେ ବସି ବିଚାର କଲେ । ଅଶନ ଗଛକୁ ସାନ୍ତାଳି ଭାଷାରେ ଆତ୍‌ନାଃଗ୍ ଦାରେ କୁହାଯାଏ । ଲୋକମାନେ ତାଙ୍କର ନାନାପ୍ରକାର ସମସ୍ୟା ଓ ଅସୁବିଧା ସମ୍ମୁଖିନ ହେଉଥିବା ବିଷୟରେ କହିଲେ ଏବଂ ବିଭିନ୍ନ ବିଷୟରେ ସବିଶେଷ ଆଲୋଚନା ପରେ ସାନ୍ତାଳି ସମାଜ, ସଂସ୍କୃତି, ପ୍ରଥା, ପରମ୍ପରା, ପର୍ବ, ପର୍ବାଣୀ, ଆଚାର, ବିଚାର, ନୀତି ନିୟମ ଓ ଆଇନ କାନୁନ ଆଦି ସବୁର ବିଧି ପ୍ରସ୍ତୁତ କଲେ । ସେମାନେ ଯେତେବେଳେ ସଭାଭଙ୍ଗ କରିବାକୁ ଗଲେ ସେତେବେଳେ ଏକ ଭୟଙ୍କର ଅଘଟଣ ହଠାତ୍ ଘଟିଲା **'ସେମାନେ ଯେଉଁ ଅଶନ ଗଛ ମୂଳରେ ବସି ବିଧି ପ୍ରସ୍ତୁତ କଲେ, ସେ ଗଛର ଡାଳ ଅଚାନକ ଭାଙ୍ଗି ତଳେ ପଡିବା ଆରମ୍ଭ କରିଥିଲା'** । ଏହାକୁ ଦେଖି ସଖା ଓ ପଣ୍ଡିତମାନେ ଅଶୁଭ ଲକ୍ଷଣ ବୋଲି ମତ ଦେବା ସହିତ ଦେବାଦେବୀମାନେ ମଧ୍ୟ ତାଙ୍କରି ନିଷ୍ପତି ଉପରେ ଖୁସି ନାହାନ୍ତି ।

ଅଶନ ଗଛର ଏପରି ଦୈବ ଦୁର୍ଘଟଣା ଘଟିବାରୁ ପଣ୍ଡିତମାନେ **ଅଶନ** ବୃକ୍ଷକୁ ଆଖ୍ୟା ଦେଲେ **'ଏରେ ଆତ୍‌ନାଃଗ୍'** । କୌଣସି ଶୁଭକାମରେ ବାଧା ଉପୁଜିଲେ ସାନ୍ତାଳି ଭାଷାରେ **'ଏରେ ବା ଅଶୁଭ'** କୁହାଯାଏ । ଯେମିତି କି ବାଟରେ ଗଲା ବେଳେ ଯଦି ବିରାଡି ଟିଏ ପାର ହୋଇଯାଏ । କୌଣସି ଶୁଭ କାମରେ କିମ୍ବା ଆଲୋଚନା ବେଳେ ଯଦି ବସିଥିବା ଖଟ କିମ୍ବା ଗଛର ଡାଳ ହାଠାତ୍ କୌଣସି କାରଣ ନଥାଇ ଭାଙ୍ଗି ଯାଏ, ତେବେ ଏପରି ଅଘଟଣକୁ ଏରେ କୁହାଯାଏ । ଅଶନ ଗଛ ଠାରେ ଅଶୁଭ ଓ ଅଘଟଣ ଦେଖି ବିଚାରକମାନେ ଭୟଭୀତ ହୋଇ ପୁଣି ଅନ୍ୟ ଏକ ଜାଗାକୁ ଯାଇ ବସିଲେ ।

### ୨) **ମହୁଲ ଗଛ 'ଖଦେ ମାତ୍‌କମ୍' ମୂଳରେ ସଭା–**

**ଅଶନ ଗଛ** ମୂଳରୁ ସମସ୍ତ ଦଳର ମୁଖିଆ, ସରଦାର, ସଖା ଓ ପଣ୍ଡିତ ମାନେ ଉଠି ଯାଇ 'ମହୁଲ ଗଛ' ମୂଳେ ବିଚାର କଲେ । ଏଠାରେ ମଧ୍ୟ ପୂର୍ବ ପରି ସବୁ ସମସ୍ୟା ପୁଣି ନୂଆ କରି ଆଲୋଚନା କଲାପରେ ବିଧି ପ୍ରସ୍ତୁତ କଲେ । ସଭାର ସମସ୍ତ କାମ ସାରି ସଭା ଭଙ୍ଗ କଲାବେଳକୁ ସେମାନେ ଯେଉଁ ଗଛ ମୂଳରେ ଆଲୋଚନା କରୁଥିଲେ, ସେହି ଗଛକୁ ଅନେଇ ଦେଖିଲେ ବେଳକୁ ସେମାନେ ପୁଣି ଅବାସ୍ତବ ଓ ଅଘଟଣ ଘଟିଥିବାର ଦେଖିଲେ **'ମହୁଲ ଗଛର ଧଳା ମହୁଲ ଫୁଲ ଗୁଡିକ ଖୁଦ ପରି ଛୋଟ ଛୋଟ ହୋଇଯାଇଛି'** ।

ଏହାକୁ ଦେଖି ସଭାରେ ବସିଥିବା ସମସ୍ତ ମଣ୍ଡଳୀ ଆଶ୍ଚର୍ଯ୍ୟ ହେଲେ, ପଣ୍ଡିତମାନେ ଏହାକୁ ଅଶୁଭ ଲକ୍ଷଣ ବୋଲି ମତ ଦେବା ସହିତ ଦେବାଦେବୀମାନେ ଏଥିରେ ଖୁସି ନାହାନ୍ତି ବୋଲି କହିଲେ । ମହୁଲ ଗଛର ଫୁଲ ଗୁଡିକ ଖୁଦପରି ହୋଇଥିବାରୁ ଏହାକୁ ଆଖ୍ୟା ଦେଲେ **'ଖଦେ ମାତ୍‌କମ୍'** ତଥା 'ଖୁଦ ମହୁଲ' । ସେଠାରୁ ସମସ୍ତ ବିଚାରକମାନେ ଉଠି ଯାଇ ପୁଣି ଅନ୍ୟ ଗଛ ମୂଳର ଛାଇରେ ବସିଲେ ।

### ୩) **ବର ଗଛ 'ପେଟେର୍ ବାଲେ' ମୂଳେ ସଭା –**

ମହୁଲ ଗଛ ମୂଳରୁ ସମସ୍ତ ବିଚାରକ ମଣ୍ଡଳୀମାନେ ଉଠି ପୁଣି ଏକ ବିରାଟ ବରଗଛ ଛାଇରେ ଯାଇ ଆଲୋଚନା ଆରମ୍ଭ କଲେ । ପୂର୍ବ ପରି ଏଠାରେ ମଧ୍ୟ ସେମାନେ ଆରମ୍ଭରୁ ସମସ୍ତ ସମସ୍ୟାମାନ ଆଲୋଚନା

କଳାପରେ ବିଧି ପ୍ରସ୍ତୁତ କଲେ । ତାଙ୍କର ସଭା ଓ ବିଧି ପ୍ରସ୍ତୁତି କାର୍ଯ୍ୟ ଶୁଭ କି ଅଶୁଭ ଲକ୍ଷଣ ଜାଣିବା ପାଇଁ ସମସ୍ତେ ବିଚାରକ ମଣ୍ଡଳୀମାନେ ବ୍ୟସ୍ତ ହୋଇ ବସିଥିବା ଗଛକୁ ଚାହିଁଲେ । ସେମାନେ ଏଥର ମଧ୍ୟ ଏକ ଅଘଟଣ ଘଟିଥିବାର ଦୃଶ୍ୟ ଦେଖିଲେ 'ବର ଗଛର ସମସ୍ତ ପତ୍ର ଗୁଡିକ ମଡି ଜାକି ଜାକି ଛୋଟ ଛୋଟ ହୋଇଯିବା ସହିତ ବର ଗଛର ଡାଳ ସବୁ ବର ଅହଳ ପରି ତଳକୁ ଝୁଂଟି ଯାଇଥିଲା' । ବର ଗଛର ଏପରି ଅବସ୍ଥାକୁ ଦେଖି ପଣ୍ଡିତମାନେ 'ଅଶୁଭ ଲକ୍ଷଣ' ବୋଲି ମତଦେବା ସହିତ ବଟ ଗଛକୁ ନାମ ଦେଲେ **'ପେଟେର୍ ବାଳେ'** । ସେଠାରୁ ସମସ୍ତ ବିଚାରକମାନେ ଉଠି ପଡି ପୁଣି ଅନ୍ୟ ଏକ ନୂତନ ଗଛ ମୂଳରେ ଯାଇ ବସିଲେ ।

### ୪) **କେନ୍ଦୁ ଗଛ 'ଲେପେଃଜ୍ ତିରିଲ୍' ମୂଳେ ସଭା –**

ବର ଗଛ ମୂଳେ ଅଶୁଭ ଲକ୍ଷଣ ପାଇଲା ପରେ ସମସ୍ତ ପଣ୍ଡିତ, ମୁଖିଆ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯାଇ ଏଥର କେନ୍ଦୁ ଗଛ ମୂଳରେ ପୁଣି ବସି ବିଚାର ଆରମ୍ଭ କଲେ । ପୂର୍ବପରି ସେମାନେ ସମସ୍ତ ଆଲୋଚନା ଓ ନିୟମ ବିଧି ପ୍ରସ୍ତୁତ କରି ପୁଣି ଆଗପରି ଶୁଭ କି ଅଶୁଭ ଲକ୍ଷଣ ଜାଣିବା ପାଇଁ ସେମାନେ ସମସ୍ତେ ବସି ଥିବା କେନ୍ଦୁ ଗଛକୁ ଅନେଇଲେ । ଏଥର ମଧ୍ୟ ପୂର୍ବ ପରି ଅଶୁଭ ଲକ୍ଷଣ ଦେଖିବାକୁ ପାଇଲେ କେନ୍ଦୁ ଗଛର ସମସ୍ତ ଅଂଗ ଗୁଡିକ ନିଆଁରେ ଜାଳିଯାଇ ଗଛ ଅଂଗାର ପରି ଦେଖାଦେଲା ଓ କେନ୍ଦୁ ଫଳ ସବୁ ସିଝି ପଚ୍‌ପଚ୍ ନଷ୍ଟ ହୋଇଯାଇ ଥିଲା । କେନ୍ଦୁ ଗଛ ଓ ଫଳର ଏପରି ଅବସ୍ଥାକୁ ଦେଖି ପଣ୍ଡିତମାନେ ଘଟଣାକୁ ମଧ୍ୟ ଅଶୁଭ ଲକ୍ଷଣ ବୋଲି ମତାମତ ଦେବା ସହିତ କେନ୍ଦୁ ଗଛକୁ ଆଖ୍ୟା ଦେଲେ **'ଲେପେଜ୍ ତିରିଲ୍'** ।

କେନ୍ଦୁ ଗଛର ଏପରି ଅବାସ୍ତବ ଅବସ୍ଥା ଓ ଲକ୍ଷଣ ଦେଖି ସେମସ୍ତ ବିଚାରକ ମାନେ ଭାବିଲେ ସେମାନେ ପ୍ରସ୍ତୁତ କରିଥିବା ବିଧି ଗୁଡିକ ଉପରେ କୌଣସି ସତ୍ୟତା ନାହିଁ, ଯାହାଫଳରେ ଦେବାଦେବୀମାନେ ଆଦୌ ପ୍ରସନ୍ନ ନାହାନ୍ତି । ନିରାଷ ହୋଇ ସେଠାରୁ ସମସ୍ତ ବିଚାରକମାନେ ଉଠି ଯାଇ ପୁଣି ଅନ୍ୟ ଏକ ଗଛ ମୂଳରେ ଯାଇ ବସିଲେ ।

### ୫) **ଶେଷରେ ଶାଳ ଗଛ 'ସାରି ସାରଜମ୍' ମୂଳେ ସଭା-**

ଗୋଟିଏ ଗଛ ମୂଳେ ସବିଶେଷ ଆଲୋଚନା ଓ ବିଧି ପ୍ରସ୍ତୁତ ପରେ ଦୈବ୍ୟ ଦୁର୍ଘଟଣା ଘଟି ଅଶୁଭ ଲକ୍ଷଣ ପ୍ରକଟ ହେବାରୁ ଅନ୍ୟ ଏକ ନୂତନ ଗଛ ମୂଳରେ ଯାଇ ପୁନର୍ବାର ଆରମ୍ଭରୁ ପ୍ରସ୍ତୁତ କରିବା ଏବଂ ବାରମ୍ବାର ଏହିପରି ବିଫଳ, ହଇରାଣ ହରକତ ହୋଇ ସମସ୍ତ ବିଚାରକ ମଣ୍ଡଳୀମାନେ ନିରାଶ ହୋଇଯାଇ ଥିଲେ ସତ କିନ୍ତୁ; ସେମାନେ ହାର ମାନି ନଥିଲେ । ଅଶନ ଗଛ ପରେ, ମହୁଲ ଗଛ, ବର ଗଛ ଓ କେନ୍ଦୁ ଗଛ ଏସମସ୍ତ ସ୍ଥାନରେ ସେମାନେ କୌଣସି ଶୁଭ ସଙ୍କେତଟିଏ ମଧ୍ୟ ପାଇ ନଥିଲେ । ଏହିପରି ଭାବରେ ଅନେକ ଦିନ ପରେ ଦିନ ଓ ବର୍ଷ ପରେ ବର୍ଷ ବିଚାର, ସଭା ଓ ଆଲୋଚନା କରି ୧୨ବର୍ଷ କାଳ ଅତିବାହିତ ହୋଇଯାଇଥିଲା ଏବଂ ପରିଶେଷରେ ସେମାନେ ଏକ ଶାଳ ବଣରେ ପହଂଚି **'ଶାଳ ଗଛ'** ମୂଳରେ ଯାଇ ସଭା ବସିଲେ ।

ଶାଳଗଛ ଛାଇରେ ବସି ସେମାନେ ପୂର୍ବପରି ଆଲୋଚନା ଆରମ୍ଭ କଲେ 'କାହିଁକି ସେମାନେ ଏପରି ଅନାହାରରେ ମୃତ୍ୟୁ, ଗଣ୍ଡଗୋଳ, ମାରପିଟ୍, ହଣାକାଟ, ଲୁଣ୍ଠନ ଆଦିରେ ଲିପ୍ତ ରହି ବାରମ୍ବାର ହଇରାଣ ହରକତ ହୋଇ ଅର୍ଜି ଥିବା ଧନ ସମ୍ପତି ସହତି ମୁଲ୍ୟବାନ ମନୁଷ୍ୟ ଜୀବନକୁ ହରାଇ ବସୁଥିଲେ । ନିଜ ପିଲାଛୁଆ ଓ ପରିବାର ବର୍ଗଙ୍କ ସହିତ ସୁଖରେ ସମୟ ଅତିବାହିତ କରିପାରି ନଥିଲେ । ଏସମସ୍ତ ଜଞ୍ଜାଳ ଓ ବିପଦରୁ କିଭଳି ଆଜୀବନ ସୁରକ୍ଷା ପାଇପାରିବେ, ସେଥିପାଇଁ ସେମାନେ ସବିଶେଷ ଆଲୋଚନା କଲାପରେ ସାନ୍ତାଳ ସମାଜ, ସଂସ୍କୃତି, ଧର୍ମ, ପ୍ରଥା ପରମ୍ପରା, ନୀତି ନିୟମ ଓ ପାଂଚ ପଂଚାୟତର କାନୁନ ଆଦି ବିଧି ପ୍ରସ୍ତୁତ କରି  ଚୁଡାନ୍ତ ନିଷ୍ପତି ନେଇ ସମ୍ପ୍ରଦାୟର ଇଷ୍ଟ ଦେବା ଦେବୀଙ୍କୁ ପ୍ରଣାମ ଜଣାଇ ମନ୍ତ୍ର ଜପି ପ୍ରାର୍ଥନା କଲେ । ସାନ୍ତାଳି ଲୋକଙ୍କର କରୁଣା ଗୁହାରୀ ଶୁଣି  ଦେବତାମାନେ ସ୍ୱର୍ଗରୁ ଓହ୍ଲେଇ ଆସି ସାନ୍ତ ଦେଶରେ ପ୍ରକଟ ହେଲେ ଏବଂ ଶାଳ ଗଛ ମୂଳେ ପ୍ରାର୍ଥନା କରୁଥିବା ସାନ୍ତାଳ ଲୋକମାନେଙ୍କୁ 'ଆଶୀର୍ବାଦ' ଦେଇ କହିଲେ– **'ଧରମ୍ କରମ୍ ଗେ କାମିପେ' ଅର୍ଥାତ୍ 'ଧର୍ମ ଅନୁସାରେ କର୍ମ ହିଁ ମନୁଷ୍ୟର ପରମ କର୍ତବ୍ୟ' ।** ସାନ୍ତାଳି ସମ୍ପ୍ରଦାୟ ଶାସ୍ତ୍ର ଅନୁସାରେ ଧମର୍ ହେଉଛି ଈଶ୍ୱର ବା ପରମପିତା ପରମେଶ୍ୱର । ତାଙ୍କର ଇଚ୍ଛାରେ ମନୁଷ୍ୟ କରମ୍ ବା କାର୍ଯ୍ୟ ସମ୍ପାଦନ କରିବା ପ୍ରତ୍ୟେକ ମନୁଷ୍ୟର ପରମ କର୍ତବ୍ୟ ହେବା ବିଧେୟ । 'ସାନ୍ତ୍ ଦିଶମ୍ ସାନ୍ତାଲ୍ ହଲ୍' ତଥା ସାନ୍ତ ଦେଶର ସାନ୍ତାଳ ଲୋକମାନେ ଏଣିକି ଈଶ୍ୱରଙ୍କ ନିୟମ ଅନୁଶାରେ ଜୀବନ-ଯାପନ କଲେ ଆଉ କେବେ ଏପରି ଜଟିଳ ସମସ୍ୟା ଓ ମହାବିପଦରେ ପଡିବ ନାହିଁ ବୋଲି ଦେବତାମାନେ ଆଶୀର୍ବାଦ ଦେବାପରେ ସେହି ଶାଳ ଗଛ ମୂଳରୁ ଉଭାନ ହୋଇଥିଲେ ।

ଶାଳ ଗଛ ମୂଳେ ବିଭିନ୍ନ ଆଲୋଚନା ମାଧ୍ୟମରେ ସାନ୍ତଳି ବିଧି ପ୍ରସ୍ତୁତି କାମ ସମ୍ପୂର୍ଣ୍ଣ 'ଳପ୍ରଦ ହୋଇଥିବାରୁ ଓ ସ୍ୱର୍ଗପୁରୀରୁ ଦେବତା ମାନେ ଓହ୍ଲେଇ ଆସି ବିଚାରକ ମଣ୍ଡଳୀକୁ ଆଶୀର୍ବାଦ ଦେଇ ଥିବାରୁ ପଣ୍ଡିତମାନେ ଶାଳଗଛକୁ  **'ସାରି ସାର୍‌ଜମ୍ ଦାରେ'** ଅର୍ଥାତ୍ 'ସତ୍ୟ ଶାଳ ଗଛ' ବୋଲି ଆଖ୍ୟା ଦେଲେ । ନିଜେ ଅବସ୍ଥାପିତ କରୁଥିବା ଦେଶର ନାମ ସାନ୍ତାଳି ଭାଷରେ ରଖାଗଲା 'ସାନ୍ତ୍ ଦିଶମ୍' ଯାହାର ଅର୍ଥ 'ଏକ ଶାନ୍ତିପୂର୍ଣ୍ଣ ଦେଶ' । ନିଜ 'ଦେଶ' ର ନାମ **'ସାନ୍ତ'** ସହିତ 'ଲୋକ' ଶବ୍ଦ 'ହଲ୍' କୁ ଯୋଗ କରି ନିଜସ୍ୱ ଜାତିର ପରିଚୟ ରଖିଲେ **'ସାନ୍ତାଳ'** । **'ହଲ୍'** ଏକ ସାଧାରଣ ମଣିଷକୁ କୁହାଯାଏ ନାହିଁ । ନିଜ ଭାଷାରେ-'ସାରି ହଲ୍ ଗେ ସାନ୍ତାଲ୍ ଦ' ଅର୍ଥାତ୍ 'ଧରମ୍ ବା ଈଶ୍ୱରଙ୍କ ଆଦେଶାନୁସାରେ  ନିଜ କର୍ମ ସମ୍ପାଦନ କରୁଥିବା ଏକ ସଚ୍ଚୋଟ ମଣିଷ ହିଁ ହେଉଛି 'ହଲ୍' ।

**'ସାରଜମ୍'** ଶବ୍ଦଟିର କେତେକ ବିଶେଷତ୍ୱ ମଧ୍ୟ ରହିଛି-'ସାର୍' କହିଲେ 'ଉର୍ବର ଅବା ପୁଷ୍ଟି' ଏବଂ 'ଜମ୍'  କହିଲେ ସନ୍ତାଳି ଭାଷାରେ ଭୋଜନ କରିବାକୁ ବୁଝାଏ । ଅତଏବ୍ ସାରଜମ କହିଲେ ପୁଷ୍ଟିସାର ଭୋଜନ ଗ୍ରହଣ କରିବାକୁ ବୁଝାଏ । ସାନ୍ତ ଦେଶର ସାନ୍ତାଳ ଲୋକଙ୍କର ସମସ୍ତ କାର୍ଯ୍ୟ ଓ ବିଧି ଶାଳଗଛ ମୂଳେ ହିଁ ଫଳପ୍ରଦ ହୋଇଥିଲା, ତେଣୁ ସେହି ଦିନ ଠାରୁ ସାନ୍ତାଳି ଲୋକମାନେ ଶାଳଗଛ ମୂଳେ ନିଜ ଇଷ୍ଟ ଦେବାଦେବୀଙ୍କୁ ସ୍ଥାପନ କରି ପୂଜା କରିବା ସହିତ ଏହାର ବିଭିନ୍ନ ଉପାଦାନ ଗୁଡିକ ନିଜ ସମାଜ, ସଂସ୍କୃତି ଓ ପ୍ରଥା-ପରମ୍ପରା ସହିତ ଯୋଡି କରି ବ୍ୟବହାର କରି ଆସୁଅଛି । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ସାନ୍ତାଳି ଲୋକମାନେ ତାଙ୍କ ଇଷ୍ଟ ଦେବାଦେବୀଙ୍କ 'ଆଶୀର୍ବାଦ' ଓ ଆଦେଶାନୁଶାରେ ନିଜର ଧର୍ମ ଓ କର୍ତବ୍ୟ ପାଳନ କରି ଚାଲିଛନ୍ତି ।

ପ୍ରତ୍ୟେକ ସାନ୍ତାଳି ଗ୍ରାମରେ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ଶାଳ ଗଛ ଲଗାଇ ଏହାକୁ 'ଜାହେର୍ ଗାଳ୍' ନାମରେ ନାମିତ କଲେ ଏବଂ ଏହାରି ମଧ୍ୟରେ ଦେବାଦେବୀଙ୍କୁ ସ୍ଥାପନ କରି ପୂଜା କଲେ । ଏହା ସହିତ ସାନ୍ତାଳ ସମାଜର ସମସ୍ତ ଶୁଭ କାମରେ ଶାଳ ଗଛକୁ ଦେବତୁଲ୍ୟ ସମ୍ମାନ ଦେଇ 'ଦାରୁବ୍ରହ୍ମ' ରୂପରେ ସର୍ବତ୍ର ବ୍ୟବହାର କରି ଆସୁଛନ୍ତି ।

**ସାନ୍ତାଳ ସମାଜରେ ଶାଳ ଗଛର ବିଭିନ୍ନ ଉପାଦାନର ସଦ୍ ବ୍ୟବହାର :-**

**(୧) ପତ୍ର –** ପତ୍ରକୁ ସାନ୍ତାଳି ଭାଷାରେ 'ସାକାମ୍' କୁହାଯାଏ । ସାନ୍ତାଳି ଲୋକମାନେ ଶାଳ ପତ୍ରରେ ଖଲି, ସାର୍‌ତାଲ୍ ତଥା ୨ଟି ଶାଳ ପତ୍ରକୁ ଟିପି ଖାଦ୍ୟ ରଖିବା, ବଂଗାଫୂଲୁଃ ତଥା ପୂଜା ପାଇଁ ଦୋନା, ରେଃଦ୍ ତଥା ପତ୍ରପୁଡିଆ, ପୁଙ୍ଗି ତଥା ଦେଶୀ ବିଡି ପ୍ରସ୍ତୁତ, ଲାଃଦ୍ ତଥା ପତ୍ରପୋଡାରେ ଖାଦ୍ୟ ପ୍ରସ୍ତୁତ, ଖାଲାଃ ତଥା ଖାଦ୍ୟ ରଖିବା କିମ୍ବା ଖାଇବା ପାଇଁ ବଡ ଦୋନା ପ୍ରସ୍ତୁତ କରିବା, ପୋଟମ୍ ତଥା ଶୁଖିଲା ଖାଦ୍ୟ ସାମଗ୍ରୀକୁ ପୁଡିଆରେ ବାନ୍ଧି ଅନେକ ଦିନଯାଏଁ ରଖିବା । ଏହା ସହିତ ପତ୍ରକୁ ଶୁଖେଇ ସେମାନେ ଅନେକ ଦିନ ଯାଏଁ ରଖିଥାନ୍ତି ଓ ପର୍ବପର୍ବାଣୀ ମାନଙ୍କରେ ଦରକାର ମୁତାବକ ଏହାକୁ ବ୍ୟବହାର କରିଥାନ୍ତି । ସାନ୍ତାଳି ସମାଜର ସଂସ୍କୃତି, ପ୍ରଥା ଓ ପରମ୍ପରା ଅନୁସାରେ ନିଜ ବନ୍ଧୁ ମାନଙ୍କୁ ବିବାହ ନିମନ୍ତ୍ରଣ ଦେଲାବେଳେ ଦୁଇଟି ଶାଳପତ୍ରକୁ ଟିପି 'ଫୁଲୁଃ' ତଥା ଦୋନା ତିଆରି କରାଯାଏ ଏବଂ ସେଥିରେ ଅଳ୍ପ ଅରୁଆ ଚାଉଳ ଓ ଦୁବଘାସ ରଖି ଏକ ହଳଦୀ ଲଗା ସୁତା ସାହାଯ୍ୟରେ ବାନ୍ଧି ବିବାହ ନିମନ୍ତ୍ରଣ ଦିଆଯାଇ ଥାଏ ।

**(୨) ଫୁଲ–** ଶାଳ ଗଛରେ ପ୍ରଥମ ଫୁଲ ଆସିଲେ 'ବାହା ପାରାବ୍' ତଥା ଫୁଲ ପର୍ବ ପାଳନ କରାଯାଏ । ଏହାକୁ 'ବାହାବଙ୍ଗା' ବୋଲି କହାଯାଏ । ଏହି ବାହା ବଙ୍ଗା ପର୍ବରେ ଶାଳ ଗଛର ଫୁଲ ପୂଜା କରାଯାଏ; ସମସ୍ତ ସାନ୍ତାଳ ଲୋକମାନେ ସମାଜର ପାରମ୍ପରିକ ବେଶରେ ସାଜି ଜାହେର୍ ଗାଳକୁ ଦର୍ଶନରେ ଯାଆନ୍ତି, ଜାହେର ଗାଳ୍‌ରେ ଇଷ୍ଟ ଦେବା ଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ବାହା ସେରେଞ୍ଜ(ଗୀତ) ଓ ବାହା ଏନେଃଜ୍(ନାଚ) କରିଥାନ୍ତି । ଶାଳ ଫୁଲକୁ ପୂଜା କରିଲା ପରେ ନାୟକେ ତଥା ପୂଜାରୀ ସମସ୍ତ ଭକ୍ତମାନଙ୍କୁ ଶାଳ୍‌ଫୁଲ ଦେଇଥାନ୍ତି । ସମସ୍ତ ଶ୍ରଦ୍ଧାଳୁ ଏହାକୁ ଭକ୍ତି ସହକାରେ ଦେବାଦେବୀଙ୍କର ଆଶୀର୍ବାଦ ଭାବି ବ୍ୟବହାର କରିଥାନ୍ତି । ପୁଅମାନେ କାନରେ ଗୁଞ୍ଜିଲା ବେଳକୁ ଝିଅମାନେ ଶାଳ୍‌ଫୁଲକୁ ନିଜ ବେଣୀରେ ଖୋସାମାରି ପିନ୍ଧି ସାନ୍ତାଳି ସୁନ୍ଦରୀ ରୂପରେ ସାଜିଥାନ୍ତି ।

**(୩) ଡାଳ–** ପ୍ରାତଃ ନିତ୍ୟକର୍ମ ବେଳେ ସାନ୍ତାଳି ଲୋକମାନେ ଶାଳ ଗଛର କଅଁଳିଆ ଡାଳରେ ଦାନ୍ତ ଘଷିବାକୁ ଭଲ ପାଆନ୍ତି । ଘରେ କୁଣିଆ ଆସିଲେ ସମ୍ମାନର ସହିତ ଶାଳ ଦାନ୍ତକାଠି ପ୍ରଦାନ କରାଯାଏ ଏବଂ ବନ୍ଧୁମାନେ ମଧ୍ୟ ଏହାକୁ ଅତି ଖୁସିରେ ଗ୍ରହଣ କରିଥାନ୍ତି । ଶାଳ ଗଛର ରସରେ କ୍ୱାଥ ଅଂଶ ଥିବାରୁ ଏହି ଶାଳ କାଠିରେ ଦାନ୍ତ ଘଷିଲେ ମାଢ଼ି ଓ ଦାନ୍ତ ଘା ଅତି ଶୀଘ୍ର ଭଲ ହୋଇଥାଏ ।

**(୪) ବଲ୍କଲ ଓ ଚେର–** ଶାଳ ଗଛର ବଲ୍କଳ କ୍ୱାଥରୁ ଔଷଧ ତିଆରି କରି ଏହାକୁ ବିଭିନ୍ନ ରୋଗ ନିବାରଣ କରିବାରେ ବ୍ୟବହାର କରାଯାଏ । କେତେକ ଲୋକମାନେ ଶୁଖିଲା ବଲ୍କଳକୁ ଜାଳ ଆକାରରେ ମଧ୍ୟ

ବ୍ୟବହାର କରିଥାନ୍ତି । ଶାଳ ବୃକ୍ଷର ଚେରରେ ଅନେକ ଔଷଧୀୟ ଗୁଣମାନ ଭରି ରହିଥିବାରୁ ଏହାକୁ କବିରାଜ ମାନେ ମଧ୍ୟ ଔଷଧରେ ବ୍ୟବହାର କରିଥାନ୍ତି ।

**(୫) ଗଣ୍ଡି–** ଶାଳ ଗଛର ଗଣ୍ଡି ବହୁତ ମଜଭୁତ ଓ ଦୀର୍ଘସ୍ଥାୟୀ ହୋଇଥିବାରୁ ଏହାକୁ ସାନ୍ତାଳି ଲୋକମାନେ ମୁଖ୍ୟତଃ ଠାକୁର ଘର ଓ ନିଜ ବାସ ଘର ଚୌକାଠ, ଦ୍ୱାରବନ୍ଧ, କବାଟ, ଧରଣା, ବତା ଏବଂ ରଳା ଆଦି ଆକାରରେ ଘର ତିଆରି ବେଳେ ବ୍ୟବହାର କରିବାକୁ ପସନ୍ଦ କରିଥାନ୍ତି । ଚାଷିମାନେ ହଳ ଲଙ୍ଗଳ ତିଆରି କରନ୍ତି ଏବଂ ଶସ୍ୟ ରଖିବା ପାଇଁ ଧାନ ଖମାର ତିଆରି କରିଥାନ୍ତି । ଶାଳ ଗଛର ଗଣ୍ଡିକୁ ଜାଳେଣୀ କାଠ ରୂପେ ବିଶେଷ ଶୀତ ଦିନମାନଙ୍କରେ ଜାଳି ଥଣ୍ଡାଦାଉରୁ ନିଜକୁ ରକ୍ଷା କରିଥାନ୍ତି ।

**(୬) ଝୁଣା– ପୁରୁଣା** ଶାଳଗଛରୁ ଝୁଣା ବାହାରି ଥାଏ । ଏହାକୁ ସାନ୍ତାଳି ଭାଷାରେ 'ଧୁଣା' କୁହାଯାଏ । ସାନ୍ତାଳି ଲୋକମାନେ ବିଭିନ୍ନ ଦେବାଦେବୀ ପୂଜାର୍ଚ୍ଚନା ବେଳେ ଝୁଣା ଧୂପ ଦେଇଥାନ୍ତି । ଏହା ବ୍ୟତୀତ, ଝୁଣାକୁ ମଶା ଧୂପ ଆକାରରେ ମଧ୍ୟ ବ୍ୟବହାର କରିଥାନ୍ତି । ଖାଦ୍ୟପାତ୍ର ଗୁଡିକ କଣା ହୋଇଯାଇ ଥିଲେ ଝୁଣାକୁ ତରଳେଇ କଣା ବନ୍ଦ କରିବା ପାଇଁ ମଧ୍ୟ ବ୍ୟବହାର କରାଯାଏ । ଏହା ବ୍ୟତୀତ ଆଣ୍ଠୁ, ଗଣ୍ଠି ବାତ ଓ ଅଣ୍ଠାବ୍ୟଥାରେ ବ୍ୟବହାର କଲେ ତୁରନ୍ତ ଉପଶମ ମିଳି ପାରିଥାଏ ।

**(୭) ଶାଳ ମଞ୍ଜି–** ଶାଳ ମଞ୍ଜିରୁ ଖାଇବା ଉପଯୋଗୀ ତେଲ ବାହାରି ଥାଏ । ସାନ୍ତାଳି ଲୋକମାନେ ଶାଳ ଫଳ ମଞ୍ଜିକୁ ଗରମ କରି ପେଡି ସେଥିରୁ ତେଲ ବାହାର କରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରିବା ସହିତ ଶାଳ ତେଲକୁ ଦୀପ ଆକାରରେ ମଧ୍ୟ ବ୍ୟବହାର କରିଥାନ୍ତି । ଏହା ବ୍ୟତୀତ ଶାଳମଞ୍ଜି ଚୂର୍ଣ୍ଣକୁ ମୁଣ୍ଡ ଚୁଟି ଧୋଇବା ପାଇଁ ମଧ୍ୟ ବ୍ୟବାହାର କରାଯାଇ ଥାଏ ।

## 'ଜାହେର୍ ଗାଲ୍' ପୂଜାପୀଠ ନିର୍ମାଣ:-

ଜାହେର୍ ଗାଲ୍ ଏକ ପବିତ୍ର ପୂଜା ଓ ଧର୍ମ ପୀଠ । ଏହି 'ଜାହେର୍ ଗାଲ୍' କୁ ସାନ୍ତାଳମାନେ 'ଧରମ୍ ଗାଲ୍' ତଥା 'ଧର୍ମପୀଠ' ଭାବରେ ସମ୍ମାନ ଦେଇଥାନ୍ତି । ଜାହେର୍ ଗାଲ୍ ଏକ ସତନ୍ତ୍ର ସୀମା ପରିଧି ମଧ୍ୟରେ ଅବସ୍ଥିତ ରହିଥାଏ । ସାଧାରଣତଃ ଏହା ଆୟତାକାର ନହୋଇ ଗୋଲାକାର ତିଆରି କରାଯାଇ ଥାଏ । ଏହାର ଚତୁଃପାର୍ଶରେ ଅନେକ ଶାଳଗଛ ଲଗାଯାଇଥାଏ ଏବଂ ଗାଁର ସମ୍ବଳ ଅନୁସାରେ କେଉଁଠି କାଠଖୁ ପୋତି ସୀମା କରାଯାଇ ଥାଏ ତ କେଉଁଠି ଖାଲି ପଥର ପୋତି କିମ୍ବା ଥୋଇଦେଇ ଏହାର ସୀମା ଆବଦ୍ଧ କରି ସୁରକ୍ଷା କରାଯାଇ ଥାଏ । ଜାହେର୍ ଗାଲ୍‌କୁ ସୀମାବଦ୍ଧ କଲା ପରେ ଏହାରି ମଝିରେ ଏକ ସ୍ୱତନ୍ତ୍ର ତିଥି ଓ ବାର ଅନୁସାରେ ପୂଜା ପୀଠ 'ବଂଗାଥାନ' ତିଆରି କରାଯାଏ । ସାନ୍ତାଳି ଗାଁର ମୁଖିଆ, ନାୟ୍‌କେ, ପାରନିକ୍, ଗଡେତ୍, ଜଗ ଓ ଗ୍ରାମର ମାନଗଣ୍ୟ ଓ ପୁରୁଖା ଲୋକ 'ଗାଖୁଲ୍ ଗମ୍‌କେ' ମାନଙ୍କ ନିଷ୍ପି କ୍ରମେ ସମସ୍ତ କାର୍ଯ୍ୟ କରାଯାଇ ଥାଏ । ଏହି ବଂଗାଥାନକୁ ତିଆରି କଲାବେଳେ ପୂଜା ବିଧିରେ ଥିବା ପୂଜାରୀ ଓ ଭକ୍ତମାନେ 'ନିରବାର' ତଥା ବାରଣ ନୀତି ଅବଲମ୍ବନ କରିବା ସହିତ ଉପବାସ ରଖିଥାନ୍ତି ଏବଂ ଦେବା ଦେବୀଙ୍କୁ 'ବଙ୍ଗାଉମ୍' ତଥା ଦେବସ୍ନାନ ଓ 'ବଙ୍ଗା ରୁମ୍' ତଥା ଝୁମ୍ପିବା କାର୍ଯ୍ୟ ସାରି ସେମାନଙ୍କୁ ସିଦ୍ଧିସ୍ଥାପନ କରାଯାଇ ଥାଏ ।

ଜାହେର ଗାଲ୍‌ର ମଝିରେ ଏକ ଭଲ ହୃଷ୍ଟପୁଷ୍ଟ ଶାଳ ଗଛ ଦେଖି 'ବଙ୍ଗାଥାନ' ପାଇଁ ସୀମା ଆବଦ୍ଧ କରାଯାଏ । ସୀମା ଆବଦ୍ଧ କଲାବେଳେ ଏକ ମନ୍ତ୍ର ବୋଲାଯାଏ । ଏହି ପୂଜା ପୀଠର ସୀମା ନିରୁପଣ କଲାପରେ ଶାଳ ଗଛର ପୂର୍ବ ଦିଗକୁ ଖୋଲା ରଖି କେବଳ ପଶ୍ଚିମ ଦିଗରେ ଖୁ ପୋତି ଗୋଟିଏ ପାଖ ଛାଉଣି କରିବାର ଆଦି କାଳରୁ ପରମ୍ପରା ରହିଛି । ଏହାକୁ 'ଜାହେର୍ ଅଲାଃ ଦାଲବ୍' ଅର୍ଥାତ୍ ଜାହେର୍ ଘର ଛାଉଣି କୁହାଯାଏ । ଜାହେର୍ ଗାଲ୍ ପୂଜା ପୀଠର ନିର୍ମାଣ ସମାପ୍ତ ହେଲାପରେ ଦେବା ଦେବୀଙ୍କୁ ସ୍ଥାପନ କରାଯାଏ । ଜାହେର ଗାଲ୍‌ର ମୂଖ୍ୟ ହେଉଛନ୍ତି ଦେବୀମା' 'ଜାହେର ଆୟ' ତାଙ୍କୁ ଏଠାରେ ବିଶେଷ ଭାବରେ ପୂଜାର୍ଚ୍ଚନା କରାଯାଇ ଥାଏ । ଜାହେର୍ ଆୟଙ୍କ ସାଥୀରେ ଏଠାରେ ମାରାଂବୁରୁ ଓ ଲିଟା ଗଡେତ୍ ପୂଜା ପାଉଥିବା ବେଳେ ଏହାର ଡାହାଣ ପାଖରେ ମଣେକ ଓ ତୁରୁୟକ ପୂଜା ପାଆନ୍ତି ଏବଂ ଏହାର ଅଳ୍ପକେ ଦୂରରେ 'ସେନ୍ଦ୍ରାବଂଗା' ପୂଜା ପାଆନ୍ତି । ଏମାନଙ୍କର ଦର୍ଶନରେ ସାନ୍ତାଳି ଲୋକମାନଙ୍କର ସର୍ବମଙ୍ଗଳ ହୋଇଥାଏ । ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କ ପରି ସାନ୍ତାଳି ସମ୍ପ୍ରଦାୟରେ ମଧ୍ୟ ବାର, ତିଥି, ମାସ, ଋତୁ ଓ ବର୍ଷ ଗୁଡିକ ପୃଥକ ଭାବରେ ଗଣନା କରାଯାଏ ଓ ବିଭିନ୍ନ ପର୍ବପର୍ବାଣୀ, ପୂଜାପାଠ, ପ୍ରଥା ପରମ୍ପରା ଗୁଡିକ ଆଡମ୍ବର ସହକାରେ ପାଳନ କରାଯାଏ । ଗାଁ ଆଖଡା ଠାରେ ପାଂଚ ଲୋକ ଆସି ବସିଲା ପରେ ସେମାନେ ଜାହେର୍ ଗାଲ୍ ପୂଜା ତିଥି ନିର୍ଣ୍ଣୟ କରିଥାନ୍ତି ଓ ସମସ୍ତ ଗ୍ରାମ ବାସୀ ଏହାକୁ ମାନି ନିୟମାନୁସାରେ ପାଳନ କରିଥାନ୍ତି ।

ଜାହେର ଗାଲ୍‌ରେ ପୂଜା ଦିନ ଧାର୍ଯ୍ୟ ହୋଇଗଲେ ସମସ୍ତ ଗ୍ରାମବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଏ । ସମସ୍ତଙ୍କ ମନରେ ଆଶା ଥାଏ 'ଗାଁରେ ଏଥର ଯେପରି ବେଶ୍ ମୌଜମସ୍ତି ଓ ନାଚଗୀତ କରି ଭଲରେ ପର୍ବ ମାନିବେ' ସେଥିପାଇଁ ସମ୍ପୃକ୍ତ ଗାଁରେ ପୁଅପିଲା ମାନଙ୍କ ଦ୍ୱାରା ସ୍ୱଚ୍ଛ ଅଭିଯାନ ଆରମ୍ଭ ହୋଇଯାଏ । ଗାଁର ରାସ୍ତାଘାଟ, ନାଳ ନର୍ଦ୍ଦମା, ଅନାବନା ଗଛଲତା ସଫାସୁତୁରା କରିବା ପାଇଁ ବିନା ମଜୁରିରେ ପ୍ରତ୍ୟେକ ପରିବାର ପ୍ରତି ଜଣେ ଲୋକ ବାହାରି ଆସି କାମରେ ଲାଗି ପଡନ୍ତି । ସମସ୍ତ ବିଲବାଡି କାମକୁ ବାଦକରି ମନଦେଇ ମିଳିମିଶି ସଫାକାମରେ ଲାଗି ପଡିଥାନ୍ତି, ଫଳରେ ଗାଁରେ ସଫାସୁତୁରା କରିବା ପାଇଁ ଏକ ସଚ୍ଛ ଅଭିଯାନ ଆରମ୍ଭ ହୋଇଯାଏ । ନିଜ ଗାଁର ସମସ୍ତ ପ୍ରକାର ସଫା ସୁତୁରା ରଖିବା ସହିତ ସାନ୍ତାଳି ଗାଁର ଲୋକମାନେ ନିଜ ଜାହେର୍ ଗାଲ୍‌ର ମଧ୍ୟ ପରିଷ୍କାର ପରିଛନ୍ନ ରଖିଥାନ୍ତି । ମୁଝିଆଙ୍କ ନିର୍ଦ୍ଦେଶକ୍ରମେ ଗାଁର ଜଗ ଓ ଗଡେତ୍ ପୂଜା ହେବା ପୂର୍ବ ଦିନ ଏହି କାମକୁ ତ୍ୱରାନ୍ୱିତ କରିଥାନ୍ତି । ଏଥିସହିତ ଗାଁର ସାନ୍ତାଳି ଝିଅମାନେ ନିଜନିଜର ଘର କାନ୍ଥକୁ ସଜେଇବା ପାଇଁ ବିଭିନ୍ନ ମାଟି ରଙ୍ଗ ଲିପା କାମ ଆରମ୍ଭ କରିବା ସହିତ ଦାଣ୍ଡ କାନ୍ଥ ଗୁଡିକରେ ଅତି ମନଲୋଭା ଚିତ୍ର ଆଙ୍କିଥାନ୍ତି । ଏହାକୁ ସାନ୍ତାଳି ଭାଷାରେ "ଜେରେଲ୍ ପତାଓ"କୁହାଯାଏ । ମାଟି ରଙ୍ଗକୁ ବ୍ୟବାହାର କରି ସାନ୍ତାଳି ଝିଅ, ବୋହୂ ଓ ମହିଳାମାନେ ନିଜ ନିଜର କାନ୍ଥରେ ଗଛ, ଲତା, ଫୁଲ, ପତ୍ର, ଡାଳ, ଧଡି, ମୟୂର, ପାରା, କପୋତ, ବଣୀ, ଶୁଆ, ସାରି, ବଗ, ଝରଣା, ସୂର୍ଯ୍ୟ, ଉଡାଜାହାଜ, ରକେଟ୍, ବାଦ୍ୟଯନ୍ତ୍ର ଓ ନୃତ୍ୟ ଆଦି ଚିତ୍ର ମାଧ୍ୟମରେ ନିଜର ଅନ୍ତର୍ନିହିତ କଳା କୌଶଳକୁ ପ୍ରଦର୍ଶନ କରିବା ସହିତ କାନ୍ଥ ବାଡରେ ବହୁତ ସୁନ୍ଦର ମନଲଭା ଦୃଶ୍ୟ ଆଙ୍କି ଥାଆନ୍ତି । କୌଣସି ବ୍ୟକ୍ତି ରାସ୍ତରେ ଯାତାୟାତ କଲାବେଳେ ଏହିସବୁ ମନମୁଗ୍ଧକର ଚିତ୍ର ଓ ଦୃଶ୍ୟକୁ ଦେଖିବା ମାତ୍ରକେ ଅନେକ ପ୍ରଶଂସା କରିଥାଆନ୍ତି । ବାସ୍ତବରେ, ଆଜି

ମଧ୍ୟ ଏହି ସାନ୍ତାଳ ଆଦିବାସୀମାନେ ତାଙ୍କର ବିଗତ ଦିନର କଳା, ସଂସ୍କୃତି ଓ ଐତିହ୍ୟକୁ ପ୍ରକୃତି ସହିତ ସଂଯୋଗ କରି ସଂରକ୍ଷିତ କରି ରଖିଛନ୍ତି ।

ଭୂମିରେ ଲାଗି ରହିଥିବା କୌଣସି ଜିନିଷ କି ପଦାର୍ଥକୁ ରାମ୍ପି ସଫା କରି ଗୋବର ଲିପା କାମକୁ **'ଗେଜ୍ ଗୁରିଜ୍'** କୁହାଯାଏ । ସମସ୍ତ ପ୍ରକାର ପୂଜା ପ୍ରସ୍ତୁତି ସରିଲା ପରେ **'ଜାହେର ବଙ୍ଗା'** ଦିନ ପ୍ରଭାତରୁ ଉଠି ସାନ୍ତାଳ ଘରର ମହିଳାମାନେ ଗୋବର ଲିପା କାମ କରିଥାନ୍ତି । ଏହି ଗୋବର ଲିପା କାମ କଲାପରେ ଆଉ କୌଣସି ସ୍ୱଚ୍ଛ କାମ କରନ୍ତି ନାହିଁ, ତେଣୁ ସମସ୍ତ ଘର କାମକୁ ପୂଜା ପୂର୍ବ ଦିନ ସମାପନ କରି କେବଳ ପର୍ବ ପାଳନ କରିବା ପାଇଁ ହିଁ ସେମାନେ ସଜବାଜ ହୁଅନ୍ତି ।

## ପୂଜାରୀ ଓ ପୂଜା ପ୍ରକାର :-

ଜାହେର ଗାଳର ପୂଜାରୀକୁ ସାନ୍ତାଳି ଭାଷାରେ **'ନାୟ୍‌କେ'** କୁହାଯାଏ ଏବଂ ପ୍ରତ୍ୟେକ ସାନ୍ତାଳି ଗାଁରେ ଦୁଇ ଜଣ ନାୟ୍‌କେ ରହିଥାନ୍ତି । ଜଣେ ନାୟ୍‌କେ ଓ ଅନ୍ୟଜଣେ କୁଡାମ୍ ନାୟ୍‌କେ । ଜାହେର ଗାଳର ସମସ୍ତ ପ୍ରକାରର ପୂଜା ପଦ୍ଧତି ନାୟକେଙ୍କ ହାତରେ ହୋଇଥିବା ବେଳେ କେତେକ ସ୍ୱତନ୍ତ୍ର ପୂଜା ଗୁଡିକ 'କୁଡାମ୍ ନାୟ୍‌କେ' କରିଥାନ୍ତି । କୁଡାମ ନାୟକେ 'ବୁଲ୍ ମାୟାମ୍' ପୂଜା କରନ୍ତି । ଧନୁତୀର ଧରି ବଣ ଜଙ୍ଗଲକୁ ଶିକାର କରିବାକୁ ଗଲାବେଳେ ଏହି **'କୁଡାମ ନାୟ୍‌କେ'** ମାନସିକ କରିଥାଏ । କୌଣସି ପ୍ରତିଯୋଗୀତାରେ ବିଜୟ ଓ ସଫଳ ଲକ୍ଷ୍ୟ ହାସଲ କରିବାକୁ ହେଲେ ଗାଁବାସୀଙ୍କ ପାଇଁ କୁଡାମ୍ ନାୟକେ ହିଁ ମାନସିକ କରିଥାଏ ଏବଂ କୃତକାର୍ଯ୍ୟ ହେଲେ ଏହାର ମାନସିକ୍ ଠିକ୍ ସମୟ ସୀମା ଭିତରେ ହିଁ ଦିଆଯାଏ । ମାନସିକ କାର୍ଯ୍ୟ ଅସାଧ୍ୟ ହୋଇଥିବାରୁ ପ୍ରାୟତଃ କୁଡାମ୍ ନାୟକେ ପଦରେ ଗ୍ରାମର ପୁରୁଖା ବୃଦ୍ଧ ଲୋକକୁ ବସାଯାଏ । ସାନ୍ତାଳି ପରମ୍ପରା ଅନୁସାରେ ଜଣେ ସାନ୍ତାଳ ଗାଁର ନାୟ୍‌କେ ପୂଜା ବିଧିରେ ଯେତେ ପାରଙ୍ଗମ ଥିଲେ ମଧ୍ୟ ନିଜ ଗ୍ରାମ ବ୍ୟତୀତ ଅନ୍ୟ ଯେକୌଣସି ଗାଁ ଜାହେର୍ ଗାଳ୍‌ରେ ପୂଜା କରିପାରନ୍ତି ନାହିଁ ।

## ଜାହେର ଗାଲ୍ ପୂଜା ସାମଗ୍ରୀ ଓ ନିୟମ-

ସାନ୍ତାଳ ସମାଜ ଏହି ଜାହେର୍ ଗାଳରେ ପୂଜା ପଦ୍ଧତିରେ ତଥା ବଙ୍ଗାବୁରୁ କରିବାରେ ଅନେକ ନୀତି ନିୟମ ସହିତ ବାରଣ ମଧ୍ୟ ରହିଛି । ଉପାସ ରଖି ପୂଜା ବିଧି ପାଳନକୁ ସାନ୍ତାଳି ଭାଷାରେ **'ନିରବାର୍'** କୁହାଯାଏ । 'ନିର୍‌ବାର୍' ବ୍ୟତୀତ ପୂଜାରେ ଯୋଗଦେବାକୁ ଥିବା ସମ୍ପୃକ୍ତ ନାୟ୍‌କେ, ମାଝି, ପାର୍‌ନିକ୍, ଗଡେତ୍, ଜଗ ଓ ଇଚ୍ଛୁକ ଗାଁ ଲୋକମାନେ ପୂଜା ପୂର୍ବରାତି କୌଣସି ଅସାମାଜିକ କାର୍ଯ୍ୟ କରନ୍ତି ନାହିଁ । ସେମାନେ ସକାଳ ହେବା ମାତ୍ରକେ ସମସ୍ତ ନିତ୍ୟକ୍ରମ ସାରି କୌଣସି ଖାଦ୍ୟ ପଦାର୍ଥ ନଖାଇ, ନୂଆ କିମ୍ବା ଧୂଆ 'ଫୁଟା କାଚା' ବସ୍ତ୍ର ପରିଧାନ କରି କାନ୍ଧରେ ଏକ ଗାମୁଛା ପକାଇ ସହଳ ପୂଜା ପାଇଁ ବାହାରି ଯାହାନ୍ତି । ଜାହେର୍ ଗାଲ୍ ସୀମା ବାହାରେ ଜୋତା ଓ ଅନ୍ୟାନ୍ୟ ଅଦରକାରୀ ଜିନିଷ ରଖି ସେମାନେ ମୁଣ୍ଡିଆ ମାରି ସୀମା ଭିତରକୁ ପ୍ରବେଶ କରନ୍ତି । ସମସ୍ତ ଗାଁର ପୁରୁଷମାନେ ଯାଇ ପୂଜାରୀ ଓ ମୁଖିଆଙ୍କ ପାଖରେ ବସନ୍ତି ଓ ଦେବା ଦେବୀଙ୍କୁ ପ୍ରଣାମ କରି ସେମାନଙ୍କ କଥାରେ ସହମତ ହୋଇ ସାନ୍ତାଳି ସମ୍ପ୍ରଦାୟର ନୀତିନିୟମ ଓ ପରମ୍ପରାକୁ ସମ୍ମାନ ଦେଇଥାନ୍ତି ।

ଜାହେର ଗାଳରେ ପୂଜା ଅର୍ଚ୍ଚନା କରିବା ପୂର୍ବେ ଦେବସ୍ନାନ ପରମ୍ପରା ରହିଛି ଯାହାକୁ 'ବଙ୍ଗା ଉମ୍' କୁହାଯାଏ । **'ବଙ୍ଗା ଉମ୍'** ପରେ 'ବଙ୍ଗା ପେରେଜ୍' କରାଯାଏ । ଜାହେର ଗାଳରେ ଗୋବର ଲିପା ସାଙ୍ଗକୁ ଧୂପ, ଦୀପ, ଝୂଣାଧୂପ, ସୁନୁମ ସିନ୍ଦୁର ତଥା ତେଲ ଓ ସିନ୍ଦୁର ମଖା, ଚୁମାଣା ତଥା ଆଳତୀ ବନ୍ଦନା, ଆୟନମ କାଜଲ୍ ଓ ହରଃ ବାନ୍ଦେ ଆଦି ପୂଜା ଅର୍ଚ୍ଚନା ପୂର୍ବ ପ୍ରସ୍ତୁତି କାମକୁ **'ବଙ୍ଗା ପେରେଜ୍' କୁହାଯାଏ** । 'ବଙ୍ଗାପେରେଜ୍' ପରେ ଖଣ୍ଡ ବେନାଓ ତଥା ମୁରୁଜ ତିଆରି ସରିଲା ପରେ ବାଖେଣ ବିନ୍ତି ତଥା ମନ୍ତ୍ର ଜପିବା କାର୍ଯ୍ୟ ଆରମ୍ଭ ହୁଏ । ଏମସ୍ତ ପୂଜା କାର୍ଯ୍ୟ ସମାପନ ହେଲା ପରେ ଭକ୍ତ ମାନଙ୍କୁ ଦେବାଦେବୀ ପ୍ରଣାମ ପାଇଁ ଛଡା ଯାଇଥାଏ, ମାତ୍ର ଏଠାରେ ନାୟକେ ତଥା ପୂଜାରୀ ବ୍ୟତୀତ କେହି ପୂଜା କରିପାରନ୍ତି ନାହିଁ ।

**ଜାହେର ଗାଲ୍‌ରେ ବ୍ୟବହୃତ ବେଶଭୁଷା ଓ ବାଦ୍ୟଯନ୍ତ୍ର:-**

ଜାହେର ଗାଲ୍‌ର ନୀତିନିୟମ ଅନୁସାରେ ଗ୍ରାମବାସୀ ମାନେ ଏଠାକୁ ପ୍ରବେଶ କରିଥାନ୍ତି ମାତ୍ର **ମାଁ କୋଳରେ** କ୍ଷୀର ଖାଉଥିବା ଛୁଆ, ମହିଳାମାନେ (ବାହାପର୍ବ ବ୍ୟତୀତ) ଓ ସମାଜ ବାରଣବାଛନ୍ଦ କରିଥିବା ଅସାମାଜିକ ଲୋକମାନଙ୍କୁ ଜାହେର ଗାଲ୍ ପ୍ରବେଶ ପାଇଁ ନିଷେଧ ରହିଛି ।

**ପୁରୁଷ-** ସାନ୍ତାଳି ପୁଅ ଓ ପୁରୁଷ ଲୋକମାନେ 'କାଚା' କିମ୍ବା 'ଫୁଟା କାଚା' ସହିତ ଗାମୁଛା, ବେନିୟାନ୍, ଗଞ୍ଜି କିମ୍ବା ସାର୍ଟ ପରିଧାନ କରନ୍ତି । ଜାହେର୍ ଗାଲ୍ କୁ ଯିବା ପାଇଁ ବିଭିନ୍ନ ଯାନବାହାନ ବ୍ୟହହାର କରିଥାନ୍ତି କିନ୍ତୁ ଏସବୁ ଜାହେର୍ ଗାଲ୍ ସୀମା ଭିତରକୁ କେହି ନିଅନ୍ତି ନାହିଁ । ଜାହେର୍ ଗାଲ୍ ଭିତରକୁ ଚପଲ କିମ୍ବା ଜୋତା ପ୍ରବେଶ କରିବା ନିଷେଧ ରହିଛି । ପ୍ରତୋକ ସାନ୍ତାଳି ଲୋକ ଜାହେର୍ ଗାଲ୍ ଯିବା ପୂର୍ବରୁ ସମସ୍ତ ସୌଚକାମ ସାରି ସ୍ନାନ କରିଥାନ୍ତି ଏବଂ ପ୍ରବେଶ କରିଲା ବେଳେ ମୁଣ୍ଡିଆ ମାରି ଭିତରକୁ ପ୍ରବେଶ କରିଥାନ୍ତି ।

**ମହିଳା –** ଝିଅ ପିଲା, ମହିଳା ଓ ସ୍ତ୍ରୀ ଲୋକମାନେ 'ଝାଲାଃ' ଶାଢି ସହିତ ରୂପା ନିର୍ମିତ ବାଜୁ, ଶୁପୁ, ପାନକାଠା, ପାଞ୍ଜିକ୍, ସୀଲ୍‌ହା ଓ ହାର ଆଦି ବ୍ୟବହାର କରିଥାନ୍ତି । ସାନ୍ତାଳ ସମ୍ପ୍ରଦାୟର ନୀତି ନିୟମ ଅନୁସାରେ ଏମାନେ ସବୁ ସମୟରେ ଜାହେର୍ ଗାଲ୍ ଭିତରକୁ ପ୍ରବେଶ କରିବା ପାଇଁ ନିଷେଧ ରହିଛି ମାତ୍ର, 'ବାହାବଂଗା' ପର୍ବ ଦିନ ସମସ୍ତ ପ୍ରବେଶ କରି ବେଶ ନାଚ ଗୀତ କରିଥାନ୍ତି ।

**ବାଦ୍ୟ ଯନ୍ତ୍ର-** ସାନ୍ତାଳି ସମାଜରେ ଆଦିକାଳରୁ ନିଜ ଆଦିବାସୀ ସମାଜ ଓ ସଂସ୍କୃତି ଅନୁଯାୟୀ ପାରମ୍ପରିକ ବାଦ୍ୟ ଯନ୍ତ୍ର ତଥା- ତୁମଦାଃ ତଥା ମାଦଳ, ଟାମାକ ତଥା ନାଗରା, ଚୁଳଚୁଳି ତଥା ଡ୍ରମ୍, ବାନାମ ତଥା କେନ୍‌ରା, ତିରୟାଓ ତଥା ବଇଁଶୀ, କରତାଳ ତଥା ଖଞ୍ଜଣି, ଶାକ୍‌ୱା ତଥା ଶିଙ୍ଘ ତୁରୀ, ଘୁଲି ତଥା ଘଂଟା ଆଦି ବାଦ୍ୟ ଯନ୍ତ୍ର ବ୍ୟବହାର କରାଯାଏ ।

**ବିଭିନ୍ନ ପର୍ବ ପର୍ବାଣିରେ ଜାହେର୍ ଗାଲ୍ ପୂଜା:-**

ଜାହେର୍ ଗାଲ୍‌ରେ ପୂଜା ପଦ୍ଧତି 'ସାର୍ନା ଧର୍ମ' ଅନୁସାରେ ହୋଇଥାଏ । ଏଠାରେ ସବୁ ଦିନ ପୂଜାର୍ଚ୍ଚନା କରାଯାଏ ନାହିଁ । ସାନ୍ତାଳି ସମାଜର ସଂସ୍କୃତି, ପ୍ରଥା ଓ ପରମ୍ପରା ଅନୁସାରେ କେବଳ ପର୍ବ ପର୍ବାଣି

ମାନଙ୍କରେ ହିଁ ଏଠାରେ ପୂଜା କରାଯାଇ ଥାଏ । ଏହା ବ୍ୟତୀତ ଗାଁର ସାମୁହିକ ସ୍ୱାର୍ଥ ପାଇଁ ପାଂଚ ପଂଚାୟତର ନିଷ୍ପତି କ୍ରମେ ହିଁ ପୂଜା କରାଯାଇ ଥାଏ । ଯଦି କେହିଁ ଚାହିଁଲେ ପୂଜାରୀ ଓ ମୁଖିଆଙ୍କର ପରାମର୍ଶରେ ମାନସିକ ରଖିପାରେ କିନ୍ତୁ ସେ ମନସ୍କାମନା ପୂର୍ଣ୍ଣ ହେଲେ କେବଳ ପର୍ବପର୍ବାଣୀ ସମୟରେ ହିଁ ତାର ମାନସିକ ଦେଇଥାଏ । ବିଭିନ୍ନ ପର୍ବ ପର୍ବାଣୀ ସମୟରେ ଜାହେର୍ ଗାଲ୍ ଠାରେ ପୂଜା ଗୁଡିକ ହେଲା **ମାଗ୍ ବଙ୍ଗା, ବାହାବଂଗା, ସହାରାୟ ଗଟ୍ ବଂଗା ଏବଂ ମାଃ ମଣେ** ଇତ୍ୟାଦି ।

## (୧) ପୂଜା ସାମଗ୍ରୀ :-

ସାର୍ନା ଧର୍ମ ଅନୁସାରେ ପୂଜକମାନେ ଶାଳ ପତ୍ରରେ ସମସ୍ତ ପୂଜା ସମଗ୍ରୀ ଯଥା- ତେଲ, ଗୋବର, ଦୁବଘାସ, ଅରୁଆ ଚାଉଳ, ସଳିତା, ଘିଅ ଓ ସିନ୍ଦୁର ଆଦିକୁ ଏକ ନୂଆ ପାଛିଆ ରେ ରଖାଯାଏ । ନିଜ ପରମ୍ପରା ଅନୁଯାଇ ଜାହେର ଗାଲ୍ ପୂଜାପାଇଁ ଏକ ସ୍ୱତନ୍ତ୍ର ମାଠିଆ, ହାଣ୍ଡି, ପାଛିଆ ଓ କୁଲା ହାଟରୁ କିଣାଯାଏ । ସମସ୍ତ ପୂଜା ସାମଗ୍ରୀକୁ କିଣାଯାଇ ନୂଆ 'ଟୁଙ୍କି' ନାମିତ ପାଛିଆରେ ରଖି ପୂଜାରୀ ଘରେ ରାତିରେ ରଖାଯାଏ ଓ ପୂଜା ଦିନ ଏସବୁ ଜାହିର୍ ଗାଲ୍‌କୁ ନିଆଯାଇ ପୂଜା ଅର୍ଚ୍ଚନା କାମରେ ଲାଗିଥାଏ । ଲୋକମାନେ ପୂଜିଥିବା ଭୋଗ ସହିତ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥକୁ ଏହି ଶାଳ ପତ୍ରରେ ହିଁ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି ।

## (୨) ଗଡ୍ ଜହାର ବିଶେଷତ୍ୱ:-

ଜାହେର ଗାଲ୍‌ରେ ଥିବା **'ଜାହେର୍ ଆୟ'** ଏବଂ ଅନ୍ୟ ସମସ୍ତ ଦେବା ଦେବୀଗଣଙ୍କୁ "ଗଡ ଜହାର" କରାଯାଏ । ସାନ୍ତାଳ ସମ୍ପ୍ରଦାୟ ଭାଷାର ଏହି 'ଗଡ୍' ଶବ୍ଦଟି ପାଶ୍ଚାତ୍ୟ ଦେଶର ଇଂରାଜୀ ଭାଷାର ଏକ୍ଟୟ (ଦେବତା) ଶବ୍ଦ ସହିତ ସାମଞ୍ଜସ୍ୟ ଓ ତାତ୍ପର୍ଯ୍ୟ ରହିଛି ବୋଲି ଶିକ୍ଷିତ ସମାଜରେ ଅନେକେ ଅନୁମାନ କରନ୍ତି । ଆମେ, ମନ୍ଦିର ଭିତରେ କି ବାହାରେ ନିଜସ୍ୱ ଇଷ୍ଟ ଦେବତାଙ୍କୁ ସହୃଦୟରେ **'ଆଣ୍ଠେଇ ପ୍ରଣାମ'** କରିବାକୁ ସାନ୍ତାଳି ଭାଷାରେ **'ଗଡ୍'** କୁହାଯାଏ । ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଏହି **'ଜାହେର୍'** ଶବ୍ଦର ଅନେକ ତାତ୍ପର୍ଯ୍ୟ ରହିଛି ଯାହାକୁ ବିଶ୍ଳେଷଣ କଲେ ଜଣାଯାଏ –

ଜାହେର ଶବ୍ଦଟି ତିନୋଟି ଅକ୍ଷର 'ଜା', 'ହେ' ଏବଂ 'ର' ସମଷ୍ଟିରେ ଗଢ଼ା ।

୧) 'ଯା' ହେଉଛି ଦେବୀ ବନ୍ଦନାର ମୂଳ ମନ୍ତ୍ର ଯେପରି-'ଯା ଦେବୀ ସର୍ବେ ଭୁତେସୁ ଶକ୍ତି ରୂପେଣ ସଂସ୍ଥିତା, ଯା ଦେବୀ ସର୍ବେ ଭୂତେସୁ ମାତୃ ରୂପେଣ ସଂସ୍ଥିତା, ଯା ଦେବୀ ସର୍ବେ ଭୂତେସୁ ଶାନ୍ତି ରୂପେଣ ସଂସ୍ଥିତା; ନମଃ ତୈସ୍ୟେ ନମଃ ତୈସ୍ୟେ ନମଃ ତୈସ୍ୟେ ନମଃ ନମଃ' ।

୨) 'ହେ' ଭକ୍ତର ଏକ କରୁଣା ଡାକ ଶବ୍ଦ । ଭକ୍ତ ତାର ଭକ୍ତିପ୍ରଣତୀରେ ନିଜ ଇଷ୍ଟ ଦେବାଦେବୀଙ୍କୁ 'ହେ' ସମ୍ବୋଧନ କରି ଡାକିଥାଏ, ଯେପରି – ହେ ଭଗବାନ, ହେ ପ୍ରଭୁ, ହେ ମା' କରୁଣା ମାୟୀ', ହେ ଦୁଃଖ ହାରିଣୀ ମା' ଇତ୍ୟାଦି ।

୩) 'ର' ଅକ୍ଷରଟି ରକ୍ଷା କରିବାର ଏକ ପ୍ରତୀକ ଶବ୍ଦ । ବିପଦ ଆପଦ ପଡିଲେ ଆମ୍ଭେମାନେ ପ୍ରାୟ ଭଗବାନଙ୍କୁ ରକ୍ଷା କରିବା ପାଇଁ ଡାକିଥାଉ ।

ଅତଏବ୍ ସାନ୍ତାଳି ମାନଙ୍କର ଏହି 'ଜାହେର' ଶବ୍ଦଟି ଇଷ୍ଟ ଦେବାଦେବୀଙ୍କୁ ଆରାଧନା କରିବାର ଏକ ଆଧାତ୍ମିକ ଶବ୍ଦ ଓ 'ଜାହେର୍ ଗାଲ୍' ଏକ ଦୈବଶକ୍ତି ପୀଠ ଯେଉଁଠାରେ ଗାଁର ସର୍ବମଙ୍ଗଳ ପାଇଁ ନାୟ୍କେ ତଥା ପୂଜାରୀ ବିଭିନ୍ନ ସମୟରେ ସର୍ବମଙ୍ଗଳ ପାଇଁ ପ୍ରକୃତିର ପୂଜା କରିଥାଏ । ସାନ୍ତାଳି ଲୋକଙ୍କର ବିଶ୍ୱାସରେ ଜାହେର ଗାଲ୍ ଦେବୀ 'ଜାହେର ଆୟ' ହେଉଛନ୍ତି ଆମର ମାଟିମା' ଯାହାର କରୁଣାରେ ଖାଦ୍ୟ, ଶସ୍ୟ, ପେୟ, ଫଳମୂଳ, ପନିପରିବା ଓ ଖଣିଜ ସମ୍ପତ୍ତି ଆଦି ଉତ୍ପତ୍ତି ହୋଇଛି । ଏସବୁ କେବଳ ଦେବୀମା' ଜାହେର ଆୟଙ୍କ କରୁଣାରୁ ହିଁ ମିଳି ପାରିଥାଏ ବୋଲି ସମାଜରେ ବିଶ୍ୱାସ ଆଦିକାଳରୁ ରହିଆସି ଅଛି । ସାନ୍ତାଳଙ୍କର ମତରେ ଏ ଧରାପୃଷ୍ଠର କରୁଣା ବିନା ଜୀବଜଗତରେ ବଂଚି ରହିବା ଅସମ୍ଭବ । ଏହିପରି ଭାବରେ 'ଜାହର' ଶବ୍ଦଟି ହେଉଛି ପ୍ରାର୍ଥନା, ପୂଜାର୍ଚନା, ବନ୍ଦନା, ମନ୍ତ୍ର, ତନ୍ତ୍ର ଓ ତପସ୍ୟା କରିବାର ଏକ ପବିତ୍ର ଓ ଧାର୍ମିକ ଶବ୍ଦର ସମାହାର ଯାହାର ଉଚ୍ଚାରଣରେ ଦେବାଦେବୀଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିହୁଏ ବୋଲି ସାନ୍ତାଳି ସମ୍ପ୍ରଦାୟରେ ଦୃଢ ବିଶ୍ୱାସ ରହିଛି ।

ଅତୀତର ସେହି 'ସାନ୍ତ୍ ଦିଶମ୍' ବର୍ତମାନର ଲୁଗୁବୁରୁ ଅଂଚଳ ବୋଲି ଅନୁମାନ କରାଯାଏ । ଏହା ଝାଡଖଣ୍ଡ ରାଜ୍ୟର ବୋକାରୋ ଜିଲ୍ଲା ଅନ୍ତର୍ଗତ ଲାଲପାନିଆ ସହର ନିକଟରେ ଅବସ୍ଥିତ । ଏଠାରେ ସାନ୍ତ୍ ଦେଶର 'ସାନ୍ତାଳ ସଭ୍ୟତାର ଲୋକମାନେ ବାରବର୍ଷ କାଳ 'ଆଚାର ବିଚାର' କରିଥିବାର ଐତିହାସିକ ପ୍ରମାଣ ଆଜି ମଧ୍ୟ ଦେଖିବାକୁ ମିଳେ । ଏଠାରେ ରହିଥିବା ଲୁଗୁବୁରୁ ଓ ଘାଂଟା ବାଳେ ବୁରୁ, ସିତାନାଲା ନଈ, ଦର୍‌ବାର୍ ଚାଟାନି, ରାଜ୍ ରାପାଃ, ପେଟେର୍ ବାଳେ ଇତ୍ୟାଦି ଏବେ ସାନ୍ତାଳି ଲୋକମାନଙ୍କର ବିରାଟ ଦର୍ଶନୀୟ ସ୍ଥାନ ପାଲଟିଛି । ଏଠାରେ ପ୍ରତ୍ୟେକ ବର୍ଷ କୁମାର ପୂର୍ଣ୍ଣିମୀ ଦିନ ଦେଶବିଦେଶରୁ ଲକ୍ଷଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଆସି ସାନ୍ତାଳି ଇଷ୍ଟଦେବାଦେବୀଙ୍କୁ ଏବଂ ପୂର୍ବପୁରୁଷ 'ଆଗିଲ୍ ମାନଓ୍ୱା' ମାନଙ୍କୁ ସ୍ମରଣ କରି ଭକ୍ତମାନେ ବିଭିନ୍ନ ଦର୍ଶନୀୟ ସ୍ଥାନ ଗୁଡିକ ଭ୍ରମଣକରି ଦର୍ଶନ କରିଥାନ୍ତି ।

## ପର୍ଯ୍ୟାବରଣ, ପ୍ରକୃତି ଓ ପରିବେଷ ସୁରକ୍ଷା ଦିଗରେ ଜାହେର ଗାଲ୍ :-

ଦେଶରେ ଯେତେଗୁଡିଏ ସାନ୍ତାଳି ଗାଁ ରହିଛି ପ୍ରତ୍ୟେକ ଗ୍ରାମର ଗୋଟିଏ ଲେଖାଏଁ 'ଜାହେର୍ ଗାଲ୍' ରହଛି । ଫଳରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ଭଲ ପରିବେଶ ସୃଷ୍ଟି ଓ ସୁରକ୍ଷା ହୋଇପାରୁଛି । ଏହାର ପ୍ରଭାବ ସମସ୍ତ ମାନବ ସମାଜ ଓ ସଂସ୍କୃତି ଉପରେ ପଡିଲେ ଦିନେ ଆମେ ପର୍ଯ୍ୟାବରଣକୁ ସୁରକ୍ଷା ଦେଇପାରିବା ଓ ଏଥିସହିତ ଏକ ସୁସ୍ଥ ବାତାବରଣ ଓ ପରିବେଶ ମଧ୍ୟରେ ସମସ୍ତେ ଏକ ନିରୋଗ ଜୀବନ ଯାପନ କରିପାରିବା । ଯୁଗ ଯୁଗ ଧରି ସାନ୍ତାଳ ସମାଜ ଓ ଶାଳ ଗଛ ଦୁହେଁ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଜୀବନ ଯାପନ କରିଆସୁଛନ୍ତି । 'ଜାହେର୍ ଗାଲ୍ ବିନା ସାନ୍ତାଳି ଗାଁର ଅସ୍ତିତ୍ୱ ଅସମ୍ଭବ । ଏଥିରୁ ଜଣାଯାଏ ଯେ ସାନ୍ତାଳି ଲୋକମାନଙ୍କର ପରିବେଶ ସୁରକ୍ଷା ଦିଗରେ ଆଦିକାଳରୁ ସାମୁହିକ ଉଦ୍ୟମ ଜାରି ରହିଛି । ଜାହେର୍ ଗାଲ୍‌ର ରହିଥିବା ଏହି ଶାଳବୃକ୍ଷ ଗୁଡିକ ସୁରକ୍ଷା ଦେବାପାଇଁ ଅନେକ ନୀତି ନିୟମ ଓ କଟକଣାମାନ ମଧ୍ୟ ଜାରି କରାଯାଇଥାଏ । କେହି ଜାହେର ଗାଲ୍‌ର କୌଣସି ବୃକ୍ଷ କାଟିଲେ ତାଙ୍କୁ ଜରିମାନା ଦେବାକୁ ହୁଏ ଏବଂ ପାଂଚ ପଂଚାୟତ ନିଷ୍ପତି କ୍ରମେ ତାଙ୍କୁ ସମାଜରୁ ବାରଣ ଓ ବାଛନ୍ଦ ମଧ୍ୟ କରାଯାଇ ଥାଏ ।

ଭାରତ ମହାଦେଶର ସାନ୍ତାଳ ଅଧ୍ୟୁଷିତ ରାଜ୍ୟ ଯଥା- ଓଡିଶା, ଝାରଖଣ୍ଡ, ବିହାର, ପଶ୍ଚିମ ବଙ୍ଗ, ଛତିଶଗଡ, ଆସାମ ମାନଙ୍କରେ 'ଜାହେର୍ ଗାଳ' ଅବସ୍ଥିତ ରହିଛି । ଏହି ସବୁ ରାଜ୍ୟ ମାନଙ୍କରେ ଜାହେର ଗାଲ୍‌ର ରକ୍ଷଣାବେକ୍ଷଣ ପାଇଁ ଆଜିକାଲି ସାନ୍ତାଳି ସମାଜର ଲୋକମାନେ ବିଭିନ୍ନ ସଂଘ, ମହାସଂଘ ଗଠନ କରି ଜାହେର ଗାଲ୍‌ର ଯଥାବିଧ ସୁରକ୍ଷା ଓ ଉନ୍ନତି ପାଇଁ ସରକାରଙ୍କ ପାଖରେ ଅନେକ ଦାବି କରିଆସୁଛନ୍ତି । ଆମ ଦେଶ ବାହାରେ ଯେଉଁ ଅଂଚଳ ମାନଙ୍କରେ ଜାହେର୍ ଗାଲ୍ ଅବସ୍ଥିତ ସେଗୁଡିକ ହେଲା-ନେପାଳ, ବଙ୍ଗଳା ଦେଶ, ଭୁଟାନ ଓ ମ୍ୟାନ୍‌ମାର୍ । ଏହିସବୁ ଦେଶ ଓ ସୀମା ଅଂଚଳରେ ବସବାସ କରୁଥିବା ସାନ୍ତାଳି ଗାଁରେ ଏକ ସ୍ୱତନ୍ତ୍ର ଭାବରେ **"ଜାହେର୍ ଗାଲ୍"** ଅବସ୍ଥିତ ରହିଛି । ଜଣେ ଅଚିହ୍ନା, ଅପରିଚିତ ସାନ୍ତାଳ ଲୋକ ବିଦେଶ ଗସ୍ତରେ ଗଲେ, ଏହି ଜାହେର୍ ଗାଲ୍ ଦେଖି ଜାଣିପାରେ ତାର ନିଜସ୍ୱ ଜାତିଭାଇ, ସମାଜ ଓ ସଂସ୍କୃତିର ଲୋକମାନେ ସେହି ଗାଁରେ ଅବସ୍ଥିତ ରହିଛନ୍ତି । ଏହି ପବିତ୍ର ଓ ଧର୍ମର ଧାମ "ଜାହେର୍ ଗାଲ୍"କୁ ଦେଖିବା ମାତ୍ରକେ ତାର ଦୁଃଖ, କଷ୍ଟ, ଭୋକ ଓ ଶୋଷ ସବୁ ଭୁଲି ଯାଇଥାଏ । ତାକୁ ନିର୍ଭୟ ଲାଗେ ଓ ନିଜସ୍ୱ ଜାତିର ଅସଲ ପରିଚୟ ଓ ସୁରକ୍ଷା ମିଳି ଗଲା ପରି ତାକୁ ଅନୁଭୁତ ହୋଇଥାଏ । ଏପରିସ୍ଥଳେ ସେ ବିଦେଶୀ ବୋଲି ପରିଚୟ ଦେଲେ ତାଙ୍କୁ ସମ୍ପୃକ୍ତ ଗାଁର ମୁଖିଆ ଘରକୁ ପାଛଟି ନିଆଯାଏ ଏବଂ ତାଙ୍କୁ ସାନ୍ତାଳି ସଂସ୍କୃତି ଅନୁସାରେ **"ଦାରାମ୍ ଦାଃ"** କଳାପରେ ଖାଦ୍ୟପେୟ ସେବା କରାଯାଏ ।

ଶାଳ ଗଛର ସାଧାରଣତଃ ଉଚ୍ଚତା ପ୍ରାୟ ୫୦ ଫୁଟରୁ ୧୫୦ ଫୁଟ୍ ଯାଏ ଦେଖିବାକୁ ମିଳିଥାଏ ଓ ଏହା ୧୦୦ ବର୍ଷରୁ ଅଧିକ ବର୍ଷ ଯାଏ ବଂଚି ରହିପାରେ । ଶାଳ ବୃକ୍ଷ ଭାରତ, ନେପାଳ ଓ ମ୍ୟାନମାର ଆଦି ଦେଶରେ ବିଶେଷ ଦେଖିବାକୁ ମିଳିଥାଏ । ଜାହେର୍ ଗାଲ୍‌ରେ ପୂଜା କରିବା ଦ୍ୱାରା ଗ୍ରାମରେ ଶାଳ ଗଛ ଗୁଡ଼ିକ ସୁରକ୍ଷାରେ ବଢ଼ିପାରୁଛି । ଗାଁ ମୁଖିଆ, ପୂଜାରୀ, ପାରନିକ୍, ପାରଗାନା, ଗଡେତ୍, ଜଗ ଓ ପାଂଚ ପଂଚାୟତ ଭଳି ମାନଗଣ୍ୟ ଲୋକଙ୍କ ଭୟରେ କେହି ଶାଳଗଛ କାଟନ୍ତି ନାହିଁ । ସମସ୍ତ ଗାଁ ଓ ଅଂଚଳ ବାସୀ ଏହାର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ସହିତ ଏହାର ଦାୟୀତ୍ୱ ମଧ୍ୟ ନେଉଛନ୍ତି, ଯାହାଫଳରେ ଗାଁରେ ସମସ୍ତେ ମିଳିମିଶି ଜୀବନ ଯାପନ କରିବା ସହିତ ସମ୍ପ୍ରଦାୟରେ ଐକ୍ୟ ଓ ସଦ୍‌ଭାବ ସୃଷ୍ଟି ହୋଇ ପାରୁଛି । ତେଣୁ ଜାହେର୍ ଗାଲ୍ ଦ୍ୱାରା ସାନ୍ତାଳ ସମାଜର ପ୍ରଥା, ପରମ୍ପରା, ନାଚ, ଗୀତ, ଚଳଣୀ ପ୍ରଣାଳୀ, ଅଲ୍‌ଚିକି ଲିପି ଶିକ୍ଷା ଓ ସଂସ୍କାର ଆଦିକୁ ବିକଶିତ କରାଇ ଏହା ପ୍ରଗତି ପଥେ ଟାଣିନେବା ସହିତ ଆଦିବାସୀ କଳା, ସଂସ୍କୃତି, ସାହିତ୍ୟ, ଭାଷା ଓ ନୀତି ନିୟମକୁ ବେଶ ସୁରକ୍ଷା ଦେଇ ପାରୁଛି । ଏହା ଆମ ପର୍ଯ୍ୟାବରଣକୁ ପ୍ରଦୂଷଣ ମୁକ୍ତ କରି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବାରେ ସମର୍ଥ ହୋଇପାରୁଛି ।

**ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ,**
**ଯୋଜନା ଓ ସଂଯୋଜନ ବିଭାଗ, ଓଡିଶା ସରକାର,**
**ଦୂରାଭାଷ - ୭୯୭୮୧୦୬୯୯୬**

# ଜୁଆଙ୍ଗ ସଂପ୍ରଦାୟର ଆମ୍ବ-ନୂଆଖିଆ ପରବ ନାଟ

କୃଷ୍ଣଚନ୍ଦ୍ର ନାୟକ

ଜୁଆଙ୍ଗ ଓଡ଼ିଶାର ପ୍ରାଚୀନ ଜନଜାତି ବିଶେଷ । କେନ୍ଦୁଝରେ ଜିଲ୍ଲାର ପାହାଡ଼ ପର୍ବତ ଘେରା ବୈତରଣୀ ନଦୀର ଉପ୍ ି ସ୍ଥଳ ଗୋନାସିକା ଜୁଆଙ୍ଗ ପୀଢ଼ର କେନ୍ଦ୍ରସ୍ଥଳ । 'ଜୁଆଙ୍ଗ' ଶବ୍ଦର ଅର୍ଥ ମଣିଷ । ଜୁଆଙ୍ଗମାନଙ୍କ ଲୋକ ବିଶ୍ୱାସରେ, ସେମାନେ ହିଁ ସୃଷ୍ଟିରୁ ଆବିର୍ଭୂତ ହୋଇଥିବା ପ୍ରଥମ ମାନବ ଜାତିର ବଂଶଧର । ଏମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ତାହା ତାଙ୍କର ସଂସ୍କୃତି, କଳା, ଶିଳ୍ପ, ପରମ୍ପରା, ସାମାଜିକ ବ୍ୟବସ୍ଥା, ଭାଷା, ନୃତ୍ୟଗୀତ ଓ ନାଟକରେ ପରିଲିକ୍ଷିତ ହୋଇଥାଏ ।

ବିଷୁବ ସଂକ୍ରାନ୍ତି ପରେ ପରେ ଆମ୍ବ-ନୂଆଖିଆ ପର୍ବ ପଡ଼େ । ଏହି ପବିତ୍ର ଉତ୍ସବରେ ପ୍ରଥମ କରି ନୂଆ ଆମ୍ବ ଓ ମହୁଲ ଫୁଲ ଦେବଦେବୀଙ୍କୁ ଅର୍ପଣ କରାଯାଏ । ଜୁଆଙ୍ଗମାନେ ପାର୍ବତ୍ୟ ଅ ଳରେ ବସବାସ କରୁଥିବାରୁ ଜାତି କାର୍ଜନ ପାଇଁ ଜଙ୍ଗଲଜାତ ଦ୍ରବ୍ୟ ଫଳ, ଫୁଲ, ପତ୍ର, ମୂଳ, କାଠ, ପୋଡୁଚାଷ ଓ ଶିକାର ଉପରେ ନିର୍ଭର କରିଥାନ୍ତି । ଆମ୍ବ, ଫଳ ଓ ମହୁଲ ଫୁଲ ଖାଦ୍ୟ, ପାନୀୟ ସାମଗ୍ରୀର ମୁଖ୍ୟ ଭାଗ ହୋଇଥିବାରୁ ଏହି ପର୍ବ ଉପରେ ଗୁରୁତ୍ୱ ଆରୋପ କରାଯାଇଥାଏ । ଫଳମାନଙ୍କ ମଧ୍ୟରେ ଆମ୍ବ ଶ୍ରେଷ୍ଠ । ଆମ୍ବ ଫଳରୁ କ । ଆମ୍ବ, ଆଚାର, ସ୍ୱାଦିଷ୍ଟ ପାଚିଲା ଆମ୍ବ, ଆମ୍ବସଡ଼ା ଓ ଆମ୍ବ କୋଇଲି ଆଦି ଖାଦ୍ୟ ଭାବରେ ବ୍ୟବହୃତ ହୁଏ । ଏହା ସହିତ ମହୁଲ ଫୁଲରୁ ମହୁଲ ସିଝା, ପିଠା, ଭଜା ଓ ମଦ ପ୍ରସ୍ତୁତ କରାଯାଏ । କେବଳ ଖାଦ୍ୟ ନୁହଁ; ଏଗୁଡ଼ିକ ଏମାନଙ୍କର ଅର୍ଥନୈତିକ ଦିଗଟିକୁ ଆତ୍ମନିର୍ଭରଶୀଳ କରିଥାଏ ।

ଆମ୍ବ-ନୂଆଖିଆ ପରବ ନାଟ ଗ୍ରାମରେ ଚାରିଦିନ ଯାଏ ପାଳନ କରାଯାଏ । ପ୍ରଥମ ଦିନଟିକୁ 'ମଣ୍ଡାଖିଆ', ଦ୍ୱିତୀୟ ଦିନ 'ବାରରହା', ତୃତୀୟ ଦିନ 'ଭାତଖିଆ' ଓ ଚତୁର୍ଥ ଦିନ 'ଛେଦ' ବୋଲି କୁହାଯାଏ । ପ୍ରତି ଗ୍ରାମର ଉପାନ୍ତରେ ଠାକୁରାଣୀଙ୍କ ଆସ୍ଥାନ 'ଶାଳ' ଥାଏ । ମଧ୍ୟ ଭାଗରେ 'ମଣ୍ଡଘର' ନିର୍ମାଣ କରାଯାଇଥାଏ । ଏଥିରେ ଗ୍ରାମର ଅବିବାହିତ ଯୁବକ ଓ ଅତିଥିମାନେ ରାତ୍ରିଯାପନ କରନ୍ତି । ଗ୍ରାମର ଭଲମନ୍ଦ ନ୍ୟାୟ ନିଶାପ ଏଠାରେ ହୁଏ । ଏହା ଜୁଆଙ୍ଗ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ । 'ମଣ୍ଡାଖିଆ' ଦିନ ଗ୍ରାମର ଲଳନାମାନେ ଏକତ୍ରିତ ହୋଇ 'ଶାଳ' 'ମଣ୍ଡଘର' ଲିପାପୋଛା ଓ ଝୋଟି ଦେଇ ସଜାନ୍ତି । ଗାଁ ମୁଖିଆ ଓ 'ବୁହିତା' ନୂଆହାଣ୍ଡି ବଦଳାଇବାରେ ବ୍ୟବସ୍ଥା କରନ୍ତି । ପ୍ରତି ଘରୁ ଚାଉଳ ଚୂନା ଅଣାଯାଇ ନୂଆ ପତ୍ରରେ ପିଠା ପୋଡ଼ାଯାଇ ଦେବଦେବୀଙ୍କୁ ଅର୍ପଣ କରାଗଲା ପରେ ଗ୍ରାମବାସୀଙ୍କୁ ଭୋଗ ବ ।ଯାଏ । 'ମଣ୍ଡାଖିଆ' ପୂର୍ବରୁ କେହି ନୂଆ ପତ୍ର ବ୍ୟବହାର କରନ୍ତି ନାହିଁ । ଏହି ଦିନ ଠାକୁରାଣୀଙ୍କ ପାଖରେ ଚାଙ୍ଗୁବାଦ୍ୟ ପୂଜା କରାଯାଏ । ଘରେ ଘରେ ପିଠା ପଣା ପ୍ରସ୍ତୁତି ହୋଇଥାଏ ।

ଦ୍ୱିତୀୟ ଦିନଟି 'ବାରରହା' । ଏହି ଦିନ ଦେହୁରି ଗ୍ରାମ ଠାକୁରାଣୀ 'ଗାଇଁଶିରୀ' ଙ୍କୁ ପୂଜାପାଠ କରନ୍ତି । କୁକୁଡ଼ା ବଳି ଦିଅନ୍ତି ଏବଂ ମହୁଲି ମଦ ଅର୍ପଣ କରନ୍ତି । ବାସୁକି ମାତା ଓ ଧର୍ମ ଦେବତାଙ୍କୁ ସମ୍ବୋଧନ

କରି କହନ୍ତି, "ହେ ମା' ବାପା ଆମ ଗାଁକୁ ଶୁଭ ଦୃଷ୍ଟିରେ ଚାହିଁଥିବ । କାହାରି କିଛି ଅମଙ୍ଗଳ କରିବ ନାହିଁ" । ସମବେତ ଗ୍ରାମବାସୀ ହରିବୋଲ, ହୁଳହୁଳି ଦିଅନ୍ତି । ସଂଧ୍ୟାବେଳା ଚାଙ୍ଗୁ ନୃତ୍ୟ ହୁଏ ।

ତୃତୀୟ ଦିନ 'ଭାତ ଖିଆ' ପର୍ବ ହୁଏ । ପୂଜା ସ୍ଥାନରେ ବିଭିନ୍ନ ରଙ୍ଗର ଗୁଣ୍ଡରେ ମଣ୍ଡଳ କରାଯାଏ । ଦେହୁରି ଦେବୀଙ୍କୁ କୁକୁଡ଼ା ବଳି ଓ ମଦ ଅର୍ପଣ କରି ପୂଜା କରନ୍ତି । ନୂଆ ହାଣ୍ଡିରେ ଅନ୍ନ ପ୍ରସ୍ତୁତି କରାଯାଏ । ସମସ୍ତେ ଏକତ୍ର ଭୋଜନ କରନ୍ତି । ଭୁରି ଭୋଜନ ପରେ ସମସ୍ତେ ରାତିସାରା ଚାଙ୍ଗୁନୃତ୍ୟରେ ମାତି ଯାଆନ୍ତି ।

ଆମ୍ବ-ନୂଆଖିଆ ଶେଷ ଦିନକୁ 'ଛେଦ' କହନ୍ତି । ଦେହୁରି 'ଗାଇଁଶିରୀ' ଦେବୀଙ୍କ ନିକଟରେ ପ୍ରଥମ ଆମ୍ବଫଳ ଓ ମହୁଲ ଫୁଲକୁ ପୂଜା କରନ୍ତି ଏହି ଦିନକୁ ଛେଦ କୁହାଯାଇଥିବାରୁ ଦେହୁରି ଛେଳିବୋଦା, କୁକୁଡ଼ା, ପାରା ଆଦି ଦେବୀଙ୍କ ପାଠରେ ବଳି ଦିଅନ୍ତି । ପୂଜା ଆମ୍ବଟିକୁ ପ୍ରସାଦ ଭାବରେ ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରେ ବିତରଣ କରାଯାଏ । ଏହାପରେ ଗ୍ରାମର ସମସ୍ତ ଗୃହସ୍ଥ ନିଜ ଘରେ ଆମ୍ବ ପୂଜା କରି ପିତୃପୁରୁଷ, ପରିବାର ଓ ଆତ୍ମୀୟସ୍ୱଜନଙ୍କୁ ପ୍ରଥମ ଆମ୍ବ ଖୁଆଇଥାନ୍ତି । ଉତ୍ସବର ଶେଷଦିନ ହୋଇଥିବାରୁ ଘରେ ଘରେ ପ୍ରଚୁର ଖାଦ୍ୟ ପାନୀୟ ବ୍ୟବସ୍ଥା ହୋଇଥାଏ । ଏହିଦିନ ଅବିବାହିତ ଯୁବକ ଯୁବତୀମାନେ 'ନାଗମ'ଙ୍କ ଦ୍ୱାରା ଚାଙ୍ଗୁ ଦେବତା ବଡ଼ାମବୁଢ଼ା ଓ ବଡ଼ାମବୁଢ଼ୀଙ୍କୁ କୁକୁଡ଼ା ଅଣ୍ଡା ଓ କାଟୁଳୀ କୁକୁଡ଼ା ବଳି ଦେଇ ପୂଜା କରାନ୍ତି । ଚାଙ୍ଗୁଗୀତ ଓ ନୃତ୍ୟରେ ଗ୍ରାମଭୂମି ମୁଖରିତ ହୋଇ ଉଠେ ।

ଜୁଆଙ୍ଗମାନେ ପ୍ରକୃତି କୋଳରେ ଜୀବନ ଅତିବାହିତ କରୁଥିବାରୁ ପ୍ରକୃତିର ବିଭିନ୍ନ ଦୃଶ୍ୟ, ପଶୁପକ୍ଷୀର ଗତିବିଧି ଅନୁକରଣ କରି ନୃତ୍ୟ ପରିବେଷଣ କରିଥାନ୍ତି । ଏଗୁଡ଼ିକ ହେଉଛି ଭଲ୍ଲୁକ ନୃତ୍ୟ, କପୋତ ନୃତ୍ୟ, ଶୂକର ନୃତ୍ୟ, କଚ୍ଛପ ନୃତ୍ୟ, ତିତିରି ପକ୍ଷୀ ନୃତ୍ୟ, ହରିଣ ନୃତ୍ୟ, ବଳଦ ନୃତ୍ୟ ଓ ମୟୁର ନୃତ୍ୟ ଆଦି ପ୍ରଧାନ । ଜୁଆଙ୍ଗ ରମଣୀ ସଜବାଜ ହୋଇ, ଧାଡ଼ି ବାନ୍ଧି, ନଇଁ ନଇଁ ସମାନ ଭାବରେ ପାଦ ଚାଳନା କରି ନାଚନ୍ତି । ଏ ନୃତ୍ୟର ବୈଶିଷ୍ଟ୍ୟ ହେଲା ବାଦ୍ୟ ତାଳ ଅନୁସାରେ ଆଗକୁ ଓ ପଛକୁ ଚାଲି ଗୋଲାକାରରେ ନାଟ ମଣ୍ଡପକୁ ଘୂରି ଆସିବା । ଚାଙ୍ଗୁନାଟ ବେଳେ ପୁରଷମାନେ ମଧ୍ୟ ସ୍ଥଳରେ ରହନ୍ତି ଓ ନାରୀମାନେ ଚକ୍ରାକାରରେ ନୃତ୍ୟ କରି ଚାରି ପାଖରେ ଗତି କରନ୍ତି । ଶରୀରର ପଛ ଭାଗରେ ଅ  । ପାଖରେ ପ୍ରଥମ ନାରୀର ଡାହାଣ ହାତ ସହିତ ତୃତୀୟ ନାରୀର ବାମ ହାତ, ତାହାର ଡାହାଣ ହାତ ସହିତ ପ  ମର ବାମ ହାତ ଏହି କ୍ରମରେ ଛନ୍ଦା ହୋଇଥାଏ । ପ୍ରଥମ ଯୁବତୀର ବାମ ହାତ ଖାଲି ଥାଏ ଓ ଦ୍ୱିତୀୟ ଯୁବତୀଟିର ବାମ ହାତ ପ୍ରଥମ ଯୁବତୀର ଅ  ।କୁ ଧରିଥାଏ । ନୃତ୍ୟ କରିବା ସମୟରେ ଆଗକୁ ପଛକୁ ଦୋହଲନ୍ତି । ହାତ ଓ ଗୋଡ଼ରେ ପିନ୍ଧିଥିବା ଅଳଙ୍କାର ସାହାଯ୍ୟରେ ଅପୂର୍ବ ଧ୍ୱନି ସୃଷ୍ଟି ହେଉଥାଏ । ଏହି କ୍ରମରେ ସେମାନେ ଏକ ଦିଗରୁ ଅନ୍ୟ ଦିଗକୁ ଘୁରି ଯାଉଥାନ୍ତି ଓ ପୁରୁଷମାନେ ମଧ୍ୟ ସ୍ତ୍ରୀମାନଙ୍କ ଦିଗକୁ ମୁହଁ ଘୁରାଇ ନେଉଥାନ୍ତି । ନୃତ୍ୟକାଳରେ ପୁରୁଷ ଓ ମହିଳାମାନେ ପରସ୍ପର ପାଦକୁ ଅବଲୋକନ କରୁଥାନ୍ତି । ପୁରୁଷମାନେ ବାମ ହାତରେ ଚାଙ୍ଗୁ ଧରି ଡାହାଣ ହାତରେ ଟିପିକିଳା ଦେଇ ଚାଙ୍ଗୁ ବଜାନ୍ତି ଏବଂ ଗୀତ ବୋଲନ୍ତି । ବାଦ୍ୟ ଓ ଗୀତ ଦ୍ୱାରା ନୃତ୍ୟର ଉ  ଜନା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ନୃତ୍ୟର ସ୍ୱାଭାବିକତା ଓ ଆସକ୍ତି ପ୍ରକାଶ ପାଇଥାଏ । ନୃତ୍ୟ ସହିତ ଅଭିନୟ ପ୍ରଦର୍ଶିତ ହୁଏ । ଶାଗୁଣା ନୃତ୍ୟରେ ଜଣେ କଳାକାର ଶବ ପରି ପଡ଼ି ରହନ୍ତି । ମହିଳା କଳାକାରମାନେ ଶାଗୁଣା ପରି ଆସି ଶବ ଉପରେ ଝାମ୍ପି ପଡ଼ନ୍ତି ଏବଂ ଦୁଇ ହାତକୁ

ମୁନିଆ ଥ   ମନେ କରି ବାରମ୍ବାର ଖୁମ୍ପି ଚାଳନ୍ତି । ଶବ ଅଭିନୟ କରୁଥିବା ଲୋକଟି ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ମୃତ ପରି ପଡ଼ି ରହିଥାଏ । ଏହି ଦୃଶ୍ୟ ଦେଖି ଦର୍ଶକ ହସି ହସି ଗଡ଼ି ଯାଆନ୍ତି । ଅନ୍ୟ ଦୃଶ୍ୟରେ ଜଣେ ଜୁଆଙ୍ଗ ରମଣୀ ତା' ଛୋଟ ପିଲାକୁ ପିଠି ପଟେ ନାଉ କରି କାନିରେ ବାନ୍ଧି ମୁଣ୍ଡରେ କାଠ ବୋଝ ବୋହି ପାହାଡ଼ ଚଢ଼ିବା ଓ ଓହ୍ଲାଇବାର ଅଭିନୟ ଚମତ୍କାର ହୋଇଥାଏ । କାଳେ ବାଘ, ଭାଲୁ ତାକୁ ଅନୁସରଣ କରୁଛନ୍ତି ଭାବି ପଛକୁ ଓ ତା' ଚାରି ପାଖକୁ ଭୟାତୁର ହୋଇ ଚାହିଁ ପିଲାଟି ଉପରେ ନଜର ରଖୁଥାଏ । ମନକୁ ମନ ଗୀତଟିଏ ଗାଇ ଘର ମୁହାଁ ହୋଇଥାଏ । ନୀତିଦିନିଆ କର୍ମମୟ ଜୀବନର ଅନୁଭୂତି ଅଭିନୟ ଜରିଆରେ ପ୍ରକାଶିତ ହୋଇଥାଏ ।

ସଙ୍ଗୀତ ଲୋକ ନାଟକର ଏକ ମୁଖ୍ୟ ଆଙ୍ଗିକ ବିଭବ । ଆମ୍ବ-ନୂଆଖିଆ ପରବ ନାଟରେ ସଙ୍ଗୀତର ମଧୁର ମୂର୍ଚ୍ଛନା ଅନ୍ତରକୁ ଆଲୋଡ଼ିତ କରିଥାଏ । ଏହି ଗୀତ ଗୁଡ଼ିକରେ ତନ୍ତ୍ର, ଆଧ୍ୟାତ୍ମିକତା, ପ୍ରେମ, ପ୍ରକୃତି, ଆଶାବାଦ, ଶିଶୁଗୀତ ଓ ସମାଜ ଚେତନା ଆଦି ପ୍ରତିଫଳିତ ହୋଇଥାଏ ।

ପ୍ରାଚୀନ ସମାଜରେ ଦେବଦେବୀ ପୀଠ ଓ ରଙ୍ଗମ   ଥିଲା ମୁକ୍ତାକାଶ । ନିରାଭରଣ ପ୍ରକୃତି ସହିତ ସହବସ୍ଥାନ ଥିଲା ଏହାର ଏକମାତ୍ର ଲକ୍ଷ୍ୟ । ଆବଦ୍ଧ ପ୍ରକୋଷ୍ଠର ନିଃସଙ୍ଗତା ଦୁର୍ବିସହ-ସେ ମଣିଷ ହେଉ ବା ଦେବତା । ଏହା ଭୟ ଭାବନା ଓ ନକରାତ୍ମକ ଭାବ ସୃଷ୍ଟି କରିଥାଏ । ନିଭୃତ ସ୍ଥାନ ମନ ମ୍ନରେ ପାପବୋଧ ହିଂସା ଓ ଘୃଣା ଜାତ କରେ । ବିଶ୍ୱ ବ୍ରାହ୍ମଣ ସହିତ ନିତ୍ୟ ସଂପର୍କକୁ ବିନିଷ୍ଟ କରିଥାଏ । ମାତ୍ର, ପ୍ରସାରିତ ପ୍ରକୃତିର ପରିଚ୍ଛନ୍ନ ମମତ୍ୱବୋଧ ମଣିଷକୁ ଚିରକାଳ ବାନ୍ଧି ରଖେ – ସ୍ନେହ, ପ୍ରେମ ଓ ବିଶ୍ୱାସବୋଧର ଝରଣା ବୁହାଇ ଦେଇଥାଏ । ଆମ୍ବ- ନୂଆଖିଆ ପରବ ନାଟରେ ମୁକ୍ତ ମଣ୍ଡପ ଓ ଦେବଦେବୀଙ୍କ ଗହଣରେ ନାଟକ ମ   ସ୍ଥ ହୋଇଥାଏ । ସମଗ୍ର ଗ୍ରାମ ଭୂମି ରଙ୍ଗମ   ରେ ପରିଣତ ହୁଏ । ଗ୍ରାମର ଆବାଳ-ବୃଦ୍ଧ-ବନିତା ଦିବ୍ୟ ପ୍ରାଣ ସ   ।କୁ ବନ୍ଧନ ମୁକ୍ତ କରି ପୂଜା, ନୃତ୍ୟ, ଗୀତ ଓ ଅଭିନୟରେ ମଜ୍ଜି ଯାଆନ୍ତି । ଆମ୍ବ-ନୂଆଖିଆ ପରବନାଟ ଆଧ୍ୟାତ୍ମିକତା, ପାରମ୍ପରିକ ପର୍ବ ପାଳନ, ଶ୍ରମ ଅପନୋଦନ, ମନୋରଞ୍ଜନ, ଯୁବପିଢ଼ିଙ୍କ ପାଇଁ ଶିକ୍ଷା ଓ ସମାଜର ପାରସ୍ପରିକ ସୌହାର୍ଦ୍ଦ୍ୟ ସୃଷ୍ଟି କରିଥାଏ ।

(ସହାୟକ ଗ୍ରନ୍ଥ – 'କେନ୍ଦୁଝରର ଲୋକନାଟକ')

**ଠିକଣା:- ସା./ ପୋ : ଜାଲି,**
**ଜିଲ୍ଲା : କେନ୍ଦୁଝର,**
**ଦୂ. ଭା: ୯୪୩୭୨୪୬୫୭୭**

# ଆଦିବାସୀ ସଂସ୍କୃତି ଓ ପାରଂପରିକ ମୂଲ୍ୟବୋଧ ଉପରେ ବିସ୍ଥାପନର ପ୍ରଭାବ

**ବିଜୟ ଉପାଧ୍ୟାୟ**

ଆଦିବାସୀ ସଂସ୍କୃତିର ଏପରି କିଛି ବିଭାବ ରହିଛି ଏବଂ ଆଦିବାସୀ ମୂଲ୍ୟବୋଧ ବ୍ୟବସ୍ଥାରେ ଏପରି କିଛି ନମନୀୟତା ଓ ଦୃଢ଼ତା ରହିଛି, ଯାହା ସମସ୍ତ ନୃତ ୍ବିଦ୍‌ଙ୍କ ଭବିଷ୍ୟବାଣୀକୁ ମିଥ୍ୟା ପ୍ରମାଣିତ କରି ସେମାନଙ୍କୁ ଏ ପର୍ଯ୍ୟନ୍ତ ତିଷ୍ଠି ରହିବାରେ ମଦଦ୍ ଯୋଗାଇଛି ଏବଂ ଏକ ସଂଗ୍ରାମଭରା ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ଇଙ୍ଗିତ କରୁଛି । ଏହି ବିଭାବଗୁଡ଼ିକ କ'ଣ ? ପୁଣି ଏହି ମୂଲ୍ୟବୋଧ ବ୍ୟବସ୍ଥାର ବିଶେଷତ୍ୱ କେଉଁଠି ? ଏ ସବୁ ବିଷୟ ପର୍ଯ୍ୟାଲୋଚନା କରିବା ସଙ୍ଗେ ସଙ୍ଗେ ଆଦିବାସୀ ଅ ଳକୁ ଛିନ୍ନ ଭିନ୍ନ ଓ ଖଣ୍ଡ ବିଖଣ୍ଡିତ କରିବାରେ, ବିସ୍ଥାପନ ଯେଉଁ ଭୂମିକା ପାଳନ କରିଛି, ବିଶେଷକରି ଗତ ଦୁଇ ଦଶକରେ ଜଗତୀକରଣ, ଘରୋଇକରଣ ଓ ନୂଆ ଅର୍ଥନୈତିକ ପଲିସି ଯେଉଁ ନୂଆ ବିସ୍ଥାପନର ପର୍ବ ଆରମ୍ଭ କରିଛି ତା'ର ପ୍ରଭାବକୁ ଆଦିବାସୀ ସଂସ୍କୃତି ଓ ମୂଲ୍ୟବୋଧ ବ୍ୟବସ୍ଥା କିପରି ସାମ୍ନା କରିଛି ବା ଏହି ଆଘାତକୁ କିଭଳି ସମ୍ଭାଳି ନେଇଛି, ତାହା ହିଁ ଏଠାରେ ପରୀକ୍ଷା ଓ ବିଶ୍ଳେଷଣ କରିବାର ଚେଷ୍ଟା କରାଯାଇଛି ।

ଗୋଟିଏ ସଂସ୍କୃତିର ମୂଳ ଆତ୍ମା ହେଉଛି ସେହି ଗୋଷ୍ଠୀ ବା ସଂପ୍ରଦାୟର ଦୃଷ୍ଟିଭଙ୍ଗୀ, ଯାହା ନିର୍ମାଣ କରିଥାଏ ବିଭିନ୍ନ ସାମାଜିକ ଚଳଣି ଓ ମୂଲ୍ୟବୋଧ । ବିଶ୍ୱାସ ଓ ଅନ୍ଧବିଶ୍ୱାସ, ଶ୍ରଦ୍ଧା ଓ ଘୃଣା, ନିଷ୍ଠା ଓ ସାହାସ ଶ୍ରମ ଓ କାରିଗରୀ, ଆବେଗ ଓ ଉଚ୍ଛ୍ୱାସ, କଳାପ୍ରାଣତା ଓ ସୌନ୍ଦର୍ଯ୍ୟବୋଧ – ସବୁ ମିଶି ତିଆରି କରିଥାନ୍ତି ଏଇ ସଂସ୍କୃତି ଓ ବିଭିନ୍ନ ମୂଲ୍ୟବୋଧ, ଏସବୁ ଗୋଟିଏ ସୂତାରେ ଗୁନ୍ଥା ମାଳ ଭଳି । ଯାହାକୁ ପରସ୍ପର ଠାରୁ ବିଚ୍ଛିନ୍ନ କରିବା କଷ୍ଟକର । କାରଣ ଗୋଟିଏ ଭିତରେ ଆଉ ଗୋଟିଏ ପଶି ରହିଥାଏ । ଏହି ବୈଚିତ୍ର୍ୟମୟ ସଂସ୍କୃତିର ବିଭିନ୍ନ ବିଭାବ ଓ ମୂଲ୍ୟବୋଧ ଉପରେ ପ୍ରଥମେ ଦୃଷ୍ଟିପାତ କରିବା ।

ପ୍ରଥମ କଥା ହେଉଛି ଅବିଭକ୍ତ କୋରାପୁଟ ଜିଲ୍ଲାର ୨୬ଟି ଯାକ ଜାତିର ଭାଷାଗତ ତଥା ସାଂସ୍କୃତିକ ବିଭିନ୍ନତା ସ ୍ୱେ ଏମାନଙ୍କ ମୂଳରେ ଥିବା ବହୁ ସାଧାରଣ ବିଭାବ ପାଇଁ ଏସବୁକୁ ଗୋଟିଏ ସଂସ୍କୃତି ବୋଲି ଅଭିହିତ କରାଯାଇପାରିବ । ଆଫ୍ରିକାରେ ଯେପରି ବହୁବିଧ ଭାଷା ଓ ସାଂସ୍କୃତିକ ଗୋଷ୍ଠୀ ସ ୍ୱେ ଗୋଟିଏ ଭାଗ୍ୟ ବା ଦୁର୍ଭାଗ୍ୟ ଏବଂ ସମାନ ପ୍ରକାରର ଜୀବନ ଜୀବିକାର ପୃଷ୍ଠଭୂମି ସେମାନଙ୍କୁ ଗୋଟିଏ ନିଗ୍ରୋ ସମାଜରେ ପରିଣତ କରିପାରିଛି, ଠିକ୍ ସେହିପରି ଏଠିକାର ଆଦିବାସୀ ସମାଜରେ କିଛି କିଛି ବୈଷମ୍ୟ ସ ୍ୱେ ମୂଳତଃ ଏମାନଙ୍କୁ, ଗୋଟିଏ ଧର୍ମ ଓ ସଂସ୍କୃତିର ଧାରକ ବୋଲି କୁହାଯାଇପାରିବ । ଏହି ଶାବର ସଂସ୍କୃତିର ଗୋଟିଏ ବଡ଼ ଦିଗ ହେଉଛି ବହିରାଗତମାନଙ୍କ ସହ ଆନ୍ତଃପ୍ରକ୍ରିୟା । ପ୍ରାଥମିକ ଭାବେ ଏହାକୁ ବିରୋଧ କରି ଘାଟିଡ଼ିଆଁ ବିରୋଧୀ କନ୍ଧ ଓ କୟା ଆନ୍ଦୋଳନ ହୋଇଥିଲେ ମଧ୍ୟ ଏବଂ ବ୍ରିଟିଶ ଶାସନ ସମୟରେ ଏହା ବିରୋଧରେ ସାରା ଭାରତରେ ଶତାଧିକ ଆଦିବାସୀ ଆନ୍ଦୋଳନ ହୋଇଥିଲେ ମଧ୍ୟ, ଏହି ଆନ୍ତଃପ୍ରକ୍ରିୟା ଘଟି ଆସିଛି ଓ ଏବେ ମଧ୍ୟ

ଘଟୁଛି । ଏପରିକି ବଣ୍ଡାମାନଙ୍କ ମ୍ନରେ ଏଭଳି ଆନ୍ତଃପ୍ରକ୍ରିୟାକୁ ଘୋର ବିରୋଧ କରାଯାଉଥିଲେ ମ୍ନ ଏବଂ ଏଭଳି ପ୍ରଭାବିତ ବ୍ୟକ୍ତିଙ୍କୁ ବଣ୍ଡା ବାହାଡ଼ ତଳକୁ ନିର୍ବାସିତ କରାଯାଉଥିଲେ ମ୍ନ ତଳ ବଣ୍ଡା ସଂପ୍ରଦାୟର ସଂପ୍ରସାରଣକୁ ଦେଖିଲେ ମନେହୁଏ ଏହି ଆନ୍ତଃପ୍ରକ୍ରିୟା କେତେ ବାସ୍ତବ ! କାରଣ ଆଦିବାସୀର ନିଜସ୍ୱ ନିୟନ୍ତ୍ରଣରେ ନ ଥିବା ବାହ୍ୟଶକ୍ତି ଦ୍ୱାରା ଏହି ଆନ୍ତଃପ୍ରକ୍ରିୟା ରାଷ୍ଟ୍ର ତଥା ତା'ର ପ୍ରଶାସନ ଦ୍ୱାରା ନିରନ୍ତର ଘଟି ଚାଲିଥାଏ, ଯେଉଁ କାରଣ ପାଇଁ ସମ୍ବିଧାନ ଭିତରେ ଆଉ ଗୋଟିଏ ସମ୍ବିଧାନ ଭଳି ୫ମ ଓ ୬ଷ୍ଠ ସିଡ୍ୟୁଲ୍‌ର ବ୍ୟବସ୍ଥା କରାଯାଇଥିଲା । ତାହା ହେଉଛି ମୁଖ୍ୟତଃ ଆଦିବାସୀ ସମାଜ / ସଂସ୍କୃତିକୁ ଯଥେଷ୍ଟ ସୁରକ୍ଷା ଯୋଗାଇ ଦେବା, କାରଣ ସେମାନେ ଅତ୍ୟନ୍ତ ସରଳ, ରାଜନୈତିକ ଓ ଅର୍ଥନୈତିକ ଜଟିଳତାଠାରୁ ଦୂରରେ ଏବଂ ସହଜରେ ଶୋଷଣର ଶିକାର ହୋଇପାରନ୍ତି । ସମ୍ବିଧାନ ପ୍ରଣେତାମାନଙ୍କ ଏହି ଲକ୍ଷ୍ୟ ଯେ ସଂପୂର୍ଣ୍ଣ ପଣ୍ଡ ହୋଇଯାଇଛି, ତା' ନିଜେ ସରକାର ସ୍ୱୀକାର କରି ୧୯୭୬ ବେଳକୁ ପୁଣି କିଛି ସବ୍‌ପ୍ଲାନ୍ ଓ ପୁନର୍ଗଠନ ସିଦ୍ଧାନ୍ତ ନେଇଥିଲେ । ତେବେ ଏକଥା ବି ସତ୍ୟ ଯେ ଏହି ଆକ୍ରମଣାତ୍ମକ ଆନ୍ତଃପ୍ରକ୍ରିୟା ସ ୍ୱ ଆଦିବାସୀ ସମାଜ ତଥାପି ବିଲୋପ ପାଇଯାଇନି ।

**ମଣିଷ ଓ ଡୁମା ଭାବନା :**

ମଣିଷ ପ୍ରତି ଆଦିବାସୀର ଅସୀମ ଶ୍ରଦ୍ଧା । କିଏ ଏହି ମଣିଷ ? ପ୍ରଥମତଃ ସେ ତା'ର ପରିବାର ଓ ଗାଁର, ଦ୍ୱିତୀୟରେ ପାଖ ପଡ଼ିଶା ଗାଁର, ତୃତୀୟରେ ଯେ କୌଣସି ମଣିଷ ବା ବହିରାଗତ, ଯାହାକୁ କୁହାଯାଇପାରେ ଅତିଥି । ପୁଣି, ଏହି ମଣିଷମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବପୁରୁଷମାନେ, ଯେଉଁମାନେ ଡୁମା ପାଲଟି ଯାଇଛନ୍ତି । ଅଛନ୍ତି ଆଗାମୀ ପିଢ଼ି ବା ଜନ୍ମ ନ ନେଇଥିବା ବା ସଦ୍ୟ ଜନ୍ମିତ ଉ ର ପୁରୁଷ, ଯେଉଁମାନଙ୍କ ପ୍ରତି ଆଦିବାସୀର ଦୃଷ୍ଟିଭଙ୍ଗୀ ଖୁବ୍ ସକରାତ୍ମକ । ଡୁମାମାନେ ସବୁବେଳେ ପରିବାରର ଶୁଭକାମୀ । ଯେ କୌଣସି ପର୍ବପର୍ବାଣି ବା ଶୁଭ କାର୍ଯ୍ୟରେ ସେମାନେ ପ୍ରଥମେ ଲୋଡ଼ା ପଡ଼ନ୍ତି । ଆଉ ସେମାନେ ମଧ୍ୟ ଦେଖନ୍ତି ନିଜର ଉ ର ପୁରୁଷମାନେ ଆପଣାର ଘରବାଡ଼ି, ଜମିଜମା, ଗଛବୃଛ ଓ ପଶୁ ସଂପଦର ରକ୍ଷଣାବେକ୍ଷଣ ଠିକ୍ ଭାବେ କରୁଛନ୍ତି କି ନା । ଯଦି କରୁ ନାହାନ୍ତି ତେବେ ସେମାନେ ରିଷା ହୁଅନ୍ତି । ସେମାନଙ୍କର ଏହି ଅସନ୍ତୋଷ ଗାଁ ଓ ପରିବାରର କ୍ଷତି କରେ । ମରୁଡ଼ି, ମଡ଼କ, ହଇଜା, ବଘେଇ, ଜ୍ୱର ଇତ୍ୟାଦି ଜରିଆରେ ଏହା ପ୍ରକାଶ ପାଏ । ଡୁମାର ଆଶିର୍ବାଦ ବା ଅଭିଶାପ ଆଦିବାସୀର ଉତ୍ପାଦନ ତଥା ଶାରୀରିକ / ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ । ସୁତରାଂ ବିସ୍ଥାପିତ ଜୀବନ ସବୁକାଳେ ଡୁମାମାନଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ବୋଲି ମନେ କରାଯାଏ । ଆଉ ମଧ୍ୟ ଏହି ଡୁମାମାନେ ନିଜର ଗାଁ ଓ ଡ଼ଙ୍ଗର / ଜଙ୍ଗଲ ଛାଡ଼ି ଅନ୍ୟାନ୍ୟ ଅ ଳରେ ନିଜର ପ୍ରଭାବ ବିସ୍ତାର କରିପାରନ୍ତି ନାହିଁ ବୋଲି ବିଶ୍ୱାସ ଅଛି । ଜଳମଗ୍ନ ଗୁଡ଼େମ ବା ସମାଧି ଭିତରେ ଡୁମାମାନଙ୍କ କ୍ଷୋଭ ଓ ଅସନ୍ତୋଷ ଚାପା ପଡ଼ି ରହେ ଓ ଉ ର ପୁରୁଷକୁ ବ୍ୟସ୍ତ କରେ । ଯେପରି ଘଟିଛି ଚିତ୍ରକୋଣ୍ଡା, କୋଲାବ, ମାଛକୁଣ୍ଡ ଓ ଇନ୍ଦ୍ରାବତୀର ବୁଡ଼ି ଅ ଳରେ ।

ସେହିପରି ପରବ ୀ ପୁରୁଷ ବା ପିଢ଼ି । ଏହି ଉ ର ପୁରୁଷମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ଦିଏ ଆଦିବାସୀ ସମାଜ । ପିତୃକୈନ୍ଦ୍ରିକ ସମାଜର ବାପାପଣିଆ ଏଠାରେ ଚଳେନି । ପୁଅ ବଡ଼ ହେବା ସଙ୍ଗେ ସଙ୍ଗେ ନିଜର ସାଥୀ ଚୟନ ପାଇଁ ତାକୁ ଅଖଣ୍ଡ ସ୍ୱାଧୀନତା ମିଳିଥାଏ । ତା' ପରେ ବାପ ତା ପାଇଁ ଘର ଖଣ୍ଡେ କରିଦିଏ

ବା ସେ ଲାଗି ତାକୁ ସାହାଯ୍ୟ କରେ । ଜମିବାଡ଼ି ଯାହା ବି ଅଛି ପିଲାମାନଙ୍କ ଭିତରେ ସମାନ ଭାବେ ବା କରିଦିଏ । ପୁଅ, ଝିଅ ବାଛିବିଚାର କରେନି, ଯଦିଓ ପରବର୍ିତ ପରିସ୍ଥିତିରେ ଏ ସମସ୍ୟା ଧିରେ ଧିରେ ଦେଖା ଦେଲାଣି । କାରଣ ଏହି ଶ୍ରମଜୀବୀ ନାରୀର ସାଥୀ ଚୟନ, ଛାଡ଼ପତ୍ର, ପୁନଃବିବାହ ଓ ବିଧବା ବିବାହର ସ୍ୱାଧୀନତା ଥାଏ । ବାପପୁଅର ନେତୃତ୍ୱଗତ ସଂଘର୍ଷ ଖୁବ୍‌କମ୍ କ୍ଷେତ୍ରରେ ଦେଖିବା ପାଇଁ ମିଳିଥାଏ । ବାପ ଯେଉଁଠି ନିଜେ ଭୂମିହୀନ ବା ଅତ୍ୟନ୍ତ ଗରିବ ସେଠି ସାବାଳକ ପୁଅ ନିଜ ବାଟରେ ନିଜ ଗୁଜୁରାଣ ମେ ।ଇବାରେ ବ୍ୟବସ୍ଥା କରେ । ସେ କାହା ଘରେ ଗୋତି ରହି ହେଉ ବା ଗାଁର ଗୋରୁବଗାଳ କରି ହେଉ ବା ପ୍ରବାସକୁ ଦାଦନ ଯାଇ ହେଉ । ଅନ୍ୟ ପକ୍ଷରେ ସାନମାନଙ୍କ ପ୍ରତି ନିଜର କର୍ବ୍ୟ ପାଳନରେ ଅବହେଳା ନ ଥାଏ । "ଶ୍ରମ ପ୍ରତି ଶ୍ରଦ୍ଧା", "ପ୍ରକୃତି ସହିତ ଏକାତ୍ମତା" ଇତ୍ୟାଦି ବଡ଼ମାନେ ନିଜର ପିଲାମାନଙ୍କୁ ବଡ଼ ଯତ୍ନରେ ଶିଖାଇଥା'ନ୍ତି । ସାନବେଳୁ ତୀରଧନୁ, ଟାଙ୍ଗିଆ ନେଇ ଖେଳିବା, ଦାରୁ କାଟିବା ପାଇଁ ବଡ଼ମାନଙ୍କ ସହ ଜଙ୍ଗଲ ଯିବା, ବିଭିନ୍ନ ଗଛ ସହ ପରିଚିତ ହେବା, ବିଭିନ୍ନ ଔଷଧପତ୍ର, ମୂଳ, ବୃକ୍ଷ ତଥା କନ୍ଦା ଓ ଛତୁ ସହ ପରିଚିତ ହେବା, ଲଙ୍ଗଳ କରି ଶିଖିବା, କୃଷି ସମ୍ପର୍କୀୟ ଜ୍ଞାନ ଆହରଣ କରିବା, କାଉଡ଼ି ଓ ଡୋଲି ବୋହି ଶିଖିବା, ବାଇଦ ବଜାଇ ନାଚି ଶିଖିବା ଇତ୍ୟାଦି ଅତି ସାବଲୀଳ ଓ ସ୍ୱାଭାବିକ ଭାବେ ଘଟିଥାଏ । ଜୀବନ ସଂଗ୍ରାମ ପାଇଁ ପୁଅ ଉପଯୁକ୍ତ ହୋଇ ପାରିଛି ବୋଲି ଭାବି ସାରିବା ପରେ ବାପ ତା' ପାଇଁ ଅଲଗା ଘର ବସାଇବା କଥା ଚିନ୍ତା କରେ । ସେହିପରି ଝିଅମାନେ ମାଆ, ଖୁଡ଼ୀମାନଙ୍କ ସହ ସମସ୍ତ ଘରକରଣା କାମ, ମାଣ୍ଡିଆ ପେଜ ଓ ପେଣ୍ଡମ୍ ତିଆରି କରିବା କାମ, ନାଚଗୀତ, ଚାଷକାମ, ମହୁଲବେଟା, ଟୋଲଛଡ଼ା, ଧାନ, ମାଣ୍ଡିଆ କୁଟା, ଜଙ୍ଗଲରେ ଦାରୁ, ଛତି ଓ କନ୍ଦା ଖୋଜା କାମ ଶିକ୍ଷା କରିଥା'ନ୍ତି । ବିଭାଯାକେ ଏ ଶିକ୍ଷା ଚାଲିଥାଏ ।

ସରକାରୀ ପ୍ରାଥମିକ ଶିକ୍ଷା (ଯାହାକୁ DPEP ସଫଳ ଭାବେ ହନନ କରିସାରିଛି) ସହିତ ଏହାର କିଛି ସମ୍ବନ୍ଧ ନ ଥାଏ । ଏଭଳି ଶିକ୍ଷା ଦେବା ହେଉଛି ମାଆ ବାପାଙ୍କର ସର୍ବନିମ୍ନ କର୍ବ୍ୟ ।

**ସମଦୃଷ୍ଟିର ଭାବନା :**

ନିଜ ଗୋଷ୍ଠୀ ଭିତରେ ସବୁ ମଣିଷ ସମାନ । ନାୟକ, ବାରିକ, ଦିଶାରି, ପୂଜାରି, ଜାନି ଇତ୍ୟାଦିଙ୍କର ଯଦିଓ ସମାଜରେ ସ୍ୱତନ୍ତ୍ର ସ୍ଥାନ ଓ ସମ୍ମାନ ଅଛି । ସେ କେବଳ ବିଶେଷ ଉପଲକ୍ଷରେ । ଅନ୍ୟ ସମୟରେ ସେ ମ୍ଭ ତୁମ ଆମ ପରି ମଣିଷଟିଏ । ଆମମାନଙ୍କ ଭାଷାରେ ଯେପରି ଧନୀମାନୀ ଓ ସମ୍ମାନାସ୍ପଦମାନଙ୍କ ପ୍ରତି 'ଆପଣ', ସମସ୍କନ୍ଧଙ୍କ ପ୍ରତି 'ତୁମେ' ଏବଂ ଗରିବ ଦିନ ମଜୁରିଆ ତଥା ବୟସରେ ସାନମାନଙ୍କ ପ୍ରତି 'ତୁ'ର ପ୍ରଚଳନ ରହିଛି, କୌଣସି ଆଦିବାସୀ ଭାଷାରେ ସେପରି ନାହିଁ । ଯେତେବଡ ଲୋକ ଏପରିକି ଦେବତା ହୋଇଥିଲେ ମଧ୍ୟ ସେମାନେ 'ତୁ' ବା 'ତୁଇ'ରେ ସମ୍ବୋଧିତ ହୋଇଥାଆନ୍ତି । ପୁଅ ବାପାଙ୍କୁ, ରଇତ ନାଇକକୁ ଏବଂ ଅଧିକାରୀ ତଥା ସାହୁକାରକୁ ତୁ ବୋଲି ହିଁ ସମ୍ବୋଧନ କରିଥାନ୍ତି । ଅଧିକାରୀ ବା ଶ୍ରେଷ୍ଠ ସାହୁକାର କ୍ଷେତ୍ରରେ ଯଦି କେଉଁଠି ବିପଦ ଅଛି, ତେବେ ସେ ଅନ୍ୟ କାହା ଜରିଆରେ କଥା କୁହାଇ ଦେଇ ନିଜେ ଚୁପ୍ ରହିବାକୁ ଅଧିକ ଶ୍ରେୟସ୍କର ମଣେ । ନ ହେଲେ 'ମହାପ୍ରୁ' ବା 'ଆଜ୍ଞା' ବୋଲି ସମ୍ବୋଧନ କରେ । ସବୁ ଗଡ଼ିଆ ବା ଅଣଆଦିବାସୀ ଲୋକେ ତା' ପାଇଁ 'ଆଜ୍ଞା' ।

ବେଡ଼ା ବା ବାଡ଼ିରେ କୌଣସି ଫଳ ପାଚିଲେ କିମ୍ବା ଘରକୁ କେହି କିଛି ଖାଦ୍ୟପଦାର୍ଥ ଉପହାର ରୂପେ ଆଣିଲେ ତାହା ଯେତେ କ୍ଷୁଦ୍ର ଓ ନଗଣ୍ୟ ହେଲେ ମଧ୍ୟ ଉପସ୍ଥିତ ସମସ୍ତ ବ୍ୟକ୍ତି ମଧ୍ୟରେ ତାକୁ ବା ି ଦିଆଯାଏ । ସେହିପରି ବେ  ପରବରେ ଯେତେ ଛୋଟ ଜନ୍ତୁ ଶିକାର ହେଉ ନା କାହିଁକି ତାହାକୁ ଗାଁ ମୁଣ୍ଡକୁ ଅଣାଯାଏ ଓ ଯେତେ ପରିବାର ସେତେ ବା  କରାଯାଏ ; ବରଂ ଭାଗକୁ ଫୁଟେ ଫୁଟେ ମାଉଁସ ପଡୁ । ମାଲକାନଗିରି ଜିଲ୍ଲାର ବନ୍ଧଗୁଡ଼ା ଗାଁରେ ବେ  ପରବ ସମୟରେ ଚାରି ପା  ଧାଙ୍ଗଡ଼ା ଗୋଟେ କାଡ଼ା (ଠେକୁଆ) ଶିକାର କରି ଆଣିଥିଲେ । କିନ୍ତୁ ଲୋଭ ସମ୍ଭାଳି ନ ପାରି ସେହି ଜଙ୍ଗଲରେ ତାକୁ ପୋଡ଼ି ଖାଇଦେଲେ । ପରେ ଗାଁରେ ଏହାର ନିଶାପ ହେଲା । ସେଇ କାଡ଼ା ଓଜନର ଦୁଇଗୁଣ କୁକୁଡ଼ା ସେମାନଙ୍କୁ ଜୋରିମାନା ସ୍ୱରୂପ ଦେବାକୁ ପଡ଼ିଲା ଏବଂ ତାହାର ମାଂସ ଗାଁଯାକ ବ  ।ଗଲା ।

ତେବେ ଏ କଥା ମଧ୍ୟ ସତ୍ୟ ଯେ ଆଦିବାସୀମାନଙ୍କ ଭିତରେ ଗୋଷ୍ଠୀ ବାହାରେ ଛୋଟଜାତି, ବଡ଼ଜାତିର ଭାବନା ଅଛି । ଆନ୍ତଃ ସାମ୍ପ୍ରଦାୟିକ ବିବାହ ତ କରାଯାଏ ନାହିଁ, ଯଦି ହୋଇଯାଏ, ସେଥିପାଇଁ ବିଚାର ବ୍ୟବସ୍ଥା ରହିଛି । ବିଶେଷକରି ଡମମାନଙ୍କ କ୍ଷେତ୍ରରେ ଆଦିବାସୀମାନଙ୍କର ପ୍ରତିକ୍ରିୟା ଖୁବ୍ ତୀବ୍ର । ପଟ୍‌କାର୍ ଶବ୍ଦଟା ସେମାନଙ୍କ ପ୍ରତି ଏବେବି ପ୍ରୟୋଗ ହୁଏ । ତେବେ ଅନ୍ୟ ଜାତିମାନଙ୍କ ପ୍ରତି ମଧ୍ୟ ମନୋଭାବଟା ବିଭିନ୍ନ ଢ଼ଗଢ଼ମାଳୀ ଓ ବୋଲି ଜରିଆରେ ପ୍ରକାଶ ପାଇଥାଏ । ଅବଶ୍ୟ ଏଥିରେ କିଛିଟା ଥଟ୍ଟା ପରିହାସ ବି ରହିଥାଏ । ଯେପରିକି;

୧. ଆମଟ୍ ଲାନ୍ଦା ଗଣ୍ଡ କେ ନିକ
ତେତେରୁଜାଟି ପାଟ୍‌କେ ନିକ
ଗଣ୍ଡଟ୍‌ବୁଦି ଲାଡ଼ି ରାକା
ଜିତଲ୍ ଦିଲେ ବଲେ ନାଇଁ ଆକା ।

(ଅମ୍ବିକା ଲାନ୍ଦା ଗଣ୍ଡକୁ ମଜା, ତେନ୍ତୁଳି ଛାଟ ପିଠିକୁ ସାଜେ, ଗଣ୍ଡରେ ବୁଦ୍ଧିଘର ଫାଙ୍କା ରଖି ଛାମୁଡ଼ିଆରେ ଶୋଇବା, ପୁଣି ଯେତେ ଦେଲେ ମଧ୍ୟ ଦେଇନାହିଁ ବୋଲି କହିବା ।)

୨. ମାଲି ଶୁଣ୍ଡି ଆକାରି (ଅହଂକାରୀ)
ବାମନ୍ ଭିକାରି
ଡଗ୍ ଢ଼େକାରୀ (କେତେବେଳେ ଗୋଡ଼ ଧରିବେ ତ କେବେ ଚୁଟି)
ଠକ୍ ସୁନାରି, ଗୌଡ଼ ମିତ
ସଂଜେ କଇଲା କାତା ସକାଲେ ମିଛ ।

୩. ଗାଁକେ ରାଣା ଚତୁର
ବନ୍‌କେ କାଡ଼ା ଚତୁର ।

କିନ୍ତୁ ଯେ କୌଣସି ଜାତିର ହେଉ ନା କାହିଁକି ତାକୁ ଅତିଥି ରୂପେ ଆଦିବାସୀ ସମ୍ମାନ ଦିଏ । ଆଦିବାସୀ ନିଜେ ଗୋତି ରହେ । କିନ୍ତୁ ଗାଁରେ ଗୋତି ରଖିବାର ପରଂପରା ନାହିଁ । ଏପରିକି ଗାଁରେ କୌଣସି ବିଧବା ବା ଅସହାୟ ଲୋକର ଚାଷବାସ ଯଦି ଉଠି ପାରୁନି ଗାଁର ଲୋକେ ମୁଫତରେ ଶ୍ରମଦାନ ଦେଇ ତା'ର କାମ ଉଠାଇ ଦିଅନ୍ତି । ପ୍ରତି ବଦଳରେ ସେ କେବଳ ଖାଦି ଗଣ୍ଡେ ଦିଏ, ସେହିପରି ଅଘୋଷିତ ସମବାୟ ଶ୍ରମ ବିନିମୟରେ ପ୍ରତ୍ୟେକ ପ୍ରତ୍ୟେକଙ୍କର ବେଢ଼ାରେ ମଧ୍ୟ ଚାଷକାର୍ଯ୍ୟ ଉଠାଇ ଦିଅନ୍ତି । ଏଥିପାଇଁ ବଜାରରେ ପ୍ରଚଳିତ ସର୍ବନିମ୍ନ ମଜୁରି କାହାକୁ ଦେବାକୁ ପଡ଼େନି । ଅନ୍ୟ ଗାଁର ସାହୁକାର ଘରେ କିନ୍ତୁ ଆଦିବାସୀ ନ୍ୟାଯ୍ୟ ମଜୁରି ପାଇଁ ଦାବି ଓ ଲଢ଼େଇ କରେ । ଯେଉଁ ସାହୁକାର ଗୋତି ରଖେ, ତା' ପ୍ରତି ସାଧାରଣ ଆଦିବାସୀର ମନୋଭାବ କିନ୍ତୁ ଭାରି ନକାରାତ୍ମକ । ସେଇଟା ହିଁ ଜନ୍ମ ଦିଏ ଶ୍ରେଣୀ ଘୃଣାକୁ । ବେଳେ ବେଳେ ଏହା ବିସ୍ଫୋରିତ ମଧ୍ୟ ହୁଏ ଏବଂ ଜମି ଦଖଲ ଆନ୍ଦୋଳନରେ ପରିଣତ ହୁଏ । ଯେପରି ହୋଇଛି ଗୁଡାରି, ପଦ୍ମପୁର, ମାତିଲି ଓ ରାଇଘର ଅଂଚଳରେ । ମଣିଷକୁ ମଣିଷ ଭଳି ଯିଏ ନ ଦେଖେ ତାକୁ ସେ ବା କିପରି ନିଜର ଭାଇବନ୍ଧୁ କୁଟୁମ୍ବ ରୂପେ ଦେଖିବ ? ବିଶିଷ୍ଟ ମାଗାସେସେ ପୁରସ୍କାର ବିଜେତା ସାମ୍ବାଦିକ ପି. ସାଇନାଥ ଏଇ ଗୋତିମାନଙ୍କ ଉପରେ ସୁପ୍ରିମ୍‌କୋର୍ଟଙ୍କ ଏକ କମିଟିର ରିପୋର୍ଟ ବିଷୟରେ ଉଲ୍ଲେଖ କରି କହିଛନ୍ତି ତାମିଲନାଡୁରେ ଏମାନଙ୍କର ସଂଖ୍ୟା ଦଶଲକ୍ଷ । ଓଡ଼ିଶାର ନିର୍ଦ୍ଦିଷ୍ଟ ସରକାରୀ ରିପୋର୍ଟ ଆମ ପାଖେ ନଥିଲେ ମଧ୍ୟ ତାହା ଯେ ସମପରିମାଣରେ ହୋଇଥିବ, ତାହା ହିଁ ମୋର ଅଭିଜ୍ଞତା, ଆଉ ସେତିକି ପରିମାଣର ଲୋକ ଯାଆନ୍ତି ଦାଦନ, (ଦ୍ର: ମରୁଡ଼ି ପଡ଼ିଲେ ସଭିଙ୍କ ମଉଜ)

**ଦାଦନ ଚାଲାଣ:**

ଦାଦନକୁ ନେଇ ସରକାର ବହୁ ଆଇନ୍ ପ୍ରଣୟନ କରିଛନ୍ତି । କିନ୍ତୁ ସେସବୁ କେବଳ ବେଆଇନ ଦାଦନ ଚାଲାଣକୁ ଆଇନ୍‌ସଙ୍ଗତ କରି ଲାଇସେନ୍‌ସ ନାମରେ କିଛି ଅର୍ଥ ସଂଗ୍ରହ କରିବା ପାଇଁ । ଏହାର ପ୍ରତିକାର ପାଇଁ ବା ଦାଦନ ଯାଉଥିବା ବ୍ୟକ୍ତିମାନଙ୍କର ନିରାପ । ପାଇଁ ନୁହେଁ ।

ଦିନ ଥିଲା ଯେତେବେଳେ ଆଦିବାସୀ ପାଇଁ ବିଦେଶ ଯିବା ଥିଲା ମୃତ୍ୟୁ ସଂଗେ ସମାନ । ପୂର୍ବରୁ ୧୯୬୫ ସୁଦ୍ଧା ଯେଉଁମାନେ ଆସାମକାରିଆ ଭାବେ ଆସାମ ଯାଉଥିଲେ ସେମାନଙ୍କୁ ମୃତ ବୋଲି ଧରି ନିଆ ଯାଉଥିଲା । କିନ୍ତୁ ବ୍ୟାପକ ବିସ୍ଥାପନ ପ୍ରକ୍ରିୟା ଏପରି ଏକ ଘରଛଡ଼ା ପ୍ରକ୍ରିୟା ଆରମ୍ଭ କରିଦେଲା ଯେ, ଏଇ ଅଭିଶାପକୁ ଆଦିବାସୀ ସମାଜ ଏକ ବାସ୍ତବତା ରୂପେ ଗ୍ରହଣ କରିନେଲା । ତେଣୁ ଧୀରେ ଧୀରେ ଆଦିବାସୀର ମୂଲ୍ୟବୋଧ ମଧ୍ୟ ବଦଳି ଗଲା । ଲୋକେ ଦାଦନ ଦଲାଲଙ୍କ କବଳରେ ପଡ଼ି ବିଦେଶ ଯିବାରେ ଲାଗିଲେ । ସେପଟୁ ହାତଗୋଡ଼ ହରାଇ ଫେରିଲେ । କେତେ କାହାର ମରିବା ଖବର ମଧ୍ୟ ଆସିଲା । ଏଭଳି ବିଦେଶ ଯିବା ଲୋକଙ୍କ ସୁମାରି ସରକାର ତ କରନ୍ତି ନାହିଁ । ତେବେ ଆଦିବାସୀ ଅଧ୍ୟୁଷିତ କେବିକେ ଜିଲ୍ଲାମାନଙ୍କରୁ ତିରୋଟି ସମୟରେ ୪ ଭାଗରୁ ଭାଗେ ଲୋକ ଯେ ଦାଦନ ଖଟିବାକୁ ବିଦେଶ ଯାଇଥାନ୍ତି, ଏଥିରେ ସନ୍ଦେହ ନାହିଁ । ଅବିଭକ୍ତ କୋରାପୁଟର ବେଶିଭାଗ ଲୋକ ଯାଆନ୍ତି ହାଇଦ୍ରାବାଦ ଇଟାଭାଟି । ତା' ପଛକୁ ରହିଛି ସୁରାଟ, ମୁମ୍ବାଇ, ବାଙ୍ଗାଲୋର, କାଶ୍ମୀର । ସେଥିପାଇଁ 'ବୋଲି' ମଧ୍ୟ ଆରମ୍ଭ ହୋଇଯାଇଛି:

ହାଇଦ୍ରାବାଦର କନ୍‌କୀ
ପେଟ୍ ଗାଲାନି ଦମ୍‌କି

ଅର୍ଥାତ୍ ହାଇଦ୍ରାବାଦର ଖୁଦ ଭାତ ଖାଇ ଖାଇ ପେଟ ପଶିଗଲାଣି । ଯଦିଓ ଏହି ଦାଦନ ପାଇଁ ଅନେକ ସଂସ୍କାର ଭାଙ୍ଗି ଯାଉଛି, ଅନେକ ଲୋକେ ସେଇପଟେ ମରିହଜି ଯାଉଛନ୍ତି, ସେମାନଙ୍କ ଚିତା ଭସ୍ମ ଫେରୁଛି, ଅନେକଙ୍କର ଠିକଣା ମିଳୁନି । ଶ୍ରମବିଭାଗରେ ସାହାଯ୍ୟ ନେଇ କିଛି କିଛି ଅଭିଯୋଗକାରୀଙ୍କୁ ଫେରାଇ ଆଣିବାର ଉଦ୍ୟମ କରାଯାଉଛି, ଅନେକ ମଧ୍ୟ ଗୋଟିଏ ଲେଖାଁ ଛୋଟ ଟିମ୍‌ରେ ଏକାଠି ହୋଇ ଗୁଣ୍ଡାବାହିନୀର ବଳୟକୁ ଅତିକ୍ରମ କରି ଫେରି ଆସୁଛନ୍ତି, ତଥାପି ଏହି ପ୍ରଥା ନିୟମିତ ଭାବେ ବଢ଼ି ବଢ଼ି ଚାଲିଛି । ପରୋକ୍ଷ ସରକାରୀ ପ୍ରୋତ୍ସାହନ ମଧ୍ୟ ଏହା ପଛରେ ରହିଛି । ଦାଦନ ଦଲାଲମାନେ ସମସ୍ତେ ରାଜନୈତିକ ଭାବେ ଖୁବ୍ ଶକ୍ତିଶାଳୀ । ଦାଦନ ଯିବା ଲୋକଙ୍କ ବି.ପି.ଏଲ୍- ଅନ୍ତୋଦୟ-ଅନ୍ନପୂର୍ଣ୍ଣା କାର୍ଡ଼ର ଚାଉଳ ରିସାଇକ୍ଲିଂ ହେଉଛି ବିନା ବାଧାରେ । (ବାକି ଅନେକଙ୍କ କାର୍ଡ ତ ଏମିତିରେ ବନ୍ଧା ପଡୁଛି) ପୁଣି ସେମାନଙ୍କ ଜବ୍‌କାର୍ଡ ଉପରେ ମିଛକାମ ଦେଖାଇ ଠିକାଦାରମାନେ କାମ ପାଇଁ ବ୍ୟବହାର କରନ୍ତି । ପ୍ରକ୍ଲିନ ମେସିନ୍ ଲଗାଇ ଦେଇ ମଜୁରି ବାବଦ ସେମାନଙ୍କ ପ୍ରାପ୍ୟକୁ ଆପଣା ଭିତରେ ବା ି ନିଅନ୍ତି । ପୁଣି ଦାଦନ ଗଲେ ସେମାନଙ୍କୁ ପ୍ରାପ୍ୟ ମଜୁରିର ଅଧାରୁ କମ୍ ମିଳିଥାଏ । ବାକିତକ ଯାଏ ଦଲାଲ ଓ ଛୋଟବଡ଼ ମଝି ଧାରିଆ ଦଲାଲମାନଙ୍କ ପାଖକୁ ଓ ଶ୍ରମ ଅଧିକାରୀ ମାନଙ୍କ ପାଖକୁ, ଯେଉଁମାନେ ବାଟ ଜଗି ବସିଥାନ୍ତି । ସୁତରାଂ ଦାଦନ ଗଲେ ସଭିଙ୍କର (ଶୋଷକ ବର୍ଗର) ଲାଭ ହୋଇଥାଏ । ସେଥିପାଇଁ ଏନ୍.ଜି.ଓ. ମାନେ ଏହାକୁ ବଢ଼େଇ କୁଢ଼େଇ କହିଲେଣି Smart Migration । ଆଦିବାସୀ ସମାଜ ମଧ୍ୟ ଦାଦନ ଫେରୁଥିବା ଲୋକଙ୍କୁ ଆଉ ସମାଜରୁ ବହିଷ୍କାର ନ କରି କୋଳେଇ ନେଉଛି । ସେମାନଙ୍କ ଅଭିଜ୍ଞତାରୁ ଶିକ୍ଷାଲାଭ ପାଇଁ ଚେଷ୍ଟା କରୁଛି ଏବଂ ପୁଣି ଥରେ ସେମାନଙ୍କୁ ବିଦେଶ ଛାଡ଼ି ନ ଦେବାର ଚେଷ୍ଟା କରୁଛଇ ବା ଯଦି ଯାଏ, ତେବେ ପରିସ୍ଥିତିର ଦାସ ନ ହୋଇ ପ୍ରଭୁ ହେବାର ଉଦ୍ୟମ କରୁଛି ।

**ସ୍ୱୟଂସମ୍ପୂର୍ଣ୍ଣ ବା ଆତ୍ମନିର୍ଭରଶୀଳ ଅର୍ଥନୀତି:**

ଆଦିବାସୀର ପାରମ୍ପରିକ ମୂଲ୍ୟବୋଧର ମୂଳଭି ି ଥିଲା ତା'ର ସ୍ୱୟଂ ସମ୍ପୂର୍ଣ୍ଣ ବା ଆତ୍ମନିର୍ଭରଶୀଳ ଅର୍ଥନୀତି । ବାରିକ, ଧୋବା, କମାର, ତନ୍ତୀ, ତେଲି ଇତ୍ୟାଦି ସମସ୍ତ ବୃ ିଗତ କାମ ଆଦିବାସୀ ସମାଜର ପ୍ରତ୍ୟେକ ବ୍ୟକ୍ତି ଜାଣୁଥିଲେ । ଯଦିବା କମାର ଓ କୁମ୍ଭାରକାମ ମୂଳତଃ ଜାତିଗତ ବୃ ି ଥିଲା, ଅନ୍ୟାନ୍ୟ ସମସ୍ତ କାମ ସମସ୍ତେ ଜାଣୁଥିଲେ । ସେହିପରି ଲୁଣ ଓ କରୋସିନି ବ୍ୟତୀତ ଅନ୍ୟକିଛି ଦ୍ରବ୍ୟ ପାଇଁ ବାହାର ଦୁନିଆ ଉପରେ ନିର୍ଭର କରିବାକୁ ପଡୁ ନ ଥିଲା । ଜମିରେ ଉତ୍ପନ୍ନ ହେଉଥିଲା ସବୁପ୍ରକାର ଫସଲ- ଡାଲିଜାତୀୟ କାନ୍ଦୁଲ, ବିରି, ମୁଗ, ଢ଼ଙ୍ଗର୍‌ରାନୀ, ବୁଟାସିମ୍ ଓ ବିଭିନ୍ନ ପ୍ରକାରର ସେମା ବା ଶିମ୍ବ; ତୈଳଜାତୀୟ ଅଳସୀ, ରାଶି, ବାଦାମ, ଟୋଲା; ଶସ୍ୟ ରୂପେ ଧାନ, ମାଣ୍ଡିଆ, ଜନା, କାଙ୍ଗୁ, ସୁଆଁ, ଖେଡ଼୍‌ଚଣା ଓ ଗୁରୁଜୀ ଇତ୍ୟାଦି । ତେଣୁ ଗଢ଼ିଉଠେ ଏକ ନିଆରା ସମାଜ – ବାହାର ଜଗତଠାରୁ ବିଛିନ୍ନ ପୁଣି ଗୋଷ୍ଠୀଗତ ସମାଜ ସହ ନିବିଡ଼ ଭାବେ ସଂପୃକ୍ତ । ଏହି ସମାଜର ଥାଏ ଏକ ସ୍ୱାୟ   ଶାସନ ମଧ୍ୟରେ ଥାଏ ନିଜସ୍ୱ ନ୍ୟାୟପାଳିକା ବା ବିଚାର

ବ୍ୟବସ୍ଥା । ଏହା ପୁଣି ଗାଁ, ପ ାୟତ ଓ ରାଜ୍ୟ ସୀମା ଅତିକ୍ରମ କରି ବୃହ ର ଗୋଷ୍ଠୀ ମ୍ନକୁ ବ୍ୟାପିଥାଏ । ତା' ପରେ ଥାଏ ଜମିବାଡ଼ି ବ୍ୟବସ୍ଥା । ଗାଁରେ ଥିବା ସାଧାରଣ ଜମିରୁ କିଛି ନା କିଛି ଦେବାକୁ ପଡ଼େ ଭୂମିହୀନ ରଇତ ମାନଙ୍କୁ । ଯଦି କାହାରି କିଛି ବ ୍ବାର ମାଧ୍ୟମ ନାହିଁ ବା ସେ ସାହୁକାରର ଗୋତି ହେବାକୁ ଚାହେଁନି, ସେ ସେହି ଗାଁରେ କାହାରି ଘରେ ସମ୍ମାନର ସହ ଗୋତି ରହେ ବା କାହା ଘରେ ଝିଅ ଥିଲେ ସେଠି କନ୍ୟା ଝୋଲା ବାବଦକୁ ପ୍ରଥମେ ଗୋତି ରହି ପରେ ଘର ଜୁଆଁଇ ହୋଇ ଜମି ଦଖଲ କରେ । ଗାଁରେ ନାୟକ ଥାଏ ପ୍ରଶାସନିକ ମୁଖ୍ୟ । ବାହାରୁ ଯେ କୌଣସି ବିପଦ ଆସିଲେ ତା'ରି ଜରିଆରେ ତା'ର ମୁକାବିଲା କରାଯାଏ । ଜଙ୍ଗଲ ଅଧିକାରୀ ହୁଅନ୍ତୁ କି ରେଭିନିଉ ବା ପୁଲିସ୍, ପାରମ୍ପରିକ ଭାବେ ଘରୁ ଘରୁ ଚାନ୍ଦା ଉଠାଇ ତାଙ୍କୁ ସନ୍ତୋଷ କଲାଭଳି ବା ଦାବି ଅନୁଯାୟୀ ମାମୁଲି ଯୋଗାଇ ଦେଇ ନାୟକ ତାଙ୍କୁ ବିଦା କରେ । ଗୋପୀବାବୁଙ୍କ 'ପରଜା' ଓ 'ଅମୃତ ସନ୍ତାନ' ରେ ଏଭଳି ସନ୍ତୋଷ ବିଧାନ ଦୃଶ୍ୟର ସୁନ୍ଦର ବର୍ଣ୍ଣନା କରାଯାଇଛି । ରେଭିନିଉବାବୁ ଫେରିଲାବେଳେ କାଉଡ଼ିଆ କାନ୍ଧରେ ପୁଞ୍ଜା ପୁଞ୍ଜା କୁକୁଡ଼ା ଓହଳୁଥିବାର ଦୃଶ୍ୟ ସାଙ୍ଗକୁ ଛେଳିର ମେଁ ମେଁ ଦୃଶ୍ୟ ।

ଅନେକ ସ୍ଥଳରେ ଆଦିବାସୀ ଅଧିକାରୀ ଦେବତା ଓ ସାହେବ୍ ଦେବତାମାନଙ୍କୁ ପୂଜା କରିବାର ନଜିର ମଧ୍ୟ ରହିଛି । ତେବେ ପାପଡ଼ାହାଣ୍ଡି ନିକଟସ୍ଥ ମଇଦଲପୁର ଜଙ୍ଗଲରେ ଥରେ ମକାଚାଷ କରୁଥିବା ଆଦିବାସୀଙ୍କୁ ଆମ୍ପାଣି (କଳାହାଣ୍ଡି) ଫରେଷ୍ଟର ପ୍ରଚୁର ମାମୁଲି ମାଗି ନିରାଶ ହେବାରୁ କିଛି ଲୋକଙ୍କୁ ଗିରଫ କରି ନେବାରୁ ତା' ବିରୋଧରେ ମଇଦଲପୁର ଫାଣ୍ଡିରେ ରିପୋର୍ଟ କରି ଆଦିବାସୀମାନେ ଫରେଷ୍ଟରଠୁ ଜୋରିମାନା ନେବା ସହ ନିଜ ଲୋକଙ୍କୁ ମୁକ୍ତ କରିଥିଲେ । "ଶଠେ ଶାଠ୍ୟମ ସମାଚରେତ୍"ର ବ୍ୟବହାରିକତାର ଏଭଳି ଦୃଷ୍ଟାନ୍ତ ଅନେକ । ସେହିପରି ଗଇଲିଟାଙ୍ଗି (ମାଲକାନଗିରି ବ୍ଲକ୍)ର କୟାମାନେ ନିଜର ଗ୍ରାମବାସୀମାନଙ୍କୁ ଦାରୁ କାଟିବା ଅପରାଧରେ ମାଥିଲି ଫରେଷ୍ଟର ଗିରଫ କରିଥିବା ବେଳେ, ନାୟକ ସହ ଅନ୍ୟମାନେ ଫରେଷ୍ଟର ଅଫିସ୍‌କୁ ଆସି କହିଲେ, "ଆମ ଲୋକଙ୍କୁ ଗିରଫ କଲ, ଠିକ୍ ଅଛି, କିନ୍ତୁ ତା'ର ଛୋଟ ପୁଅ ମଧ୍ୟ ସେଠି ଥିଲା, ବାପକୁ ଗିରଫ କରି ତୁମେ ପୁଅକୁ ଜଙ୍ଗଲ ଭିତରେ ଛାଡ଼ିଦେଲ । ତାକୁ ବାଘ ଖାଇଲା କି ଡୁରୁକା ଖାଇଲା, ତାକୁ ତୁମେ ଫେରାଇ ଦିଅ ।" ବିଚରା ଫରେଷ୍ଟର ବୁଦ୍ଧି ଗୁଡୁମ୍ । ବଡ଼ କଷ୍ଟରେ ସେଇ ଭୁଲ୍‌ପାଇଁ କିଛି କ୍ଷତି ପୂରଣ ଦେଇ ଓ ଗିରଫ ଲୋକଙ୍କୁ ଖଲାସ୍ କରି ସେ ରଫାନାମା କରିଦେଲା । କ କେ ନୈବ କ କମ୍ । ଏଇ ଯେଉଁ ଛକାପଞ୍ଝା, ତାକୁ ନେଇ ଆଦିବାସୀ ସମାଜରେ କେତେ ନା କେତେ ଲୋକ କଥା । ବିଲୁଆ ଓ ବାଘ, ଭାଲୁ ଓ ମହୁମାଛି, ସିଂହ ଓ ଠେକୁଆ, ବିଲୁଆ ମଗର, ଚାଷୀ ଓ ବିଲୁଆ ଇତ୍ୟାଦି ଲୋକ କଥାରେ ଏହା ପ୍ରତିକାତ୍ମକ ଭାବେ ବର୍ଣ୍ଣିତ । ଏ ସବୁରେ ସାହୁକାର ବା ଅଧିକାରୀମାନେ ଭାଲୁ, ବିଲୁଆ ବା କୁଲିଆ ଜରିଆରେ ପ୍ରତୀକିତ ହୋଇଥିବା ବେଳେ ଆଦିବାସୀ ବାଘ ବା କାଡ଼ା ବା ମହୁମାଛି ଜରିଆରେ ପ୍ରତୀକିତ ହୋଇଥାଏ ।

ଏଇ ସ୍ୱାୟ ଶାସନ ତଥା ସ୍ୱୟଂ ସଂପୂର୍ଣ୍ଣ ଅର୍ଥନୀତି ଉପରେ ବେପାରୀ ଜୁଲୁମ, ହାଟ ଅର୍ଥନୀତି ଓ ବଡ଼ବଡ଼ ଯୋଜନାର ବିଧିବଦ୍ଧ ଆକ୍ରମଣ ଚାଲୁଥିବାରୁ ଧିରେ ଧିରେ ତାହା ଖଣ୍ଡ ବିଖଣ୍ଡିତ ହେବାରେ ଲାଗିଛି । ସମ୍ବିଧାନକାରମାନେ ଯେଉଁ ଆଶଙ୍କା କରିଥିଲେ, ଯେ ୫ମ ଓ ୬ଷ୍ଠ ସିଡ୍ୟୁଲ ଜରିଆରେ ସେମାନଙ୍କୁ ଯଥେଷ୍ଟ ନିରାପ । ଯୋଗାଇ ନ ଦେଲେ ତାହା ସାହୁକାର ଗୋଷ୍ଠୀଙ୍କ ଉପନିବେଶରେ ପରିଣତ ହେବ, ତାହା ହିଁ ବାସ୍ତବ

କ୍ଷେତ୍ରରେ ଘଟି ଚାଲିଛି । ଯେତେ ଯୋଜନା, ସେତେ ଠିକାଦାର, ସେତେ ଅଣଆଦିବାସୀ କର୍ମଚାରୀ । ଏପରିକି ଶିକ୍ଷାର ବିସ୍ତାର ପାଇଁ ଖୋଲା ଯାଇଥିବା ପ୍ରାଥମିକ ସ୍କୁଲର ଶିକ୍ଷକମାନଙ୍କ ମଧ୍ୟରୁ କେତେକ ଶୋଷକ ଗୋଷ୍ଠୀର ଅଂଶ ପାଲଟି ଯାଇ ଆଦିବାସୀର ଜମିଯାଗା ଦଖଲ କରି ବସୁଛନ୍ତି । ତିରୋଟି ସମୟରେ ଧାନ ପାଇଁ ଲଗାଣି ଲଗାଇ ଦେଉଛନ୍ତି । ଅମଳ ସମୟରେ ୧୦୦/୨୦୦ ଟଙ୍କା ବିନିମୟରେ ବସ୍ତାଏ ଧାନ ଆଦାୟ କରୁଛନ୍ତି । ସୁତରାଂ ଆଦିବାସୀର ପୁରୁଣା ମୂଲ୍ୟବୋଧ ଆଉ କାମ ଦେଉନି । ନିର୍ବାଚନ ଜରିଆରେ ନବ ନିର୍ବାଚିତ ସରପଞ୍ଚ ଓ ୱାର୍ଡ଼ମେମ୍ବରମାନେ ତଥା ଛୋଟବଡ଼ ଇସୁକୁ ନେଇ କାର୍ଯ୍ୟରତ ଏନ୍.ଜି.ଓ କର୍ମୀମାନେ ଆଉ ଏକ ସମାନ୍ତରାଳ ନେତୃତ୍ୱ ସୃଷ୍ଟିକରି ପାରମ୍ପରିକ ନେତୃତ୍ୱକୁ ଚେଲେଞ୍ଜ କରୁଛନ୍ତି । ଏପରିକି ସ୍ତ୍ରୀ ମାନଙ୍କ ସେଲ୍ଫ ହେଲ୍ପ ଗ୍ରୁପ୍ ଆଉ ଏକ ସମାନ୍ତରାଳ ସୁଧଖୋରି ବ୍ୟବସ୍ଥା ପ୍ରଚଳନ କରି ଦେଇଛି । ଶହେ ଟଙ୍କାରେ ମାସକୁ ସୁଧ ୪ ଟଙ୍କା ବା ୫ ଟଙ୍କା । ଅନାଦୟେ ଗାଈ ଗୋରୁ ନିଲାମ । ଏ ବାଟ ବତାଇଛନ୍ତି ଜାତୀୟ ବ୍ୟାଙ୍କର କର୍ମକର୍ତ୍ତାମାନେ । ଫଳରେ ସିଧା ସଳଖ ନ ହେଲେ ମଧ୍ୟ ଚୁପ୍‌ଚାପ୍ ଏକ ଅନ୍ତର୍ଦ୍ୱନ୍ଦ୍ୱ ଏଇ ସମାଜରେ କାର୍ଯ୍ୟ କରି ଚାଲିଛି । ଆତ୍ମନିର୍ଭରଶୀଳ ଅର୍ଥନୀତି ଭୁଷୁଡ଼ି ପଡ଼ିବା ସଙ୍ଗେ ସଙ୍ଗେ ଜନ୍ମ ନେଉଛି ଅନେକ ନୂଆ ମୂଲ୍ୟବୋଧ, ପୁରୁଣା ପ୍ରତିକାର ବ୍ୟବସ୍ଥା ବହୁ ସ୍ଥଳରେ ଆଉ କାମ ଦେଉନି ।

**ଅରଣ୍ୟ ବା ଆଟବୀକ ସଂସ୍କୃତି:**

ଅରଣ୍ୟ ହେଉଛି ଆଦିବାସୀ ସଂସ୍କୃତିର ଧାତ୍ରୀ । ସଲପ ତା'ର ମା' କ୍ଷୀର, ମହୁଲ ଓ ସର୍ଗୀ ହେଉଛନ୍ତି ଦେବତା । ପାହାଡ଼ କୋୟାର ଗୋତ୍ର । ସେହିପରି ବାଘ, ଚିତାବାଘ (ବୁରୁଦା), ହେଟାବାଘ (ଡୁର୍କା), ଭାଲୁ (ଖେମୁଡୁ), ମାଙ୍କଡ଼ (ପ୍ରାସ୍କା), ମାଛ (ଗୁଣ୍ଡା), କାଡା ବା ଠେକୁଆ, ନାଗ, କୁତ୍ରା ବା ମୁର୍ମୁ ତା'ର ଗୋତ୍ର । ଅର୍ଥାତ୍ ଭାଇବନ୍ଧୁ କୁଟୁମ୍ବ । ବାଉଁଶ ହେଉଛି ତା'ର ଆଶ୍ରୟ ଯିଏ ତା'ର ଧନୁତୀର, ବାଡ଼, ଘର ଓ ଅର୍ଥନୈତିକ ଜୀବନ ପାଇଁ ଉପାଦାନ ଯୋଗାଇ ଦିଏ । ଛତି ବା ଛତୁ, କନ୍ଦା ଓ କରଡ଼ି ବା ବାଉଁଶଗଜା ତା'ର ଖାଦ୍ୟ; ତେଣୁ ପ୍ରକୃତି ତା'ର ଦେବତା । ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ଜଙ୍ଗଲ, ଅରଣ୍ୟ, ଝରଣା, ଧାନକ୍ଷେତ ଓ ଗଛ ତା'ର ଦେବତା । ଜୀବଜନ୍ତୁମାନେ ତା'ର ଭାଇବନ୍ଧୁ କୁଟୁମ୍ବ । ଏଇ ମାନଙ୍କ ସକାଶେ ତା'ର ଜୀବନ ଓ ଜୀବିକା । ମଣିଷ ପ୍ରକୃତିର ଓ ପ୍ରକୃତି ମଣିଷର । ଆମେ ପୃଥିବୀର ଓ ପୃଥିବୀ ଆମର । ମଣିଷ ପୃଥିବୀର ଅଧିକାରୀ ନୁହଁ । ପୃଥିବୀ ମଣିଷର ଅଧିକାରୀ, ପ୍ରକୃତି ସର୍ବଶକ୍ତିମାନ । ତେଣୁ ଗଛ କାଟିବା ବେଳେ ସେ କେବଳ ନିଜର ଆବଶ୍ୟକତା ଅନୁସାରେ କାଟେ । ଶୀତଦିନେ ଦାରୁ ହେଉଛି ତା'ର ଶୀତବସ୍ତ୍ର । ଶୁଖାଦାରୁକୁ ହିଁ ସେ କାଟେ । କେବେ କେମିତି ଘର ତିଆରି ପାଇଁ କଞ୍ଚାଦାରୁ କାଟିଥାଏ, ତେବେ ଜଙ୍ଗଲକୁ ସେ ବଂଚାଇ ରଖେ । ଜଙ୍ଗଲ ମାଫିଆମାନଙ୍କୁ ପ୍ରାଣପାତ କରି ବିରୋଧ କରିବାକୁ ପଛାଏନି । ଜଙ୍ଗଲକୁ ଜଗେ, ସାମାଜିକ ଜଙ୍ଗଲ ସୃଷ୍ଟି କରେ । ଏ ନେଇ ମାଲକାନଗିରିରେ କୋୟା, ଡିଡାୟୀ ଆଦିବାସୀମାନେ ବହୁ ବୀରତ୍ୱପୂର୍ଣ୍ଣ ଲଢ଼େଇ କରିଛନ୍ତି, ତୁଲସା ପର୍ବତରେ, ପଦ୍ମଗିରି ଜଙ୍ଗଲରେ ଓ ବାଲିମେଳା ଜଙ୍ଗଲରେ । ସସ୍‌ପେଣ୍ଡ ବା ଦୋଷୀ ସାବ୍ୟସ୍ତ ହୋଇଛନ୍ତି ବହୁ ଫରେଷ୍ଟ କର୍ମଚାରୀ ଗାର୍ଡଠାରୁ ଡି. ଏଫ୍ ଓ କଂଜରଭେଟର୍ ଯାଏ । କିନ୍ତୁ କମ୍ପାନୀ ତଥା ଜଙ୍ଗଲବିଭାଗ ଯେଉଁ ବୃକ୍ଷରୋପଣ କରନ୍ତି, ସେସବୁ କେବଳ କାରଖାନା ପାଇଁ କଞ୍ଚାମାଲ । ଆଦିବାସୀ ଚାହେଁ ଫଳଗଛ, ସର୍ଗୀ, କେନ୍ଦୁ, ଓ ମହୁଲଗଛ । କିନ୍ତୁ

ବନ୍ୟଜଙ୍ଗଲକୁ ନଷ୍ଟ କରି ବ୍ୟବସାୟିକ ଜଙ୍ଗଲ ତିଆରି ତା'ର ଜୀବିକାକୁ ବିପନ୍ନ କରେ । ଅଥଚ ଆଇନ୍‌କୁ ଆଖିଠାର ମାରି କମ୍ପାନୀମାନେ ବିଭିନ୍ନ ଏନ୍. ଜି. ଓ. ଜରିଆରେ ତା'ର ଜମି ଲିଜ୍ ନେଇ ବ୍ୟବସାୟିକ ବୃକ୍ଷ ଚାଷର ଯୋଜନା କରନ୍ତି । ସେଥିପାଇଁ ଚାଷ ସହ ଇଂରାଜୀ ଭାଷାରେ ରାଜିନାମା ସ୍ୱାକ୍ଷରିତ ହୁଏ ଏବଂ ଥରେ ଜମି ଦେବାପରେ ତା' ଆଉ ଫେରେନା । ଏଥିପାଇଁ ବୈପାରୀଗୁଡ଼ା ଓ ରାମଗିରି ଅ ଳରେ ଆନ୍ଦୋଳନ ହୋଇ ଥଣ୍ଡା ପଡ଼ିଗଲାଣି । କଡ଼ାକଡ଼ି ଜଙ୍ଗଲ ଆଇନ୍ ଆଦିବାସୀଙ୍କୁ ଜଙ୍ଗଲଠାରୁ ଦୂରେଇ ଦେବର ଚେଷ୍ଟା କରେ । ତା' ବିରୋଧରେ ମଧ୍ୟ ଆଦିବାସୀ ବିକ୍ଷୋଭ ଲାଗି ରହେ । ଆଦିବାସୀର ଜଙ୍ଗଲ ଅଧିକାର କେବଳ କାଗଜ ପତ୍ରରେ ହିଁ ରହିଥାଏ । ଜଙ୍ଗଲ ଅଧିକାର ଆଇନ୍‌ର ଆଦିବାସୀମାନଙ୍କ ପ୍ରତି କରାଯାଇଥିବା ଐତିହାସିକ ଅନ୍ୟାୟକୁ ସରକାର ଯେ ସ୍ୱୀକାର କରିଛନ୍ତି, ତାହା ଯେପରି ହାସ୍ୟାସ୍ପଦ ସେପରି ଛଳନାତ୍ମକ । ଜମି ବ ନ ପ୍ରକ୍ରିୟାରୁ ହିଁ ତାହା ସ୍ପଷ୍ଟ । ସବୁ ପଟ୍ଟା ତଳେ ଗୋଟିଏ ଷ୍ଟାମ୍ପ – ଏହି ପଟ୍ଟା ଓଡ଼ିଶା ହାଇକୋର୍ଟରେ ଚାଲିଥିବା କେଶ୍ ସହ ଜଡ଼ିତ । ସୁତରାଂ ଏହା ଏକ ସ ର୍ମୂଳକ ଦଲିଲ୍ ।

**ଫିଉଜ୍ ବ୍ୟବସ୍ଥା:**

ଦେଶିଆ ରଇତ ଅତୀତ କାଳରେ ଖୁବ୍ ଭୟାଳୁ ଥିଲା । ସାହୁକାର ଓ ଅଧିକାରୀମାନଙ୍କ କଥାରେ ତା'ର ଆଶଙ୍କା ଆସିଥାଏ । ସେ ଆଶଙ୍କାର ରୂପ ନ ଥାଏ କି ଆଭାସ ନ ଥାଏ । ସତେ କି ସେମାନେ ଗୋରୁ ଛେଳି, ଯେପରି ଇଚ୍ଛା ସେପରି ସେମାନଙ୍କୁ ଲୁଟି ହେବ । ଯେଉଁଠୁ ଇଚ୍ଛା ସେଇଠୁ ଯେଉଁଠିକି ଇଚ୍ଛା ସେଇଠିକି ତଡ଼ି ଦେଇ ହେବ । ଏହା ବେଳେ ବେଳେ ଏପରି ଏକ ସାମାଜିକ ଆଶଙ୍କା ବା ଟେନ୍‌ସନ୍ ସୃଷ୍ଟିକରେ ଯେ ସେଥିରୁ ମୁକୁଳିବା ପାଇଁ ସେ ପ୍ରଚୁର ମଦ ଓ ସଲପର ଆଶ୍ରୟ ନିଏ । ସାଧାରଣ ଆଶଙ୍କାକୁ ଏହା କିଛି ସମୟ ପାଇଁ ଦୂରେଇ ଦିଏ । ଫିଉଜ୍ ଉଡ଼ିଯିବା ଭଳି ଏହା ସେମାନଙ୍କୁ କିଛି ବେଳ ପାଇଁ ପ୍ରଶାନ୍ତି ଆଣିଦିଏ । ସେ ନାଚେ, ଗାଏ, ଥଟ୍ଟା ତାମ୍‌ସା କରେ ଆଉ ଭୁଲିଯିବାକୁ ଚେଷ୍ଟାକରେ ଆସନ୍ନ ବିପଦକୁ । ଏଥିରୁ ମଧ୍ୟ ଫାଇଦା ଉଠାନ୍ତି ମଦ ବିକ୍ରେତା ସାହୁକାରମାନେ । କିନ୍ତୁ ଆଦିବାସୀମାନେ କିଛିକାଳ ବ ଯାଆନ୍ତି । ହୁଏତ ସର୍ବଶେଷ ସମାଧାନ ରୂପେ ସେମାନେ ଲଢ଼ନ୍ତି କିମ୍ବା ଗାଁ ଛାଡ଼ି ପଳାୟନ କରନ୍ତି – ଆହୁରି ଘ ଜଙ୍ଗଲକୁ । ନୂଆକରି ପୋଡୁ କରନ୍ତି । ନୂଆ ଜମି ଖୋଜନ୍ତି । କିନ୍ତୁ ଯେତେବେଳେ ଜଙ୍ଗଲ ଭିତରକୁ ଯିବା ଆଉ ସମ୍ଭବ ହୁଏନି କିମ୍ବା ନୂଆ ଜମି ମିଳେନି, ସେମାନେ ବାଧ୍ୟ ହୋଇ ବିକଳ୍ପ ନେତୃତ୍ୱ ଖୋଜନ୍ତି ଲଢ଼େଇ ପାଇଁ । ଏହି ଫିଉଜ୍ ବ୍ୟବସ୍ଥା ବ୍ୟକ୍ତିଗତ ଜୀବନର ଛୋଟ ଛୋଟ ବିପଦର ଟେନ୍‌ସନ୍‌କୁ ଟାଳିବା ପାଇଁ ବିଶେଷ ଭାବେ ଲାଗୁ ହୋଇଥାଏ । ତେବେ ସାମାଜିକ ଉତ୍ସବରେ ଓ ପରବରେ ଏହାର ବ୍ୟବହାର ଏକ ସାଂସ୍କୃତିକ ମହ ୍ୱ ଆହରଣ କରିଥାଏ ।

**ସାମୂହିକତା ବା ଏକତ୍ୱ :**

ଆଦିବାସୀ ସଂସ୍କୃତିର ଗୋଟିଏ ଗୁରୁ ୍ୱପୂର୍ଣ୍ଣ ଦିଗ ହେଉଛି ସମୂହ ଭାବେ ଚିନ୍ତା କରିବା ଓ ବିପଦରୁ ମୁକୁଳିବା ପାଇଁ ବ୍ୟବସ୍ଥା କରିବା । ଏହି ସାମୂହିକତା ତାକୁ ବହୁ ବିପଦରୁ ମୁକ୍ତି ଦେଇଛି । ବହୁ ବଡ଼ ବଡ଼ ଆନ୍ଦୋଳନର ଅଂଶୀଦାର କରିଛି । କୟାବୀର ତାମାଦୋରାଙ୍କ ଠାରୁ ଆରମ୍ଭ କରି ଚକରା ବିଶୋଇ, ଆଲୁରି

ସୀତରାମେୟା ରାଜୁ, ସିଦୁକାନୁ ଓ ବିର୍ସାମୁଣ୍ଡା ପରି ନେତୃତ୍ୱ ମଧ୍ୟ ଦେଖା ଦିଅନ୍ତି । ଆଦିବାସୀ ନିଜର ଜମି ଜଙ୍ଗଲ, ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବା ପାଇଁ ଧନୁତୀର ଧରି ଓହ୍ଲେଇ ପଡ଼େ । ସେ ପ୍ରବଳ ପ୍ରତାପୀ ବ୍ରିଟିଶ୍ ଶାସକ ହୁଅନ୍ତୁ କି ବ ର୍ମାନର ରାଷ୍ଟ୍ର ହେଉ । ଏଇ ସାମୂହିକତାର ଅନୁଭବ ଆଦିବାସୀ କ୍ଷେତ୍ରରେ ଅତି ତ୍ରୀବ । କାହାର ମୃତ୍ୟୁ ହେଲେ ଗାଁଯାକ ଲୋକେ ଚାରିଆଡ଼େ ଖେଦି ଯାଆନ୍ତି ସମ୍ୱାଦ ଦେବା ପାଇଁ, ଶବକୁ ନେଇ ତା'ର କ୍ରିୟାକର୍ମ କରିବା ପାଇଁ ପଟୁଆର ନେଇ ଆଗେଇ ଯାଆନ୍ତି । ଦଳେ ଯାଇ ଦାରୁ ସଂଗ୍ରହ କରି ଆଣନ୍ତି । ପିତା ଭାତ ପାଇଁ ରୋଷେଇବାସ ଗାଁ ତର' ରୁ କରାଯାଏ । ଯାହାର ଯେତେ କ୍ଷମତା । ସେହିପରି ବିଭା ପୁଆଣି, ପର୍ବପର୍ବାଣୀରେ ସଭିଙ୍କର ଯୋଗଦାନ ହୁଏ । ବେ ପରବରେ ତ ସମସ୍ତେ ଭାଗ ନେବାକୁ ବ୍ମ ହୁଅନ୍ତି । ଏହାହିଁ ତା'ର ସାମୂହିକତା, ସମୂହ ଭାବେ ସମସ୍ତ କାର୍ଯ୍ୟ ଉଠାଇବାର ପ୍ରବଣତା ।

ଆମେରିକାର ନିଗ୍ରୋମାନଙ୍କୁ ଦାସ ବ୍ୟବସ୍ଥାରୁ ମୁକ୍ତ କରିବା ପାଇଁ ୧୮୬୨ରୁ ୬୪ ଯେଉଁ ଗୃହ ଯୁଦ୍ଧ ହୋଇଥିଲା; ତାହା ସିନା ଏକ ଆଇନ୍ ତିଆରି କରିଦେଲା, କିନ୍ତୁ ପ୍ରକୃତ ଦାସ ମୁକ୍ତି ତତ୍ପରବ ୀ ୧୦୦ବର୍ଷ ପର୍ଯ୍ୟନ୍ତ ହୋଇ ପାରି ନଥିଲା । ଉ ର ଓ ଦକ୍ଷିଣର ଅନେକ ରାଜ୍ୟ ନିଜସ୍ୱ ଆଇନ୍‌ରେ ଦାସପ୍ରଥାକୁ କାଏମ୍ ରଖିଥିଲେ । ସେମାନଙ୍କୁ ଭୋଟ ଓ ସମ୍ପ ିର ଅଧିକାର ଦିଆଯାଇ ନ ଥିଲା । ନିଗ୍ରୋମାନଙ୍କୁ ଏହା ବିରୋଧରେ ୧୯୮୦ ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇବାକୁ ପଡ଼ିଥିଲା । ସେମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ନିଗ୍ରୋନେତା ଜନ୍ ହୋପ୍ ଡାକରା ଦେଇଥିଲେ । "ଉଠ ଭାଇମାନେ, ଆମେ ଏଇ ଦେଶକୁ ଅଧିକାର କରିବା, ଆମ ଲହୁ ଲୁହରେ ନିର୍ମି ସମ୍ପ ିକୁ ଅଧିକାର କରିବା, ଅସନ୍ତୁଷ୍ଟ ହୁଅ, ଅସନ୍ତୋଷରେ ଫାଟିପଡ଼ । ଝଡ଼ପୂର୍ଣ୍ଣ ସମୁଦ୍ର ପରି ଅଶାନ୍ତ ହୁଅ, ସମସ୍ତ ଅନ୍ଧବିଶ୍ୱାସର କଠିନ ପ୍ରାଚୀରକୁ ଭାଙ୍ଗିରୁଜି ପର୍ବତ ଭଳି ଉ ାଳ ତରଙ୍ଗରେ ମାତିଉଠ ।" ଏବଂ ନିଗ୍ରୋମାନେ ମାତି ଉଠିଥିଲେ । ଫଳରେ ଦାସପ୍ରଥା ଆଜି ସମ୍ପୂର୍ଣ୍ଣ ରୂପେ ଲୋପ୍ ପାଇଛି । ସେମାନଙ୍କ ଗୋଷ୍ଠୀ ଓ ପରିବାରକୁ ବାରମ୍ବାର ଛିନ୍ନ କରି ସେହି ସଂସ୍କୃତିକୁ ମୃତ ବୋଲି ଘୋଷଣା କରିଥିବା ସାମ୍ରାଜ୍ୟବାଦୀ ଓ ତାଙ୍କର ପୋଷା ବୁଦ୍ଧିଜୀବୀମାନେ ଆଜି ଅବାକ୍ ହୋଇ ଦେଖୁଛନ୍ତି । ପୁଣିଥରେ ସେମାନଙ୍କ ସଂସ୍କୃତିର ସାମୂହିକତାବାଦୀ ଭି ିଭୂମି ସେମାନଙ୍କୁ ଏକାଠି କରିଛି ଓ ପୁନରୁଦ୍ରେକର ଜୁଆର ଛୁଟେଇ ଦେଇଛି ।

ଠିକ୍ ସେହିପରି ଆଦିବାସୀମାନଙ୍କ କ୍ଷେତ୍ରରେ ଏହି ଅନୁଭବ ଯେ "ମୁଁ ଆଦିବାସୀ, ମୋ ଜାତ ଓ ମୁଁ ଏକାଠି ବିପଦଗ୍ରସ୍ତ, ମୋତେ ଉଠିବାକୁ ହେବ, ପ୍ରାଚୀର ଭାଙ୍ଗିବାକୁ ପଡ଼ିବ ।" "ଥାନ୍ତୁ ପଛେ ଜଣେ ଅଧେ ଲୋଚା ବେଇମାନ୍, କିନ୍ତୁ ମୋତେ ଓ ମୋର ଗୋଷ୍ଠୀକୁ ଆଗେଇ ଯିବାକୁ ପଡ଼ିବ ।" ସେତେବେଳେ ସବୁ ଶିକଳ ଝଣ୍‌ଝାଣ ହୋଇ ତୁଟିପଡ଼େ ।

**ବିସ୍ଥାପନ ଓ ଏହାର ପ୍ରଭାବ:**

ସ୍ୱାଧୀନତା ପରେ ପରେ ବିସ୍ଥାପନ ଯଦି ସବୁଠାରୁ ବେଶି କେଉଁ ଜନଗୋଷ୍ଠୀଙ୍କୁ ପ୍ରଭାବିତ କରିଛି, ତାହା ହେଉଛି ଏଇ ଆଦିବାସୀ ଗୋଷ୍ଠୀକୁ । ପୂର୍ବତନ ଆଦିବାସୀ କମିଶନର ବି.ଡି. ଶର୍ମାଙ୍କ ମତରେ ୧୯୯୦ର ଜଗତୀକରଣ, ଘରୋଇକରଣ ଓ ନୂଆ ଅର୍ଥନୈତିକ ପଲିସି ପ୍ରବ ର୍ନ ପର୍ଯ୍ୟନ୍ତ ଆଦିବାସୀ ବିସ୍ଥାପନ ହୋଇଥିଲା

୨୦% । ବାକି ୮୦% ଗତ ୧୮ ବର୍ଷ ଧରି ବିସ୍ଥାପନ ଆଶଙ୍କାରେ ଆତଙ୍କିତ । ହୁଏତ ସେମାନେ ସଂଗ୍ରାମରତ ବା ନର୍ମଦା ଯୋଜନାର ବିସ୍ଥାପିତମାନଙ୍କ ଭଳି ଅ ଳ ଛାଡ଼ି ଚାଲିଗଲେଣି । ୫ମ ସିଡ୍ୟୁଲ୍ ଅ ଳକୁ ବିକାଶ ନାମରେ କରାଯାଇଥିବା ରେଳ / ରୋଡ଼ ନିର୍ମାଣର ମୂଳ ଲକ୍ଷ୍ୟ ହେଲା ପ୍ରକୃତରେ ଏଠାକାର ଖଣିଜ ସମ୍ପଦ ଲୁଣ୍ଠନ । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସମସ୍ତ ସରକାରୀ ପ୍ରଚେଷ୍ଟା ଅନାଗ୍ରହଦୁଷ୍ଟ, ସୁତରାଂ ବିଫଳ । ଆଦିବାସୀ ନିରକ୍ଷରତା ପ୍ରାୟ ଯେଉଁଠି ଥିଲା ତା'ଠାରୁ ୧ କି ୨ ଭାଗ ହ୍ରାସ ପାଇଛି । ସ୍ୱାସ୍ଥ୍ୟ ସେବା ନାହିଁ କହିଲେ ଚଳେ । ଅସମ ଆଇନ୍, ଠକାମୀ ଓ ବଳ ପ୍ରୟୋଗକାରୀ ନ୍ୟସ୍ତସ୍ୱାର୍ଥର ବଳ ପ୍ରୟୋଗ ବଢ଼ି ଚାଲିବା ପରେ ଦେଶ ଭିତରେ ଗଢ଼ି ଉଠିଛି ଏକ ଉପନିବେଶ । ସୁତରାଂ ଆଦିବାସୀ ବିସ୍ଥାପନ, ଅସଙ୍ଗଠନ ଓ କାଙ୍ଗାଳୀକରଣ ଏକଦା ସମୃଦ୍ଧ ଆଦିବାସୀ ସଂସ୍କଅତିକୁ ଚାରିପଟୁ ପଙ୍ଗୁ କରିଦେବାକୁ ଚେଷ୍ଟା କରୁଛି ।ସିଡ଼ିଉଲ୍ ଆଦିବାସୀ ଅ ଳର ଅନେକାଂଶ ନଦୀବନ୍ଧ ଯୋଜନାର ବୁଡ଼ି ଅ ଳ ତଳେ ବିଲୀନ । ବାଲିମେଳା ବନ୍ଧ ଯୋଜନାରେ କୋଣ୍ଡାକୋମାରୁର ସମୃଦ୍ଧ ୯୧ଟି ଆଦିବାସୀ ଗାଁ ଆଜି ଜଳମଗ୍ନ ତ ବାକି ୧୫୨ ଖଣ୍ଡ ଗାଁ ସ୍ଥଳଭାଗରୁ ବିଛିନ୍ନ ହୋଇ ଟାପୁ ଅ ଳ ରୂପେ ଖ୍ୟାତ । ବିପନ୍ନ ଏଇ ୨୪୩ ଟି ଗାଁର ବିନାଶରେ ଜଳସେଚିତ ହେଲା କେତେ ଜମି ? ମାଛକୁଣ୍ଡ ଯୋଜନାରେ ବିସ୍ଥାପିତ ଗାଁମାନଙ୍କର ସଠିକ୍ ହିସାବ ମଧ୍ୟ ଆଜିଯାଏ ହୋଇପାରି ନାହିଁ । ଠିକ୍ ହିରାକୁଦ ଭଳି । ଲୋକ ମୁଖରୁ ଶୁଣାଯାଏ ଯେ ଏହା ଦ୍ୱାରା ୪୦୦ରୁ ଅଧିକ ଗାଁ ବିସ୍ଥାପିତ ହୋଇଛନ୍ତି । ପାଟେରୁ ଯୋଜନାର ଅର୍ଥ ୩ଥର ବାଟମାରଣା ହୋଇସାରିବା ପରେ ଏବେ ମୂଳ ପ୍ରୋଜେକ୍ଟର ମାତ୍ର ୧୦% ଅ ଳ ଜଳସେଚିତ ହେଉଛି । ଆଉ ବିଦ୍ୟୁତ୍ ଉପରେ ବା ଆଦିବାସୀର ଭାଗ କାହିଁ ? ତାହା ତ ଶିଳ୍ପପତି ପାଇଁ ଉଦ୍ଦିଷ୍ଟ । ସେହିପରି ଇନ୍ଦ୍ରାବତୀ ଓ ଅ ଳର ପ୍ରାୟ ୨୦୦ଟି ଗାଁ ଓ ଉପର କୋଲାବର ୧୦୦ଟି ଗାଁ ଜଳମଗ୍ନ ବା ବିଚ୍ଛିନ୍ନ । ତା' ସାଥୀକୁ ରହିଛି ଧୂଆଁପତ୍ର ଚାଷ ପାଇଁ ବିଖ୍ୟାତ ପ୍ରାୟ ୧୫୦ଟି ସମୃଦ୍ଧ ଗାଁ, ଯାହାକୁ ନବରଙ୍ଗପୁର- ଦଶମନ୍ତପୁର ଅ ଳରେ ଇନ୍ଦ୍ରାବତୀ ବନ୍ଧ ନିର୍ମାଣ ପରେ କୁହାଯାଉଛି ଶୁଖା ଅ ଳ । ଇନ୍ଦ୍ରାବତୀ, ମୁରାନ୍, କପୁର ଓ ପୋଡ଼ାଗଡ଼ର ତଳଭାଗରେ ଥିବା ଏହି ବ୍ୟାପକ ଶୁଖା ଅ ଳ କଥା ବୁଡ଼ି ଅ ଳର ଆନ୍ଦୋଳନକାରୀ ଆଦିବାସୀମାନେ ୧୯୮୮-୯୧ ବେଳକୁ ବାରମ୍ୱାର ଦର୍ଶାଇ ଦେଇଥିଲେ ମଧ୍ୟ କୌଣସି ଅମଲାତନ୍ତ୍ରୀ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ । ଆଜି ଶୁଖା ଅ ଳର ଅର୍ଥନୀତି ମଧ୍ୟ ଶୁଖା ପଡ଼ିଛି । ଲୋକେ ଧାଉଁଛନ୍ତି ଦାଦନ । ବିକାଶର ଶିକାରରେ ଆଦିବାସୀମାନଙ୍କୁ ବିଭିନ୍ନ ସବ୍‌ପ୍ଲାନ୍ ଅନ୍ତର୍ଗତ କରାଯାଇ ଅଷ୍ଟମ ଦଶକରେ ପୁଣିଥରେ ବିକାଶର ଅଂଶୀଦାର ହେବାପାଇଁ ଯେଉଁ ଚେଷ୍ଟା କରାଗଲା, କମିଶନରଙ୍କ ଭାଷାରେ, ତାହା ମଧ୍ୟ ବହିରାଗତ କର୍ମଚାରୀ, ଠିକାଦାର ଓ ଅଧିକାରୀମାନଙ୍କ ଦ୍ୱାରା ପୁଣିଥରେ ବ୍ୟର୍ଥ ପାଲଟି ଗଲଣ । କମ୍ପାନୀର ପ୍ରବେଶ, ପ୍ରାକୃତିକ ସମ୍ପଦର ଅପହରଣ ଓ ଖଣିଖାଦାନ ଖୋଲାଯିବା ଫଳରେ ଆଦିବାସୀ ସଂସ୍କୃତିର ଧାତ୍ରୀ ଯେଉଁ ବିପୁଳ ଅରଣ୍ୟ ଓ ପ୍ରକୃତି, ତାହା ଧ୍ୱଂସ ହେବାକୁ ଲାଗିଲା । ଅରଣ୍ୟ ବିହୀନ ଏକ ଆଟବୀକ ସଂସ୍କୃତିର ବିଳାପ କିଏ ବା କାହିଁକି ଶୁଣିବ ? ଛତିଶଗଡ଼ର ଜଣେ ସରକାରୀ କର୍ମକ ର୍ା ଘୋଷଣା କଲେ – "ଆଦିବାସୀମାନଙ୍କର କ'ଣଟା ଅଛି ଯେ ସେମାନେ ହରାଇ ବସିବେ ?"

ତେଣୁ ତ ଆଦିବାସୀ ଆଜି ତା'ର କିନ୍ଦ୍ରି ଗୀତରେ ଗାଉଛି,

ବଲ୍ ବାଡ଼୍ ନୁନ୍ ଆମେ କି ଖାଇବୁ<br>
ମାଣ୍ଡିଆ ପେଜ୍‌କେ ଖାଉ

ଆଦିବାସୀ ପିଲା କି ପାଠ ପଢ଼ିବ
କାମ୍ କର୍‌ବାକେ ଥାଉ
ଆସା ଆସାରେ ଚାଷୀ ମୂଲିଆ
କେତେକ୍ ଖୋଜି ଖାଉ କନ୍ଦା କୁରିଆ
ଆମେ ଏକଜୁଟ୍ ବ ି ବା ପାଇଁକି
ଲଢ଼େଇ କରୁ କାଇ କାଜେ ମିଶାଆ-

ନିଜ ଗାଁ ଭୂଇଁ ଗୋଷ୍ଠୀ ଓ ଜାତି ଭାଇଙ୍କ ଠାରୁ ବିଚ୍ଛିନ୍ନ ହୋଇ ବହୁ ଦୂରରେ ଜମିହରା, ଭିଟାହରା ଓ ଗାଁ ହରାଇବାର ଅନୁଭବ ନେଇ ନୂଆ ଯାଗାରେ ଘର ବାନ୍ଧିବା ପରେ ପୁରୁଣା ନେତୃତ୍ୱ ସେଠି ପୂର୍ବଭଳି ଆଉ ଜାହିର୍ ହୋଇପାରେ ନାହିଁ । ସେହି ଅ ଳର ଭୂମି ପୁତ୍ରମାନଙ୍କ ଦୃଷ୍ଟିରେ ଏମାନେ ପାଲଟନ୍ତି ଆଉ ଏକ ଅନୁପ୍ରବେଶକାରୀ ଗୋଷ୍ଠୀ । ରାଇଘର ଅ ଳରେ ଭୋତରା ଓ ଗଣ୍ଡମାନଙ୍କ ସହ କଳାହାଣ୍ଡିର ବିସ୍ଥାପିତ କନ୍ଧମାନଙ୍କର ଗତ ଦଶକର ବିବାଦ ଏହାର ପ୍ରମାଣ । ଯେ କୌଣସି ଜାଗାରେ ସେଠାକାର ପୁରୁଣା ଆଦିବାସୀ ଗୋଷ୍ଠୀର ମୂଲ୍ୟବୋଧ ସହ ପ୍ରାଥମିକ ସଂଘର୍ଷ ପରେ ଅବଶ୍ୟ କିଛିଟା ଅପ୍ରକାଶ୍ୟ ବୁଝାବଣା ହୋଇଯାଏ । କିନ୍ତୁ ପୂର୍ବର ଆଧିପତ୍ୟ ଆଉ ଫେରି ଆସେନି । କିଛିଟା ଗ୍ରହଣ ଓ ଅଗ୍ରହଣ ମଧ୍ୟରେ ପୁଣି ଚାଲୁ ହୁଏ ଆଉ କିଛି ମୂଲ୍ୟବୋଧର ସ୍ରୋତ, ଖୋଜାପଡ଼େ ନୂଆ ଉପାୟ । ବ ୍ ରହିବାର ନୂଆ ବାଟ । ବିକଳ୍ପ ।

**ଚେତନାର ବିକାଶ ପର୍ବ:**

ଏଇଠୁ ଆରମ୍ଭ ହୁଏ ସଚେତନତାର କଥା, ଯାହାକୁ ପୂର୍ବରୁ ଛାଡ଼ି ଦିଆଯାଉଥିଲା ସମାଜ ବା ପ୍ରକୃତି ହାତରେ । ଏବକାର ନୂଆ ଆଦିବାସୀ ସମାଜ ତାକୁ ଗ୍ରହଣ କରେ ଏକ ଚେଲେଞ୍ଜ ରୂପେ । ବୁଝିବାକୁ ଚେଷ୍ଟାକରେ କାହିଁକି ତା'ର ଏ ଦୁର୍ବିପାକ ଓ ଦୁର୍ଭୋଗ ? ସୁତରାଂ ଚେତନାର ଏକ ପର୍ବ ଆରମ୍ଭ ହୁଏ । ପୂର୍ବେ ସବୁ ଆନ୍ଦୋଳନ ଥିଲା ସ୍ୱତଃସ୍ଫୂ ର୍ । ଏବେ ତାହା ହୁଏ ସୁସଂଗଠିତ । କିନ୍ତୁ ବ ର୍ମାନ ତା' ଆଗରେ ବାଧାରେ ଅନେକ ପ୍ରାଚୀର । ଗୋଟିଏ ପଟେ ଆହୁରି ନୂଆ ନୂଆ ଯୋଜନା, ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍, ସଂରକ୍ଷିତ ଜଙ୍ଗଲ ଓ ଜଙ୍ଗଲ ଜମିରୁ ବହିଷ୍କାର ଆଦେଶନାମା ଓ ଅନ୍ୟପଟେ ସରକାରୀ ପୃଷ୍ଠପୋଷକତାରେ ବିଛେଇ ହୋଇ ଯାଉଥିବା ତଥା କଥିତ ଲୋକ ପ୍ରତିନିଧି, ଆଦିବାସୀ ବିଦ୍ୱେଷୀ ଚାକିରିଆ ଓ ଏନ୍. ଜି. ଓ. କର୍ମକ ର୍ମାନେ । କିଏ ଯୋଗେଇ ଦେବ ତାକୁ ବିକଳ୍ପ ନେତୃତ୍ୱ ? ସୁତରାଂ ସେଇ ଆଦିବାସୀ ସମାଜ ଭିତରୁ ଜନ୍ମ ନିଅନ୍ତି ନୂତନ ଚିନ୍ତାଧାରାର ନାୟକମାନେ । ଯେପରି ରାୟଗଡ଼ା ଜିଲ୍ଲାର ଦାସୁରାମ ମାଲେକା, ଯିଏ ସୃଷ୍ଟି କରିଥିଲେ ନୂଆ କୁଇ ଲିପି । ଆନ୍ଦୋଳନର ନୂଆ ନୂଆ ସଙ୍ଗୀତ । ଦଳ ଦଳ ଆଦିବାସୀ ଯୁବକ ଯୁବତୀ ଏବେ ତ ସଂସ୍କୃତିର ପୁନରୁଦ୍ରେକ ପାଇଁ ଲାଗି ପଡ଼ିଛନ୍ତି । ଗଜପତିରୁ ଫୁଲବାଣୀ, ମାଲକାନଗିରିରୁ ରାୟଗଡ଼ା, ଛତିଶଗଡ଼ରୁ ଝାଡ଼ଖଣ୍ଡ- ଧୀରେ ଧୀରେ ତାହା ବିସ୍ତାରି ଯାଉଛି । ଜନ୍ମ ନେଉଛି ଶପଥବଦ୍ଧ ବିସ୍ଥାପନ ବିରୋଧୀ ସଂଘର୍ଷ । ପୁଣିଥରେ ଆଦିବାସୀ ଚେଷ୍ଟା କରୁଛି ତା'ର ଆତ୍ମନିର୍ଭରଶୀଳ ଅର୍ଥନୀତି ଓ ସ୍ୱାୟ ଶାସନକୁ ପୁନରୁଜ୍ଜୀବିତ କରି ଗଢ଼ି ତୋଳିବା ପାଇଁ ଏକ ବିକଳ୍ପ । ନିର୍ମାଣ କରିବା ପାଇଁ ତା'ର ହୃତ ସ୍ୱାଭିମାନ ଓ ଅସ୍ମିତା ।

ଏ ପ୍ରସଙ୍ଗରେ ମନେପଡ଼େ ଏସଡିଟି ତରଫରୁ ଲକ୍ଷ୍ମୀପୁରଠାରୁ ଆୟୋଜିତ ଏକ ସଂପାନ କଥା । ସେଠାରେ ସ୍ଥାନୀୟ କିଛି ଆଦିବାସୀ ଯୁବକ ଯୁକ୍ତି କଲେ ଆମେ ଅଣଆଦିବାସୀ ମାନଙ୍କ ମୂଲ୍ୟବୋଧ ଶିକ୍ଷା କରିବୁ – ହେବୁ ମିଥ୍ୟାବାଦୀ, ଦୁର୍ନୀତିଗ୍ରସ୍ତ । ଲାଗୁ କରିବୁ ଶଠେ ଶାଠ୍ୟମ୍ ସମାଚରେତ୍ ନୀତି । ନୋଚେତ୍ ଆମର ମୁକ୍ତିନାହିଁ । ଆମ ପାଖରେ ଏହାର କିଛି ଉ ର ନ ଥିଲା । ବିଷ ଦ୍ୱାରା ସେମାନେ ଚାହାଁନ୍ତି ବିଷର ପ୍ରତିକାର । ଦଳିତ ଆନ୍ଦୋଳନରେ ତ ଏହା ପାଲଟି ଯାଇଛଇ ଏକ ମୁଖ୍ୟ ପ୍ରସଙ୍ଗ, ଯାହା ମାୟାବତୀଙ୍କ ବିଭିନ୍ନ ବକ୍ତବ୍ୟରୁ ବାରମ୍ବାର ସୂଚିତ ହେଉଛି । "ସୁବିଧାବାଦୀଙ୍କୁ ସୁବିଧାବାଦ ଦ୍ୱାରା ହିଁ ମୁକାବିଲା କର ।" ଏହା ବିଭିନ୍ନ ଯାଗାରେ ବାସ୍ତବ କ୍ଷେତ୍ରରେ ମ୍ନ ପ୍ରୟୋଗ କରାଯାଉଛି । ବ ର୍ମାନ ମୂଲ୍ୟବୋଧର ସଂଘାତ ପର୍ବ ତଥାପି ଚାଲିଛି । ସବୁକିଛି ଧୂମିଳ । ବିସ୍ଥାପନ ଯେଉଁ କ୍ଷତ ସୃଷ୍ଟି କରିଛି ସେଥିରୁ ପ୍ରତିକାର ପାଇଁ କିଛି ହେଲେ ବାସ୍ତବ ଯୋଜନା ସରକାରଙ୍କର ନାହିଁ । କାରଣ ସେଠି ନିଷ୍ଠା ନାହିଁ କିମ୍ବା କୌଣସି ପଲିସିକୁ ଲାଗୁ କରିବା ପାଇଁ ନାହାନ୍ତି ଆଦିବାସୀ ଦରଦୀ ଅଧିକାରୀ । ତେଣୁ ଆମକୁ ଖାଲି ଲକ୍ଷ କରିବାକୁ ପଡ଼ିବ ମୂଲ୍ୟବୋଧ କ୍ଷେତ୍ରରେ ଆସୁଥିବା ପରସ୍ପର ବିରୋଧୀ ଚେତନାର ସଂଘର୍ଷକୁ ଏବଂ ହୁଏତ ଏକ ଅନାଗତ ବିସ୍ଫୋରଣକୁ ! କିମ୍ବା ସକ୍ରିୟ ଭାବେ ଆମକୁ ଯୋଗ ଦେବାକୁ ପଡିବ ଏଇ ସଂସ୍କୃତିର ଉଚ୍ଚ ମୂଲ୍ୟବୋଧ ସମ୍ବଳିତ ଐତିହ୍ୟକୁ ଫେରାଇ ଆଣିବା ପାଇଁ ଏକ ସଚେତନ ଓ ସଙ୍ଗଠିତ ପ୍ରତିରୋଧ ପ୍ରକ୍ରିୟାରେ ।

**ଆଦିବାସୀ ଭାଷା ସଂସ୍କୃତି ଗବେଷଣା ମଣ୍ଡଳ,**
**ତାରଲାକୋଟା, ମାଲକାନଗିରି**

# ସଂରକ୍ଷଣର ସନ୍ଧାନରେ ଆଦିବାସୀ ସଂସ୍କୃତି

ଡ଼. ନାକୁ ହାଁସ୍‌ଦାଃ

ଆଦିବାସୀମାନଙ୍କୁ ପ୍ରଥମ ବାସୀନ୍ଦାର ମାନ୍ୟତା ଦିଆଯାଇ ଆସିଅଛି । ସେମାନେ ସର୍ବପ୍ରାଚୀନ ମାନବ ହୋଇଥିବା ହେତୁ ସେମାନଙ୍କ ସଂସ୍କୃତି ମଧ୍ୟ ସର୍ବପ୍ରାଚୀନ ହେବା ସ୍ୱାଭାବିକ । ଅର୍ଥାତ୍ ସେହି ସଂସ୍କୃତି ହିଁ ପରବ ୀ ପର୍ଯ୍ୟାୟରେ ଆଉ ଆଉ ସଂସ୍କୃତିମାନ ଗଢିଉଠିଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ବୋଧହୁଏ ଏଥିପାଇଁ ହିଁ ପୃଥିବୀର ଯେକୌଣସି ପ୍ରାଚୀନ ସଂସ୍କୃତିକୁ ଅନୁଧ୍ୟାନ କଲେ ସେଥିରେ ଆଦିବାସୀ ଛାପ ରହିଥିବା ବାରି ହୋଇପଡ଼େ । ଏହିସବୁ କଥା ଯାହାହେଉନା କାହିଁକି ଆଜିର ଏହି ପ୍ରବନ୍ଧର ଆଲୋଚନା ପ୍ରସଙ୍ଗରେ, ପ୍ରଥମତଃ ଆଦିବାସୀ ସଂସ୍କୃତି କହିଲେ କ'ଣ ବୁଝାଏ, ଏହା ବୁଝାଇବା ଆବଶ୍ୟକ । ଆଦିବାସୀ ସଂସ୍କୃତି କହିଲେ ସାଧାରଣତଃ ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ଥିବା ଆଚାର, ବିଚାର ଚାଲିଚଳଣି ଖାଦ୍ୟପେୟ, ନୃତ୍ୟଗୀତ, ସାମାଜିକ ରୀତିନୀତି, ଧର୍ମବିଶ୍ୱାସ ଆଦିକୁ ବୁଝାଇଥାଏ । ସିଧାସଳଖ ଭାବେ କହିଲେ ଆଦିବାସୀ ସମାଜର ମାର୍ଜିତ ରୁଚିକୁ ସେମାନଙ୍କ ସଂସ୍କୃତି ନାମରେ ଅଭିହିତ କରାଯାଇପାରେ । ଏଠାରେ ଏକଥା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ସମଗ୍ର ଭାରତବର୍ଷରେ ଚାରିଶହ ସଇଁତିରିଶ ପ୍ରକାରର ଆଦିବାସୀ ରହିଥିବାବେଳେ ଆମ ଓଡ଼ିଶାରେ ବାଷଠି ପ୍ରକାରର ଆଦିବାସୀ ବସବାସ କରୁଥିବା ସରକାରୀ ହିସାବରୁ ଜଣା ଯାଇଥାଏ । ଏହି ଗୋଷ୍ଠୀଗୁଡ଼ିକର ପ୍ରତ୍ୟେକଙ୍କର ସ୍ୱତନ୍ତ୍ର ସଂସ୍କୃତି ରହିଛି । ତେଣୁ ସମସ୍ତ ସଂସ୍କୃତିର କଥାବସ୍ତୁକୁ ଆଧାରକରି ଆଲୋଚନା କରିବା ଏକ ପ୍ରବନ୍ଧର ସୀମିତ କଳେବର ମଧ୍ୟରେ ଅସମ୍ଭବ । ଏଥିପାଇଁ ହିଁ ଏହି ଆଲୋଚନାଟି ସାନ୍ତାଳୀ ସଂସ୍କୃତିକୁ ଉପଜୀବ୍ୟ ଭାବେ ଗ୍ରହଣ କରି କରାଯାଇଅଛି ।

ସେହିପରି ମଧ୍ୟ ଏହି ଆଦିବାସୀଗୋଷ୍ଠୀ ସମୂହ ବହୁ ବିସ୍ତୀର୍ଣ୍ଣ ଅ ଳରେ ବସବାସ କରୁଥିବା ହେତୁ ସମସ୍ତ ଅ ଳର କଥାକୁ ଆଲୋଚନା ପରିସରଭୁକ୍ତ କରିବା ସମ୍ଭବ ନୁହେଁ । ତେଣୁ ଆଲୋଚନାଟିକୁ ଓଡ଼ିଶାର ମୟୁରଭଞ୍ଜ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲା ମଧ୍ୟରେ ସୀମିତ ରଖାଯାଇଅଛି । ଏହି ଦୁଇ ଜିଲ୍ଲା ମଧ୍ୟ ଓଡ଼ିଶାମାନଚିତ୍ରରେ ଉପାନ୍ତ ଏବଂ ଆଦିବାସୀ ବହୁଳ ଜିଲ୍ଲାଭାବରେ ପରିଚିତ । ଏହି ଅ ଳର ଆଦିବାସୀମାନଙ୍କ ବହୁବିଧ ସମସ୍ୟା ବହୁ ପ୍ରାଚୀନ କାଳରୁ ଏମାନଙ୍କର ଚିରସାଥି ହୋଇ ରହି ଆସିଅଛି । ଏହି ଶୋଷଣ ଆର୍ଥିକ କ୍ଷେତ୍ରରେ ଯେପରି ଉଗ୍ରରୂପ ଧାରଣ କରିଥିବା ଜଣାଯାଇଥାଏ ଏହା ସଂସ୍କୃତି କ୍ଷେତ୍ରରେ କେତେବେଳେ ଅନ୍ତଃସଲିଳା ଫଲଗୁ ରୂପରେ ତ ଅନ୍ୟକେତେ ବେଳେ କୂଳପ୍ଲାବିନୀ ଜାହ୍ନବୀ ରୂପରେ ରହିଆସିଛି । ଯାହାର ପରିଣାମ ସ୍ୱରୂପ ଆଜି ସେଦିନର ସେହି ସର୍ବପ୍ରାଚୀନ ଆଦିମ ସଂସ୍କୃତି ସଙ୍କଟାପନ୍ନ । ଏହାକୁ ସଂରକ୍ଷଣ କରିବା ସକାଶେ ଦୃଷ୍ଟି ଦିଆଗଲେ ଆଗାମୀ କେତେବର୍ଷ ମଧ୍ୟରେ ଏହା ବିଲୁପ୍ତ ହୋଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଏହାର କାରଣ ଏବଂ ନିରାକରଣର କଥାବସ୍ତୁକୁ ନିମ୍ନ ପ୍ରକାରେ ପର୍ଯ୍ୟାୟକ୍ରମେ ଆଲୋଚନା କରାଯାଇପାରେ–

## (୧) ପ୍ରଶାସକଙ୍କ ପ୍ରଯତ୍ନ

